ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ରବିବାର, ମେ ୩/୨୦୨୬ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 3/2026 | Page 16 | ₹ 7.00
୫୨ଶ ଭାଗ ୧୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 157 | ମୂଲ୍ୟ₹୭/-

**ଜାତୀୟ ରେକର୍ଡ ଭାଙ୍ଗିଲେ କୁଲଦୀପ**
କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ଇନ୍‌ଡୋର ଓପନ ପୋଲଭଲ୍ଟ ଇଭେଣ୍ଟରେ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି ମଧ୍ୟପ୍ରଦେଶର କୁଲଦୀପ କୁମାର। ୧୬

୧୧ **ହିଲ୍ସ ପିନ୍ଧି ନାଚିଲେ ଅକ୍ଷୟ**
ଅଭିନେତା ଅକ୍ଷୟ କୁମାର ତାଙ୍କ ଗେମ୍ ଶୋ 'ହ୍ୱିଲ୍ ଅଫ୍ ଫର୍ଚ୍ଚୁନ'ରେ ହାଇ ହିଲ୍ ପିନ୍ଧି ନୃତ୍ୟ କରିବା ସୋସିଆଲ ମିଡିଆରେ ଚର୍ଚ୍ଚା ବଢ଼ାଇଛି।

# ମାଟ୍ରିକ୍ ପରୀକ୍ଷା: ୯୫.୩୩% ପାସ୍ ହାର



ମାଟ୍ରିକ୍ ପରୀକ୍ଷାଫଳ ଶନିବାର ଅପରାହ୍ଣରେ ପ୍ରକାଶ ପାଇବା ପରେ କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

- **ଓଡ଼ିଆ, ଇଂଲିଶ ଭାଷାରେ ମିଳିବ ସାର୍ଟିଫିକେଟ**
- **୩,୩୧୦ ହାଇସ୍କୁଲରେ ଶତପ୍ରତିଶତ ଫଳ**
- **ଏଥର ବି ଝିଅ ଆଗରେ**
- **ଗଜପତିରେ ପାସ୍ ହାର ସର୍ବାଧିକ, କେନ୍ଦୁଝରରେ ସର୍ବନିମ୍ନ**

**କଟକ,୨।୫(କାର୍ତ୍ତିକ ସାହୁ)**

ଚଳିତବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା(ମାଟ୍ରିକ୍ ପରୀକ୍ଷା) ଫଳ ଶନିବାର ପ୍ରକାଶ ପାଇଛି। ଏଥର ରାଜ୍ୟରେ ପାସ୍ ହାର ୯୫.୩୩% ହୋଇଥିବାବେଳେ ଝିଅମାନେ ଆଗରେ ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୬.୩୭% ରହିଥିବା ବେଳ ଛାତ୍ରଙ୍କ ପାସ୍ ହାର ୯୪.୦୩% ରହିଛି। ଗଜପତି ଜିଲାରେ ପାସ୍ ହାର ସର୍ବାଧିକ ୯୯.୩୧% ଓ କେନ୍ଦୁଝର ଜିଲାରେ ପାସ୍ ହାର ସର୍ବନିମ୍ନ ୯୪.୩୫% ହୋଇଛି। ଅପରପକ୍ଷରେ ରାଜ୍ୟର ୩,୩୧୦ ହାଇସ୍କୁଲରେ ପରୀକ୍ଷାଫଳ ଶତପ୍ରତିଶତ ହୋଇଥିବାବେଳେ ୩ଟି ହାଇସ୍କୁଲର ପରୀକ୍ଷାଫଳ ଶୂନ ହୋଇଛି।

କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ମୁଖ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଫଳାଫଳ ଘୋଷଣା କରିବା ସହ ପରିସଂଖ୍ୟାନ ପୁସ୍ତିକା ଉନ୍ମୋଚନ କରିଛନ୍ତି। ସମଗ୍ର ରାଜ୍ୟରେ ଚଳିତ ବର୍ଷ ୫,୪୪,୬୭୦ଜଣ ରେଗୁଲାର୍ ଛାତ୍ରୀଛାତ୍ର ମାଟ୍ରିକ ଫର୍ମ ପୂରଣ କରିଥିବାବେଳେ ୫,୩୬,୩୦୬ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫,୧୯,୨୫୧ଜଣ ପାସ୍ କରିଛନ୍ତି। ଏ-୧ ଗ୍ରେଡ୍‌ରେ ୨୪୫୬, ଏ-୨ ଗ୍ରେଡ୍‌ରେ ୧୫୬୮୧, ବି-୧ ଗ୍ରେଡ୍‌ରେ ୪୩୫୬୫, ବି-୨ ଗ୍ରେଡ୍‌ରେ ୮୬୧୦୩, ସି ଗ୍ରେଡ୍‌ରେ ୧୨୯୮୧୩, ଡି ଗ୍ରେଡ୍‌ରେ ୧୪୬୧୫୨, ଇ ଗ୍ରେଡ୍‌ରେ ୯୫୪୮୧ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ☞ପୃଷ୍ଠା-୪

## ୮ ମଧ୍ୟସ୍ଥଙ୍କ ବିରୋଧରେ ସିବିଆଇର ଏନ୍‌ବିଡବ୍ଲ୍ୟୁ

### ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

**ଭୁବନେଶ୍ୱର, ୨।୫ (ପ୍ରସନଜିତ୍ ସାହୁ)**

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସମ୍ପୃକ୍ତ ୮ଜଣ ମଧ୍ୟସ୍ଥଙ୍କ ବିରୋଧରେ ସିବିଆଇ ଶନିବାର ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛି। ସେମାନେ ହେଲେ ଅନ୍ୱେଷ ନାୟକ, ଆଶିଷ କୁମାର, ବଳରାମ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ଗୋବିନ୍ଦ ତ୍ରିପାଠୀ, ଗୋପାଳ କୃଷ୍ଣ ଦାସ, ଗୋପି ରମଣ ଏବଂ ସଞ୍ଜୟ କୁମା। ଏହି ଅଭିଯୁକ୍ତଙ୍କ ମଧ୍ୟରୁ ଆଶିଷ କୁମାର, ସଞ୍ଜୟ କୁମାର ଏବଂ ଗୋପି ରମଣ ବିହାରର ହୋଇଥିବାବେଳେ ଓଡ଼ିଶାରେ ସେମାନେ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରି ମଧ୍ୟସ୍ଥତା କରିବା ସହ ଏହି ସ୍କାମ୍‌କୁ ସମ୍ପୂର୍ଣ୍ଣ ଭାବେ ପରିଚାଳନା କରୁଥିବା ସିବିଆଇ ଜାଣିବାକୁ ପାଇଛି। ମଧ୍ୟସ୍ଥମାନେ ଓଡ଼ିଶା ପୋଲିସ ବିଭାଗରେ ଏସ୍‌ଆଇ ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ରହି ଜାଲିଆତିକୁ ପରିଚାଳନା କରୁଥିବା ନେଇ ଜଣାପଡ଼ିବା ପରେ ସେମାନଙ୍କୁ ସିବିଆଇ ନୋଟିସ୍ କରିଥିଲା। ସିବିଆଇ କାର୍ଯ୍ୟାଳୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** — **ପକ୍ଷପାତ ବିଚାର**




KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

• Only 29 Years as an Institute • 24 Years as a Deemed to be University

THE World University Rankings 2026 Asia — 1st in Eastern India — 169th in Asia

THE World University Rankings 2026 — 5th Among All Universities in India — 501+ Cohort Globally

KIIT Accomplishes QS 5-Star & Platinum I-GAUGE — Only University in Eastern India with QS 5-Star & Platinum Ratings

QS World University Rankings 2026 — 1st in Odisha & 8th in India among pvt. universities



- **Best Campus** — Outstanding infrastructure & world-class facilities
- **Best Placement** — Excellent Opportunities & Career Outcomes
- **Best Environment & Ambience** — Supportive learning environment with a vibrant campus atmosphere
- **Student Friendly Campus** — Student-centric approach with comprehensive support services
- **Parent-Friendly Institution** — Transparent communication & parent engagement

ADMISSION OPEN
KIITEE 2026 PHASE - 2
APPLY NOW
through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)
Scan to Apply
Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024
admission@kiit.ac.in | kiitee.ac.in | 8080 735 735

Key Rankings & Achievements
A++ Grade Accredited by NAAC
nirf 2025 17th Among Indian Universities
NBA Tier 1 Re-accredited by NBA
ABET (US) Accreditation
IET Accredited Programme — The Institute of Engineering and Technology
Special Consultative Status by the UN-ECOSOC
Partnership with UN VOLUNTEERS

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ଶାନ୍ତିର ଭବିଷ୍ୟତ ପାଇଁ ପ୍ରେସ୍ ସ୍ୱାଧୀନତାକୁ ଗୁରୁତ୍ୱ

ଗଣମାଧ୍ୟମ ଗଣତାନ୍ତ୍ରିକ ମୂଳଦୁଆକୁ ମଜଭୁତ କରିଥାଏ। ଏହା କେବଳ ଏକ ଶବ୍ଦ ନୁହେଁ, ବରଂ ସମାଜ ପ୍ରତି ଏକ କର୍ତ୍ତବ୍ୟ। ସମାଜକୁ ଆଇନା ଦେଖାଇବା ସହିତ ଘଟଣା ପଛର ସତ୍ୟତାକୁ ଲୋକଲୋଚନକୁ ଆଣିଥାଏ। ତେଣୁ ଗଣମାଧ୍ୟମର ସ୍ୱାଧୀନତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୩କୁ 'ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ' ଭାବେ ପାଳନ କରାଯାଉଛି। ଏଥିସହ ପ୍ରତିବର୍ଷ ଏଥିପାଇଁ ଏକ ସ୍ୱତନ୍ତ୍ର ଥିମ୍ ବା ବିଷୟବସ୍ତୁ ରହିଥାଏ। ଏହି ଅବସରରେ ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଶାନ୍ତିର ଭବିଷ୍ୟତ: ମାନବାଧିକାର, ବିକାଶ ଏବଂ ସୁରକ୍ଷା ପାଇଁ ପ୍ରେସ୍ ସ୍ୱାଧୀନତାକୁ ପ୍ରୋତ୍ସାହନ'। ୧୯୯୧ରେ ଜାତିସଂଘର ଜନସୂଚନା ବିଭାଗ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ କରିବାକୁ ପ୍ରଥମେ ପ୍ରସ୍ତାବ ଦେଇଥିଲା। ୧୯୯୩ରେ ଏହି ଦିବସ ପାଳନ ପାଇଁ ବିଧିବଦ୍ଧ ଭାବେ ଅନୁମୋଦନ ମିଳିଥିଲା। ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ କେବଳ ଏକ ସ୍ମରଣୀୟ ଦିନ ନୁହେଁ, ବରଂ ଏହା ଏକ ଆହ୍ୱାନ ଏଭଳି ପୃଥିବୀର ପରିକଳ୍ପନା ପାଇଁ, ଯେଉଁଠାରେ ସାମ୍ବାଦିକ ବିନା ଭୟ ଓ ସଙ୍କୋଚରେ ସତ୍ୟକୁ ସାମ୍ନାକୁ ଆଣିପାରିବ।



## ପ୍ରେସ୍ ସ୍ୱାଧୀନତା ଦିବସ: ସମାଜର ଆବଶ୍ୟକତା ଭାବେ ବିବେଚନା କରିବାର ସମୟ



ଆଜି ଦିନରେ ପ୍ରେସ୍ ଓ ସାମ୍ବାଦିକଙ୍କ ସ୍ଥିତି କ'ଣ ତାହା ଗଳିକନ୍ଦିର ଛୋଟଛୁଆକୁ ବି ଜଣା। ଚଳିତବର୍ଷର ପ୍ରେସ୍ ସ୍ୱାଧୀନତା ଦିବସର ପ୍ରସଙ୍ଗ ହେଉଛି 'ଶାନ୍ତିର ଭବିଷ୍ୟତ ଗଠନ ଏବଂ ଗଣତନ୍ତ୍ରକୁ ସୁରକ୍ଷିତ କରିବାରେ ମୁକ୍ତ ଓ ସ୍ୱାଧୀନ ଗଣମାଧ୍ୟମର ଭୂମିକା। ମାତ୍ର ପ୍ରଶ୍ନ ହେଉଛି ସତରେ ଆମ ପ୍ରେସ୍ କେତେ ସ୍ୱାଧୀନ? ଆଜି ସାମ୍ବାଦିକମାନଙ୍କ ଏ ସ୍ଥିତି କେବଳ ଚାପ ଓ ଭୟ ପାଇଁ ନୁହେଁ, ଏହା ପଛରେ ଥିବା ଆଉ ଏକ ବଡ଼ କାରଣ ହେଉଛି ପ୍ରଭାବ ଓ ପ୍ରଲୋଭନର ଜାଲ। ସରକାର ଓ କର୍ପୋରେଟର ଚାପ ଅପେକ୍ଷା ସେମାନଙ୍କ ପ୍ରଲୋଭନର ହିତାଧିକାରୀ ହେବାପାଇଁ ଯେଉଁ ପ୍ରତିଯୋଗିତା ଚାଲିଛି ତାହା ଏକ ବଡ଼ କାରଣ। ପ୍ରେସ୍ ଫ୍ରିଡମ ଇଣ୍ଡେକ୍ସରେ ଭାରତର ସ୍ଥାନ ବିଗତ ୨୫ ବର୍ଷରେ ସବୁଠାରୁ ଖରାପ ସ୍ଥିତିରେ ଅଛି। ୧୮୦ ଦେଶରୁ ଭାରତର ସ୍ଥାନ ୧୫୭। ଖବରଠାରୁ ବେଶି ନ୍ୟାରେଟିଭ ବିକ୍ରି ହେଉଛି, ପ୍ରଶ୍ନ କରିବାଠାରୁ ବେଶି ଚୁପ୍ ରହିବା ସୁରକ୍ଷିତ ହୋଇପଡ଼ିଛି। ଏହି ପରିସ୍ଥିତିରେ ପ୍ରେସ୍ ସ୍ୱାଧୀନତା ଦିବସ କେବଳ ଏକ ଉତ୍ସବର ବିଷୟ ଭାବରେ ନୁହେଁ ବରଂ ଏକ ସଂଘର୍ଷର ସ୍ମୃତି ଓ ସମାଜର ଆବଶ୍ୟକତା ଭାବେ ବିବେଚନା କରିବାର ସମୟ।

-ସତ୍ୟ ପ୍ରକାଶ ନାୟକ,
ବରିଷ୍ଠ ସାମ୍ବାଦିକ

## ଗଣମାଧ୍ୟମକୁ ଯେତିକି ସ୍ୱାଧୀନତା ମିଳିବା କଥା ତାହା ମିଳିପାରୁନାହିଁ



ପ୍ରେସ୍ ସ୍ୱାଧୀନତା ସହ ଗଣତନ୍ତ୍ରର ଆତ୍ମା ଜଡ଼ିତ। ମାତ୍ର ଭାରତୀୟ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଭିତରେ ପ୍ରେସ୍ ଏବଂ ସାମ୍ବାଦିକମାନଙ୍କୁ ଯେତିକି ସ୍ୱାଧୀନତା ମିଳିବା କଥା ତାହା ମିଳିପାରୁନାହିଁ। ସତ୍ୟ ତଥ୍ୟ ପରିବେଷଣ କଲେ ଉଭୟ ଗଣମାଧ୍ୟମ ଏବଂ ସେମାନଙ୍କ ପ୍ରତିନିଧି ଉପରେ ବିଭିନ୍ନ ଆଳରେ ଚାପ ସୃଷ୍ଟି କରାଯାଉଛି। ଫଳରେ ଲୋକମାନଙ୍କ ସତ୍ୟ ଓ ପ୍ରକୃତ ତଥ୍ୟ ଜାଣିବାର ଯେଉଁ ମାନବିକ ଅଧିକାର ରହିଛି ତାହା କ୍ଷୁଣ୍ଣ ହେଉଛି। ଗଣତନ୍ତ୍ରରେ ନାଗରିକ ହେଉଛନ୍ତି ଜାଗ୍ରତ ପ୍ରହରୀ। ସତ୍ୟ ବିଷୟରେ ଜନସାଧାରଣ ଜାଣି ନ ପାରିଲେ ଗଣତନ୍ତ୍ର ଅବକ୍ଷୟମୁଖୀ ହୋଇଥାଏ।

-ଅକ୍ଷୟ ସାହୁ, ବରିଷ୍ଠ ସାମ୍ବାଦିକ

## ଓଡ଼ିଶାରେ ଖବରକାଗଜର ଚାହିଦା ରହିଛି



ଅନ୍ତର୍ଜାତୀୟ ଗଣମାଧ୍ୟମ ତୁଳନାରେ ଭାରତୀୟ ଗଣମାଧ୍ୟମରେ ସ୍ଥାନୀୟ ଖବରକୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଗଣମାଧ୍ୟମର ସ୍ୱାଧୀନତାକୁ ଦେଖିଲେ ଅନେକ ସମୟରେ ସେମାନଙ୍କ ଉପରେ ରାଜନୈତିକ ଚାପ ରହିପାରେ। ମାତ୍ର ଖବରକାଗଜକୁ ପରିଚାଳନା କରୁଥିବା ବ୍ୟକ୍ତି ବା କ୍ୟାପ୍ଟେନ୍ ଅଫ୍ ଦି ଶିପ୍ ଚାହିଁଲେ ବାଧାବିଘ୍ନ ସତ୍ତ୍ୱେ ନିଜର ବିଚାର, ପରାମର୍ଶକୁ ଲେଖା ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇପାରିବେ। ଏଥିସହ ଲୋକଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ମଧ୍ୟ ଅବଗତ କରାଇପାରିବେ। ସେହିପରି ପୂର୍ବାପେକ୍ଷା ଗଣମାଧ୍ୟମର ରୂପରେଖ ବଦଳିବା ସହ ବର୍ତ୍ତମାନର ଜେନେରେଶନକୁ ଲକ୍ଷ୍ୟକରି ଖବର ପରିବେଷଣର ଷ୍ଟାଇଲ ବଦଳିଛି। ବିଦେଶରେ ଖବରକାଗଜ ଲୁପ୍ତ ହୋଇଗଲାଣି, ମାତ୍ର ଯେତେ ଡିଜିଟାଲ ମିଡିଆ ଆସିଲେ ବି ଓଡ଼ିଶାରେ ଏହାର ଚାହିଦା ଏବେ ବି ରହିଛି।

-ଡ. ବନ୍ଦିତା ପଣ୍ଡା, ବିଭାଗୀୟ ମୁଖ୍ୟ, ଜର୍ନାଲିଜମ ଆଣ୍ଡ ମାସ୍ କମ୍ୟୁନିକେଶନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

## ସତ୍ୟକୁ ସାମ୍ନାକୁ ଆଣିବା ସାମ୍ବାଦିକଙ୍କ ମୂଳ ଧର୍ମ



ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଆମକୁ ସାମ୍ବାଦିକଙ୍କର ଅବଦାନ ସମ୍ପର୍କରେ ସ୍ମରଣ କରାଉଛି। ଗଣତନ୍ତ୍ରରେ ଗଣମାଧ୍ୟମକୁ ଚତୁର୍ଥସ୍ତମ୍ଭ ଭାବେ ଗ୍ରହଣ କରାଯାଏ। ଏହା ସତ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇ ସମାଜକୁ ସଚେତନ ଓ ସଶକ୍ତ କରେ। ଗଣମାଧ୍ୟମ ସମାଜର ଆଇନା ସଦୃଶ। ଏହା ଦେଶବିଦେଶର ଘଟଣାବଳୀକୁ ନିର୍ଭୀକ ଭାବେ ପ୍ରସାରଣକରି ସମାଜର ଭଲ ଓ ଖରାପ ଦୁଇଟି ପକ୍ଷକୁ ଉପସ୍ଥାପିତ କରେ। ପ୍ରେସ୍ ସ୍ୱାଧୀନତା ସବୁଠି ସମାନ ଭାବେ ସୁରକ୍ଷିତ ନୁହେଁ। ବହୁ ସ୍ଥାନରେ ସାମ୍ବାଦିକମାନେ ଧମକ, ନିର୍ଯାତନା ଓ ଚାପର ସମ୍ମୁଖୀନ ହେଉଛନ୍ତି। ତଥାପି ସେମାନେ ସତ୍ୟକୁ ପ୍ରକାଶ କରିବାରେ ନିର୍ଭୀକ ଭାବେ ଆଗକୁ ବଢ଼ୁଛନ୍ତି, ଯାହା ସମାଜ ପାଇଁ ପ୍ରେରଣାଦାୟକ। ସତ୍ୟକୁ ସାମ୍ନାକୁ ଆଣିବା ଓ ଭୁଲ୍ ଖବର ପ୍ରତି ସଚେତନ ରହିବା ସହ ଗଣମାଧ୍ୟମକୁ ସମ୍ମାନ ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ।

-ଲୋକେଶ ନାୟକ, ଗଣମାଧ୍ୟମ ଛାତ୍ର, କୋରାପୁଟ

## ସାମ୍ବାଦିକଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ



ସ୍ୱାଧୀନ ସାମ୍ବାଦିକତା ଲୋକତନ୍ତ୍ରର ମୂଳ ଭିତ୍ତି ଓ ସମାଜର ସତ୍ୟକୁ ଉଜାଗର କରିବାରେ ଏହାର ଭୂମିକା ଅପରିହାର୍ଯ୍ୟ। ନିର୍ଭୀକ ଓ ନିରପେକ୍ଷ ଖବର ପ୍ରସାରଣ ଦ୍ୱାରା ଗଣମାଧ୍ୟମ ଲୋକଙ୍କ ସ୍ୱରକୁ ଶକ୍ତି ଦେଇଥାଏ। ପ୍ରେସ୍ ଉପରେ ନିୟନ୍ତ୍ରଣ ବଢ଼ିଲେ ଲୋକତନ୍ତ୍ର ଦୁର୍ବଳ ହୋଇପଡ଼େ ଓ ସତ୍ୟ ଦବିଯାଏ। ଆଜିର ସମୟରେ ଭ୍ରାନ୍ତ ତଥ୍ୟ ଓ ଚାପ ମଧ୍ୟରେ ସତ୍ୟକୁ ରକ୍ଷା କରିବା ସାମ୍ବାଦିକଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି। ସେହିପରି ସାମ୍ବାଦିକଙ୍କ ସୁରକ୍ଷା ଓ ସମ୍ମାନ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ପ୍ରେସ୍ ସ୍ୱାଧୀନତା କେବଳ ଏକ ଅଧିକାର ନୁହେଁ, ଏହା ମାନବ ଅଧିକାରର ଅଂଶ।

-ଚନ୍ଦ୍ରକଳା ଚମ୍ପତି, ଗଣମାଧ୍ୟମ ଛାତ୍ରୀ, ପୁରୀ

## ନିରପେକ୍ଷ ସାମ୍ବାଦିକତା କଷ୍ଟକର ହେଉଛି



ସାମ୍ପ୍ରତିକ ପରିପ୍ରେକ୍ଷୀରେ ଗଣମାଧ୍ୟମର ସ୍ୱାଧୀନତା ଏକ ନିୟନ୍ତ୍ରିତ ବା 'ରିମୋଟ୍ ଚାଳିତ' ବ୍ୟବସ୍ଥା ପରି ପ୍ରତୀୟମାନ ହେଉଛି, ଯାହା ଗଣତନ୍ତ୍ରର ମୂଳଦୁଆକୁ ଦୋହଲାଇ ଦେଇଛି। ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତର କ୍ରମାଗତ ଅବନତି ଏବଂ ଗତ କିଛି ଦଶନ୍ଧି ମଧ୍ୟରେ ରାଜନୈତିକ ହସ୍ତକ୍ଷେପ ଓ କର୍ପୋରେଟ ମାଲିକାନାର ବୃଦ୍ଧି ଗଣମାଧ୍ୟମର ସ୍ୱତନ୍ତ୍ରତାକୁ ସଙ୍କୁଚିତ କରିଦେଇଛି। ଫଳରେ ନିରପେକ୍ଷ ସାମ୍ବାଦିକତା କରିବା କଷ୍ଟକର ହୋଇପଡ଼ିଛି। ତେଣୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ଦୃଢ଼, ନିର୍ଭୟ ଏବଂ ସ୍ୱଚ୍ଛ କରିବାକୁ ହେଲେ ସରକାରଙ୍କୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ଗଣମାଧ୍ୟମକୁ ଚାପମୁକ୍ତ ରଖିବା ପାଇଁ ଏକ ସ୍ୱାଧୀନ ନିୟାମକ ଗଠନ ଏବଂ ଆର୍ଥିକ ସହାୟତା ଯୋଗାଇଦେବା ଭଳି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିବାକୁ ହେବ।

- ରୋଜାଲିନ୍ ସାହୁ, ଗଣମାଧ୍ୟମ ଛାତ୍ରୀ, ପୁରୀ

## ସମାଜର ସେତୁ ଭାବେ ଅବିରତ କାର୍ଯ୍ୟ କରୁଛି ଗଣମାଧ୍ୟମ



ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିଥିବା ଏକ ଶକ୍ତିଶାଳୀ ସେତୁ ଭାବେ ଗଣମାଧ୍ୟମ ନିଜ ଭୂମିକା ନିଭେଇ ଆସୁଛି। ଖବରକାଗଜ, ଟେଲିଭିଜନ, ରେଡିଓ ଏବଂ ଡିଜିଟାଲ ଗଣମାଧ୍ୟମ ସମାଜର ପ୍ରତ୍ୟେକ କୋଣକୁ ସ୍ପର୍ଶକରି ସୂଚନା, ଶିକ୍ଷା ଓ ମନୋରଞ୍ଜନର ମୁଖ୍ୟ ଉତ୍ସ ପାଲଟିଛି। ଏହା ସହିତ ଗଣମାଧ୍ୟମ ସମାଜର ବିଭିନ୍ନ ଶ୍ରେଣୀ, ଭାଷା ଓ ସଂସ୍କୃତି ମଧ୍ୟରେ ସମ୍ପର୍କ ସୃଷ୍ଟିକରି ଏକତାକୁ ମଜଭୁତ କରିଆସିଛି। ପ୍ରେସ୍ର ମୂଳ ଭୂମିକା ହେଉଛି ସତ୍ୟ ଖବର ପ୍ରସାରଣ କରିବା, ଦୁର୍ନୀତି, ଦାରିଦ୍ର୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ବିଷୟଗୁଡ଼ିକୁ ଆଲୋକିତକରି ସମାଧାନ ପାଇଁ ଲୋକମତ ଗଠନରେ ଏହାର ଭୂମିକା ଅପରିହାର୍ଯ୍ୟ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଏହା ସମାଜରେ ସତ୍ୟ, ନ୍ୟାୟ ଓ ପ୍ରତିଶ୍ରୁତିର ପ୍ରତୀକ ଭାବେ ଦୃଢ଼ ଭୂମିକା ନିଭାଏ। ଗଣମାଧ୍ୟମ ସମାଜକୁ ଠିକ୍ ଦିଗରେ ଆଗୁଆ କରାଇବାରେ ଏକ ପଥପ୍ରଦର୍ଶକ ଭାବେ କାମ କରୁଛି।

-ଯାଜ୍ଞସେନୀ ଜେନା,
ଗଣମାଧ୍ୟମ ଛାତ୍ରୀ, କୋରାପୁଟ

## ଗଣତନ୍ତ୍ରର ସୁରକ୍ଷା ପାଇଁ ସ୍ୱାଧୀନ ସାମ୍ବାଦିକତା ଜରୁରୀ



ଗଣତନ୍ତ୍ରର ସଫଳତା ସ୍ୱାଧୀନ ଓ ନିରପେକ୍ଷ ଗଣମାଧ୍ୟମ ଉପରେ ନିର୍ଭରକରେ। ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ଅବସରରେ ସାମ୍ବାଦିକତାର ନୈତିକତା ଓ ସ୍ୱାଧୀନତାକୁ ନେଇ ଆତ୍ମସମୀକ୍ଷା କରିବାର ସମୟ ଆସିଛି। ବର୍ତ୍ତମାନର ସୋସିଆଲ ମିଡିଆ ଯୁଗରେ ଠିକ୍ ତଥ୍ୟ ପରିବେଷଣକରିବା ଖବରଦାତାଙ୍କ ପାଇଁ ଏକ ବଡ଼ ଆହ୍ୱାନ। ସାମ୍ବାଦିକତା କେବଳ ଏକ ବୃତ୍ତି ନୁହେଁ, ବରଂ ଏହା ସମାଜର ଆଇନା। ଏହି ଆଇନା ଯେପରି ସ୍ୱଚ୍ଛ ରହେ ତାହା ନିଶ୍ଚିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ।

-ପ୍ରିୟଙ୍କା ପ୍ରିୟଦର୍ଶିନୀ ବୀର, ଗଣମାଧ୍ୟମ ଛାତ୍ରୀ, ଖୋର୍ଦ୍ଧା

ରିପୋର୍ଟ: ବନ୍ଦନା ସେଠୀ

ରାଜ୍ୟ ଖବର

# କଠିନ ପରିଶ୍ରମ, ପ୍ରେରଣାରୁ ସଫଳତା

ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇବା ପରେ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। କଠିନ ପରିଶ୍ରମ, ମା'ବାପା ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରେରଣା ସେମାନଙ୍କୁ ସଫଳତା ଦେଇଥିବା ପ୍ରକାଶ କରିଛନ୍ତି। ତେବେ ଭବିଷ୍ୟତରେ ସେମାନେ ନିଜକୁ ନିଜର ପସନ୍ଦଯୋଗ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ କରିବା ପାଇଁ ଏବେଠାରୁ ଆଶା ବାନ୍ଧିଛନ୍ତି। ବିଭିନ୍ନ ଜିଲାରେ ସଫଳତାର କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କ ମୁହଁରୁ.....



ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପରେ ଭୁବନେଶ୍ୱର ବଡ଼ଗଡ଼ବ୍ରିଟ୍ କଲୋନୀସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

### ସେନା ଅଧିକାରୀ ହେବାକୁ ଇଚ୍ଛା



ମାଟ୍ରିକ ପରୀକ୍ଷାରେ ୬୦୦ରୁ ୫୭୬ ନମ୍ବର ରଖି ଜଗତ୍ସିଂହପୁର ଜିଲା ଟପ୍ପର ହୋଇଥିବାରୁ ଖୁସି ଲାଗୁଛି। କଠିନ ପରିଶ୍ରମ, ସମୟାନୁବର୍ତ୍ତିତା ହିଁ ମତେ ଏହି ସ୍ଥାନରେ ପହଞ୍ଚାଇ ପାରିଛି। ଏହି ସଫଳତାର ପଛରେ ବାପା ତଥା ନାଉଗାଁ ଗ୍ରାମର ରାଜ କିଶୋର ପଲେଇ, ମା' ଗୀତାଞ୍ଜଳୀ ପଲେଇଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। ଭବିଷ୍ୟତରେ ଭଲ ପାଠ ପଢ଼ି ଜଣେ ସେନା ଅଧିକାରୀ ଭାବେ ଦେଶ ସେବା କରିବାକୁ ଲକ୍ଷ୍ୟ ରଖିଛି।

-ଗାୟତ୍ରୀ ପଲ୍ଲେଇ, ନାଉଗାଁ ହାଟ ସରକାରୀ ଉଚ୍ଚବିଦ୍ୟାଳୟ, ଜଗତ୍ସିଂହପୁର ।

### ଆଇଏଏସ୍ ହେବାକୁ ଲକ୍ଷ୍ୟ



ମାଟ୍ରିକ୍ ପରୀକ୍ଷା ଫଳରେ ମୁଁ ବହୁତ ଖୁସି ଅଛି। ଏଥିପାଇଁ ମୁଁ ଦୈନିକ ୮ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରୁଥିଲି। ତେଣୁ ୫୭୫ ନମ୍ବର (ଏ-୧ ଗ୍ରେଡ୍) ରଖି ସୁନ୍ଦରଗଡ଼ ଜିଲାରେ ଟପ୍ପର ହୋଇପାରିଛି। କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ। ମୋ ସଫଳତାରେ ସମସ୍ତଙ୍କ ସହଯୋଗ ରହିଛି। ଏହି ସଫଳତାର ଶ୍ରେୟ ମୁଁ ମୋ ମା' ବାପା, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେବି। ଆଗକୁ ଆଇଏଏସ୍ ହେବା ପାଇଁ ଲକ୍ଷ୍ୟ ରଖିଛି।

-ସୁଜିତ ଟିଗା, କୁତ୍ରା ସରକାରୀ ହାଇସ୍କୁଲ, ସୁନ୍ଦରଗଡ଼

### ନିରନ୍ତର ଚେଷ୍ଟା, ପରିଶ୍ରମର ଫଳ



ମାଟ୍ରିକ୍ ପରୀକ୍ଷା ଫଳରେ ବହୁତ ଖୁସି ଅନୁଭବ କରୁଛି। ଦିନରାତି ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିଥିଲା। ନିରନ୍ତର ଚେଷ୍ଟା ଓ ପରିଶ୍ରମ ଯୋଗୁ ୯୨.୬୬ ପ୍ରତିଶତ (୫୫୬) ମାର୍କ ରଖି ଏ-୧ ଗ୍ରେଡ୍ ପାଇଛି। ଏହି ସଫଳତା ପାଇଁ ମୋ ବାପା ସୂର୍ଯ୍ୟମଣି ସାହୁଙ୍କୁ ଶ୍ରେୟ ଦେବି। ସର୍ବୋପରି ନିଜର ଦୃଢ଼ ମନୋବଳ ଓ ଆତ୍ମବିଶ୍ୱାସ ହିଁ ଏହି ସଫଳତା ଦେଇଛି। ଆଗାମୀ ଦିନରେ ଦେଶର ଜଣେ ଆଗଧାଡ଼ିର ଇଞ୍ଜିନିୟର ହେବା ପାଇଁ ଲକ୍ଷ୍ୟ ରଖିଛି ।

-ସ୍ୱର୍ଣ୍ଣପ୍ରଭା ସାହୁ, ଚିନ୍ମୟ ଓଡ଼ିଆ ମାଧ୍ୟମ ସ୍କୁଲ, ରାଉରକେଲା

### ପରିଶ୍ରମର ଫଳ ମିଳିଛି



ମାଟ୍ରିକ୍ ପରୀକ୍ଷା ପାଇଁ ପ୍ରତିଦିନ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମ ଅନୁଯାୟୀ ଫଳ ମିଳିଛି। ଏଥିସହ ଜିଲାରେ ଟପ୍ପର ହୋଇଥିବାରୁ ଖୁସି ଲାଗୁଛି। ଆଗାମୀ ଦିନରେ କମ୍ପ୍ୟୁଟର ସାଇନ୍ସ ପଢ଼ିବା ସହ ଦେଶ ସେବା କରିବାକୁ ଲକ୍ଷ୍ୟ ରଖିଛି। ବାପା ପ୍ରଶାନ୍ତ ପ୍ରଧାନ, ମା' ମିତାଞ୍ଜଳି ପ୍ରଧାନଙ୍କ ସମେତ ସ୍କୁଲ ଓ ଟିଉଶନ ଶିକ୍ଷକଙ୍କ ସହଯୋଗ ଯୋଗୁ ମୁଁ ଏହି ସଫଳତା ପାଇଛି।

-ନମନ ପ୍ରଧାନ, ଏକତାଳି ମ୍ୟୁନିସିପାଲ ହାଇସ୍କୁଲ, ଝାରସୁଗୁଡ଼ା

### ଆଇଏଏସ୍ ଅଧିକାରୀ ହେବି



ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛି। ଏହି ସଫଳତା ପାଇଁ ମାତା ପୁଷ୍ପଲତା, ପିତା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ସୁରୋଜ କୁମାର ବଳ, ବିଦ୍ୟାଳୟର ଗୁରୁମା ଗୁରୁଜୀ ଏବଂ ଟ୍ୟୁଶନ ଶିକ୍ଷକଙ୍କୁ ସମସ୍ତ ଶ୍ରେୟ ଦେବି। ପ୍ରତିଦିନ ସ୍କୁଲ୍ ପାଠ ବ୍ୟତୀତ ୫ରୁ ୬ ଘଣ୍ଟା କଠିନ ପରିଶ୍ରମ କରି ସମ୍ବଲପୁର ଜିଲା ଟପ୍ପର ହୋଇଛି। ସୋସିଆଲ ମିଡିଆ ଏବଂ ମୋବାଇଲ୍ ଫୋନଠାରୁ ଦୂରରେ ରହି ପାଠପଢ଼ା ଉପରେ ମନୋନିବେଶ କରିଥିଲି। ପାଠପଢ଼ା ବ୍ୟତୀତ କ୍ରିକେଟ୍ ଖେଳିବା ଏବଂ ବହି ପଢ଼ିବା ମୋର ପ୍ରିୟ।

-ବିଶ୍ୱପ୍ରସାଦ ବଳ, ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର(ଏସ୍ଏସ୍ଭିଏମ୍), ସମ୍ବଲପୁର

### ଡାକ୍ତର ହେବା ଆଶା ରଖିଛି



ମାଟ୍ରିକ୍ ପରୀକ୍ଷାରେ ମୋର ୯୫% ପ୍ରତିଶତ ରହିଛି। ଅଧିକା ମାର୍କ ଆଶା ରଖିଥିଲି, କିନ୍ତୁ ଇତିହାସ ଓ ଭୁଗୋଳ ବିଷୟରେ ମାର୍କ କମିଯାଇଛି। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ଏହି ସଫଳତା ପାଇଛି। ମୋ ସଫଳତାର ଶ୍ରେୟ ମା', ବାପା, ଗୁରୁଜୀ ଓ ଗୁରୁମାଙ୍କୁ ଦେଉଛି। ପରୀକ୍ଷା ପାଇଁ ମୁଁ ଟିଉସନ ଯିବା ସହ ୫ରୁ ୬ ଘଣ୍ଟା ପାଠ ପଢୁଥିଲି। ଆଗକୁ ଜଣେ ହାର୍ଟ ଡାକ୍ତର ହେବା ଆଶା ରଖିଛି।

-ଅଂଶୁମାନ ପ୍ରିୟଦର୍ଶୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାରଦା ବିହାର, ଜୟପୁର, କୋରାପୁଟ

### ଘରେ ୮ରୁ ୯ ଘଣ୍ଟା ପରିଶ୍ରମ କରୁଥିଲି



ପରୀକ୍ଷା ପାଇଁ ପାଠପଢ଼ା ପ୍ରତି ବିଶେଷ ଧ୍ୟାନ ଦେଉଥିଲି। ପ୍ରତିଦିନ ସ୍କୁଲ୍ ସମୟ ଛାଡ଼ି ଘରେ ୮ରୁ ୯ଘଣ୍ଟା ପରିଶ୍ରମ କରୁଥିଲି। ଚଳିତ ମାଟ୍ରିକ୍ ପରୀକ୍ଷାରେ ପୁରୀ ଜିଲାରେ ୫୮୦ ନମ୍ବର ରଖି ଟପ୍ପର ହୋଇଛି। ଏହି ସଫଳତାର ଶ୍ରେୟ ମା', ବାପା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଉଛି। ନିଟ୍ କ୍ଲିୟର କରିବା ସହ ଡାକ୍ତରୀ ପଢ଼ିବି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ସେବା କରିବା ପାଇଁ ଲକ୍ଷ୍ୟ ରଖିଛି।

-ପ୍ରିୟଙ୍କା ମହାପାତ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘୋଡ଼ାବଜାର, ପୁରୀ

### ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ



ପରିଶ୍ରମ ଅନୁଯାୟୀ ଫଳ ମିଳିଛି। ୯୫.୧୭ ପ୍ରତିଶତ ହାରରେ ୫୭୧ ମାର୍କ ରହିଛି। ବାପା, ମା' ଓ ଗୁରୁଜନଙ୍କ ଆଶୀର୍ବାଦରୁ ଏହି ସଫଳତା ମିଳିଥିବା ବେଳେ ଆଗକୁ ବିଜ୍ଞାନରେ ପାଠ ପଢ଼ିବି। ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତି ହୋଇ ଜଣେ ଦକ୍ଷ ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛି।

-ମଧୁସ୍ମିତା ମାଝୀ,
କେନ୍ଦୁଝର ଗଡ଼ ସରସ୍ୱତୀ ବିଦ୍ୟାମନ୍ଦିର

### ଆଇଆଇଟି ପଢ଼ିବାକୁ ଲକ୍ଷ୍ୟ ରଖିଛି



ମୁଁ ମାଟ୍ରିକ ପରୀକ୍ଷାରେ ଜିଲା ଟପ୍ପର ହୋଇ ଖୁସି ଅନୁଭବ କରୁଛି। କିନ୍ତୁ ମୋର ୬୦୦ ରୁ ୫୮୦ ବଦଳରେ ୫୭୨ ନମ୍ବର ରହିଛି। ୮ ନମ୍ବର ବିଜ୍ଞାନରେ କଟି ଯାଇଛି। ୯୮ ବଦଳରେ ୯୦ ରହିଛି । ମୁଁ ବିଜ୍ଞାନ ପେପର ରିଚେକ୍ କରିବି । ତେବେ ମୁଁ ଆଇଆଇଟି ପଢିବାକୁ ଲକ୍ଷ୍ୟ ରଖି କୋଚିଂ ନେବା ଆରମ୍ଭ କରିଛି । ଦିନକୁ ୧୭ ରୁ ୧୮ ଘଣ୍ଟା ପରିଶ୍ରମ କରୁଥିଲି। ବାପା ଗଦାଧର ଜେନାଙ୍କର ମୃତ୍ୟୁ ପରେ ମୋ ମା' ଓ ଜେଜେ ବାପା ବିନାୟକ ଜେନା କଷ୍ଟକରି ପାଠ ପଢ଼ାଇଛନ୍ତି । ମୋ ମା' ସିଲେଇ କରି ପରିବାର ଗୁଜୁରାଣ ଚଳାଇଥାନ୍ତି । ମୋ ସଫଳତା ପଛରେ ଭଗବାନ, ସ୍କୁଲ ଓ କୋଚିଂ ଶିକ୍ଷକ, ପରିବାରର ବଡ ଭୂମିକା ରହିଛି ।

-ସରୋଜ କୁମାର ଜେନା, କ୍ରିଦାଶପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ନୟାଗଡ଼

### ଡାକ୍ତର ହୋଇ ରୋଗୀସେବା କରିବି



ଚଳିତ ମାଟ୍ରିକ୍ ପରୀକ୍ଷାରେ ୯୨.୩୩ ପ୍ରତିଶତ ରଖିଛି। ମା ବାପା ଏବଂ ଗୁରୁମା ଗୁରୁଜୀଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ପାଇଁ ଏହି ସଫଳତା ମିଳିଛି। ଅଧିକା ସମୟ ପାଠ ପଢ଼ିବା ଅପେକ୍ଷା କମ ସମୟ ମନ ଧ୍ୟାନ ଦେଇ ପଢ଼ିଲେ ଅଧିକା ସଫଳତା ମିଳିଥାଏ। ଆଗକୁ ଡାକ୍ତର ହେବି। ରୋଗୀ ସେବା କରିବା ପ୍ରାଥମିକତା ରହିବ।

-ମନସ୍ୱିନୀ ଦାଶ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର , ଗୁଣପୁର, ରାୟଗଡ଼ା

### ଇସ୍ରୋର ବୈଜ୍ଞାନିକ ହେବା ଲକ୍ଷ୍ୟ



ମୋର ୬୦୦ରୁ ୫୭୧ ନମ୍ବର ରହିଛି। ଦିନକୁ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲି। ମୁଁ ବିଜ୍ଞାନରେ ୯୨ ରୁ ଅଧିକ ନମ୍ବର ରହିବ ବୋଲି ଭାବିଥିଲି କିନ୍ତୁ ସେଥିରେ ମାର୍କ କମିଗଲା, ସେହିପରି ଗଣିତରେ ମଧ୍ୟ ୯୪ ନମ୍ବର ଥିବା ବେଳେ ମୋର ଅଧିକ ରହିବା ଆଶା ଥିଲା। ଜିଲା ଟପ୍ପର ହୋଇ ଅତ୍ୟନ୍ତ ଆନନ୍ଦିତ। ମୁଁ ଇସ୍ରୋର ଜଣେ ବୈଜ୍ଞାନିକ ହେବା ଲାଗି ଲକ୍ଷ୍ୟ ରଖିଛି। ମୋର ପରିଶ୍ରମ ଓ ପରିବାର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗ ମୋତେ ଜିଲା ଟପ୍ପର ହେବାରେ ସହାୟକ ହୋଇଛି।

-ଦେବଦର୍ଶୀ ମଣ୍ଡଳ, ଖରିନାସୀ ଉଚ୍ଚ ବିଦ୍ୟାଳୟ, ମହାକାଳପଡା, କେନ୍ଦ୍ରାପଡା

### ଆଇଏଏସ୍ ପାଇ ଲୋକଙ୍କ ପାଇଁ କାମ କରିବି



ମାଟ୍ରିକ୍ ପରିକ୍ଷାର ୫୫୧ ନମ୍ବର ରହିଛି। ଏହି ସଫଫଳତା ପାଇଁ ଦିନକୁ ୭ ରୁ ୮ ଘଣ୍ଟା ପରିଶ୍ରମ କରୁଥିଲି। ଆଗକୁ ଭବିଷ୍ୟତରେ ଆଇଏଏସ୍ ପାଇବାକୁ ସ୍ୱପ୍ନ ରହିଛି। ଆଇଏଏସ୍ ହୋଇ ଲୋକଙ୍କ ପାଇଁ କାମ କରିବା ସହ ମା' ବାପା, ଜିଲା ଓ ରାଜ୍ୟର ଟେକ ରଖିବି।

-ଦେବୀପ୍ରିୟା ବାରିକ, ଯୋଡିଙ୍ଗା ସଂଯୁକ୍ତା ଉଚ୍ଚ ବିଦ୍ୟାଳୟ ରାଇଘର, ନବରଙ୍ଗପୁର

### ଜିଲା ଟପ୍ପର ହୋଇଥିବାରୁ ବହୁତ ଖୁସି



୫୭୩ ନମ୍ବର ରଖି ଭଦ୍ରକ ଜିଲା ଟପ୍ପର ହୋଇଛି। ଅକ୍ଳାନ୍ତ ପରିଶ୍ରମ ଯୋଗୁ ଆଶାତୀତ ସଫଳତା ପାଇଛି। ୫୮୦ ପାଖାପାଖି ନମ୍ବର ରହିବ ବୋଲି ଆକଳନ କରିଥିଲି। ଦିନକୁ ୧୦ରୁ ୧୨ ଘଣ୍ଟା ପଢ଼ାରେ ସମୟ ଦେଉଥିବା ବେଳେ ଦିନ ଅପେକ୍ଷା ରାତି ସମୟରେ ପାଠପଢ଼ାରେ ଅଧିକ ଧ୍ୟାନ ଦିଏ। ଜିଲା ଟପ୍ପର ହୋଇଥିବାରୁ ବହୁତ ଖୁସି ଅଛି। ଆଗକୁ ଯୁକ୍ତ ୨ ବିଜ୍ଞାନ ପରେ ଡାକ୍ତରୀ ପଢ଼ିବାକୁ ଲକ୍ଷ୍ୟ ରଖିଛି। ସଫଳତା ପାଇଁ ମା' ବାପାଙ୍କ ସମେତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଟ୍ୟୁଶନ କୋଚିଂ ସାର୍ଙ୍କୁ ଶ୍ରେୟ ଦେବି।

-ସରିତା ନାୟକ, ଜନ୍ତୁଆଳି ନୂଆଗାଁ ବଲ୍ଲଭଶଙ୍ଖାଳି ଚାରିମୌଜା ହାଇସ୍କୁଲ ଛାତ୍ରୀ, ଚାନ୍ଦବାଲି

### ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



ସମୁଦାୟ ୬୦୦ ମାର୍କରୁ ୫୭୩ ମାର୍କ (୯୫.୦୫%) ରଖି ଯାଜପୁର ଜିଲାରେ ଶୀର୍ଷ ସ୍ଥାନ ଅଧିକାର କରିଥିବାରୁ ଖୁସି ଲାଗୁଛି। ବାପା ଇନ୍ଦ୍ରମଣି ସାହୁଙ୍କ ୨୦୨୩ରେ ମୃତ୍ୟୁପରେ ମା' ସୁମିତ୍ରା ଆମ ସ୍କୁଲରେ ପାଚିକା ଭାବେ କାର୍ଯ୍ୟ କରି ମୋ ପାଠପଢ଼ାକୁ ଆଗକୁ ବଢ଼ାଇଥିଲେ। ତାଙ୍କ ଆଶୀର୍ବାଦ ଓ କଠୋର ପରିଶ୍ରମ ଯୋଗୁ ଏହି ସଫଳତା ପାଇଛି। ଦିନକୁ ୮ ଘଣ୍ଟା ପରିଶ୍ରମ କରୁଥିଲି। ମା', ପରିବାରବର୍ଗଙ୍କ ସମେତ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ କୋଚିଂ ସେଣ୍ଟରକୁ ମଧ୍ୟ ଶ୍ରେୟ ଦେବି। ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

-ଶୁଭମ ସାହୁ, ଛାତ୍ର, କାକୁଡ଼ିକୁଦ ସତ୍ୟସାଇ ସରକାରୀ ହାଇସ୍କୁଲ, ଯାଜପୁର

ଧରିତ୍ରୀ 52 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମେ ୩/୨୦୨୬ | Bhubaneswar, Sunday, May 3/2026





ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟକାରିତା ଓ କାର୍ଯ୍ୟାନ୍ୱୟନକୁ ନେଇ ଶନିବାର ଭୁବନେଶ୍ୱର ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଉଚ୍ଚଶିକ୍ଷା ବିଭାଗ କମିଶନର (ବାମ) ଅରବିନ୍ଦ ଅଗ୍ରୱାଲ ଏବଂ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ (ଡାହାଣ) କାଳୀପ୍ରସନ୍ନ ମହାପାତ୍ର।

# ଓଡ଼ିଶା ହେବ 'ଜ୍ଞାନର ରାଜଧାନୀ' : ମୁଖ୍ୟମନ୍ତ୍ରୀ

**■ ଏନ୍‌ଇପି-୨୦୨୦ କାର୍ଯ୍ୟକାରିତା ନେଇ ଜାତୀୟ କର୍ମଶାଳା**

**■ ଛାତ୍ରୀଙ୍କ ପାଇଁ 'ଶକ୍ତିଶ୍ରୀ' ଆପ୍ ଲୋକାର୍ପିତ**

ଭୁବନେଶ୍ୱର,୨।୫(ସୁଚିସ୍ମିତା ସାହୁ)

ବହୁବର୍ଷ ଧରି ଶିକ୍ଷାକ୍ଷେତ୍ରରେ ଥିବା ଜଡ଼ତାକୁ ଦୂର କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ପ୍ରଣୀତ ନୂଆ ଶିକ୍ଷାନୀତି କେବଳ ଏକ ସରକାରୀ ଦସ୍ତାବିଜ ନୁହେଁ, ବରଂ ଏହା ଭାରତକୁ ବିଶ୍ୱର 'ନଲେଜ କ୍ୟାପିଟାଲ' ଭାବେ ପ୍ରତିଷ୍ଠିତ କରିବାର ଏକ ମହତ୍ତ୍ୱ ମିଶନ। ଶିକ୍ଷା କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ଏହା ମାନବ ସଭ୍ୟତାର ପ୍ରଗତିର ମୂଳଦୁଆ। ଆମ ପିଲାମାନେ ଯେପରି 'ଇଣ୍ଡଷ୍ଟ୍ରି ରେଡି' ହେବେ ଏବଂ ବିଶ୍ୱସ୍ତରରେ ପ୍ରତିଯୋଗିତା କରିପାରିବେ, ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି-୨୦୨୦)ର କାର୍ଯ୍ୟାନ୍ୱୟନ ନେଇ ଶନିବାର ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଆୟୋଜିତ ଦୁଇଦିନିଆ ଜାତୀୟସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଶୈକ୍ଷିକ ପରିବେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ପାଇଁ ଆହ୍ୱାନ ଦେବାସହ ଓଡ଼ିଶାକୁ ଭାରତର 'ଜ୍ଞାନର ପେଣ୍ଠସ୍ଥଳୀ' ଭାବେ ଗଢ଼ିତୋଳିବାକୁ ଏକ ଦୂରଦର୍ଶୀ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଲେ, ଶିକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଶିକ୍ଷାକ୍ଷେତ୍ର ପାଇଁ ୪୧,୨୭୩ କୋଟି ଟଙ୍କାର ଏକ ବିଶାଳ ପାଣ୍ଠି ବ୍ୟୟବରାଦ କରାଯାଇଛି। ଗ୍ରାମାଞ୍ଚଳ ଓ ସହର ମଧ୍ୟରେ ଥିବା ଶୈକ୍ଷିକ ପାର୍ଥକ୍ୟକୁ ଦୂର କରିବା ପାଇଁ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ପାଇଁ ୧୨,୦୦୦ କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ରାଜ୍ୟର ୬,୭୯୪ଟି ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଏ ଅତ୍ୟାଧୁନିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏଣିକି ଉଚ୍ଚଶିକ୍ଷା ନିମନ୍ତେ ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ଏଥିସହ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ଡ୍ରପ୍-ଆଉଟ୍ ରୋକିବା ପାଇଁ 'ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା' ମାଧ୍ୟମରେ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଅନ୍ୟପଟେ ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ଏବଂ ମାତୃଭାଷାରେ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅଭିନବ ପ୍ରୟାସ କରିଛନ୍ତି। ବୈଷୟିକ ଏବଂ ଉଚ୍ଚଶିକ୍ଷା ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବା ପାଇଁ ରାଜ୍ୟ ସରକାର ଇଗ୍ନୁ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ସମସ୍ତ ପଦକ୍ଷେପ ଓଡ଼ିଶାକୁ ଦେଶର ଶ୍ରେଷ୍ଠ 'ଜ୍ଞାନଭିତ୍ତିକ ସମାଜ' ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ସମଗ୍ର ଭାରତ ବର୍ଷରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ସଂସ୍କୃତି ଓ ଶିକ୍ଷାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଶିକ୍ଷା ଏବେ କେବଳ ଡିଗ୍ରୀ ମଧ୍ୟରେ ସୀମିତ ନାହିଁ, ☞ପୃଷ୍ଠା-୧୩

# ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା

**■ ୬୫ ବର୍ଷୀୟ ଅଭିଯୁକ୍ତ ଗିରଫ**

**■ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ**

ପୁଣେ,୨।୫(ପି.ଟି.)

ମହାରାଷ୍ଟ୍ରର ପୁଣେ ଜିଲା ଅନ୍ତର୍ଗତ ଭୋର୍ ତହସିଲ ଅଞ୍ଚଳରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ୟକ୍ତ ଲୋକେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସିସିଟିଭି ଫୁଟେଜ୍ ଆଧାରରେ ୬୫ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଭାରତୀୟ ନ୍ୟାୟ ସଂହିତାର ଆନୁଷଙ୍ଗିକ ଧାରା ଏବଂ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ (ପୋକ୍‌ସୋ) ଅନୁଯାୟୀ ତାଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି। ତାଙ୍କୁ ପୁଣେର ସେସନ୍ସ କୋର୍ଟରେ ହାଜର କରାଯିବା ପରେ ମେ' ୭ ପର୍ଯ୍ୟନ୍ତ ପୋଲିସ ରିମାଣ୍ଡରେ ପଠାଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଘଟଣାକୁ ଅତ୍ୟନ୍ତ ଲଜ୍ଜାଜନକ ଓ ଯନ୍ତ୍ରଣାଦାୟକ ବୋଲି କହିବା ସହ ଫାଷ୍ଟ-ଟ୍ରାକ୍ କୋର୍ଟରେ ତୁରନ୍ତ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜଣେ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ପାଇଁ ସେ ହାଇକୋର୍ଟଙ୍କୁ ନିବେଦନ କରିବେ ବୋଲି କହିଛନ୍ତି। ଯଥାଶୀଘ୍ର ସମ୍ଭବ ଅପରାଧୀଙ୍କୁ ସର୍ବୋଚ୍ଚ ଦଣ୍ଡବିଧାନ କରାଯିବ ବୋଲି ଫଡ୍‌ନବିସ୍ କହିବା ସହ ଘଟଣାକୁ ରାଜନୈତିକ ରଙ୍ଗ ଦେବା ସମ୍ବେଦନହୀନତା ବୋଲି କହିଛନ୍ତି। ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ ପାଇଁ ଏନ୍‌ସିପି(ଏସ୍‌ପି) ନେତା ତଥା ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ଦାବି କରିଛନ୍ତି।

ପୋଲିସ କହିବା ଅନୁଯାୟୀ, ଅଭିଯୁକ୍ତ ଜଣେ ଶ୍ରମିକ। ସେ ଶୁକ୍ରବାର ଶିଶୁଙ୍କୁ ଖାଇବାକୁ ଦେବାକୁ କହି ଏକ ଗୁହାଳ ମଧ୍ୟକୁ ନେଇଯାଇଥିଲେ। ସେଠାରେ ସେ ଶିଶୁକନ୍ୟାଙ୍କୁ ଯୌନ ନିର୍ଯାତନା ଦେବା ପରେ ପଥରରେ ଛେଚି ମାରିଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗାଡ଼ିରେ ବସାଇ କୋର୍ଟ ପରିସରକୁ ନେଉଥିବାବେଳେ ମରାଠା ସଙ୍ଗଠନର ସଦସ୍ୟମାନେ ଗାଡ଼ି ଅଟକାଇବାକୁ ଉଦ୍ୟମ କରିଥିଲେ। ଭୋର ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହ ଶତାଧିକ ଗ୍ରାମବାସୀ ସ୍ଥାନୀୟ ଫାଣ୍ଡିରେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେମାନେ ମୁମ୍ବାଇ-ବେଙ୍ଗାଲୁରୁ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ୧୫ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରାଯିବା ସହ ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ପୁଣେ (ଗ୍ରାମାଞ୍ଚଳ) ସୁପରିଣ୍ଟେଣ୍ଡେଣ୍ଟ ସନ୍ଦିପ ସିଂ ଗିଲ୍ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଅଭିଯୁକ୍ତଙ୍କ ନାମରେ ୧୯୯୮ ଏବଂ ୨୦୧୫ରେ ଅପରାଧ ମାମଲା ରୁଜୁ ହୋଇଥିଲା। ଉଭୟ ମାମଲାରେ ସେ ଦୋଷମୁକ୍ତ ହୋଇଥିଲେ।

**निर्माण ठेकेदार की आवश्यकता**
अनुभवी निर्माण ठेकेदारों की आवश्यकता है,
जो कुशल और अकुशल लेबर (जैसे-कारपेंटर, बार बेंडर, हेल्पर और रिगर) उपलब्ध करा सकें।
स्थान
● गुजरात : अहमदाबाद, मुंद्रा, जामनगर, सूरत
● महाराष्ट्र : मुंबई, पुणे, ● कर्नाटक : बेंगलुरु
न्यूनतम आवश्यकता : हमें 5000 से ज्यादा लेबर चाहिए। कृपया वहीं ठेकेदार संपर्क करें जो 50 से ज्यादा लेबर दिला सकें।
कृपया इस पते पर संपर्क करे :
मिलने की दिनांक : 6 मई से 8 मई
समय : सुबह 10 बजे से रात 8 बजे तक
प्राइड प्लाजा होटल, कोलकाता टर्मिनस, बी.जी.-12, एक्शन एरिया 1-बी, न्यू टाउन, राजारहाट, कोलकाता
92233 33351
lrd@rivierainfra.com




# ଅତିରିକ୍ତ ତହସିଲଦାରଙ୍କୁ ଗାଡ଼ି ମଡ଼ାଇ ହତ୍ୟା ଉଦ୍ୟମ

ଗତ ଏପ୍ରିଲ ୧୮ରେ ଯାଜପୁର ଜିଲା ବ୍ୟାସନଗର ତହସିଲଦାର ମାଟି ଚୋରା ଚାଲାଣ ଯାଞ୍ଚ କରିବାକୁ ଯାଇ ମାଫିଆଙ୍କ ଦୌରାତ୍ମ୍ୟର ଶିକାର ହୋଇଥିଲେ। ତାଙ୍କ ଗୋଡ଼ ଉପରେ ଟ୍ରାକ୍ଟର ଚଢ଼ାଇ ଦିଆଯାଇଥିଲା। ବେଆଇନ ମାଟି ଚାଲାଣ ରୋକିବାକୁ ଯାଇ ସେ ଗୁରୁତର ହୋଇଥିବା ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ୨ ମେ'ରେ ସେଭଳି ଘଟଣାର ପୁନରାବୃତ୍ତି ଘଟିଛି ବାଲେଶ୍ୱର ଜିଲା ସୋର ଅଞ୍ଚଳରେ। ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂ ୧୬ ନମ୍ବର ଜାତୀୟ ରାଜପଥର ପଣପଣାରେ ଯାଞ୍ଚ କରୁଥିବା ବେଳେ ଏକ ବାଲିବୋଝେଇ ହାଇୱା ତାଙ୍କ ଉପରକୁ ମାଡ଼ିଯାଇଥିଲା। ଏଥିରେ ଅତିରିକ୍ତ ତହସିଲଦାର ଅଳ୍ପକେ ବର୍ତ୍ତିଯାଇଥିଲେ ହେଁ ତାଙ୍କ ଗାଡ଼ି ଭାଙ୍ଗିଯାଇଛି। ଏହି ଦୁଇ ଘଟଣାକୁ ଦେଖିଲେ ମାଟି, ବାଲି ଭଳି ଲଘୁ ଖଣିଜ ପଦାର୍ଥର ମାଫିଆମାନେ ଶକ୍ତିଶାଳୀ ଏବଂ ସେମାନଙ୍କର ପ୍ରଶାସନ ପ୍ରତି ଭୟ ନ ଥିବା ସ୍ପଷ୍ଟ ହେଉଛି। ଏହା ପଛରେ ପ୍ରଭାବଶାଳୀ ବ୍ୟକ୍ତି ରହିଥିବାରୁ ସେମାନେ ଏଭଳି ଔଦ୍ଧତ୍ୟ ଦେଖାଉଥିବା ସାଧାରଣରେ ଆଲୋଚନା ହେଉଛି।


ଦୁର୍ଘଟଣା ଘଟାଇଥିବା ଟ୍ରକ୍।

## ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ୁଛି

ସୋର,୨।୫(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ଅଞ୍ଚଳ ଦେଇ ଦିନଦ୍ୱିପ୍ରହରରେ ଅବାଧରେ ବାଲି ଚୋରାଚାଲାଣ ଚାଲିଛି। ପ୍ରଶାସନ ପକ୍ଷରୁ ରୋକିବାକୁ ଚେଷ୍ଟା କଲେ ରକ୍ତମୁଖା ହୋଇପଡୁଛନ୍ତି ବାଲି ଚୋରାଚାଲାଣକାରୀ। ଶନିବାର ସକାଳେ ବାଲି ଚୋରାଚାଲାଣ ହେଉଥିବା ଖବରପାଇ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ୧୬ନମ୍ବର ଜାତୀୟ ରାଜପଥରେ ଜଗି ରହିଥିଲେ। ଏହି ସମୟରେ ପାଇକାଳି ପୋଲ ନିକଟରେ ଥିବା ଏକ ଷ୍ଟକ୍ ପଏଣ୍ଟରୁ ଦୁଇଟି ବାଲିଗାଡି ଜବତ କରିବା ସମୟରେ ଏକ ବାଲି ବୋଝେଇ ହାଇୱା(ନଂ. ଓ୦୧ଟି ୭୧୯୩)କୁ ଅଟକାଇଥିଲେ। ମାତ୍ର ଉକ୍ତ ଗାଡ଼ି ଦ୍ରୁତଗତିରେ ବାଲେଶ୍ୱର ଅଭିମୁଖେ ପଳାଇଯାଇଥିଲା। ଅତିରିକ୍ତ ତହସିଲଦାର ନିଜେ ଗାଡ଼ି ଚଳାଇ ବାଲିଗାଡ଼ିକୁ ପିଛା କରିଥିଲେ। ପଣପଣା ନିକଟରେ ବାଲିଗାଡିକୁ ଅଟକାଇବାକୁ ଚେଷ୍ଟା କରିବା ବେଳକୁ ଗାଡ଼ି ଧକ୍କା ଦେଇଥିଲା। ଫଳରେ ଅତିରିକ୍ତ ତହସିଲଦାରଙ୍କ ଗାଡ଼ି କାଚ ଭାଙ୍ଗି ଚୁର୍ମାର ହୋଇଯାଇଥିଲା। ସୌଭାଗ୍ୟବଶତଃ ସେ ରକ୍ଷା ପାଇ ଯାଇଥିଲେ। ଖବରପାଇ ଖନ୍ତାପଡା ଥାନା ପୋଲିସ ପହଞ୍ଚି ଗାଡିକୁ ଜବତ କରିବା ସହିତ ଏହାର ଚାଳକଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ☞ପୃଷ୍ଠା-୧୩

# ପ୍ଲୁଟୋ ବାମନ ନୁହେଁ ପୂର୍ଣ୍ଣ ଗ୍ରହ, ଲଢ଼େଇ ଚଳାଇଛି ନାସା

ୱାଶିଂଟନ,୨।୫

ସୌରମଣ୍ଡଳର ନବମ ଗ୍ରହ ଭାବେ ପରିଚିତ 'ପ୍ଲୁଟୋ'କୁ ନେଇ ଦୁଇ ଦଶନ୍ଧି ହେଲା ବିବାଦ ଚାଲିଥିବାବେଳେ ଏବେ ଏହା ନୂଆ ମୋଡ଼ ନେଇଛି। ୨୦୦୬ରେ ଅନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନ ସଂଘ (ଆଇଏୟୁ) ପ୍ଲୁଟୋକୁ ପୂର୍ଣ୍ଣ ଗ୍ରହ ଭାବେ ଗ୍ରହଣ ନ କରି ଏହାକୁ ବାମନ ଗ୍ରହ (ଡ୍ୱାର୍ଫ ପ୍ଲାନେଟ୍) ଶ୍ରେଣୀରେ ଗଣତି କରିଥିଲା। ଏବେ ପ୍ଲୁଟୋକୁ ପୁଣି ଥରେ ଏକ ପୂର୍ଣ୍ଣ ଗ୍ରହର ମାନ୍ୟତା ଦେବା ପାଇଁ ନାସା ପ୍ରଶାସକ ଜେରେଡ ଆଇଜାକମ୍ୟାନ୍ ଦୃଢ଼ ଦାବି କରିଛନ୍ତି। ନାସା ପକ୍ଷରୁ ଏ ସମ୍ପର୍କିତ ବୈଜ୍ଞାନିକ ତଥ୍ୟ ଖୁବ୍‌ଶୀଘ୍ର ଆଇଏୟୁ ନିକଟରେ ଉପସ୍ଥାପନ କରାଯିବ ବୋଲି ସୂଚନା ମିଳିଛି।




ସୂଚନାଥାଉ କି ୨୦୦୬ ମସିହାରେ ଆଇଏୟୁ ପକ୍ଷରୁ ଗ୍ରହର ଏକ ନୂତନ ସଂଜ୍ଞା ନିର୍ଦ୍ଧାରଣ କରାଯାଇଥିଲା। ଏହି ନିୟମ ଅନୁସାରେ ଏକ ଗ୍ରହ ବା ମହାଜାଗତିକ ବସ୍ତୁ ସୂର୍ଯ୍ୟ ଚାରିପଟେ ପରିକ୍ରମା କରୁଥିବ, ଏହାର ପର୍ଯ୍ୟାପ୍ତ ମାଧ୍ୟାକର୍ଷଣ ଶକ୍ତି ଥିବ, ଯାହା ଫଳରେ ଏହାର ଆକାର ଗୋଲାକାର ହୋଇଥିବ ଏବଂ ନିଜ କକ୍ଷପଥ ସଫା ରଖିଥିବ, ଅର୍ଥାତ୍ ତା'ର ପରିକ୍ରମା ପଥରେ ଅନ୍ୟ କୌଣସି ବଡ଼ ମହାଜାଗତିକ ବସ୍ତୁ ନ ଥିବ। ପ୍ଲୁଟୋ ଶେଷ ସର୍ତ୍ତଟି ପୂରଣ କରିବାରେ ବିଫଳ ହୋଇଥିଲା, କାରଣ ଏହା 'କୁଇପର ବେଲ୍ଟ' ଅଞ୍ଚଳରେ ରହିଛି। ସେଠାରେ ଅନେକ ବରଫାବୃତ ବସ୍ତୁ ଏବଂ କ୍ଷୁଦ୍ର ଗ୍ରହ ରହିଛନ୍ତି। ସେଥିପାଇଁ ପ୍ଲୁଟୋକୁ 'ବାମନ ଗ୍ରହ' ଶ୍ରେଣୀଭୁକ୍ତ କରାଗଲା।

ନାସାର ବୈଜ୍ଞାନିକମାନଙ୍କ ମତରେ, ୨୦୧୫ରେ 'ନ୍ୟୁ ହୋରାଇଜନ୍ସ' ମିଶନରୁ ପ୍ରାପ୍ତ ତଥ୍ୟ ପ୍ଲୁଟୋର ଏକ ଭିନ୍ନ ☞ପୃଷ୍ଠା-୧୩

U-WIN Click to Protect Lives | Ministry of Health & Family Welfare Government of India | NATIONAL HEALTH MISSION ଜାତୀୟ ସ୍ୱାସ୍ଥ୍ୟ ମିଶନ | ଓଡ଼ିଶା ଶାସନ
No. 10001/97/2627


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଜାତୀୟ ଏଚ୍.ପି.ଭି. ଟୀକାକରଣ ଅଭିଯାନ

(୨୮ ଫେବୃଆରୀ ରୁ ୩୧ ମଇ ୨୦୨୬)

**ଏଚ୍.ପି.ଭି. ଟୀକା: ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷା ପାଇଁ ୧ଟି ମାତ୍ରା**

- ଭାରତରେ ମହିଳାମାନଙ୍କ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ କର୍କଟରୋଗ ମଧ୍ୟରୁ ଜରାୟୁ ଗ୍ରୀବା କର୍କଟ (ସର୍ଭିକାଲ୍ କ୍ୟାନ୍‌ସର) ଦ୍ୱିତୀୟ ପ୍ରମୁଖ କାରଣ ଅଟେ। ଏହାର ପ୍ରତିରୋଧ ପାଇଁ ଏଚ୍.ପି.ଭି ଟୀକାକରଣ ଜରୁରୀ।
- ଏଚ୍.ପି.ଭି ଟୀକା ଜରାୟୁ ଗ୍ରୀବା କର୍କଟର ମୁଖ୍ୟ କାରଣ ସାଜୁଥିବା ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣରୁ ସୁରକ୍ଷା ଦେଇଥାଏ।
- ଏହି ଟୀକା ଗୋଟିଏ ମାତ୍ରା (୦.୫ ମିଲି) ବାମ ହାତର ଉପରି ଭାଗରେ ମାଂସପେଶୀରେ ଦିଆଯାଏ। ଏହି ଗୋଟିଏ ଡୋଜ/ ମାତ୍ରା ଯଥେଷ୍ଟ ସୁରକ୍ଷା ପ୍ରଦାନ କରେ।
- ବର୍ତ୍ତମାନ ଏହି ଟୀକା କେବଳ ୧୪-୧୫ ବର୍ଷ ବୟସର ସୁସ୍ଥ କିଶୋରୀ ମାନଙ୍କୁ ଦିଆଯାଉଛି (ଯେଉଁମାନଙ୍କୁ ୧୪ ପୁରିଛି କିନ୍ତୁ ୧୫ ପୁରିନାହିଁ)।
- ଟୀକା ନେବାପରେ କିଶୋରୀଙ୍କୁ ୩୦ ମିନିଟ୍ ଟୀକାଦାନ କେନ୍ଦ୍ରରେ ପର୍ଯ୍ୟବେକ୍ଷଣରେ ରଖିବା ଦରକାର। ଟୀକା ନେବା ପରେ ସାମାନ୍ୟ କଷ୍ଟ ବା ଜ୍ୱର ହେବା ସ୍ୱାଭାବିକ, ଯାହା ୨-୩ ଦିନରେ ଭଲ ହୋଇଯାଏ। ଗୁରୁତର ସମସ୍ୟା ପ୍ରାୟତଃ ହୁଏ ନାହିଁ।
- ଯଦି ଜଣେ କିଶୋରୀ ପୂର୍ବରୁ ଯେକୌଣସି ଏଚ୍.ପି.ଭି ଟୀକା ନେଇଛନ୍ତି, ତେବେ ତାଙ୍କୁ ଏହି ଅଭିଯାନରେ ପୁଣି ଥରେ ଟୀକା ନେବାର ଆବଶ୍ୟକତା ନାହିଁ। ସେ ପୂର୍ବରୁ ହିଁ ସୁରକ୍ଷିତ ଅଛନ୍ତି।

**ଏହି ଟୀକା ୧୪ ବର୍ଷ ବୟସର ସମସ୍ତ କିଶୋରୀଙ୍କ ପାଇଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ।**

#UWIN
Scan and Join

ଆପଣଙ୍କ କିଶୋରୀର ଏଚ୍.ପି.ଭି. ଟୀକାକରଣ ପାଇଁ U-WIN ପୋର୍ଟାଲ୍‌ରେ ପଞ୍ଜିକରଣ କରାନ୍ତୁ।
Visit https://uwin.mohfw.gov.in/home
ଅଧିକ ସୂଚନା ପାଇଁ ଆପଣଙ୍କର ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ/ଆଶାକର୍ମୀ/ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରନ୍ତୁ।

OIPR-10001/10003/2/26-27/0011

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ ଏବଂ କଳାକାର ସମ୍ମାନ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶୀ ସଂଗୀତ ସନ୍ଧ୍ୟା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ଷଣ୍ଢପୁର ଗ୍ରାମବାସୀଙ୍କ ପକ୍ଷରୁ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: କୁଣ୍ଡେଳେଶ୍ୱର ମହାଦେବଙ୍କ ମନ୍ଦିର ପରିସର, ଷଣ୍ଢପୁର, ଜଟଣୀ, ସମୟ: ସକାଳ ୮ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଟଣୀ ପକ୍ଷରୁ ସୁସ୍ଥ ସମୃଦ୍ଧ ସମାଜ ପାଇଁ ରାଜନୀତିରେ ଆଧ୍ୟାତ୍ମିକତା ଆଲୋଚନାଚକ୍ର, ସ୍ଥାନ: ଅଗ୍ରୱାଲ ଚାରିଟେବଲ ଟ୍ରଷ୍ଟ ଧର୍ମଶାଳା ପରିସର, ଜଟଣୀ, ସମୟ: ଅପରାହ୍ନ ୪ଟା ୩୦।

## ବାଲେଶ୍ୱର
- ସ୍ମୃତିଚାରଣ ସଭା, ସ୍ଥାନ : ଜିଲା ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ ଟା।
- ବିଶ୍ୱ ହାସ୍ୟ ଦିବସ, ସ୍ଥାନ : ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।

## ଭଦ୍ରକ
- କୀର୍ତ୍ତନ ମଣ୍ଡପ ଉଦ୍‌ଘାଟନ ଓ କଳସ ଶୋଭାଯାତ୍ରା, ସ୍ଥାନ:ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ସକାଳ ୬ଟା।
- ଶ୍ରୀ ଶ୍ରୀ ଶ୍ୟାମରାୟଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ନରସିଂହପୁର, ବାଲିଗାଁ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁମିଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଭଣ୍ଡାରିପୋଖରୀ କଲ୍‌ଚରାଲ ଏକାଡେମୀର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ବୈଶାଖୀ ମେଳାର ୮ମ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଆମେ ୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: କଚେରୀ ରୋଡ୍ ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଶ୍ୱେତପଦ୍ମା ସାହିତ୍ୟ ସଂସଦର ପ୍ରତିଷ୍ଠା ଉତ୍ସବ, ସ୍ଥାନ:କ୍ଷୁଦ୍ର ଜଳସେଚନ ବିଭାଗ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ।
- ଖବରଦାତା ସମ୍ମିଳନୀ, ସ୍ଥାନ: ଆନ୍ଧ୍ର ମହିଳା ସମାଜ, ଗିରି ମାର୍କେଟ ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ହସ ଦିବସ, ସ୍ଥାନ: ଗେଟ୍‌ବଜାର ଏନଜିଓ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଶ୍ରୀଶ୍ରୀ ରଘନାଥଜୀଉ ସଙ୍ଗୀତ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ, ସ୍ଥାନ: କାମାକ୍ଷାନଗର ଅଡିଟୋରିୟମ, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର, ସ୍ଥାନ: ଗୋପହାଟ, କେନ୍ଦ୍ରାପଡା ସହର, ସମୟ: ସକାଳ ୭ଟା ।
- ପବିତ୍ର ସୀତା ନବମୀ ଉପଲକ୍ଷେ ଶ୍ରୀରାମଚରିତ ମାନସ ଓ ପଣ୍ଡିତ ପ୍ରମୋଦ କୁମାର ପଣ୍ଡାଙ୍କ ପ୍ରବଚନ, ସ୍ଥାନ:ମହୀପାଳ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୫ଟା ।
- କୈବର୍ତ୍ତ ମହାସଭାର ଚୈତ୍ର ଉତ୍ସବ, ସ୍ଥାନ: ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୫ଟା ।

## ଯାଜପୁର
- ମା' ତାରିଣୀଙ୍କ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ବ୍ରହ୍ମବରଦା ତାରିଣୀ ଛକ, ସମୟ: ସକାଳ ୬ଟା।
- ସାପ୍ତାହିକ ବୁଦ୍ଧ ଜୟନ୍ତୀ ସମାରୋହ, ସ୍ଥାନ : କାମେଶ୍ୱର ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପୁନଃ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଶ୍ରୀଦାରୁ ଛେଦନ ଉତ୍ସବ, ସ୍ଥାନ: ସୁକିନ୍ଦା ବ୍ଲକ ଡୁବୁରୀ କପିଳେଶ୍ୱର ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ୪୫।

## ନୟାଗଡ଼
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ଠାକୁରାଣୀଙ୍କ ପୀଠ, ସମୟ:ସକାଳ ୮ଟା ।
- ଚନ୍ଦନ ଯାତ୍ରାର ଚତୁର୍ଦ୍ଦଶ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ; ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦ ।
- ଚନ୍ଦନ ଯାତ୍ରା ଚତୁର୍ଦ୍ଦଶ ଦିବସ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚନ୍ଦନ ଯାତ୍ରା ଚତୁର୍ଦ୍ଦଶ ଦିବସ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟର ଉଦ୍‌ଯାପନ, ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ସ୍କୁଲ ପଡିଆ, ସମୟ:ଅପରାହ୍ନ ୪ଟା ।

## କୋରାପୁଟ
- ଓଡ଼ିଶା ସେଲସ ରିପ୍ରେଜେଟିଭ ୟୁନିଟ ସମ୍ମିଳନୀ, ସ୍ଥାନ: ଶ୍ରମିକ କର୍ମଚାରୀ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ନିଟ୍(ୟୁଜି)୨୦୨୬ ପରୀକ୍ଷା, ସ୍ଥାନ: ଭିଡି କଲେଜ, ଜୟପୁର, ସମୟ: ଅପରାହ୍ନ ୨ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କୋରାପୁଟ ଜିଲା ଶାଖାର ପ୍ରମୁଖ ଜନସଂଗୋଷ୍ଠୀ, ସ୍ଥାନ: ଜେସିଏନ୍ କମ୍ପର୍ଟସ, ଜୟପୁର, ସମୟ: ଅପରାହ୍ନ ୫ଟା ୩୦।

## ସମ୍ବଲପୁର
- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ବୁଦ୍ଧ ପୂର୍ଣ୍ଣିମା କାର୍ଯ୍ୟକ୍ରମ ସ୍ଥାନ: ବିନାଖଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା।
- ସ୍ୱାଭିମାନ ସମ୍ବଲପୁର ପକ୍ଷରୁ କ୍ରୀଡା ସଙ୍ଗଠକ ବିଶ୍ୱମ୍ଭର ବହିଦାରଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୮ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର, ସ୍ଥାନ: ସମ୍ବଲପୁର ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- କ୍ଷେତରାଜପୁର କେଶବ ତରୁଣ ବ୍ୟବସାୟୀ ଶାଖା ପକ୍ଷରୁ ରକ୍ତଦାନ ଶିବିର ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ : ମାରୱାଡି ଧର୍ମଶାଳା ସଭାକକ୍ଷ, ସମୟ: ସକାଳ ୯ଟା।

## ବଲାଙ୍ଗୀର
- ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ରାଉରକେଲା
- ଯୋଗ ମହୋତ୍ସବ ଆରମ୍ଭ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ମନ୍ଦିର, ସମୟ: ପ୍ରାତଃ ୫ଟା ୩୦।
- ଗ୍ରୀଷ୍ମକାଳୀନ ତାଲିମ ଶିବିର, ସ୍ଥାନ: ଉଦିତନଗର ମିନି ଷ୍ଟାଡିୟମ୍, ସମୟ: ପ୍ରାତଃ ୫ଟା ୪୫।
- ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ଅପରାହ୍ନ ୫ଟା।
- ୪୯ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାରର ୮ମ ଦିବସ, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା
- ନୃତ୍ୟାଞ୍ଜଳୀ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର,ସମୟ: ସଂଧ୍ୟା ୬ଟା ୩୦।

## ବରଗଡ଼
- ବରଗଡ଼ ଜିଲା ପ୍ରିମିୟର ଲିଗ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ତୁର୍କେଲ ବ୍ରିଜ ନିର୍ମାଣ ଦାବିରେ କଂଗ୍ରେସର ଧାରଣା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ସକାଳ ୯ଟା।
- ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଭବାନୀପାଟଣା ହୋଟେଲ ଭାଗୀରଥି ଇନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ନାରଦ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ସଂସ୍କୃତି ଭବନ, ବାପୁଜୀ ନଗର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ୍ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଦିନିକିଆ ସ୍ୱାସ୍ଥ୍ୟ ସଚେତନତା ଶିବିର, ସ୍ଥାନ: ସୁବର୍ଣ୍ଣପୁର ଟାଉନହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ତରଭାକୁ ଉପଖଣ୍ଡ ମାନ୍ୟତା ଦାବିରେ ବ୍ୟବସାୟୀ ସଂଘ ପକ୍ଷରୁ ବୈଠକ, ସ୍ଥାନ: ତରଭା ଏନ୍‌ଏସି ପାଠାଗାର, ସମୟ: ସନ୍ଧ୍ୟା ୫ଟା।
- ତରଭା ନୂଆପଡା ଶନିଶ୍ୱର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା କୁମ୍ଭାରପଡା ଶନିଶ୍ୱର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁ, ସମୟ: ପ୍ରାତଃ ୪ଟା ୩୫ ।
- ଶ୍ରୀପିପଲେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ପୂଜାରମ୍ଭ, ସ୍ଥାନ: ନୂଆପଡା ସଦର ବ୍ଲକ ଗୋତମା ବସ୍ତି ପୋଖରି ହୁଡା (ଖରିଆର ରୋଡ), ସମୟ: ସକାଳ ୮ଟା ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ବଡଦୋହେଲ ଗାଁ, ସମୟ: ସକାଳ ୮ଟା ୧୫ ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣାହୁତି, ନଗର ପରିକ୍ରମା ଓ ଧର୍ମସଭା, ସ୍ଥାନ: ବ୍ରାହ୍ମଣ ପଡ଼ା ୱାର୍ଡ ନଂ.୧୨ ଖଡିଆଳ, ସମୟ: ସକାଳ ୮ଟା ୩୦ ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣାହୂତି ଓ ନଗର ପରିକ୍ରମା, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ସକାଳ ୮ଟା ୩୫ ।
- ଏବିଭିପି ନୂଆପଡା ପକ୍ଷରୁ ସ୍ୱତନ୍ତ୍ର କ୍ୟାରିୟର ମାର୍ଗଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୯ଟା ।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣାହୁତି ଓ କଳସ ବିସର୍ଜନ, ସ୍ଥାନ: କୋମନା ବ୍ଲକ ଇଚ୍ଛାପୁର ଗାଁ, ସମୟ: ସକାଳ ୯ଟା ।
- ଜିଲା ଯାଦବ ସମାଜ ପକ୍ଷରୁ ବୈଶାଖ ମେଳା ଓ ମନ୍ଦିର ପ୍ରଷ୍ଠିତା ଦିବସ ଉପଲକ୍ଷେ ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ଣାହୁତି, ସ୍ଥାନ: ବୋଡେନ ବ୍ଲକ ପାତାଳଗଙ୍ଗା ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- ଅଖଣ୍ଡ ଷୋହଳ ପ୍ରହର ମହାମନ୍ତ୍ର ନାମଯଜ୍ଞ ପୂର୍ଣାହୁତି, ସ୍ଥାନ: କୋମନା ବ୍ଲକ ଖମବାହୀ ଗାଁ, ସମୟ: ପୂର୍ବାହ୍ନ ୧୧ଟା ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ଗାଁ, ସମୟ: ଅପରାହ୍ନ ୪ଟା ୫୫ ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲି ନ ଜାଣି ଦେଉଳ ଦୋଷ,**
**ଦେଉଳ ଯାଇଛି ଅଢ଼େଇ କୋଶ।**

ବାଟ ଚାଲି କରି ଦେଉଳକୁ ଯାଇପାରୁ ନ ଥିବା ବ୍ୟକ୍ତି ଦେଉଳ ଥରକୁ ଥର ଘୁଞ୍ଚି ଯାଉଥିବା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚାଉଳ ସେରକ କେତେ**
**ନା ମୁଁ ମଠରେ ଖାଉଛି**
**ସଉପ ଖଣ୍ଡକ କେତେ**
**ନା ମୁଁ ଖଟରେ ଶୋଉଛି।**

ମାଗଣାରେ ମିଳୁଥିବା ଜିନିଷର ପ୍ରକୃତ ଦରଦାମ୍ ବୁଝିବା ଆବଶ୍ୟକ ପଡ଼ି ନ ଥାଏ। ସେହିପରି ମାଗଣାରେ ଖାଉଥିବା ବ୍ୟକ୍ତି ପକ୍ଷରେ ଚାଉଳ ପ୍ରଭୃତିର ଦର ବୁଝିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଅବଶିଷ୍ଟାଂଶ

## ୮ ମଧ୍ୟସ୍ଥଙ୍କ ବିରୋଧରେ...

ହାଜର ପାଇଁ ବାରମ୍ବାର ନୋଟିସ୍ କରାଯାଇଥିଲେ ସୁଦ୍ଧା ସେମାନେ ଏହାକୁ ଅଣଦେଖା କରିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି) ପକ୍ଷରୁ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ୨୦୨୫ ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇଥିଲା। ହେଲେ ପରୀକ୍ଷା ପୂର୍ବରୁ ଏଥିରେ ବଡ଼ କେଳେଙ୍କାରି ଧରାପଡିଥିଲା। ପରୀକ୍ଷା ପରିଚାଳନାର ସମସ୍ତ ପ୍ରମୁଖ କାର୍ଯ୍ୟ ଯେପରିକି ପ୍ରଶ୍ନପତ୍ର ପ୍ରସ୍ତୁତି ଏବଂ ମୁଦ୍ରଣ ଜାତୀୟସ୍ତରୀୟ ସଂସ୍ଥା ଆଇଟିଆଇ ଲିମିଟେଡ୍‌କୁ ଦିଆଯାଇଥିଲା। ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା ଦାୟିତ୍ୱ ସିଲିକନ ଭଳି ଠିକାସଂସ୍ଥାକୁ ଦେଇଥିଲା। ଫଳରେ ଜାଲିଆତି ପାଇଁ ବଡ଼ ସୁଯୋଗ ଦିଆଯାଇଥିଲା। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଠିକାସଂସ୍ଥା ହାତେଇ ନେବା ସହ ମଧ୍ୟସ୍ଥଙ୍କ ଜରିଆରେ ରାଜ୍ୟର ୫ରୁ ୬ ଶହ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରି ପରୀକ୍ଷା ପାଇଁ ଦୀଘା, ବିଜୟନଗରମ୍ ଓ ଆନ୍ଧ୍ରପ୍ରଦେଶକୁ ଆଗୁଆ ତାଲିମ ପାଇଁ ନିଆଯାଇଥିଲା। ଇତିମଧ୍ୟରେ ଏହି ଜାଲିଆତିରେ ମୋଟ ୧୩୩ଜଣ ଗିରଫ ହୋଇଥିବାବେଳେ ୧୧୪ ପରୀକ୍ଷାର୍ଥୀଙ୍କୁ ଜାମିନ ମିଳିଛି। ଏହାସହିତ ୧୬ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହି ଜାଲିଆତି ଲିଙ୍କ୍‌ରେ ଗତ ଜାନୁଆରୀ ୧ରେ ସିବିଆଇର ଏକ ଟିମ୍ ଭୁବନେଶ୍ୱର ତମାଣ୍ଡୋରେ ଥିବା ଅଭିଯୁକ୍ତ ଟି. ବିକାଶ ରଞ୍ଜନ ପାତ୍ରଙ୍କ ଘରେ ଚଢାଉ କରିଥିଲା। ସେଠାରୁ ୩୭୦ଟି ସିମ୍ କାର୍ଡ, ୪୧୪ଟି କ୍ରେଡିଟ୍ ଓ ଡେବିଟ୍ କାର୍ଡ, ବିପୁଳ ବ୍ୟାଙ୍କ ପାସବୁକ୍, ଆଧାରକାର୍ଡ, ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ଜବତ ହୋଇଥିଲା। ଜବତ ସମସ୍ତ ସାମଗ୍ରୀ ଫୋରେନସିକ୍ ଲାବ୍‌କୁ ପଠାଯାଇଛି। ଅନ୍ୟପଟେ ଉଭୟ ପରୀକ୍ଷାର୍ଥୀ ଓ ଦଲାଲଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ହେଉଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହି ବଡ଼ ନିଯୁକ୍ତି ଜାଲିଆତି ମାମଲା ହାଇକୋର୍ଟରେ ପହଞ୍ଚିବା ପରେ ପରୀକ୍ଷାକୁ ବାତିଲ କରାଯାଇଥିଲା।



କଟକସ୍ଥିତ ବୋର୍ଡ ମୁଖ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଟ୍ରିକ ପରୀକ୍ଷାଫଳ ଘୋଷଣା କରିବା ସହ ପରିସଂଖ୍ୟାନ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ମାଟ୍ରିକ୍ ପରୀକ୍ଷା...

୮,୩୬୪ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଚଳିତବର୍ଷ ଓଡ଼ିଆ ଓ ଇଂଲିଶ ଉଭୟ ଭାଷାରେ ସାର୍ଟିଫିକେଟ ଉପଲବ୍ଧ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି। ଫଳ ପ୍ରକାଶନ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ, ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ, ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ, ସମ୍ପାଦକ ସରୋଜ କୁମାର ବେହେରା, ପରୀକ୍ଷା ନିୟନ୍ତ୍ରକ ଧରଣୀଧର ପାତ୍ର ଉପସ୍ଥିତ ଥିଲେ।

### ଜିଲାୱାରି ପାସ୍ ହାର

କଟକରେ ପାସ୍‌ହାର ୯୭.୨୨%, ଜଗତ୍‌ସିଂହପୁର ୯୭.୮୯%, ଯାଜପୁର ୯୪.୬୨%, କେନ୍ଦ୍ରାପଡ଼ା ୯୫.୯୭%, ରାୟଗଡ଼ା ୯୬.୫%, ମାଲକାନଗିରି ୯୫.୬୨%, ନବରଙ୍ଗପୁର ୯୭.୪%, ଅନୁଗୋଳ ୯୫.୫୫%, ଢେଙ୍କାନାଳ ୯୪.୫୩%, ପୁରୀ ୯୬.୮%, ଖୋର୍ଦ୍ଧା ୯୭.୧୭%, ନୟାଗଡ଼ ୯୬.୬୮%, ବାଲେଶ୍ୱର ୯୭.୭୧%, ଭଦ୍ରକ ୯୬.୦୧%, କୋରାପୁଟ ୯୬.୫୮%, ମୟୂରଭଞ୍ଜ ୯୭.୫୨%, ଗଞ୍ଜାମ ୯୮.୨୫%, ବୌଦ୍ଧ ୯୫.୫୮%, କନ୍ଧମାଳ ୯୮.୧୭%, କଳାହାଣ୍ଡି ୯୭.୮୬%, ନୂଆପଡ଼ା ୯୭.୮୭%, ବରଗଡ଼ ୯୬.୪୧%, ସମ୍ବଲପୁର ୯୭.୭୯%, ଦେବଗଡ଼ ୯୬.୨୬%, ଝାରସୁଗୁଡ଼ା ୯୭.୮୯%, ବଲାଙ୍ଗୀର ୯୬.୬୮%, ସୋନପୁର ୯୬.୨୧%, ସୁନ୍ଦରଗଡ଼ ୯୭.୪୮% ରହିଛି।

### ୧୧ରୁ ରିଚେକିଂ ଆବେଦନ

ପରୀକ୍ଷାଫଳରେ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ରମାନେ ରିଚେକିଂ ପାଇଁ ଆବେଦନ କରିପାରିବେ। ବୋର୍ଡ ପକ୍ଷରୁ ରିଚେକିଂ ଆବେଦନ ପାଇଁ ମେ' ୧୧ରୁ ୨୨ ମଧ୍ୟରେ ସମୟ ଦିଆଯାଇଛି। ଅନ୍‌ଲାଇନ ମାଧ୍ୟମରେ ମାଟ୍ରିକ୍ ପରୀକ୍ଷାର୍ଥୀ ଆବେଦନ କରିପାରିବେ।

### ୮ରୁ ସପ୍ଲିମେଣ୍ଟାରି ଫର୍ମ ପୂରଣ

କୌଣସି କାରଣରୁ ଚଳିତ ମାଟ୍ରିକ ରେଗୁଲାର ପରୀକ୍ଷା ଦେଇପାରି ନ ଥିବା କିମ୍ବା ଚଳିତ ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ସପ୍ଲିମେଣ୍ଟାରି ପରୀକ୍ଷା ଫର୍ମ ପୂରଣ ତାରିଖ ଘୋଷଣା କରାଯାଇଛି। ଏହି ଛାତ୍ରୀଛାତ୍ରମାନେ ମେ' ୮ରୁ ୧୮ ମଧ୍ୟରେ ଫର୍ମ ପୂରଣ କରିପାରିବେ। ସପ୍ଲିମେଣ୍ଟାରି ପରୀକ୍ଷା ଜୁଲାଇ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ।

### ପରୀକ୍ଷାଫଳ ଶୂନ ସ୍କୁଲର ତର୍ଜମା କରାଯିବ

ଚଳିତ ମାଟ୍ରିକ୍ ପରୀକ୍ଷାରେ ୩ଟି ହାଇସ୍କୁଲର ପରୀକ୍ଷାଫଳ ଶୂନ ହୋଇଥିବାରୁ ଏହାର ତର୍ଜମା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଶୂନ ହାଇସ୍କୁଲଗୁଡ଼ିକ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ଗୋଟିଏ ବିଦ୍ୟାଳୟ ରହିଛି, ଯାହାର ୧୦ଜଣ ଛାତ୍ରୀଛାତ୍ର ଥିବା ବେଳେ ୪ ଜଣ ପରୀକ୍ଷା ଦେଇଥିଲେ। ସେହିପରି ଢେଙ୍କାନାଳ ଜିଲାର ଏକ ବିଦ୍ୟାଳୟ ରହିଛି, ଯାହାର ୪ଜଣ ଛାତ୍ରୀଛାତ୍ର ଥିବାବେଳେ ଜଣେ ପରୀକ୍ଷା ଦେଇଥିଲେ। ଏଥିସହ ପୁରୀ ଜିଲାର ଏକ ବିଦ୍ୟାଳୟ ରହିଛି, ଯାହାର ୪ଜଣ ଛାତ୍ରୀଛାତ୍ର ଥିବା ବେଳେ ୩ଜଣ ପରୀକ୍ଷା ଦେଇଥିଲେ।

## ମଧ୍ୟମାରେ ପାସ୍ ହାର ୮୭.୩%

କଟକ,୨।୫(କାର୍ତ୍ତିକ ସାହୁ)

ଚଳିତବର୍ଷ ମଧ୍ୟମା ପରୀକ୍ଷାଫଳ ଶନିବାର ଅପରାହ୍ନରେ ପ୍ରକାଶ ପାଇଛି। ଏଥିରେ ପାସ୍‌ହାର ୮୭.୩% ହୋଇଛି। ମଧ୍ୟମା ପରୀକ୍ଷା ପାଇଁ ରାଜ୍ୟରେ ଏଥର ୩,୩୫୮ଜଣ ରେଗୁଲାର୍ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୨,୯୮୨ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୭୬ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିବା ବେଳେ ୨,୯୩୧ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏ-୨ ଗ୍ରେଡ୍‌ରେ ୮୧, ବି-୧ ଗ୍ରେଡ୍‌ରେ ୧୦୨୦, ବି-୨ ଗ୍ରେଡ୍‌ରେ ୧୧୭୪, ସି ଗ୍ରେଡ୍‌ରେ ୬୫୦, ଡି ଗ୍ରେଡ୍‌ରେ ୫, ଇ ଗ୍ରେଡ୍‌ରେ ଜଣେ ପାସ୍ କରିଛନ୍ତି। ପରୀକ୍ଷାଫଳରେ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ରମାନେ ରିଚେକିଂ ପାଇଁ ଅଫ୍‌ଲାଇନରେ ଆବେଦନ କରିପାରିବେ। ବୋର୍ଡ ପକ୍ଷରୁ ରିଚେକିଂ ଆବେଦନ ପାଇଁ ମେ' ୧୧ରୁ ୨୨ ତାରିଖ ସମୟ ଦିଆଯାଇଛି।

### ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ପାସ୍ ହାର ୫୯.୮୨%

ଚଳିତବର୍ଷ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାସ୍‌ହାର ୫୯.୮୨% ରହିଛି। ଏହି ପରୀକ୍ଷା ପାଇଁ ରାଜ୍ୟରେ ଏଥର ୧୨,୩୭୮ଜଣ ରେଗୁଲାର୍ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୧୦,୦୪୩ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨,୩୩୫ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିବା ବେଳେ ୭,୪୦୫ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ ଗ୍ରେଡ୍‌ରେ ୨୨, ଏ-୨ ଗ୍ରେଡ୍‌ରେ ୨, ବି-୧ ଗ୍ରେଡ୍‌ରେ ୯୯, ବି-୨ ଗ୍ରେଡ୍‌ରେ ୮୦୫, ସି ଗ୍ରେଡ୍‌ରେ ୧୬୩୨, ଡି ଗ୍ରେଡ୍‌ରେ ୨୪୭୬, ଇ ଗ୍ରେଡ୍‌ରେ ୨୩୯୧ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ପରୀକ୍ଷାଫଳରେ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର ରିଚେକିଂ ପାଇଁ ଅଫ୍‌ଲାଇନରେ ଆବେଦନ କରିପାରିବେ। ବୋର୍ଡ ପକ୍ଷରୁ ରିଚେକିଂ ଆବେଦନ ପାଇଁ ମେ' ୧୧ରୁ ୨୨ ସମୟ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ସାମାଜିକ ସ୍ତରରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ହାତରେ ଥିବା କାମକୁ ଶୀଘ୍ର ଶେଷ କରିବା ପାଇଁ ବ୍ୟସ୍ତ ହୋଇପାରନ୍ତି। ପ୍ରଶାସନ, ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିବେ। ସାହିତ୍ୟ, ସଂସ୍କୃତିର ଆଦର କରିବା ସାଙ୍ଗକୁ ସାହିତ୍ୟକୃତିରୁ ପ୍ରଶଂସିତ ହେବେ।

**ବୃଷ** — ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ବନ୍ଧୁମାନଙ୍କ ପରାମର୍ଶରେ ପରିବାରରେ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଯାତ୍ରା ସମୟରେ ଜିନିଷ ହଜାଇ ଦେଇ ପାରନ୍ତି।

**ମିଥୁନ** — ଅନ୍ତରଙ୍ଗ ବନ୍ଧୁଙ୍କ ଘରୋଇ କାମରେ ଖୁସି ମିଜାଜରେ କାମ କରିବାର ସୁଯୋଗ ପାଇବେ। ଖୋଜୁଥିବା ଜିନିଷ, ଦରକାରୀ କାଗଜପତ୍ର କିମ୍ବା ସରକାରୀ ସୁବିଧା ସହଜରେ ପାଇଯିବାର ସୂଚନା ରହିଛି। ଆଜି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ରଚନାତ୍ମକ କାର୍ଯ୍ୟରେ, ଗବେଷଣାରେ, ଲେଖାପଢ଼ାରେ ଅଗ୍ରଗତି ଘଟିବାର ଆଶା ରହିଛି।

**କର୍କଟ** — ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା ପରୋକ୍ଷ ଭାବରେ ମିଥ୍ୟା ଅଭିଯୋଗ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଆବଶ୍ୟକତାନୁଯାୟୀ ଋଣ ସୂତ୍ରରେ ଅର୍ଥଲାଭ କରି କୌଣସି ନୂତନ କର୍ମାରମ୍ଭର ଯୋଜନା କରିବେ। ନୂତନ ଗୃହୋପଯୋଗୀ ଜମିଜମା କ୍ରୟ କରିବା ସକାଶେ ବନ୍ଧୁମାନଙ୍କ ସହ ଆଲୋଚନାରେ ଅଗ୍ରଗତି ଘଟିବ।

**ସିଂହ** — ପାରିବାରିକ ସ୍ତରରେ କିଛିନା କିଛି ଅସୁବିଧା ସୃଷ୍ଟି ହେବାର ଲକ୍ଷ୍ୟ କରିବେ। କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ବାଣିଜ୍ୟ ଓ ଏଜେନ୍‌ସିପ୍ରରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ମାଲିମକଦ୍ଦମା ଓ ପରିବହନରେ ସମସ୍ୟାଜନିତ ଦୁଶ୍ଚିନ୍ତା ବଢ଼ିଯାଇପାରେ।

**କନ୍ୟା** — ପରିବାରରେ ଆର୍ଥିକ ଅନଟନ ଲାଗି ରହିବାରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ସମ୍ପର୍କୀୟଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ହେତୁ ଅନ୍ୟକୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ବାଣିଜ୍ୟ, ପରିବହନ ଏବଂ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାମ ସକାଶେ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି।

**ତୁଳା** — ପରିବାରର ଆବଶ୍ୟକତା ଅନୁଭବ କରି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି। ଆକସ୍ମିକ ଭାବରେ ସରକାରୀ ସ୍ତରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାମାଜିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯିବା ସାଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା** — ଅଯଥା ବିବ୍ରତ ହୋଇ ତରବରିଆ ଭାବେ କାମ କଲେ ସବୁ ଓଲଟପାଲଟ ହୋଇଯିବ। ବାରମ୍ବାର ବିଫଳତା ପରେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ଅନ୍ୟମନସ୍କତା କିମ୍ବା ଅସାବଧାନତା ହେତୁ ସାମୟିକ ଯାତ୍ରାରେ ଅସୁବିଧା ଘଟିପାରେ। ଆଜିର ଅଧିକାଂଶ ସମୟ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**ଧନୁ** — ପରିସ୍ଥିତି ପ୍ରଭାବରେ ଅଫିସିଆଲି କାମରେ ଟେନସନ୍ ବଢ଼ିଯାଇପାରେ। ପାରିବାରିକ ସ୍ତରରେ ଅପୂରଣୀୟ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେବ, କିନ୍ତୁ ଆର୍ଥିକ ଉନ୍ନତି ଚିନ୍ତାପ୍ରଦ ରହିବ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ।

**ମକର** — ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଜିନିଷପତ୍ର ଅଦଳବଦଳ ହୋଇଯାଇପାରେ। କ୍ରନିକ୍ ରୋଗରେ ପୀଡ଼ା ବୃଦ୍ଧି ଘଟିବାର ଆଶଙ୍କା ରହିଛି। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଭ୍ରାତୃ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହେବ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ଅନୁତପ୍ତ ହୋଇପାରନ୍ତି।

**କୁମ୍ଭ** — କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିନେବେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ କ୍ଷେତ୍ରରେ ସଫଳତା ହାସଲ କରିବେ। ଆତ୍ମୀୟମାନଙ୍କ ସହାୟତାରେ ମୂଲ୍ୟବାନ୍ ଦ୍ରବ୍ୟ ଲାଭରୁ ଖୁସି ହୋଇପାରନ୍ତି।

**ମୀନ** — ଆଜି ଆପଣ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବାର ସୂଚନା ରହିଛି। ବନ୍ଧୁମାନଙ୍କ ସହିତ ଆଲୋଚନା କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ପରିବହନ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

ଆଜି ମେ ୩ ତାରିଖ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ, ବିଶ୍ୱ ହାସ୍ୟ ଦିବସ, (ମେ ପ୍ରଥମ ରବିବାର), ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ରବିବାର, ରାଶିନକ୍ଷତ୍ର-ଅନୁରାଧା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ବିବାହ ପାଣିଗ୍ରହଣ, ବ୍ରତୋପନୟନ ଏବଂ ଜଳାଶୟ ଖନନ ପାଇଁ ଶୁଭଦିନ, ଦିବା ଘ.୦୫।୨୦ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୧ ଗତେ ଘ.୦୬।୦୬ ମଧ୍ୟେ ରାହୁକାଳ।




# ପିଏମ୍‌ଜିଏସ୍‌ୱାଇ-୪ରେ ୮ ଜିଲାକୁ ମିଳିବ ୧୭୦୦ କୋଟି: ମୁଖ୍ୟମନ୍ତ୍ରୀ

## ପ୍ରତି କୃଷି ଗ୍ରାମକୁ 'ବିହନ ଗ୍ରାମ'ରେ ଗଢ଼ି ତୋଳିବାକୁ ଇଚ୍ଛା ଅଛି: ଶିବରାଜ

ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)

ରାଜ୍ୟର ଗ୍ରାମାଞ୍ଚଳ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ୪ର୍ଥ ପର୍ଯ୍ୟାୟ (ପିଏମ୍‌ଜିଏସ୍‌ୱାଇ-ଆଇଭି)ର ଶୁଭାରମ୍ଭ ହୋଇଛି। ରାୟଗଡ଼ାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କ ଉପସ୍ଥିତିରେ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ପିଏମ୍‌ଜିଏସ୍‌ୱାଇ-୪ରେ ଓଡ଼ିଶାର ୮ ଜିଲା ପାଇଁ ପ୍ରାୟ ୧୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟବରାଦ କରାଯିବ। ଏଥିରେ ୮୯୮ଟି ଗାଁରେ ୧୭୦୨ କି.ମି. ପକ୍କାରାସ୍ତା ନିର୍ମାଣ କରାଯିବ। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲା ପାଇଁ ଅନେକ ନୂତନ ସଡ଼କ ପ୍ରକଳ୍ପ ଘୋଷଣା କରିବା ସହିତ ଏକାଧିକ ପାନୀୟ ଜଳ ଓ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଛନ୍ତି, ଗ୍ରାମାଞ୍ଚଳର ବିକାଶ ବିନା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଅସମ୍ଭବ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟିକୁ ସାକାର କରିବା ପାଇଁ ରାଜ୍ୟ ସରକାର ପିଏମ୍‌ଜିଏସ୍‌ୱାଇ-୪ ମାଧ୍ୟମରେ ଅଣସଂଯୋଜିତ ଗ୍ରାମଗୁଡ଼ିକୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ପର୍ଯ୍ୟାୟରେ କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ ସମ୍ବଲପୁର ଭଳି ୮ ଜିଲାର ୮୯୮ଟି ଗ୍ରାମକୁ ସବୁଦିନିଆ ପକ୍କାରାସ୍ତା ଯୋଗାଇ ଦିଆଯିବ। ଏଥିପାଇଁ ୧୭୦୨ କି.ମି. ଦୈର୍ଘ୍ୟର ୮୨୭ଟି ନୂତନ ରାସ୍ତା ନିର୍ମାଣ ହେବ; ଯେଉଁଥିରେ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୬୦:୪୦ ଅନୁପାତରେ ଅର୍ଥ ବିନିଯୋଗ କରିବେ। ଏହି ଶୁଭ ଅବସରରେ ଓଡ଼ିଶା ପାଇଁ କେନ୍ଦ୍ରୀୟ ସହାୟତାର ବଡ଼ ଘୋଷଣା କରାଯାଇଛି। ଏହାସହିତ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅଧୀନରେ ୬୩୦ କୋଟି ଟଙ୍କା ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଜଳ ବିଭାଜିକା ବିକାଶ ଉପାଦାନ ପାଇଁ ୩୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଶୁଭଦୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଶିବରାଜଙ୍କ ଓଡ଼ିଶା ପ୍ରୀତିକୁ ଉଚ୍ଚ ପ୍ରଶଂସା କରିଛନ୍ତି। ପିଏମ୍‌ଜିଏସ୍‌ୱାଇ-୪ରେ କେବଳ ରାୟଗଡ଼ା ଓ ମାଲକାନଗିରି ଜିଲାରେ ୪୪୨ଟି ନୂତନ ରାସ୍ତା ନିର୍ମାଣ କରାଯିବ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲାର ବହୁ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। କୋଲନରା, ମୁନିଗୁଡ଼ା ଓ ରାୟଗଡ଼ା ବ୍ଲକରେ ୯୭ କୋଟି ଟଙ୍କା ବ୍ୟୟରେ ୩ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇଛି; ଯଦ୍ୱାରା ୯୮ଟି ଗାଁର ଜନସାଧାରଣ ଉପକୃତ ହେବେ। ରାୟଗଡ଼ା, କାଶୀପୁର, କେ. ସିଙ୍ଗପୁର, କୋଲନରା ଓ ମୁନିଗୁଡ଼ା ବ୍ଲକ ଅଞ୍ଚଳରେ ୧୦୪ କୋଟି ୫୬ ଲକ୍ଷ ଟଙ୍କା ବିନିଯୋଗରେ ୧୩ଟି ନୂଆ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶିବରାଜ କହିଛନ୍ତି, ସରକାର କେବଳ ପ୍ରତ୍ୟେକ ଗ୍ରାମକୁ ସଡ଼କ ପଥରେ ଯୋଡ଼ିବା ପାଇଁ ଆସିନାହାନ୍ତି। ପ୍ରତିଟି ହୃଦୟ ସହ ଯୋଡ଼ିହେବା ହେଉଛି ତାଙ୍କର ମୂଳ ଲକ୍ଷ୍ୟ। କୃଷି କ୍ଷେତ୍ରରେ ଓଡ଼ିଶାକୁ ଆଗକୁ ନେବା ଲାଗି କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ବୈଜ୍ଞାନିକ ଦଳ ପଠାଇବେ। ଏହି ବିଶେଷଜ୍ଞମାନେ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲି ସମନ୍ୱିତ କୃଷି ବ୍ୟବସ୍ଥାର ସମୀକ୍ଷା କରିବେ। ଓଡ଼ିଶାର ପ୍ରତ୍ୟେକ କୃଷି ଗ୍ରାମକୁ ଏକ ବିହନ ଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ କେନ୍ଦ୍ର ସରକାରଙ୍କ ଇଚ୍ଛା ରହିଛି ବୋଲି ସେ କହିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, ସ୍ୱର୍ଗତ ବାଜପେୟୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରକଳ୍ପ ୪ର୍ଥ ପର୍ଯ୍ୟାୟରେ ପହଞ୍ଚିସାରିଛି। ଗାଁର କିପରି ବିକାଶ ହେବ ସେଥିନେଇ ଅନେକ ଯୋଜନା ହାତକୁ ନିଆଯିବା ସହିତ ଏହାର ସଫଳ ରୂପାୟନ ଦିଗରେ ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ରାୟଗଡ଼ା ବିଧାୟକ ଆପାଲା ସ୍ୱାମୀ କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗୋ, ବିଷମକଟକ ବିଧାୟକ ନୀଳମାଧବ ହିକ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ବିଭାଗୀୟ ସଚିବ ଯାମିନୀ ଷଡ଼ଙ୍ଗୀ, ରାୟଗଡ଼ା ଜିଲାପାଳ କୁଲକର୍ଣ୍ଣି ଆଶୁତୋଷ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ନିର୍ଦ୍ଦେଶିକା ରୀନା ନାଗର ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଜଣେ ହିତାଧିକାରୀଙ୍କୁ ବିବାହ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ଅମୃତ ୨.୦ କାର୍ଯ୍ୟକାରିତାରେ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ

## ସହରାଞ୍ଚଳ ଜଳ ବିପ୍ଳବ ପାଇଁ ସରକାରଙ୍କ ଦୃଢ଼ ନେତୃତ୍ୱକୁ ଶ୍ରେୟ ଦେଲେ ମନ୍ତ୍ରୀ

ଭୁବନେଶ୍ୱର,୨।୫(ବନ୍ଦନା ସେଠୀ)

ଅଟଳ ନବୀକରଣ ଏବଂ ସହର ରୂପାନ୍ତରଣ ମିଶନ (ଅମୃତ) ୨.୦ ଅଧୀନ ପ୍ରକଳ୍ପ କାର୍ଯ୍ୟକାରିତାରେ ଓଡ଼ିଶା ହେଉଛି ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ। ରାଜ୍ୟ ସରକାରଙ୍କ ଦୃଢ଼ ନେତୃତ୍ୱ ଏବଂ ସୁଶାସନ ମାଧ୍ୟମରେ ସହରାଞ୍ଚଳ ଜଳ ନିରାପତ୍ତା ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ରୂପାନ୍ତରଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। କ୍ଷେତ୍ରସ୍ତରରେ ସଫଳତା ପାଇଁ ସରକାରଙ୍କ ସ୍ପଷ୍ଟ ରାଜନୈତିକ ପ୍ରତିବଦ୍ଧତା ଯୋଗୁ ରାଜ୍ୟର ୮୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ 'ଅମୃତ ୨.୦'ର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯାଇଛି। ସାର୍ବଜନୀନ ଜଳ ଯୋଗାଣ ଏବଂ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ୪,୦୩୦.୧୮ କୋଟି ଟଙ୍କାର ବ୍ୟୟ ଅଟକଳରେ ୩୪୫ଟି ପ୍ରକଳ୍ପ ଆରମ୍ଭ କରାଯାଇଛି। ସମୟାନୁବର୍ତ୍ତୀ କାର୍ଯ୍ୟ ଏବଂ ଉତ୍ତରଦାୟିତ୍ୱ ଉପରେ ସରକାର ଦେଉଥିବା ଗୁରୁତ୍ୱର ପ୍ରତିଫଳନ ସ୍ୱରୂପ ୧୦୭ଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇସାରିଛି। ବାକି ପ୍ରକଳ୍ପଗୁଡ଼ିକର ଅଗ୍ରଗତିକୁ ଉଚ୍ଚସ୍ତରରେ ନିୟମିତ ମନିଟରିଂ କରାଯାଉଛି। ରାଜ୍ୟରେ ୪୩ ଏମ.ଏଲ.ଡି କ୍ଷମତା ବିଶିଷ୍ଟ ୭ଟି ନୂତନ ଜଳ ବିଶୋଧନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି, ଯାହାଦ୍ୱାରା ପ୍ରାୟ ୨.୮୩ ଲକ୍ଷ ନାଗରିକ ଉପକୃତ ହେଉଛନ୍ତି। ପ୍ରମୁଖ ସହରାଞ୍ଚଳରେ ୨୪x୭ ଜଳଯୋଗାଣ ବ୍ୟବସ୍ଥା ଏବଂ ୨.୭ଲକ୍ଷରୁ ଅଧିକ ପରିବାରକୁ ପାଇପ ଯୋଗେ ଜଳ ସଂଯୋଗ ଯୋଗାଇ ଦିଆଯାଇଛି। ସରକାରଙ୍କ ସମାବେଶୀ ଆଭିମୁଖ୍ୟ 'ଅମୃତ ମିତ୍ର' ଏବଂ 'ୱିମେନ ଫର୍ ଟ୍ରି' ଭଳି ପଦକ୍ଷେପ ମାଧ୍ୟମରେ ବ୍ୟାପକ ଜନଭାଗିଦାରୀ ସୃଷ୍ଟି କରାଯାଇଛି। ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ପରିବେଶ ସ୍ଥିରତା କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେତୃତ୍ୱ ନେବା ପାଇଁ ସଶକ୍ତ କରାଯାଇଛି। ସେହିପରି 'କ୍ରେଡିଟ ଏନ୍‌ହାନ୍ସମେଣ୍ଟ ଇନ୍‌ସେଣ୍ଟିଭ' ଅଧୀନରେ ଛୋଟ ସହରାଞ୍ଚଳ ପାଇଁ ୭୦.୨୭ କୋଟି ଟଙ୍କାର ୧୬ଟି ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ପ୍ରମୁଖ ସହରଗୁଡ଼ିକ ପାଇଁ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଅଧୀନରେ ୩,୦୩୦.୬୧ କୋଟି ଟଙ୍କାର ପାଞ୍ଚଟି ବୃହତ ଭିତ୍ତିଭୂମି ପ୍ରକଳ୍ପ ଦାଖଲ କରାଯାଇଥିବା ସୂଚନା ଦିଆଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, ଏହି ସଫଳତା ସହରୀ ଓଡ଼ିଶାକୁ ଦ୍ରୁତ, ବ୍ୟାପକ ଏବଂ ସ୍ଥାୟୀ ଭାବେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି। ଯୋଜନା କାର୍ଯ୍ୟକାରୀ କରିବା ସହ ସାମଗ୍ରିକ ସହରାଞ୍ଚଳ ଜଳ ବିପ୍ଳବ ଅଣାଯାଉଛି, ଯାହା ପ୍ରତିଟି ପରିବାରକୁ ନିରାପଦ ଏବଂ ନିର୍ଭରଯୋଗ୍ୟ ପାନୀୟ ଜଳ ଯୋଗାଇବା ନିଶ୍ଚିତ କରୁଛି।

# ବ୍ୟାଙ୍କକୁ ଭଉଣୀଙ୍କ କଙ୍କାଳ ବୋହିନେବା ଘଟଣା

# ସୀତାରାମନଙ୍କୁ ଚିଠି ଲେଖିଲେ ନବୀନ

## ଚିଠି, ଗଣମାଧ୍ୟମରେ ବିବୃତି ଛଡ଼ା କିଛି କରିପାରିବେନାହିଁ: ହରିଚନ୍ଦନ

ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)

ଜମା ଟଙ୍କା ପାଇବା ପାଇଁ ବ୍ୟାଙ୍କକୁ ନିଜ ଭଉଣୀଙ୍କ କଙ୍କାଳ ଧରି ଯାଇଥିବା କେନ୍ଦୁଝର ଜିଲାର ଜିତୁ ମୁଣ୍ଡାଙ୍କ ବିଷୟ ବର୍ତ୍ତମାନ ଦେଶ ଭିତରେ ଏବଂ ବାହାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ଶାସକ ଦଳକୁ ବିରୋଧୀ ଟାର୍ଗେଟ କରିବାରେ ଲାଗିଛନ୍ତି। ନିକଟରେ ଅନୁଷ୍ଠିତ ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଆଲୋଚନା ସମୟରେ ବିରୋଧୀ ଦଳର ଅଧିକାଂଶ ସଦସ୍ୟ ଜିତୁ ମୁଣ୍ଡାଙ୍କ କଙ୍କାଳ ବୋହିବା କଥା ଉଠାଇ ସରକାରକୁ ଘେରିଥିଲେ। ଏହି ବିଷୟ ଉପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଚିଠି ଲେଖିବା ପରେ ତାହାକୁ ନେଇ ରାଜନୀତି ଜୋର୍ ଧରିଛି। ନବୀନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, କେନ୍ଦୁଝର ଜିଲା ମାଲିପୋଷୀ ସ୍ଥିତ ଗ୍ରାମ୍ୟ ବ୍ୟାଙ୍କରେ ଗତ ୨୭ ତାରିଖରେ ଯାହା ଘଟିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜଣେ ଆଦିବାସୀ ବ୍ୟକ୍ତି ଜିତୁ ମୁଣ୍ଡା ବ୍ୟାଙ୍କରେ ଥିବା କିଛି ଟଙ୍କା ନେବା ଲାଗି ତାଙ୍କ ମୃତ ଭଉଣୀଙ୍କ କଙ୍କାଳ ବୋହିକି ଆଣିବାକୁ ବାଧ୍ୟ ହେଲେ। ନିଜ ଅର୍ଥ ଉଠାଇବା ଲାଗି ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ଶେଷରେ ବିଫଳ ହେବାପରେ ସେ ଏହା କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଆର୍‌ବିଆଇ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରି ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଅମାନୁଷିକ କାର୍ଯ୍ୟ କରିଛନ୍ତି। ଗଣତନ୍ତ୍ରରେ ନାଗରିକଙ୍କୁ ସଶକ୍ତ କରିବାକୁ ନିୟମ ରଖାଯାଇଛି, କାହାକୁ ଅପମାନ କରିବାକୁ ନୁହେଁ। ଏହି ଘଟଣା ଓଡ଼ିଶାବାସୀଙ୍କ ମନରେ ଆଘାତ ଦେଇଛି। ଏହାବ୍ୟତୀତ ଅନ୍ତର୍ଜାତୀୟ ଗଣମାଧ୍ୟମ ନ୍ୟୁୟର୍କ ପୋଷ୍ଟ ଏବଂ ବିବିସିରେ ପ୍ରକାଶ ପାଇଛି। ଏଭଳି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନବୀନ ଅନୁରୋଧ କରିଛନ୍ତି। ଏହାଦ୍ୱାରା ନାଗରିକ କୈନ୍ଦ୍ରିକ ସେବା କ୍ଷେତ୍ରରେ ବହୁ ପରିମାଣରେ ସହାୟକ ହେବ। ଆଦିବାସୀ ବହୁଳ ଜିଲାଗୁଡ଼ିକରେ ବ୍ୟାଙ୍କ କର୍ତ୍ତୃପକ୍ଷ ନାଗରିକ କୈନ୍ଦ୍ରିକ ବ୍ୟାଙ୍କିଂ ବ୍ୟବସ୍ଥା ଉପଲବ୍ଧ କରିବା ଦରକାର। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ଏକ ସ୍ପଷ୍ଟ ବାର୍ତ୍ତା ଯିବ, ଯଦ୍ୱାରା ଗ୍ରାମାଞ୍ଚଳ ବ୍ୟାଙ୍କଗୁଡ଼ିକରେ ନାଗରିକଙ୍କୁ ଉଚିତ ସେବା ମିଳିପାରିବ ବୋଲି ନବୀନ କହିଛନ୍ତି।

ନବୀନଙ୍କ ଏହି ଚିଠି ପରେ ତାଙ୍କ ଉପରେ ପାଲଟା ବର୍ଷିଛି ଭାଜପା। ଭାଜପାର ବରିଷ୍ଠ ନେତା ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିଜେଡି ନେତାଙ୍କ ପାଖରେ ଚିଠି ଲେଖିବା ଛଡ଼ା ଏବଂ ଗଣମାଧ୍ୟମରେ କଥା କହିବା ବ୍ୟତୀତ ଆଉ କିଛି କରିପାରିବେ ନାହିଁ। ସେମାନେ ଚିଠି ଲେଖନ୍ତୁ , ଯାହା ଲୋକଙ୍କ ପାଇଁ ଭଲ ପଦକ୍ଷେପ ନିଆଯିବା କଥା ସେହି କାମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରୁଛନ୍ତି। ଦାନ ମାଝୀ ଘଟଣା ସମୟରେ ନବୀନ ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ କ'ଣ ହୋଇଥିଲା। ବ୍ୟାଙ୍କ କର୍ମଚାରୀ ଯାହା କରିବା କଥା କରିନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦାନ ମାଝୀ ଘଟଣାରେ ତତ୍କାଳୀନ ସରକାରଙ୍କ ସମ୍ପୂର୍ଣ୍ଣ ଭୁଲ୍ ଥିଲା। ସେହି ସମୟରେ କାହାକୁ ନବୀନ ଚିଠି ଲେଖିଥିଲେ। ଜିତୁ ମୁଣ୍ଡାଙ୍କ ଘଟଣାରେ ଯାହା ପଦକ୍ଷେପ ନେବା କଥା ସରକାର ସଙ୍ଗେ ସଙ୍ଗେ କରିଛନ୍ତି ବୋଲି ହରିଚନ୍ଦନ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ମା', ପୁଅ ମୃତ

ରିଆମାଳ,୨।୫(ବଦ୍ରି ନାରାୟଣ ଅଗ୍ରୱାଲା)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅନ୍ତର୍ଗତ କୁଣ୍ଢେଇଗୋଳା ଗ୍ରାମରେ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋଟିଏ ପରିବାରର ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉପାସୀ ଭୂତିଆ(୪୦) ଏବଂ ମନପ୍ରୀତ ଭୂତିଆ(୭)। ସୂଚନା ଅନୁଯାୟୀ, ଉପାସୀ ଘର ପରିସରରେ ଥିବା କୂଅରେ ଖଞ୍ଜାଯାଇଥିବା ପାଣିପମ୍ପ ଚଲାଉଥିଲେ। ଏହି ସମୟରେ ହଠାତ୍ ସେ ଅସାବଧାନତାବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଏହାପରେ ମନପ୍ରୀତ ମଧ୍ୟ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ଉଭୟଙ୍କୁ କୁଣ୍ଢେଇଗୋଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉଭୟଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ କୁଣ୍ଢେଇଗୋଳା ପୋଲିସ ଡାକ୍ତରଖାନାରେ ପହଞ୍ଚି ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ମହାନଦୀରେ ଜଳ ସଂରକ୍ଷଣ ରିପୋର୍ଟ ଦେଲେ ୨ ରାଜ୍ୟ

ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)

**■ ଗତ ୮ ତାରିଖ ଶୁଣାଣି ବେଳେ ରିପୋର୍ଟକୁ ନେଇ ଅସହମତି ପ୍ରକାଶ ପାଇଥିଲା**

**■ ୩୦ରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି**

ମହନଦୀ ଜଳ ବିବାଦ ପ୍ରସଙ୍ଗରେ ଶନିବାର ଅନୁଷ୍ଠିତ ଟ୍ରିବ୍ୟୁନାଲରେ ଦୁଇ ରାଜ୍ୟ ଓଡ଼ିଶା ଏବଂ ଛତିଶଗଡ଼ର ଉଦ୍ୟମକୁ ପ୍ରଶଂସା କରାଯାଇଛି। ଗତ ୮ ତାରିଖରେ ଅନୁଷ୍ଠିତ ଟ୍ରିବ୍ୟୁନାଲରେ ମହାନାଦୀ ବେସିନ୍‌ରେ କେତେ ପାଣି ସଂରକ୍ଷିତ ହୋଇ ରହିଛି ତା'ର ରିପୋର୍ଟକୁ ନେଇ ଉଭୟ ରାଜ୍ୟ ଭିତରେ ସାମାନ୍ୟ ଅସହମତି ପ୍ରକାଶ ପାଇଥିଲା। ଏହାପରେ ଗତ ୨୪ ତାରିଖରେ ମହାନାଦୀରେ କେତେ ଜଳ ସଂରକ୍ଷିତ ରହୁଛି ତାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ ରାଜ୍ୟର ବୈଷୟିକ ଟିମ୍ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହାପରେ ୨ ରାଜ୍ୟର ଇଞ୍ଜିନିୟର ଇନ୍ ଚିଫ୍ ଦସ୍ତଖତକରି ମହାନଦୀରେ କେତେ ଜଳ ସଂରକ୍ଷିତ ରହୁଛି ତା'ର ରିପୋର୍ଟ ଶନିବାର ଟ୍ରିବ୍ୟୁନାଲରେ ଦାଖଲ କରିଛନ୍ତି। ୨ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସେହି ରିପୋର୍ଟକୁ ଅନୁମୋଦନ ଦେଇଛନ୍ତି ବୋଲି ଓଡ଼ିଶା ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି।

ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏହି ରିପୋର୍ଟ ଦାଖଲ ହେବା ପରେ ୨ରାଜ୍ୟ ମଧ୍ୟରେ ଦୀର୍ଘଦିନରୁ ଲାଗି ରହିଥିବା ବିବାଦର ସମାଧାନ ବାଟ ଖୋଲିଛି। ୨ ରାଜ୍ୟ ଭିତରେ ଜଳ ବଣ୍ଟନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ସୁପ୍ରିମକୋର୍ଟରେ ଜଳ ବଣ୍ଟନକୁ ନେଇ ଅନେକ ଶୁଣାଣି ରହିଛି। ତାକୁ ଆଧାରକରି ଏହି କାର୍ଯ୍ୟ କରାଯିବ। ମହାନଦୀ ଜଳ ବିବାଦ ପ୍ରସଙ୍ଗ ଦୀର୍ଘଦିନର ସମସ୍ୟା। ଗତ ସରକାର ଏହାର ସମାଧାନର ବାଟ ଖୋଜୁ ନ ଥିଲେ। ମାତ୍ର ଓଡ଼ିଶା ଓ ଛତିଶଗଡ଼ ସରକାର ଏବେ ଆପୋସ ସମାଧାନ ବାଟରେ ଯାଉଛନ୍ତି। କେନ୍ଦ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ଏଥିଲାଗି ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଆସନ୍ତା ୩୦ରେ ପରବର୍ତ୍ତୀ ଶୁଣାଣି ହେବ। ସେହିଦିନ ଦୁଇଟି ବୈଠକ ମଧ୍ୟ ବସିବ ବୋଲି ପୀତାମ୍ବର କହିଛନ୍ତି।



ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ– ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। – ଶ୍ରୀଅରବିନ୍ଦ



# ପକ୍ଷପାତ ବିଚାର



ଆକାର ପଟେଲ

ଆପଣ ଯଦି ଜଣେ ସାଧାରଣ ବ୍ୟକ୍ତି, ତେବେ ଯେକୌଣସି ଦଳକୁ ସମର୍ଥନ କରିପାରିବେ ଏବଂ ଭୋଟ ଦେଇପାରିବେ। ଡିଏମ୍‌କେ, ଏଡିଏମ୍‌କେ, ଟିଡିପି, ଏନ୍‌ସିପି, ପିଡିପି, ଟିଏମ୍‌ସି, ଆଇଏନ୍‌ସି, ଜେଡି (ଏସ୍) ଏବଂ ଜେଡି (ୟୁ), ଏନ୍‌ସିପି, ଟିଆର୍‌ଏସ୍, ନୂଆ ଦଳ ଟିଭିକେ ଏବଂ ସିପିଏମ୍, ସିପିଆଇ ଇତ୍ୟାଦି ଦଳ ଅଛନ୍ତି। ଭିନ୍ନ ଭିନ୍ନ ବିଚାରକୁ ଗ୍ରହଣ କରୁଥିବା ଦଳର ମଧ୍ୟ ଅଭାବ ନାହିଁ। କିନ୍ତୁ ଯଦି ଭାରତୀୟ ସଂଖ୍ୟାଲଘୁ, ବିଶେଷକରି ମୁସଲମାନଙ୍କ ପ୍ରତି ଧମକ ଏବଂ ଉତ୍ପୀଡ଼ନ ବିଷୟକୁ ନେଇ ଆପଣଙ୍କର ଆଗ୍ରହ ଥାଏ ତେବେ ଆପଣଙ୍କ ପସନ୍ଦର କେବଳ ଗୋଟିଏ ଦଳ ଅଛି ଏବଂ ତାହା ହେଉଛି ଭାଜପା। ଏହା ପକ୍ଷପାତି ଭାରତୀୟଙ୍କୁ ଏକାଠି କରେ। ସମ୍ପ୍ରତି ଗଣମାଧ୍ୟମ ସହିତ ଆଲୋଚନାରେ ଜଣେ ବିଶ୍ଳେଷକ ସମାନ କଥାକୁ ଭିନ୍ନ ଉପାୟରେ କହିଛନ୍ତି। ସେ ଭାଜପାର ଆହ୍ୱାନ ବିଷୟରେ କହିଛନ୍ତି, ‘‘ଯାହାର ଦକ୍ଷିଣପନ୍ଥୀ ଚିନ୍ତାଧାରା ଅଛି ତାହାର ଗୋଟିଏ ଦଳ ଅଛି। ଅନ୍ୟପଟେ, ଏତେ ପ୍ରତିଯୋଗିତା ଅଛି ଯେ ସେହି ଭୋଟ ବିଭାଜିତ ହୋଇଯାଏ।’’ କାହିଁକି ଏହା ହେଉଛି। କାରଣ ଏହା ସତ୍ୟ ଯେ, ଭାଜପା ଯାହା କରେ ସେହି କ୍ଷେତ୍ରରେ ତାହାର କୌଣସି ପ୍ରତିଯୋଗିତା ନାହିଁ। କାହିଁକି ‘ଦକ୍ଷିଣପନ୍ଥୀ’ ଏକ ଘୃଣା–ଆଧାରିତ ଶବ୍ଦ ତାହା କ୍ଷଣକରେ ଦେଖିପାରିବା। ପ୍ରଥମେ, ଭାଜପାର କୌଣସି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି ବୋଲି ସ୍ୱୀକାର କରିବା ପରେ ଆମକୁ ମଧ୍ୟ ଗ୍ରହଣ କରିବାକୁ ପଡ଼ିବ ଯେ, ଏହା ଏକ ସରଳ ଏବଂ ବୋଧଗମ୍ୟ ସୂତ୍ର ପ୍ରଦାନ କରେ। ‘ମୁଁ ମୁସଲମାନଙ୍କୁ ଘୃଣା କରେ’ ମନ୍ତବ୍ୟ ଅତ୍ୟନ୍ତ ସ୍ପଷ୍ଟ, ପ୍ରତ୍ୟକ୍ଷ ଏବଂ ପ୍ରଭାବଶାଳୀ। ଦଳ କ’ଣ ପ୍ରତିନିଧିତ୍ୱ କରୁଛି ତାହା ବୁଝିବା ପାଇଁ ଭୋଟରଙ୍କୁ ଇସ୍ତାହାର ଅନୁଧ୍ୟାନ କରିବା ଦରକାର ନାହିଁ। ଭାଜପା ଚିନ୍ତାଧାରାର ମୂଳ ହେଉଛି ସଂଖ୍ୟାଲଘୁ ବିରୋଧୀ। ଯଦି ଆପଣ ଏପରି କରୁଥିବା ଏକ ଦଳ ଖୋଜୁଛନ୍ତି, ତେବେ ଆପଣଙ୍କ ପାଖରେ ଏକ ଜାତୀୟସ୍ତରରେ ରହିଥିବା ଏବଂ ଏହି ପ୍ରସଙ୍ଗକୁ ଦଶନ୍ଧି ଧରି ପ୍ରଦର୍ଶନ କରିଥିବା ଦଳ ଅଛି। ତେବେ ଅନ୍ୟ ଏକ ଦଳ କାହିଁକି ଖୋଜିବେ? ଏହାର କୌଣସି ଆବଶ୍ୟକତା ନାହିଁ।

ପ୍ରଶ୍ନ ଉଠେ, ଭାଜପା କ’ଣ ଅନ୍ୟ ଏକ ଦଳଠାରୁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇପାରିବ ନାହିଁ? ଏହା ହୋଇପାରିବ ଏବଂ ନିଶ୍ଚିତ ହୋଇପାରେ। ତେବେ ଯେତେବେଳେ ଉତ୍ତରାଧିକାର ସଂଘର୍ଷ ଆରମ୍ଭ ହେବ ସେତେବେଳେ ଆମେ ସମ୍ଭବତଃ ତାହା ଦେଖିପାରିବା। ସଂଖ୍ୟାଲଘୁଙ୍କୁ ଘୃଣା କରିବାଠାରୁ ଆରମ୍ଭ କରି ସେମାନଙ୍କ ପ୍ରତି ହିଂସା ଆଚରଣ କରିବା ଭାଜପା ବିଚାରଧାରା ପରିସରଭୁକ୍ତ। ଏହା ହେଉଛି ପ୍ରଥମ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାରଣ ଯେ ବାସ୍ତବରେ ଭାଜପାର ସଂଖ୍ୟାଲଘୁ ବିରୋଧୀ ଭାବନାର କୌଣସି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି। ଦ୍ୱିତୀୟ କାରଣ ହେଉଛି, ଅନ୍ୟ ଦଳଗୁଡ଼ିକ ଭାଜପା ଯାହା ଉପରେ ଗୁରୁତ୍ୱ ଦିଏ ତାହା କରିବାକୁ ପସନ୍ଦ କରି ନ ଥାନ୍ତି। ଆମେ ଜାଣୁ ଭାରତରେ ଅନେକ ଦଳ ସାମ୍ପ୍ରଦାୟିକତାରେ ଲିପ୍ତ। କିନ୍ତୁ ସାମ୍ପ୍ରଦାୟିକତା ସେମାନଙ୍କ ରାଜନୀତି କିମ୍ବା ସେମାନଙ୍କ ପରିଚୟର କେନ୍ଦ୍ରରେ ନାହିଁ। ଭାଜପା ଏକମାତ୍ର ଦଳ ନୁହେଁ, ଯିଏ ବିଭାଜନ ଏବଂ ଘୃଣାରୁ ଲାଭ ପାଇଛି, କିନ୍ତୁ ଏହା ଏକମାତ୍ର ଦଳ, ଯିଏ ଏହାକୁ ନିଜର ବିଚାର ଭାବେ ଗ୍ରହଣ କରିଛି।

ଯେଉଁ ପ୍ରସଙ୍ଗଗୁଡ଼ିକ ଭାଜପାକୁ ସବୁଠାରୁ ବଡ଼ ଦଳ କରିଛି ସେସବୁର ତାଲିକା ଅନେକ ବର୍ଷ ଧରି ଅପରିବର୍ତ୍ତିତ ରହିଥିଲା। ପ୍ରଥମତଃ, ମୁସଲମାନମାନଙ୍କୁ ଅଯୋଧ୍ୟାରେ ସେମାନଙ୍କ ମସ୍‌ଜିଦ ଛାଡ଼ିବାକୁ ପଡ଼ିବ। ଦ୍ୱିତୀୟରେ ମୁସଲମାନଙ୍କୁ କଶ୍ମୀରରେ ସେମାନଙ୍କ ସାମ୍ବିଧାନିକ ସ୍ୱାୟତ୍ତତା ଛାଡ଼ିବାକୁ ପଡ଼ିବ। ତୃତୀୟତଃ, ମୁସଲମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ଆଇନ ଛାଡ଼ିବାକୁ ପଡ଼ିବ। ଲକ୍ଷ୍ୟ କରନ୍ତୁ ଏହି ବିଚାରଧାରାରେ ହିନ୍ଦୁଙ୍କ ପାଇଁ କିଛି ନାହିଁ। ଦଳ ଯାହା ହାସଲ କରିବାକୁ ଚାହୁଁଥିଲା ସେଥିରୁ ଅଧିକାଂଶ ହାସଲ କରିବା ପରେ ମଧ୍ୟ ସମାନ ପଥରେ ଥିବା ଦେଖିବାକୁ ପାଇଛେ। ମୁସଲମାନଙ୍କୁ ସେମାନଙ୍କର ଖାଦ୍ୟପେୟ ତ୍ୟାଗ କରିବାକୁ ପଡ଼ିବ; କାହାକୁ ପ୍ରେମ ଏବଂ ବିବାହ କରିବେ ସେ ସମ୍ପର୍କିତ କାର୍ଯ୍ୟକଳାପ ତ୍ୟାଗ କରିବାକୁ ପଡ଼ିବ; କେଉଁଠି ରହିବେ, କେଉଁଠି ପ୍ରାର୍ଥନା କରିବେ ସେ ସମ୍ପର୍କିତ କାର୍ଯ୍ୟକଳାପକୁ ତ୍ୟାଗ କରିବାକୁ ପଡ଼ିବ; ମୁସଲମାନମାନେ ଭୋଟ ଦେଇପାରିବେ କି ନାହିଁ; ସେମାନେ ଶରଣ ନେଇପାରିବେ କି ନାହିଁ ଇତ୍ୟାଦି ଏବଂ ଆହୁରି ଅନେକ କିଛି। ଏହାର କୌଣସି ଅନ୍ତ ନାହିଁ କାରଣ ଉତ୍ପୀଡ଼ନ ହେଉଛି ଉଦ୍ଦେଶ୍ୟ ଏବଂ ଧମକ ହିଁ ଏକମାତ୍ର ଚୂଡ଼ାନ୍ତ ଲକ୍ଷ୍ୟ।

ଏହି ଧର୍ମାନ୍ଧତାକୁ ‘ଦକ୍ଷିଣପନ୍ଥୀ’ ଚିନ୍ତାଧାରା ଏବଂ ରାଜନୀତି କୁହାଯିବା ଏହି ଶବ୍ଦ ପ୍ରତି ଏକ ଅପମାନ। ରାଜନୀତିରେ ସାଧାରଣରେ ରକ୍ଷଣଶୀଳତାର ଏକ ଦୀର୍ଘ ଏବଂ ମହାନ୍ ପରମ୍ପରା ଅଛି। ଏହା ନିରନ୍ତରତା ଚାହେଁ। ଏହା ସ୍ଥିରତାକୁ ଗୁରୁତ୍ୱ ଦିଏ। ଉଦାହରଣ ସ୍ୱରୂପ, ମୁଦ୍ରା ଉଚ୍ଛେଦ ଏକ ଉଗ୍ର ସୁଧାରବାଦୀ ଧାରଣା, ଯାହା ରକ୍ଷଣଶୀଳ ନୁହେଁ। ଆମେ ଯେଉଁ ସଂସ୍ଥାଗୁଡ଼ିକର ମନଇଚ୍ଛା ଅଦଳବଦଳ କରିବା, ପୁନଃ ନାମକରଣ, କାଟିବା ଏବଂ ପରିବର୍ତ୍ତନ ଆଦି ଦେଖୁଛୁ, ସେଥିମଧ୍ୟରୁ କୌଣସିଟି ରକ୍ଷଣଶୀଳ ନୁହେଁ। ଏଠାରେ ଦକ୍ଷିଣପନ୍ଥୀକୁ ଯାହା ଚିତ୍ରିତ କରାଯାଇଛି ତାହା ହେଉଛି ତୀବ୍ର ପକ୍ଷପାତ। ଏହି କାରଣରୁ ଦଶନ୍ଧି ଧରି ଭାଜପା ଇସ୍ତାହାର ଅନେକ ବିଷୟକୁ ପରୀକ୍ଷାନିରୀକ୍ଷା କରି ଗ୍ରହଣ କରିଛି ଏବଂ ପ୍ରତ୍ୟାଖ୍ୟାନ କରିଛି। ସେସବୁ ୧୯୬୦ ଏବଂ ୧୯୭୦ ଦଶକରେ ସମାଜବାଦୀ ରହିଥିଲା। ବାଜପେୟୀଙ୍କ ଶାସନରେ ଦଳ ଘୋଷଣା କରିଥିଲା ଯେ, ଏହା ସମସ୍ତ ଭାରତୀୟଙ୍କ ଆୟ ଏବଂ ଘରର ଆକାରକୁ ସୀମିତ କରିବ। ଏହା ପରିତ୍ୟାଗ କରାଗଲା। ଦଳ ଦାବି କରିଥିଲା ଯେ କାରଖାନାରେ ଶ୍ରମିକଙ୍କ ସ୍ଥାନ ନେବା ପାଇଁ ଯାନ୍ତ୍ରିକୀକରଣକୁ ଅନୁମତି ଦିଆଯିବ ନାହିଁ। ଏହାକୁ ମଧ୍ୟ ବାଦ୍ ଦିଆଯାଇଥିଲା। ଏହା ଚାହୁଁଥିଲା ଯେ ଚାଷୀମାନେ ଟ୍ରାକ୍ଟର ବଦଳରେ ବଳଦରେ ଚାଷ କରନ୍ତୁ, ଯେଉଁଥିରୁ ମଧ୍ୟ ଦୂରେଇଯାଇଥିଲା। ଏହି ବିଷୟଗୁଡ଼ିକୁ କାହିଁକି ଗ୍ରହଣ କରାଯାଇଥିଲା କିମ୍ବା ପ୍ରତ୍ୟାଖ୍ୟାନ କରାଯାଇ ଥିଲା, ସେ ସମ୍ପର୍କରେ କୌଣସି ବ୍ୟାଖ୍ୟା କରାଯାଇ ନ ଥିଲା। ଭାଜପା/ଜନସଂଘ ଯେଉଁ ପ୍ରାଥମିକ ଫଳାଫଳ ପ୍ରଦାନ କରୁଥିଲା ତାହା ସ୍ପଷ୍ଟତଃ ଥିଲା ସଂଖ୍ୟାଲଘୁଙ୍କ ପ୍ରତି ଏହାର ପ୍ରକୃତ ତଥା ଅପରିବର୍ତ୍ତନୀୟ ଘୃଣା ଭାବନା। ବାକି ସବୁ ଥିଲା ଅପ୍ରାସଙ୍ଗିକ।

Email:aakar.patel@gmail.com

# ସବୁଜ ଶକ୍ତି ଓ ନିଯୁକ୍ତି ସୁଯୋଗ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପରି ଗମ୍ଭୀର ପରିବେଶ ସମସ୍ୟାର ପ୍ରଚ୍ଛଦରେ ରହିଛି ଶକ୍ତି ଉତ୍ପାଦନର ପ୍ରମୁଖ ଉତ୍ସ କୋଇଲା, ପେଟ୍ରୋଲିୟମ ତୈଳ ଏବଂ ପ୍ରାକୃତିକ ଗ୍ୟାସ ପରି ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାର। ଏହି ପ୍ରକ୍ରିୟାରେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ ଏବଂ ଅନ୍ୟାନ୍ୟ ପ୍ରଦୂଷକ ବାୟୁମଣ୍ଡଳକୁ ନିର୍ଗତ ହୋଇ ଉତ୍ତାପ ବୃଦ୍ଧିରେ ସହାୟତା କରୁଛି। ମାନବ ସଭ୍ୟତାର ବିକାଶରେ ଶକ୍ତି ବ୍ୟବହାର ବିସ୍ତାରିତ ହୋଇଚାଲିଛି, ଜୀବାଶ୍ମ ଇନ୍ଧନର ଦହନ ବୃଦ୍ଧିପ୍ରାପ୍ତ ଏବଂ ଜଳବାୟୁ ସମସ୍ୟା ପରିବର୍ଦ୍ଧିତ ହେଉଛି। ସମସ୍ୟାର ସମାଧାନ ନିମନ୍ତେ ବିକଳ୍ପ ସ୍ୱଚ୍ଛ, ସବୁଜ ଶକ୍ତି ଉତ୍ସର ବ୍ୟବହାରକୁ ପ୍ରାଧାନ୍ୟ ଦେଇ ଦ୍ରୁତ ବେଗରେ ଜୀବାଶ୍ମ ଇନ୍ଧନକୁ ବର୍ଜନ କରିବା ଲକ୍ଷ୍ୟରେ ୨୦୧୫ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ନିଷ୍ପତ୍ତି ଗୃହୀତ ହୋଇଥିଲା। ଜୀବାଶ୍ମ ଇନ୍ଧନ–ଆଧାରିତ ଶକ୍ତିରେ ପରିବର୍ତ୍ତନ (ଏନର୍ଜି ଟ୍ରାଞ୍ଜିସନ)ର ଉଦ୍ଦେଶ୍ୟ ହେଉଛି ଶକ୍ତି ଉତ୍ପାଦନ ପ୍ରକ୍ରିୟାରେ ସୌର, ପବନ, ଜଳବିଦ୍ୟୁତ୍, ଭୂତାପଜ, ସାମୁଦ୍ରିକ ଢେଉ, ଜୈବିକ, ଉଦ୍‌ଜାନ (ହାଇଡ୍ରୋଜେନ) ଏବଂ ଅନ୍ୟାନ୍ୟ ନବୀକରଣୀୟ ଶକ୍ତି ପରି ସ୍ୱଚ୍ଛ, ଅଧିକ ସ୍ଥାୟୀ ଉତ୍ସକୁ ଅଗ୍ରାଧିକାର ପ୍ରଦାନ। ଏହି ପରିବର୍ତ୍ତନ କେବଳ ଏକ ପ୍ରଯୁକ୍ତିବିଦ୍ୟା ଏବଂ ପରିବେଶୀୟ ଆବଶ୍ୟକତା ନୁହେଁ, ବରଂ ଏକ ପ୍ରମୁଖ ଅର୍ଥନୈତିକ ଏବଂ ସାମାଜିକ ପରିବର୍ତ୍ତନ ମଧ୍ୟ। ଏହାର ଗୁରୁତ୍ୱପୂର୍ଣ୍ଣ ପରିଣାମ ମଧ୍ୟରୁ ଗୋଟିଏ ହେଉଛି ପରିବେଶଧର୍ମୀ ସବୁଜ ନିଯୁକ୍ତି ସୃଷ୍ଟିର ସୁଯୋଗ, ଯାହା ପରିବେଶକୁ ସଂରକ୍ଷଣ ଏବଂ ପୁନରୁଦ୍ଧାର କରିବାରେ ଅବଦାନ ରଖେ।

ଶକ୍ତି ପରିବର୍ତ୍ତନର ଅତ୍ୟାବଶ୍ୟକତା ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପରିଣାମ ଦ୍ୱାରା ପରିଚାଳିତ। ଜୀବାଶ୍ମ ଇନ୍ଧନର ନିଷ୍କାସନ, ଉତ୍ପାଦନ, ପରିବହନ ଏବଂ ବ୍ୟବହାର ଦ୍ୱାରା ସବୁଜଗୃହ ଗ୍ୟାସ୍, ବିଶେଷକରି ଅଙ୍ଗାରକାମ୍ଳ, ମିଥେନ ଏବଂ ନାଇଟ୍ରସ ଅକ୍ସାଇଡ୍ ନିର୍ଗତ ହୁଏ, ଯାହା ବାୟୁମଣ୍ଡଳରୁ ମହାକାଶକୁ ଫେରି ଯାଉଥିବା ଅତିରିକ୍ତ ଉତ୍ତାପକୁ ବାନ୍ଧି ରଖେ; ପରିଣାମରେ ବୈଶ୍ୱିକ ଉଷ୍ମତା ବୃଦ୍ଧିପାଏ। ବର୍ଦ୍ଧିତ ତାପମାତ୍ରା, ପ୍ରାକୃତିକ ବିପର୍ଯ୍ୟୟ ଘଟଣା ଏବଂ ପରିବେଶୀୟ ଅବକ୍ଷୟ ସ୍ପଷ୍ଟ କରିଛି ଯେ ପ୍ରଚଳିତ ଶକ୍ତି ବ୍ୟବସ୍ଥା ସହନୀୟ ମାର୍ଗରେ ପରିଚାଳିତ ହେଉନାହିଁ। ପ୍ୟାରିସ୍ ସମ୍ମିଳନୀରେ ପାରିତ ଅନ୍ତର୍ଜାତୀୟ ଚୁକ୍ତିନାମା ଅନୁଯାୟୀ ରାଷ୍ଟ୍ରଗୁଡ଼ିକ ନିର୍ଗମନ ହ୍ରାସ କରିବାକୁ ପ୍ରତିବଦ୍ଧ ହୋଇଥିବାରୁ ସ୍ୱଚ୍ଛ ଶକ୍ତିକୁ ପରିବର୍ତ୍ତନ ଏକାନ୍ତ ଅପରିହାର୍ଯ୍ୟ। ଅବଶ୍ୟ ଏହି ପରିବର୍ତ୍ତନ ଆରମ୍ଭ ହୋଇସାରିଛି ଏବଂ ବିଗତ ଦଶନ୍ଧିରେ ନବୀକରଣୀୟ ଶକ୍ତି ପ୍ରଯୁକ୍ତିବିଦ୍ୟା ଅଧିକ ସୁଲଭ ହୋଇଛି ଏବଂ ଦକ୍ଷତା ଅର୍ଜନ କରିଛି। ଉଦାହରଣ ସ୍ୱରୂପ, ସୌର ପ୍ୟାନେଲ ଏବଂ ପବନ ଟର୍ବାଇନ୍‌ଗୁଡ଼ିକ ବର୍ତ୍ତମାନ ଅନେକ ଅଞ୍ଚଳରେ ପାରମ୍ପରିକ ଶକ୍ତି ଉତ୍ସ ସହିତ ମୂଲ୍ୟ–ପ୍ରତିଦ୍ୱନ୍ଦ୍ୱୀ ହୋଇପାରିଛି। ସରକାର ଏବଂ ଘରୋଇ କ୍ଷେତ୍ରଗୁଡ଼ିକ ସ୍ୱଚ୍ଛ ଶକ୍ତି ଭିତ୍ତିଭୂମି, ବୈଦ୍ୟୁତିକ ଯାନବାହନ ଏବଂ ଶକ୍ତି–ଦକ୍ଷ ପଦ୍ଧତିରେ ପ୍ରଚୁର ନିବେଶ କରୁଛନ୍ତି। ଏହି ନିବେଶଗୁଡ଼ିକ କେବଳ ନିର୍ଗମନ ହ୍ରାସ କରୁନାହିଁ, ବରଂ ଶ୍ରମ ବଜାର ଓ ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ଅବଦାନ ରଖୁଛି।

ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏପରି ପରିବର୍ତ୍ତନ ସବୁଜ ନିଯୁକ୍ତିର ପଥ ଉନ୍ମୁକ୍ତ ଓ ପରିବ୍ୟାପ୍ତ କରେ। ସମ୍ପ୍ରତି ନବୀକରଣୀୟ ଶକ୍ତି ଉତ୍ପାଦନ, ଶକ୍ତି ଦକ୍ଷତା, ସହନୀୟ କୃଷି, ବର୍ଜ୍ୟ ପରିଚାଳନା ଏବଂ ପରିବେଶ ସଂରକ୍ଷଣ ସମେତ ବିଭିନ୍ନ କ୍ଷେତ୍ରରେ ନୂତନ ନିଯୁକ୍ତି ସୃଷ୍ଟି ହେଉଛି। ଉଦାହରଣ ସ୍ୱରୂପ, ସୌର ପ୍ୟାନେଲ ସଂସ୍ଥାପନ, ପବନ ଟର୍ବାଇନ ରକ୍ଷଣାବେକ୍ଷଣ, ବୈଦ୍ୟୁତିକ ଯାନ ଉତ୍ପାଦନ ଏବଂ ପରିବେଶଧର୍ମୀ ଗୃହନିର୍ମାଣ କ୍ଷେତ୍ରରେ ନିଯୁକ୍ତିସବୁକୁ ସବୁଜ ଚାକିରି ରୂପେ ବିବେଚନା କରାଯାଏ। ଏପରି ନୂତନ ବିକାଶସବୁ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହିତ ନକାରାତ୍ମକ ପରିବେଶୀୟ ପ୍ରଭାବକୁ ହ୍ରାସ କରେ। ସବୁଜ ନିଯୁକ୍ତିର ଏକ ପ୍ରମୁଖ ଉପକାର ହେଉଛି ବୃହତ୍ ପରିମାଣର ନିଯୁକ୍ତି ନିମନ୍ତେ ଏହା ଯଥେଷ୍ଟ ସୁଯୋଗ ସୃଷ୍ଟି କରେ। ନବୀକରଣୀୟ ଶକ୍ତି ଶିଳ୍ପଗୁଡ଼ିକ ସାଧାରଣତଃ ଜୀବାଶ୍ମ ଇନ୍ଧନ ଶିଳ୍ପ ଅପେକ୍ଷା ଅଧିକ ଶ୍ରମ–କୈନ୍ଦ୍ରିକ। ଦୃଷ୍ଟାନ୍ତ ସ୍ୱରୂପ, ସୌର ଫାର୍ମ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ କୋଇଲା ପ୍ଲାଣ୍ଟ ତୁଳନାରେ ପ୍ରତି ୟୁନିଟ୍ ଉତ୍ପାଦିତ ଶକ୍ତି ପାଇଁ ଅଧିକ ଶ୍ରମିକ ଆବଶ୍ୟକ ହୁଅନ୍ତି। ଏହାର ଅର୍ଥ ହେଉଛି ଯେ ରାଷ୍ଟ୍ରଗୁଡ଼ିକ ନବୀକରଣୀୟ ଶକ୍ତିରେ ନିବେଶ କଲେ, ସେମାନେ ସାମଗ୍ରିକ ଭାବରେ ଅଧିକ ନିଯୁକ୍ତି ସୃଷ୍ଟି କରିପାରିବେ। ବୈଶ୍ୱିକ ଆକଳନ ଅନୁଯାୟୀ, ଶକ୍ତି ପରିବର୍ତ୍ତନର ପରିଣାମରେ ଆଗାମୀ ଦଶନ୍ଧିଗୁଡ଼ିକରେ ଲକ୍ଷ ଲକ୍ଷ ନୂତନ ନିଯୁକ୍ତି ଉପଲବ୍ଧ ହେବାକୁ ଯାଉଛି।

ତେବେ ଏପରି ପରିବର୍ତ୍ତନ ଚ୍ୟାଲେଞ୍ଜ ସୃଷ୍ଟିର ସମ୍ଭାବନା ବହନ କରେ। କୋଇଲା ଏବଂ ତୈଳ ଚାହିଦା ହ୍ରାସ ପାଇବା ସହିତ ପାରମ୍ପରିକ ଜୀବାଶ୍ମ ଇନ୍ଧନ ଶିଳ୍ପରେ ଶ୍ରମିକମାନେ ଚାକିରି ହରାଇବାର ସମ୍ମୁଖୀନ ହୋଇପାରନ୍ତି। ଏହି ଶିଳ୍ପଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭରଶୀଳ ଥିବା ଅଞ୍ଚଳଗୁଡ଼ିକ ଆର୍ଥିକ କ୍ଷେତ୍ରରେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଅତଏବ ଏକ ‘ନ୍ୟାୟସଙ୍ଗତ ପରିବର୍ତ୍ତନ’ ଅତ୍ୟାବଶ୍ୟକ, ଯାହା



ନିଶ୍ଚିତ କରିବ ଯେ ପ୍ରଭାବିତ ଶ୍ରମିକଙ୍କୁ ପୁନଃ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ଏବଂ ନୂତନ ନିଯୁକ୍ତି ସୁଯୋଗ ମାଧ୍ୟମରେ ଥଇଥାନ ନିମନ୍ତେ ସମର୍ଥନ କରାଯାଉଛି। ଅନ୍ୟପକ୍ଷରେ, ସରକାରମାନେ ସାମାଜିକ ସମାନତା ସହିତ ପରିବେଶଗତ ଲକ୍ଷ୍ୟକୁ ସନ୍ତୁଳିତ କରୁଥିବା ନୀତି ନିର୍ଦ୍ଧାରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ସବୁଜ ନିଯୁକ୍ତି ନିମନ୍ତେ କର୍ମଶକ୍ତିକୁ ପ୍ରସ୍ତୁତ କରିବାର ମୁଖ୍ୟ ଅସ୍ତ୍ର ହେଉଛି ଉପଯୁକ୍ତ ଶିକ୍ଷା ଏବଂ ଦକ୍ଷତାର ବିକାଶ। ଏହି ଭୂମିକାଗୁଡ଼ିକ ମଧ୍ୟରୁ ଅନେକଙ୍କ ନିମନ୍ତେ ଇଞ୍ଜିନିୟରିଂ ଶିକ୍ଷା, ତଥ୍ୟ ବିଶ୍ଳେଷଣ କିମ୍ବା ବିଶେଷ ସଂସ୍ଥାପନ ଦକ୍ଷତା ଭଳି ବୈଷୟିକ ନିପୁଣତା ଆବଶ୍ୟକ। ବୃତ୍ତିଗତ ତାଲିମ କାର୍ଯ୍ୟକ୍ରମ, ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ଏବଂ ସରକାରୀ–ବେସରକାରୀ ସହଭାଗିତା କର୍ମଚାରୀଙ୍କୁ ଆବଶ୍ୟକ ଜ୍ଞାନ ପ୍ରଦାନ ଦ୍ୱାରା ସୁଦକ୍ଷ ଓ ସଶକ୍ତ କରିବ। ଅବଶ୍ୟ ସମସ୍ତ ସବୁଜ ନିଯୁକ୍ତି ଅତ୍ୟନ୍ତ ବୈଷୟିକ ପ୍ରକୃତିର ନୁହେଁ; ପ୍ରଶାସନିକ, ଲଜିଷ୍ଟିକ୍ସ ଏବଂ ସମ୍ପ୍ରଦାୟ–ଭିତ୍ତିକ ପରିବେଶଜନିତ କାର୍ଯ୍ୟ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ନିଯୁକ୍ତିର ସୁଯୋଗ ରହିଛି।

ଭାରତ ସମେତ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଶକ୍ତି ପରିବର୍ତ୍ତନରୁ ଯଥେଷ୍ଟ ଲାଭ ହାସଲ କରିବାକୁ ହକ୍‌ଦାର। ସୂର୍ଯ୍ୟକିରଣ ଏବଂ ପବନ ଭଳି ପ୍ରଚୁର ନବୀକରଣୀୟ ସମ୍ବଳ ଉପଲବ୍ଧ ହେଉଥିବା ପରିସ୍ଥିତିରେ ସେମାନେ ପାରମ୍ପରିକ ଶକ୍ତି ବ୍ୟବସ୍ଥାକୁ ପରିତ୍ୟାଗ କରି ସ୍ୱଚ୍ଛ, ସବୁଜ ଅର୍ଥନୀତି ଗଠନ କରିପାରିବେ। ଭାରତରେ, ସୌର ପାର୍କର ସମ୍ପ୍ରସାରଣ ଏବଂ ବୈଦ୍ୟୁତିକ ଯାନ ଗତିଶୀଳତାକୁ ପ୍ରୋତ୍ସାହନ ଭଳି ପଦକ୍ଷେପଗୁଡ଼ିକ ପୂର୍ବରୁ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। କିନ୍ତୁ ପ୍ରସଙ୍ଗ ହେଉଛି, ଏହି ପ୍ରକ୍ରିୟାର ଅଭିବୃଦ୍ଧିରେ ସମସ୍ତେ ଅନ୍ତର୍ଭୁକ୍ତ ହେବା ଏବଂ ଉପଲବ୍ଧ ଲାଭ ଗ୍ରାମୀଣ ଓ ଦରିଦ୍ର ବର୍ଗ ପାଖରେ ପହଞ୍ଚିବାକୁ ନିଶ୍ଚିତ କରିବା ନିମନ୍ତେ ଯୋଜନା ଯତ୍ନବାନ ହେବା ଆବଶ୍ୟକ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନବସୃଜନ। ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ନୂତନ ପ୍ରଯୁକ୍ତିବିଦ୍ୟା, ଯେପରିକି ବ୍ୟାଟେରି ସଂରକ୍ଷଣ, ଉଦ୍‌ଜାନ ଇନ୍ଧନ ଏବଂ ସ୍ମାର୍ଟ ଗ୍ରୀଡ୍‌ରେ ଗବେଷଣା ଏବଂ ବିକାଶକୁ ପ୍ରେରଣା ଦେଉଛି। ଏହି ନବସୃଜନ ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ଉଦ୍ୟୋଗ କ୍ଷେତ୍ରରେ ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଷ୍ଟାର୍ଟଅପ୍ ଏବଂ କ୍ଷୁଦ୍ର ବ୍ୟବସାୟଗୁଡ଼ିକ ମଧ୍ୟ ସ୍ଥାନୀୟ ସମସ୍ୟା ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ଏବଂ ନିଯୁକ୍ତି ସମ୍ଭାବନାକୁ ଆହୁରି ବିସ୍ତାରିତ କରୁଛନ୍ତି।

ଏହା ହୃଦୟଙ୍ଗମ ହେବା ବାଞ୍ଛନୀୟ ଯେ ଶକ୍ତି ପରିବର୍ତ୍ତନ ପରିବେଶୀୟ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ– ଏହା ଅଧିକ ନିରନ୍ତର ଏବଂ ସମସ୍ତଙ୍କ ହିତ ସାଧନକାରୀ ଅର୍ଥନୀତି ହାସଲ ଦିଗରେ ଏକ ସୁଗମ ପଥ। ସବୁଜ ନିଯୁକ୍ତି ସୃଷ୍ଟି ଏହି ପରିବର୍ତ୍ତନର କେନ୍ଦ୍ରରେ ଅବସ୍ଥିତ, ଯାହା ଚାକିରି, ନବସୃଜନ ଏବଂ ସାମାଜିକ ପ୍ରଗତି ନିମନ୍ତେ ସୁଯୋଗ ପ୍ରଦାନ କରେ। ଯଦିଓ ଅନେକ ଆହ୍ୱାନ ସମ୍ମୁଖରେ ବିଦ୍ୟମାନ, ବିଶେଷକରି ଜୀବାଶ୍ମ ଇନ୍ଧନରୁ ଦୂରେଇ ଯିବାରେ, ଶିକ୍ଷା ଏବଂ ଭିତ୍ତିଭୂମିରେ ସକ୍ରିୟ ନୀତି ଓ ନିବେଶ ସୁନିଶ୍ଚିତ କରିବ ଯେ ହିତଗୁଡ଼ିକ ସମ ଭାବରେ ବଣ୍ଟନ ହେଉଛି। ବିଶ୍ୱ ଏକ ନିମ୍ନ ଅଙ୍ଗାରକ (କାର୍ବନ) ଭବିଷ୍ୟତ ଆଡ଼କୁ ଗତି କରିବାର ଆବଶ୍ୟକତା ଥିବାରୁ, ଶକ୍ତି ପରିବର୍ତ୍ତନ ଏବଂ ସବୁଜ ନିଯୁକ୍ତି ମଧ୍ୟରେ ସମ୍ପର୍କ ଆର୍ଥିକ ବିକାଶ ଏବଂ ପରିବେଶଗତ ସ୍ଥିରତା ଉଭୟକୁ ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

– କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି
ମୋ: ୯୪୩୭୦୭୬୧୦୦

# ଯୋଗ ଦିବାରାତ୍ରି



ବ୍ରଜମୋହନ ମିଶ୍ର

ଭାରତ ନେତୃତ୍ୱରେ ସାରା ବିଶ୍ୱରେ ପାଳିତ ଯୋଗଦିବସରେ ଶହଶହ ଯୋଗୀ ଓ ଯୋଗିନୀ ବିଭିନ୍ନ ଆସନ, ପ୍ରାଣାୟାମ ଇତ୍ୟାଦି ପତଞ୍ଜଳିକୃତ ଯୋଗମାର୍ଗ ପ୍ରଦର୍ଶନ କରନ୍ତି । ଯୋଗ କଲେ ବ୍ୟକ୍ତି ସୁସ୍ଥ ରହିବ– ଏଇ ବିଶ୍ୱାସ ସେମାନଙ୍କ ମଧ୍ୟରେ ଚେରମାଡ଼ି ଶକ୍ତ ହୋଇଯାଇଥାଏ। ଅବଶ୍ୟ ଏହା କଦାପି ବି ଭୁଲ୍ ନୁହଁ। ଯଥାଯଥ ଯୋଗକ୍ରିୟା ସଂପାଦନ କଲେ ଯୋଗୀ ଅବା ଯୋଗିନୀମାନେ ନୀରୋଗ ରହିବେ। ମନ ଶାନ୍ତ ରହିବ ଏବଂ ପ୍ରାଣର ବୈକଲ୍ୟ କଟିଯିବ। ଆଉ ପାଦେ ଆଗକୁ ଯାଇ ପାରିଲେ ସେମାନେ ମଧ୍ୟ ଆତ୍ମବୋଧ କରିପାରନ୍ତି। ଏଇ ଆକାଂକ୍ଷା ତାଡ଼ିତ ଏଇ ଜୀବୀଗଣ ଯୋଗକୁ ଯେପରି ଓ ଯେତିକି ବୁଝିଥାନ୍ତି ସେମାନେ ସେପରି ଓ ସେତିକି କରିବା ବ୍ୟତୀତ ଆଉ ଅଧିକ କ’ଣ କରିପାରନ୍ତେ? ତେଣୁ ଯୋଗର ଏପରି ବୁଝାମଣା ଓ ସାଧନ ଓ ତା’ର ମାର୍ମିକ ଆବେଦନ ଏମାନଙ୍କଠାରେ ରହିଯାଏ ଅଜଣା ଯାହା ସେମାନେ ଜାଣିଥିଲେ ଅସଲ ଯୋଗୀ ଜୀବନ ଯାପନ କରିପାରିଥାନ୍ତେ ଏବଂ ସେତେବେଳେ ବିଶ୍ୱ ଯୋଗମୟ ହୋଇଥାନ୍ତା। ଆଉ ଏପରି ଏକ ପରିବର୍ତ୍ତିତ ଯୋଗମୟ ବିଶ୍ୱରେ ଠିକଣା ପ୍ରାଣାୟାମ ଚାଲି ତାକୁ ସକଳ ‘ଗଣ୍ଡକୁହୁକ’ (ଗଙ୍ଗାଧର ମେହେର) ରେ ପଡ଼ି ଘାରି ହୋଇ ଘୋରି ଯିବାରୁ ରକ୍ଷା କରି ଯଥାର୍ଥ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଦେଇ ପାରିଥାନ୍ତା। ସେହି ସୁନାର ଦିବସ ଓ ରାତି ଆସିଥିଲେ ଯୋଗୀ ଓ ଯୋଗିନୀ ସମେତ ସେମାନଙ୍କୁ ଘେରିଥିବା ସେମାନଙ୍କ ସଂଖ୍ୟାହୀନ ଅଯୋଗୀ ଓ ଅଯୋଗିନୀମାନେ ମଧ୍ୟ ଯାବତୀୟ ଉପଦ୍ରବକୁ ଉପରତିରେ ପରିବର୍ତ୍ତିତ କରିପାରିଥାଆନ୍ତେ।

ବ୍ୟକ୍ତିର କେବଳ ଦେହ ଅଛି ବୋଲି ସେ ନାହିଁ। କେବଳ ତା’ର ଆତ୍ମାଟିଏ ଥିଲେ ବି ସେ ନ ଥାନ୍ତା ଅର୍ଥାତ୍ ବ୍ୟକ୍ତ ହୋଇପାରି ନ ଥାନ୍ତା। ଅର୍ଥାତ୍ ସେ ଦୃଶ୍ୟ ଓ ଅଦୃଶ୍ୟର ଏକ ଚମତ୍କାର ‘ଯୋଗ’ ଯୋଗୁ ଏ ସଂସାରରେ ଅଛି। ପୁଣି ତା’ର ପ୍ରତିଦିନର ବଞ୍ଚିବା ସମ୍ଭବ ହେଉଛି ଭିନ୍ନ ଏକ ନିରନ୍ତର ଯୋଗରେ ଯାହା ତା’ର ପ୍ରତି ପଦପାତରେ ସେ ଲାଭ କରୁଛି ହୁଏତ କେତେବେଳେ ଲୋଡ଼ି ଏବଂ କେତେବେଳେ ବିନା ଲୋଡ଼ିବାରେ। ଏହା ସମ୍ଭବ ହେଉଛି ତା’ ପାଇଁ ସଦା ଉପସ୍ଥିତ ରହି ତା’ ଲାଗି ଯୋଗ କରିବାକୁ ସଦା ପ୍ରଣତ ଓ ପ୍ରସନ୍ନଥିବା ଏକ ବିରାଟ ବିଶ୍ୱ, ଯାହା ବିଭିନ୍ନ ସଂପଦସମ୍ପନ୍ନ। ତାହା ହୋଇପାରେ ପ୍ରାଣୀ, ଉଦ୍ଭିଦ ଏବଂ ମାନବ ସମାଜ। ଏମାନେ ତା’ ପାଇଁ



ଯୋଗ କରୁଥିବାର ତତ୍ତ୍ୱ ବ୍ୟକ୍ତି ଦେଖିବାକୁ ଅନାଗ୍ରହୀ ତେଣୁ ଅଯୋଗ୍ୟ ଓ ଅସମର୍ଥ। ହେଲେ ବାସ୍ତବରେ ସେମାନଙ୍କ ଦୃଶ୍ୟମାନ ଆସନ, ପ୍ରାଣାୟାମ କ୍ରିୟା ‘ଭାବ ଯୋଗ’ କ’ଣ କମ୍ ବଡ଼ ବିଶ୍ୱାସ, ଶ୍ରଦ୍ଧା ଓ ସମର୍ପଣର ଅଭ୍ରାନ୍ତ ଦୃଷ୍ଟାନ୍ତ! ବ୍ୟକ୍ତିର ପାଖାପାଖି ବେଢ଼ି ରହିଥିବା ଏବଂ ତା’ର ପ୍ରତ୍ୟକ୍ଷ ବ୍ୟବହାରରେ ଲାଗୁ ନ ଥିବା ବୋଲି ସେ ଧାରଣା କରୁଥିବା ଫୁଲ ବଗିଚା ବ୍ୟକ୍ତି ପାଇଁ କ’ଣ କମ୍ ଯୋଗକରେ ନିରବଚ୍ଛିନ୍ନ ଭାବରେ! କୁନ୍ତଳା କୁମାରୀଙ୍କ ଶେଫାଳିର ଉନ୍ମେଷ, ବିକାଶ ଓ ସଂଧ୍ୟାରେ ତା’ର ବିନାଶ କ’ଣ କମ୍ ଯୋଗ କରେ କୁନ୍ତଳାଙ୍କ ପରି ଅସଂଖ୍ୟ ବ୍ୟକ୍ତିଙ୍କ ପାଇଁ ତାହା କେବଳ ମାତ୍ର ତାଙ୍କ କବିତା ସୃଷ୍ଟିର ଭିନ୍ନ ଏକ ହେତୁ ହୋଇଯାଏ ନାହିଁ, ତାହା ମଧ୍ୟ ହୋଇଯାଏ ମଣିଷମାନଙ୍କ ମଧ୍ୟରେ ଭାବ ସଂଚାରଣର ଉନ୍ମୁକ୍ତ ଆକୁତି କେହି କେବେ ନିବିଡ଼ ଭାବେ ଲକ୍ଷ୍ୟ କରିଛନ୍ତି କି ଶେଫାଳିର ଆକୁତିକୁ ଯଦିଓ ଅନେକେ ହୁଏତ ତା’ର ଆକୃତିରେ ମୁଗ୍ଧ ହୋଇଛନ୍ତି। ସେହି କୁନ୍ତଳା କୁମାରୀ ସତ୍ତା ତ ଶେଫାଳି ଯୋଗ ସମନ୍ୱୟରେ ବିସ୍ତୃତ ହୁଏ, ତେଣୁ ହୁଏ ବିଗଳିତ। ତା’ର ସକଳ ବାଚାଳତା ଓ ବିଚଳିତତା କଟିଯାଏ। ଫଳରେ ସେ ପରିବର୍ତ୍ତିତ ହୋଇଯାଏ ସେଇ ଅନାହତ ଧ୍ୱନିରେ ଯାହା ଉଚ୍ଚାରଣ କରୁଥାଏ, ‘ଯୁକ୍ତ କରୋ ହେ ସବାର ସଙ୍ଗେ, ମୁକ୍ତ କରୋହେ ବନ୍ଧ’ ଅବା ‘‘ହୃଦେ ତ୍ୱା ମନସେ ତ୍ୱା ଦିବେତ୍ୱା ସୂର୍ଯ୍ୟାୟତ୍ୱା। ଉର୍ଦ୍ଧ୍ୱମିମ ମଧ୍ୱରଂ ଦିବି ଦେବେଷୁ ହୋତ୍ରାଯଚ୍ଛ’’– ହେ ପୁତ୍ର। ହୃଦୟ ପାଇଁ ତୁମକୁ ଗଢ଼ିଅଛି। ହୃଦୟବାନ୍ ହୁଅ। ମନପାଇଁ ତୁମକୁ ଗଢ଼ିଛି। ମନସ୍ୱୀ ହୁଅ। ଦିବ୍ୟତା ପାଇଁ ତମକୁ ଶିକ୍ଷିତ କରିଛି। ଦିବ୍ୟତାରେ ଅଳଙ୍କୃତ ହୁଅ। ସୂର୍ଯ୍ୟତା ପାଇଁ ତୁମକୁ ଦୀକ୍ଷିତ କରିଛି। ସୂର୍ଯ୍ୟପରି ତେଜସ୍ୱୀ, ପ୍ରେମିକ ଓ ଆକର୍ଷକ ହୁଅ। ଶୋଭନୀୟ ହୋଇ ବିଦ୍ୟାର ମହତ୍ତ୍ୱ ବୃଦ୍ଧିକର (ଯଜୁର୍ବେଦ–ଅଧ୍ୟାୟ ୬, ମନ୍ତ୍ର ୨୫)।

ସେଇ ସ୍ଥିତିରେ ସେଇ ସତ୍ତା ଯୋଗୀ ହୋଇଯାଇଥାଏ। ସାଯୁଜ୍ୟ ହେବାର ମହାଭାବରେ ସେ ପାଲଟି ଯାଏ ସଂସାର ପ୍ରେମୀ ଅଥଚ ସାଂସାରିକତା ବିହୀନ ଅ–କାମୀ ତେଣୁ ଏପରି ଯୋଗାରୂଢ଼ତାର ନିତ୍ୟରାସରେ ଗଦ୍‌ଗଦ୍ ନ ହୋଇ ସେ ଆଉ କ’ଣ କରନ୍ତା? ତା’ର ସେ ଯୋଗମୟତା ଚାଲୁଥାଏ ଦିବସରେ, ରାତ୍ରିରେ ବି, ଶୟନରେ ବି, ଜାଗରଣରେ ବି, ଏଠା ପାଇଁ ବି ସେଠା ପାଇଁ ବି। ଏ ତ ହେଉଛି ବ୍ୟକ୍ତି ଜୀବନର ପ୍ରପଞ୍ଚମୁକ୍ତ ସାଧନା, ଯା’ର ସିଦ୍ଧି ହେଉଛି ଏକ ଆତ୍ମିକ ଅନୁଭବ ଅବା ସବୁ ସହ ଅଭିନ୍ନତାର ଅମୃତ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟଲାଭ। ଦିବାରାତି ଏପରି ଯୋଗ ସଂଯୋଗ, ଏବେ ପାଳିତ ହେଉଥିବା ଆନ୍ତର୍ଜାତିକ ଯୋଗଦିବସଠାରୁ ବହୁ ଊର୍ଦ୍ଧ୍ୱରେ, ଏହା ତା’ଠାରୁ ଷୋଳଅଣା ଭିନ୍ନ। କାରଣ ଏ କ୍ଷେତ୍ରରେ ଯୋଗୀ ପାଇଁ ସବୁଦିନ, ଯୋଗର ଦିନ, ସବୁ ରାତି ଯୋଗର ରାତି ପୁଣି ଏ ଯୋଗ ସବୁ ମଣିଷଙ୍କ ପାଇଁ, ସବୁ ବୃକ୍ଷଲତାଙ୍କ ପାଇଁ, ସବୁ ପାହାଡ଼, ପର୍ବତ, ନଦୀ ପାଇଁ, ସବୁ ପ୍ରାଣୀ ପାଇଁ, ସବୁ ଦ୍ୱେଷ ବିଦ୍ୱେଷର ରୂପାନ୍ତର ପାଇଁ, ସବୁ ଦରିଦ୍ରର ଧନବାନ୍ ହେବା ପାଇଁ, ସବୁ ଆଜି ସର୍ବକାଳ ହେବାପାଇଁ, ସବୁ ପ୍ରାର୍ଥନାରୁ ଯାଚଞ୍ଚା ନିରାକରଣ ପାଇଁ, ସବୁ ମନ୍ତ୍ରର ହୃଦୟୀକରଣ ପାଇଁ ଏବଂ ସର୍ବୋପରି ‘ବ୍ୟକ୍ତିଗତ ଅହଂ’ର ଉପଦ୍ରବରୁ ମୁକ୍ତ ହୋଇ ସମଷ୍ଟିର ସାଥୀ ଓ ସାରଥି ହେବାପାଇଁ।

ଭଦ୍ରକ, ମୋ: ୮୦୧୮୦୮୭୮୩୫

## ଏଇ ଭାରତରେ

ନଡ଼ିଆକତାକୁ ସାମଗ୍ରୀ ତିଆରି କରିବାରେ ଯେତିକି ବ୍ୟବହାର କରାଯାଉଛି ତାହାଠାରୁ ଅଧିକ ବର୍ଜ୍ୟ ଆକାରରେ ପିଙ୍ଗି ଦିଆଯାଉଛି। ତେବେ ଏହି କତା ବର୍ଜ୍ୟକୁ କେରଳର ଅର୍ଦ୍ରା ନାୟର ସଂଗ୍ରହ କରି ସେଥିରୁ ପ୍ୟାକେଜିଂ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଅର୍ଦ୍ରାଙ୍କ ବୟସ ୨୯ । ସେ ୨୦୧୨ରେ ଗ୍ରୀନାମୋର କମ୍ପାନୀ ପ୍ରତିଷ୍ଠା କରି ଠିକ୍ ପ୍ଲାଷ୍ଟିକ ଭଳି ଦେଖାଯାଉଥିବା ପରିବେଶ ଉପଯୋଗୀ ବାୟୋପଲିମର ଉତ୍ପାଦନ କରୁଛନ୍ତି, ଯାହା ଖାଦ୍ୟ, ଔଷଧ ଏବଂ କସ୍‌ମେଟିକ ପ୍ୟାକେଜିଂରେ ବ୍ୟବହାର ହେଉଛି। ଏହି ପ୍ୟାକେଜିଂ ଉତ୍ପାଦ ବିଘଟନ ଯୋଗ୍ୟ ଏବଂ କମ୍ ଦିନରେ ମାଟିରେ ମିଶିଯାଉଛି। ଏହା ପ୍ଲାଷ୍ଟିକ ପଲିମର୍‌ର ପ୍ରଦୂଷଣକାରୀ ପ୍ରଭାବରୁ ପରିବେଶକୁ ରକ୍ଷା କରିବାରେ ପ୍ରମୁଖ ଭୂମିକା ନେଇପାରିବ। ଏହା ସହ ଅର୍ଦ୍ରାଙ୍କ ଦ୍ୱାରା ପ୍ରସ୍ତୁତ ଏହି ପରିବେଶ ଉପଯୋଗୀ ପ୍ୟାକେଜିଂ ଉତ୍ପାଦ ବି ଖାଦ୍ୟକୁ ପ୍ଲାଷ୍ଟିକର ବିଷାକ୍ତ କରାଇବାରୁ ସୁରକ୍ଷିତ ରଖିପାରିବ।

## ୫୦ ବର୍ଷ ତଳର ଧରିତ୍ରୀ

୩ ମେ ୧୯୭୬

- ମଇ ଦିବସ ଶୋଭାଯାତ୍ରାରେ ତୁର୍କୀ ପୋଲିସଙ୍କ ଗୁଳିରେ ୨୫ ଜଣଙ୍କ ମୃତ୍ୟୁ।
- ଭାରତୀୟ ରାଜନୀତିରେ ଏକ ଐତିହାସିକ ଘଟଣା କ୍ରମେ ବିଧିବଦ୍ଧ ଭାବେ ଜନତା ଦଳ ଗଠିତ ହେବା ସହ ଗଣତାନ୍ତ୍ରିକ କଂଗ୍ରେସ ଉକ୍ତ ଜନତାଦଳ ସହ ସାମିଲ ହେବା ନେଇ ଘୋଷଣା।
- ନଅଟି ରାଜ୍ୟ ଯଥା ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ଓ ମଧ୍ୟପ୍ରଦେଶରେ ରାଷ୍ଟ୍ରପତି ଶାସନ ଜାରୀ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 8 | | | 7 | | 9 |
| | 2 | | | | | | | |
| | | | | | | 8 | 3 | |
| | | 5 | | 9 | | | 2 | |
| 7 | | 2 | | | | | | 8 |
| 9 | 1 | | | | 6 | | 5 | |
| | | 3 | | | | | | |
| | | | | | | 2 | 9 | 6 |
| 5 | | | 6 | 2 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 2 | 3 | 7 | 9 | 6 | 4 |
| 4 | 9 | 2 | 8 | 6 | 5 | 1 | 7 | 3 |
| 3 | 7 | 6 | 1 | 9 | 4 | 5 | 2 | 8 |
| 7 | 6 | 9 | 3 | 5 | 2 | 4 | 8 | 1 |
| 2 | 3 | 1 | 4 | 8 | 6 | 7 | 5 | 9 |
| 8 | 5 | 4 | 7 | 1 | 9 | 2 | 3 | 6 |
| 9 | 8 | 3 | 5 | 7 | 1 | 6 | 4 | 2 |
| 6 | 2 | 5 | 9 | 4 | 3 | 8 | 1 | 7 |
| 1 | 4 | 7 | 6 | 2 | 8 | 3 | 9 | 5 |

ପୂର୍ବ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରେନ୍ ଠିକ୍ ସମୟରେ ଚାଲୁ

ମହାଶୟ,

ପାରାଦୀପରୁ କଟକ ଏକ ପାସେଞ୍ଜର ଟ୍ରେନ ସକାଳ ୬.୩୦ରେ ଛାଡ଼ି କଟକରେ ୮.୩୦ରେ ପହଞ୍ଚେ । ଏଥିରେ ବହୁ ସରକାରୀ ଓ ବେସରକାରୀ କର୍ମଚାରୀ ଯିବା ଆସିବା କରନ୍ତି । ସୁବିଧା ଦୃଷ୍ଟିରୁ ବସ୍ ଭଡାଠାରୁ ଟ୍ରେନ୍ ଭଡ଼ା କମ୍ ରହୁଥିବାରୁ ସେମାନେ ପ୍ରତିଦିନ ଯାତାୟାତ କରନ୍ତି । କିନ୍ତୁ ଦୁଃଖର ବିଷୟ, ପାସେଞ୍ଜର ଟ୍ରେନଟି ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରେ ସମୟ ନିର୍ଘଣ୍ଟ ଅନୁସାରେ କଟକରୁ ପାରାଦୀପ ଯିବା କଥା । ହେଲେ ୩/୪ ମାସ ହେବ ଠିକ୍ ସମୟରେ ଛାଡୁ ନ ଥିବାରୁ ପ୍ରତିଦିନ ଏହି ଟ୍ରେନରେ ଯିବାଆସିବା କରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କିଛି ପ୍ରତିକାର ବ୍ୟବସ୍ଥା ହେଉ ନାହିଁ । କଟକ–ପାରାଦୀପ ଟ୍ରେନ୍‌ରେ ମଧ୍ୟ ଅନେକ କର୍ମଜୀବୀ ମହିଳା ଯାଉଛନ୍ତି। କଟକରୁ ଯାଉଥିବା ଏକମାତ୍ର ଟ୍ରେନ ୧–୨ ଘଣ୍ଟା ବିଳମ୍ବ ହେଉଥିବାରୁ ମଫସଲରୁ ଆସୁଥିବା ଏହି ମହିଳାମାନେ ସମସ୍ୟାରେ ପଡୁଛନ୍ତି। ଏହି ପରିପ୍ରେକ୍ଷୀରେ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ। ଏହା ସହ ଠିକ୍ ସମୟରେ ଏହି ପାସେଞ୍ଜର ଟ୍ରେନ୍ ସନ୍ଧ୍ୟା ୭ଟାରେ ଯିବାର ବ୍ୟବସ୍ଥା କରାଯାଉ।

– ସୁରେଶ ଚନ୍ଦ୍ର ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

ଯାଏ ଯେହୁ ବିସ୍ମୃତି ତଳେ
ଫେରିଆସେ ପୁଣି ହୋଇ ନୂଆ
ତୋଟାତଳ କୁଡ଼ିଆରୁ ଏଇ
କି ଶବଦ କାନେ ଆସେ ଡେଇଁ
କିଏ ଡାକେ କୁଆଁ କୁଆଁ କୁଆ
ପୁରାତନ ଫେରେ ହୋଇ ନୂଆ।
–(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ନାମଲେଖା ବିଜ୍ଞପ୍ତି

**ନିମ୍ନଲିଖିତ ଅନୁଷ୍ଠାନଗୁଡ଼ିକରେ ନାମଲେଖା ପାଇଁ ସାଧାରଣ ପ୍ରବେଶିକା ପରୀକ୍ଷା - ୨୦୨୬**

| ଅନୁଷ୍ଠାନ | ପାଠ୍ୟକ୍ରମ |
|---|---|
| **ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜାତୀୟ ଶାରୀରିକ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଅନୁଷ୍ଠାନ (ପିଡିୟୁଏନ୍ଆଇପିପିଡି)** ୪, ବିଷ୍ଣୁ ଦିଗମ୍ବର ମାର୍ଗ, ନୂଆଦିଲ୍ଲୀ-୧୧୦୦୦୨ ୱେବ୍‌ସାଇଟ୍: https://pdunippd.nic.in ଇ-ମେଲ୍: cetpdunippd2026@gmail.com | • ବିପିଟି • ବିଓଟି • ବିପିଓ |
| **ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଗବେଷଣା ଅନୁଷ୍ଠାନ (ଦିବ୍ୟାଙ୍ଗଜନ), କଟକ (ଏସ୍‌ଭିନିର୍‌ତାର)** ଓଲଟପୁର, ପୋଷ୍ଟ- ବାଇରୋଇ, କଟକ, ଓଡ଼ିଶା-୭୫୪୦୧୦ ୱେବ୍‌ସାଇଟ୍: https://svnirtar.nic.in, ଇ-ମେଲ୍: nirtar@nic.in | • ବିପିଟି • ବିଓଟି • ବିପିଓ • ବିଏଏସ୍‌ଏଲ୍‌ପି |
| **ଜାତୀୟ ଗତିଶୀଳ ଭିନ୍ନକ୍ଷମତା (ଦିବ୍ୟାଙ୍ଗଜନ) ଅନୁଷ୍ଠାନ, କୋଲକାତା (ଏନ୍‌ଆଇଏଲ୍‌ଡି)** ବି.ଟି. ରୋଡ୍, ବନହୁଗଲୀ, କୋଲକାତା-୭୦୦୦୯୦ ୱେବ୍‌ସାଇଟ୍: https://nild.nic.in, ଇ-ମେଲ୍: nild@nic.in | • ବିପିଟି • ବିଓଟି • ବିପିଓ • ବିଏଏସ୍‌ଏଲ୍‌ପି |
| **ଜାତୀୟ ବହୁ ଭିନ୍ନକ୍ଷମଧାରୀ ବ୍ୟକ୍ତି (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ଅନୁଷ୍ଠାନ, ଚେନ୍ନାଇ (ଏନ୍‌ଆଇଇପିଏମ୍‌ଡି)** ଇଷ୍ଟ କୋଷ୍ଟ ରୋଡ୍, ମୁଟ୍ଟୁକାଡୁ, କୋଭାଲମ ପୋଷ୍ଟ, ଚେନ୍ନାଇ-୬୦୩୧୧୨, ୱେବ୍‌ସାଇଟ୍: www.niepmd.tn.nic.in, ଇ-ମେଲ୍: niepmd@gmail.com | • ବିପିଟି • ବିଓଟି • ବିଏଏସ୍‌ଏଲ୍‌ପି |
| **ଅଲୀ ୟାଭର ଜଙ୍ଗ ଜାତୀୟ ବାକ୍ ଓ ଶ୍ରବଣ ଭିନ୍ନକ୍ଷମତା (ଦିବ୍ୟାଙ୍ଗଜନ) ଅନୁଷ୍ଠାନ, ମୁମ୍ବାଇ (ଏୱାଇଜେଏନ୍‌ଆଇଏସ୍‌ଏଚ୍‌ଡି(ଡି))** କେ.ସି. ମାର୍ଗ, ବାନ୍ଦ୍ରା (ପଶ୍ଚିମ) ରିକ୍ଲାମେଶନ୍ ମୁମ୍ବାଇ - ୪୦୦୦୫୦ ୱେବ୍‌ସାଇଟ୍: http://ayjnishd.nic.in, ଇ-ମେଲ୍: ayjnishh-mum@nic.in | • ବିଏଏସ୍‌ଏଲ୍‌ପି |
| **ସମ୍ମିଶ୍ରିତ ଆଞ୍ଚଳିକ କେନ୍ଦ୍ର, ସିକନ୍ଦରାବାଦ** ମନୋବିକାଶ ନଗର, ବୋୱେନପାଲ୍ଲୀ, ସିକନ୍ଦରାବାଦ, ତେଲଙ୍ଗାନା - ୫୦୦୦୦୯ | • ବିଏଏସ୍‌ଏଲ୍‌ପି |
| **ସମ୍ମିଶ୍ରିତ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଦକ୍ଷତା ବିକାଶ, ପୁନର୍ବାସ ଓ ସଶକ୍ତୀକରଣ ଆଞ୍ଚଳିକ କେନ୍ଦ୍ର,** ଗୁଆହାଟୀ (ସିଆର୍‌ସିଏସ୍‌ଆର୍‌ଇ) ଗୁଆହାଟୀ ମେଡିକାଲ କଲେଜ ହସ୍ପିଟାଲ କ୍ୟାମ୍ପସ୍, ପୋଷ୍ଟ ଅଫିସ ଇନ୍ଦ୍ରପୁର, ଜିଏମ୍‌ସି ହସ୍ପିଟାଲ ରୋଡ୍, ଭଙ୍ଗଗଡ଼, ଗୁଆହାଟୀ, ଆସାମ-୭୮୧୦୩୨ ୱେବସାଇଟ୍: crcguwahati.nic.in | • ବିଏଏସ୍‌ଏଲ୍‌ପି |
| **ସମ୍ମିଶ୍ରିତ ଆଞ୍ଚଳିକ କେନ୍ଦ୍ର, ପାଟନା** ଶେଖପୁରା, (ପୁରୁଣା ଧର୍ମଶାଳା), ନର୍ସିଂ କଲେଜ ପାଖ, ପାଟନା-୮୦୦୦୧୪, ୱେବ୍‌ସାଇଟ୍: https://crcpatna.nic.in, ଇ-ମେଲ୍: crcpatna@rediffmail.com | • ବିପିଓ |

**ଅନ୍‌ଲାଇନ୍‌ରେ ସୂଚନା ପୁସ୍ତିକା ଓ ଆବେଦନପତ୍ର ପ୍ରକାଶନର ଆରମ୍ଭ ତାରିଖ**
**ଅନ୍‌ଲାଇନ୍‌ରେ ଆବେଦନ ଫର୍ମ ପ୍ରାପ୍ତିର ଶେଷ ତାରିଖ**
**ପ୍ରବେଶିକା ପରୀକ୍ଷା ତାରିଖ**

**ବିବରଣୀ ପାଇଁ pdunippd.nic.in ରେ ଲଗ୍ ଅନ୍ କରନ୍ତୁ**

ସମସ୍ତ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ସଦୟ ଧ୍ୟାନାର୍ଥେ
cbc 38103/12/0001/2627 — **ନିର୍ଦ୍ଦେଶକ, ପିଡିୟୁଏନ୍‌ଆଇପିପିଡି, ନୂଆଦିଲ୍ଲୀ**


# ଦହିବରା ଖାଇ ୩ ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ଗୁରୁତର, ଜଣେ ମୃତ

**ଦଶରଥପୁର, ୨।୫ (ସୁଶାନ୍ତ କୁମାର ବେହୁରିଆ)**

ଯାଜପୁର ଜିଲା ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗାଁ ଗାଁ ବୁଲି ବିକାଯାଉଥିବା ଦହିବରା ଖାଇ ୩ ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ଲୋକ ଖାଦ୍ୟ ବିଷକ୍ରିୟାର ଶିକାର ହୋଇଛନ୍ତି। ଏହି ଘଟଣାରେ ଜଣେ ବିଧବା ମହିଳା ସୁନ୍ଦରୀ ଜେନା(୭୫)ଙ୍କର ମୃତ୍ୟୁ ଘଟିଛି। ପ୍ରଶାସନ ପକ୍ଷରୁ ସୁନ୍ଦରୀଙ୍କ ମୃତଦେହ ସତ୍କାର ନିମନ୍ତେ ଜିଲା ରେଡ୍‌କ୍ରସ୍ ପକ୍ଷରୁ ୧୦ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

ସୂଚନାନୁଯାୟୀ, ଜୟନ୍ତରା ପଞ୍ଚାୟତ ଅଧୀନ ପାଟପୁର, ଚାନ୍ଦକୁଡ଼ା ଓ ଜୁନିଦା ଗ୍ରାମର ଲୋକେ ଶୁକ୍ରବାର ଅପରାହ୍ନରେ ବୁଲା ବିକାଳିଙ୍କଠାରୁ ଦହିବରା କିଣି ଖାଇଥିଲେ। ରାତିରେ ଅନେକଙ୍କୁ ପେଟ ଯନ୍ତ୍ରଣା, ବାନ୍ତି ଓ ତରଳ ଝାଡ଼ା ହୋଇଥିଲା। ସକାଳ ସୁଦ୍ଧା ଅସୁସ୍ଥଙ୍କ ସଂଖ୍ୟା ବଢ଼ିଯାଇଥିଲା। ଅସୁସ୍ଥମାନଙ୍କୁ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ରବୀନ୍ଦ୍ର ଘଡ଼େଇ, ପ୍ରଫୁଲ୍ଲ ଘଡ଼େଇ, ଉମାକାନ୍ତ ସାମଲ, ପରଣୀୟ ଜେନା, ସଦାନନ୍ଦ ଜେନା, ସୁବାସ ଜେନା, ଶିଶିର ଘଡ଼େଇ, ମାମୁନି ଘଡ଼େଇ, କମଳିନୀ ଧଳ, ନିରୁପମା ମିଶ୍ର, ମଳୟ ଜେନା, ପୁଷ୍ପଲତା ଜେନା, ଜିନଦ ପଣ୍ଡାଙ୍କ ସମେତ ଗୁରୁତର ଥିବା ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲା ସଦର ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଜିଲାପାଳ ଅମ୍ବର କର ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଓ ସ୍ୱାସ୍ଥ୍ୟ ଟିମ୍ ପ୍ରଭାବିତ ଗ୍ରାମରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ଟିମ୍ ପାଟପୁର ଗ୍ରାମରେ ମେଡିକାଲ କ୍ୟାମ୍ପ ଖୋଲି ଚିକିତ୍ସା ଆରମ୍ଭ କରିଛି। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ପ୍ରାକ୍ତନ ଭାଜପା ଜିଲା ସଭାପତି ଗୌତମ ରାୟ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବବିତା ମଲ୍ଲିକ ପ୍ରମୁଖ ମୃତା ସୁନ୍ଦରୀ ଜେନାଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

# କଂଗ୍ରେସର ସବୁ ସାଙ୍ଗଠନିକ ବିଷୟ ବୁଝିବେ ସାଲୁଜା

**ଭୁବନେଶ୍ୱର, ୨।୫ (ସୁନିତ୍ ମିଶ୍ର)**

ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ଉପସଭାପତିଦାୟିତ୍ୱରେ ଥିବା ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ଦଳ ପକ୍ଷରୁ ନୂଆ ଦାୟିତ୍ୱ ଦିଆଯାଇଛି। ସାଲୁଜାଙ୍କୁ ପିସିସି ସଙ୍ଗଠନର ପ୍ରଭାରୀ ଭାବେ ନିଯୁକ୍ତି ମିଳିଛି। ଏହାସହ ସେ ଦଳର ସବୁ ପ୍ରକାର ସାଙ୍ଗଠନିକ ବିଷୟରେ ଦାୟିତ୍ୱ ନେବେ। ଏନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଦସ୍ତଖତରେ ଏନେଇ ନିର୍ଦ୍ଦେଶ ଜାରି ହୋଇଛି।

ସୂଚନାଯୋଗ୍ୟ, ସାଲୁଜା କଣ୍ଟାବାଞ୍ଜି ବିଧାନସଭା ଆସନରୁ ପ୍ରତିନିଧିତ୍ୱ କରୁଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ସେ ଏହି ଆସନରୁ ପରାଜିତ ହୋଇଛନ୍ତି। ୨୦୧୯ରେ କିନ୍ତୁ ସେ ଏହି ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

# ବାଇକ୍ ଦୁର୍ଘଟଣା, ଯବାନଙ୍କ ସମେତ ୨ ମୃତ

**ଭଞ୍ଜନଗର, ୨।୫ (ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗର ସୋରଡ଼ା ମୁଖ୍ୟ ରାସ୍ତାର କାଳିଆଗୁଡା ନିକଟରେ ଗୁରୁବାର ରାତି ପ୍ରାୟ ୧୦ଟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯବାନଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଭଞ୍ଜନଗର ଜଗନ୍ନାଥବିହାର ପ୍ରଥମ ଲାଇନ ବାସିନ୍ଦା ତଥା କାଳିଆଗୁଡ଼ାର ମୂଳବାସିନ୍ଦା ସଞ୍ଜୀବ ବେହେରା ଓ ବସନ୍ତ ସ୍ୱାଇଁ । ସୋରଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଛି। କାଳିଆଗୁଡ଼ାର ୪ ସାଙ୍ଗ ଦୁଇଟି ବାଇକ୍‌ରେ ସୋରଡ଼ା ଯାଇଥିଲେ। ରାତି ୧୦ଟାରେ ସେମାନେ ଗ୍ରାମକୁ ଫେରୁଥିବା ବେଳେ ଗ୍ରାମଠାରୁ ଅଳ୍ପ ଦୂରରେ ସଞ୍ଜୀବ ଓ ବସନ୍ତଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପଛରେ ଆସୁଥିବା ଅନିଲ ପ୍ରଧାନ ଓ ଜଗନ୍ନାଥ ସ୍ୱାଇଁ ସେମାନଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ଆଣିଥିଲେ। ସେଠାରେ ଡାକ୍ତର ଯବାନ ସଞ୍ଜୀବ ଓ କମ୍ପାନୀ ଚାକିରି କରୁଥିବା ବସନ୍ତଙ୍କୁ ମୃତ ଘୋଷଣା କରିଥିଲେ। କୌଣସି ଅଜଣା ଗାଡ଼ି ଧକ୍କାରେ ଏଭଳି ହୋଇଥିବା ସନ୍ଦେହ କରାଯାଉଛି।

# ଅନୁସୂଚିତ ଜନଜାତି ମୋର୍ଚ୍ଚା ଟିମ୍ ଘୋଷଣା କଲା ଭାଜପା

**ପୂର୍ବରୁ ୯, ଶନିବାର ୭ ଜିଲାର ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତିଙ୍କ ନାଁ ପ୍ରକାଶିତ**

**ଭୁବନେଶ୍ୱର, ୨।୫ (ସୁନିତ୍ ମିଶ୍ର)**

ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି କାନ୍ଦ୍ରା ସୋରେନ ଶନିବାର ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଜ୍ୟ ପଦାଧିକାରୀମାନଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ୮ ଜଣଙ୍କୁ ଉପସଭାପତି, ୩ ସାଧାରଣ ସମ୍ପାଦକ, ୭ ସମ୍ପାଦକ, ଜଣଙ୍କୁ କୋଷାଧ୍ୟକ୍ଷ, ଜଣଙ୍କୁ ଗଣମାଧ୍ୟମ ସଂଯୋଜକ ଏବଂ ଜଣଙ୍କୁ ସଂଯୋଜକ ଭାବେ ଦାୟିତ୍ୱ ଦେଇ ନିଯୁକ୍ତି ପ୍ରଦାନ କରାଯାଇଛି।

ସେହିପରି ଶୁକ୍ରବାର ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ୭ ସାଙ୍ଗଠନିକ ଜିଲା ପାଇଁ ସଭାପତିଙ୍କ ନାମ ପ୍ରକାଶ ପାଇଛି। ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ଗୁରିନ୍ଦର ସିଂହଙ୍କ ଅନୁମୋଦନରେ ଏହି ନାଁ ପ୍ରକାଶ ପାଇଛି। ବଲାଙ୍ଗୀରରେ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ଅହମଦ ଫଜୁଲ ଖାନ, କନ୍ଧମାଳରେ ଦୀପ୍ତିରଞ୍ଜନ ସେନାପତି, ମୟୂରଭଞ୍ଜ(ପୂର୍ବ)ର ସଭାପତି ଭାବେ ଏସ୍‌କେ ନସିରୁଦ୍ଦିନ, ମୟୂରଭଞ୍ଜ (ପଶ୍ଚିମ)ରେ ଏସ୍‌କେ ଲତିଫ, ନବରଙ୍ଗପୁରରେ ପବିତ୍ର ଗରଡ଼ା, ସୁବର୍ଣ୍ଣପୁରରେ ୟାସିନ ମହମ୍ମଦ ଏବଂ ଗଞ୍ଜାମରେ ମିର୍‌ଜା ମୁନତେଜିମ୍ ବାଇଗଙ୍କୁ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏହାର ଦିନକ ପୂର୍ବରୁ ଅର୍ଥାତ୍ ଗୁରୁବାର ଅନୁଗୋଳ, ବାଲେଶ୍ୱର, ଦେବଗଡ଼, ଢେଙ୍କାନାଳ, ଘୁମୁସର(ଆସ୍କା), ଘୁମୁସର(ଭଞ୍ଜନଗର), ଯାଜପୁର, କୋରାପୁଟ ଏବଂ ପୁରୀ ଏହିଭଳି ୯ ଜିଲାର ସଂଖ୍ୟାଲଘୁ ସଭାପତିଙ୍କ ନାମ ପ୍ରକାଶ ପାଇଥିଲା।

# ସ୍ତ୍ରୀଙ୍କ ଅଭିଯୋଗ: ଘରୁ ଡାକି ନେଇ ମୋ ସ୍ୱାମୀଙ୍କୁ ଗୁଳି କରିଦେଲେ

**ସାଥୀଙ୍କ ସହ ଶିକାର କରିବାକୁ ଯାଇ ଶବ ପାଲଟିଲେ**

**ତୁମୁଡ଼ିବନ୍ଧ, ୨।୫ (ଦୀପକ କୁମାର ପରାସେଠ)**

ଘରୁ ଡାକି ନେଇ ମୋ ସ୍ୱାମୀଙ୍କୁ ଗୁଳି କରି ଦେଇଛନ୍ତି ବୋଲି ଏକ ସ୍ୱର୍ଣ୍ଣକାତର ଅଭିଯୋଗ କରିଛନ୍ତି ତାଙ୍କ ସ୍ତ୍ରୀ ଚୁମୁକି ମାଝୀ। ଏପରି ଘଟଣା ଘଟିଛି କନ୍ଧମାଳ ଜିଲା ବେଲଘର ଥାନା ଅନ୍ତର୍ଗତ ସାପେରି ଗ୍ରାମରେ। ମୃତକ ହେଲେ କାମଦେବ ମାଝୀ (୩୩)। ତାଙ୍କ ଘର ବେଲଘର ପଞ୍ଚାୟତର ତୁଆକଲା ଗ୍ରାମରେ।

ଖବରରୁ ଜଣାପଡ଼ିଛି, କାମଦେବ ଗୁମ୍ମା ପଞ୍ଚାୟତ ସାପେରି ଗ୍ରାମରେ ବିବାହ କରି ସେଠାରେ ଶ୍ୱଶୁର ଘରେ ରହୁଥିଲେ। ଗତ ଶୁକ୍ରବାର ଅପରାହ୍ନ ୩ଟାରେ କାମଦେବ, ଲିପଟୁ ମାଝି ଓ ମଧୁସୂଦନ ମାଝୀ ତିନି ଜଣ ଦେଶୀ ବନ୍ଧୁକ ଧରି ଶିକାର କରିବାକୁ ନିକଟସ୍ଥ କାଡାପାନା ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରେ ଶିକାର କରିବା ବେଳେ ସାଥୀ ଶିକାରୀଙ୍କ ଗୁଳି କାମଦେବଙ୍କ ଛାତିରେ ବାଜିଥିଲା। ଫଳରେ ଘଟଣାସ୍ଥଳରେ କାମଦେବଙ୍କ ମୃତ୍ୟୁ ହୋଇଥିଲା। ଏନେଇ ସାଥୀ ଶିକାରୀମାନଙ୍କଠାରୁ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୂଚନା ପାଇ ବେଲଘର ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏବେ କାମଦେବଙ୍କ ସ୍ତ୍ରୀ ଚୁମୁକି ମୋ ସ୍ୱାମୀଙ୍କୁ ଗୁଳି କରି ହତ୍ୟା କରାଯାଇଛି ବୋଲି ଥାନାରେ ଅଭିଯୋଗ କରି ମୋ ସ୍ୱାମୀଙ୍କୁ ଶିକାରକୁ ଯିବା ପାଇଁ ଘରୁ ଡାକିନେଇ ଗୁଳି କରି ହତ୍ୟା କରିଛନ୍ତି ବୋଲି ଚୁମୁକି କହିଛନ୍ତି। ଅଭିଯୋଗକୁ ଭିତ୍ତିକରି ବେଲଘର ପୋଲିସ ନଂ. ୩୯/୨୬ରେ ଏକ ମାମଲା ରୁଜୁ ହୋଇଛି। ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରାଯିବ। ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଲଘର ଥାନା ଅଧିକାରୀ ସୌମ୍ୟରଞ୍ଜନ ପତି କହିଛନ୍ତି।


ଭୁବନେଶ୍ୱର ଘାଟିକିଆ ଅଞ୍ଚଳରେ ଥିବା OUTR Govt College Canteen ପାଇଁ ହେଲପର ଏବଂ ବାସନ ଧୋଇବା ପିଲା ଦରକାର ।
ହେଲପର – (10,000/– to 12,000/–)
ବାସନ ଧୋଇବା – 10,000/–
ଯୋଗାଯୋଗ - 9040566755

**ଜରୁରୀ ନିଯୁକ୍ତି / ଚାକିରି ସୁଯୋଗ**
କମ୍ପାନୀରେ ସିଧାସଳଖ ନିଯୁକ୍ତି ପାଇଁ ନିର୍ମାଣ ଶ୍ରମିକ ଆବଶ୍ୟକ।
- ଶଟରିଂ ଏବଂ ଷ୍ଟିଲ୍ (ରଡ୍ ବାଇଣ୍ଡିଂ) କାମ ଜାଣିଥିବା
- ସ୍ଥାୟୀ କାମ (Permanent Job)
- କମ୍ପାନୀରେ ଡାଇରେକ୍ଟ ହାଇରିଂ
- କୌଣସି ଅଗ୍ରିମ ଦିଆଯିବ ନାହିଁ
- ଅନୁଭବୀଙ୍କୁ ପ୍ରାଥମିକତା

ଆଗ୍ରହୀ ପ୍ରାର୍ଥୀମାନେ ଯୋଗାଯୋଗ କରନ୍ତୁ
**Mob : 8847088916**
ଯୋଗେଶ ଶର୍ମା

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**CREW EAST MANPOWER CONSULTANCY**
**URGENT HIRING**
CNC Laser Op – 5 (3+ yrs), Bending Op – 5 (4+ yrs), MIG Welder/Fitter – 10 (6+ yrs), Powder Coater – 10 (3+ yrs), Wiremen – 20 (3+ yrs), Busmen – 15 (3+ Yrs), Panel Assembler – 10 (2+ yrs), Welders– 40 (4+ yrs), Fitters – 20 (4+ yrs), Helpers– 40 (1+ Yrs).
**Salary: Best in Industry.**
**Mob:7684080260 (WhatsApp)**
**Mail Id: creweast2025@gmail.com**

IFFCO — Wholly owned by Cooperatives
**Indian Farmers Fertiliser Cooperative Limited, Paradeep Unit**
Advertisement No. PDP/HR/Rec/2026 Date: 28.04.2026
**Requirement of Assistant Trainee (Operator) for IFFCO, Paradeep Unit**
Indian Farmers Fertiliser Cooperative Limited, Paradeep Unit, District - Jagatsinghpur (Odisha) invites applications for the post of Assistant Trainee (Operator) for Paradeep Plant from candidates possessing Diploma (Chemical)/ B.Sc. (PCM) qualification and who have completed their apprenticeship / will be completing apprenticeship by 30.04.2026 under Apprentices Act 1961 from IFFCO / Fertilizer Industry / Heavy Chemical Industry / Petroleum Refinery / Petrochemical industry.
**How to apply:** For details of advertisement and required qualification, age, apprenticeship, categories, emoluments, other eligibility criteria of the above mentioned post and how to apply etc. visit our website www.iffco.in and go to careers and click on requirement of assistant trainee (operator) for IFFCO, Paradeep Unit and apply online or at www.iffcoyuva.in. The online application form may also be directly accessed on https://appspd.iffco.coop/candidate.
It is mandatory to submit online application form.
**Important Dates for candidates:**
Date of opening of online application: 01.05.2026, 08.00 hrs
Date of closing of online application: 08.05.2026, 23.59 hrs
**For queries / clarification:**
Contact No: 06722-22 4761

**UTKAL UNIVERSITY**
VANI VIHAR, BHUBANESWAR-751004, ODISHA
Email: registrar@utkaluniversity.ac.in
**Indicative Advertisement for Recruitment of Faculty Positions**
**No.: Estt.I/1041(Vol-IV)/5130/2026** **Dated: 02.05.2026**
Established in 1943, Utkal University occupies a foundational place in the higher education landscape of Odisha, emerging from an early generation of public universities that helped shape the intellectual architecture of modern India. Headquartered at its Vani Vihar campus in Bhubaneswar–spread across a sprawling ecosystem of 460 acres enriched by nature's bounty and complemented by the Utkal University Rural Campus at Chandikhole, spread over 66 acres, the University anchors an extensive academic network of nearly 430 affiliated colleges across the state. Embedded within the dynamic intellectual geography of South Asia, it aspires to evolve as a global destination for higher learning. Offering 47 academic programmes across diverse disciplines–including the Social Sciences, Natural Sciences, Pharmaceutical Sciences, and Management–and extending from undergraduate to doctoral levels, the University reflects a wide spectrum of academic engagement. Rooted in a distinguished legacy yet responsive to a transforming knowledge order, it advances cutting-edge curricula, fosters innovation and incubation, and promotes transdisciplinary engagements within contemporary knowledge ecologies. Through its commitment to research excellence and evolving pedagogic practices, it sustains a dynamic interface between heritage, convention, and futurity.
Utkal University invites **online applications from eligible Indian citizens** for appointment to the posts of **Assistant Professor, Associate Professor, and Professor** against sanctioned positions across various Post-Graduate Departments, in accordance with Letter No. 5322/HE dated 31.01.2026 issued by the Department of Higher Education, Government of Odisha..
**Disciplines / Departments:**
Analytical & Applied Economics; Anthropology; Ancient Indian History, Culture & Archaeology (AIHCA); Biotechnology; Botany; Business Administration; Chemistry; Centre for Distance and Online Education (CDOE); Commerce; Computer Science; English; Geography; Geology; History; Library & Information Science; Law; Personnel Management & Industrial Relations (PM&IR); Mathematics; Odia; Philosophy; Physics; Psychology; Political Science; Public Administration; Sanskrit; Sociology; Statistics; Zoology.
**Eligibility & Qualifications:**
Minimum qualifications, eligibility criteria, and service conditions shall be **governed by the UGC Regulations/Notifications, 2018**, as amended from time to time.
**Application Process:**
The application process shall be conducted **entirely in online mode** through the HIMS portal: **https://hims.odisha.gov.in/home**
Detailed advertisement, including department-wise vacancies and reservation positions, will be available on the University website: **www.utkaluniversity.ac.in** from **15.05.2026** onwards.
**Important Dates:**
- **Opening of Online Application:** 15.05.2026
- **Closing of Online Application:** 16.06.2026
- **Last Date for Receipt of Hard Copy (Registered/Speed Post):** 29.06.2026

In addition, a hard copy of the downloaded application form along with all relevant documents must be sent to the **Registrar, Utkal University, Vani Vihar, Bhubaneswar-751004, Khordha, Odisha** within the stipulated timeline.
**General Instructions:**
Applicants are advised to carefully review all eligibility conditions, qualifications, and procedural requirements before submission.
The University reserves the right to **modify, amend, or cancel** this advertisement, either in part or in full, without assigning any reason thereof.
**Sd/- Registrar**

No. 10001/98/2627

**ଅଂଶୁଘାତ ସତର୍କତା**

**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**
OIPR-10001/10003/2/26-27/0012
**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**
facebook.com/HFWOdisha
@HFWOdisha
http://www.health.odisha.gov.in/

# ବାଲେଶ୍ୱର ଆଲଏଜ୍ ଖଣି ବନ୍ଦ ହେଲା

**କାଳିଆପାଣି, ୨।୫ (ଅସିତ୍ ମହାନ୍ତ)**

ଯାଜପୁର ଜିଲା ସୁକିନ୍ଦା ବାଲେଶ୍ୱର ଆଲଏଜ୍ କ୍ରୋମାଇଟ ଖଣିକୁ ବିନା ଅନୁମତିରେ ଚାଲିଥିବା ଅଭିଯୋଗରେ ଖଣି ବିଭାଗ ପକ୍ଷରୁ ବନ୍ଦ କରାଯାଇଛି। ଯାଜପୁର ରୋଡ୍ ଖଣି ଉପନିର୍ଦ୍ଦେଶକ ଆଶିଷ କୁମାର ସାହୁଙ୍କ ନିର୍ଦ୍ଦେଶରେ ବୁଧବାର କନିଷ୍ଠ ଖଣି ଅଧିକାରୀ ପବିତ୍ର କୁମାର ସାହୁ ଏକ ସ୍ୱତନ୍ତ୍ର ଦଳକୁ ନେଇ ଖଣି ଭିତରକୁ ଅଚାନକ ଗସ୍ତ କରିଥିଲେ। ଖଣି ଖନନ କାର୍ଯ୍ୟରେ ଅନେକ ଅନିୟମିତତା ହେଉଥିବା ଦର୍ଶାଇ ଖନନ କାର୍ଯ୍ୟକୁ ବନ୍ଦ କରିବା ସହ ନିୟୋଜିତ ମେଶିନ ଓ ଅନ୍ୟ ଯନ୍ତ୍ରାଂଶଗୁଡ଼ିକୁ ବାହାର କରି ଦିଆଯାଇଥିବା ସୂଚନା ମିଳିଛି। ଅଭିଯୋଗ ଅନୁସାରେ ଲାଭଖୋର ମନୋବୃତ୍ତି ଯୋଗୁ ସେଠାରେ ବେଆଇନ ଭାବେ



ବାଲେଶ୍ୱର ଆଲଏଜ୍ କ୍ରୋମାଇଟ ଖଣି।

କ୍ରୋମାଇଟ ବିକ୍ରି କରାଯାଉଥିଲା। ଉକ୍ତ ଖଣି ଭିତରେ ପ୍ରଚୁର ପରିମାଣରେ ଉଚ୍ଚ ମାନର କ୍ରୋମାଇଟ ଗଚ୍ଛିତ ରହିଥିବାରୁ ବିଭାଗୀୟ ନୀତି ନିୟମ ନ ମାନି ନିଜ ଇଚ୍ଛାରେ ଖୋଳି ବିକ୍ରି ହେଉଥିଲା। ସଙ୍କୁଚିତ ତଥା ଛୋଟ ସ୍ଥାନରେ ଅତ୍ୟଧିକ କ୍ରୋମାଇଟ ଗଚ୍ଛିତ ଥିବାରୁ ଖଣି ପରିସର ଅସୁରକ୍ଷିତ ହୋଇ ପଡ଼ିଛି। ପ୍ରତି ମୁହୂର୍ତ୍ତରେ ବିପଦ ଲାଗି ରହିଥିବାବେଳେ ଶ୍ରମିକ ଓ କର୍ମଚାରୀମାନେ ଜୀବନକୁ ବାଜି ଲଗାଇ କ୍ରୋମାଇଟ ଉତ୍ପାଦନ କରି ଚାଲିଛନ୍ତି। ଖଣି ନିୟମ ବାହାରେ ଅସୁରକ୍ଷିତ ସ୍ଥାନରୁ କ୍ରୋମାଇଟ୍ ଉଠାଇ ନିଜ ପ୍ଲାଣ୍ଟ ବାଲେଶ୍ୱରକୁ ପରିବହନ କରାଯାଉଛି। ଖଣି ସୁରକ୍ଷା ନିର୍ଦ୍ଦେଶାଳୟ, ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ), ଖଣି ଉପନିର୍ଦ୍ଦେଶାଳୟ ଓ ଖଣି ପରିଚାଳନା ଦାୟିତ୍ୱରେ ଥିବା ସରକାରୀ ବାବୁମାନେ ଖଣି ପରିଦର୍ଶନରେ ବାରମ୍ବାର ଆସନ୍ତି, କିନ୍ତୁ ସବୁ ଦେଖି ନ ଦେଖିଲା ଭଳି ଫେରିଯାଆନ୍ତି। ଖଣି କର୍ତ୍ତୃପକ୍ଷଙ୍କ ଏଭଳି ମନମାନି କାର୍ଯ୍ୟ ଯୋଗୁ ୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀଙ୍କ ଜୀବନଜୀବିକା ବିପଦରେ ପଡ଼ିଛି। ସୁକିନ୍ଦା ଖଣି ଅଞ୍ଚଳରୁ ଗୋଟିଏ ପରେ ଗୋଟିଏ ଖଣି ବନ୍ଦ ହେବାରେ ଲାଗିଛି। ଯାହାଫଳରେ ଶ୍ରମିକ ଓ କର୍ମଚାରୀମାନେ ନିଯୁକ୍ତି ହରାଇ ଦୁର୍ଦ୍ଦଶାରେ ଜୀବନ ବିତାଉ ଥିବାବେଳେ ଆଉ ଏକ କ୍ରୋମାଇଟ୍ ଖଣି ବନ୍ଦ ହୋଇଯାଇଛି।

# ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ ପାଇଲେ କିଶୋର ଜେନା

**ବରୀ, ୨।୫ (ମହେନ୍ଦ୍ର ସ୍ୱାଇଁ):**

ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ରାଜ୍ୟ ଶ୍ରମ କର୍ମଚାରୀ, ରାଜ୍ୟ ବୀମା ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଛି। ଶ୍ରମିକ, ବ୍ୟାଙ୍କ କର୍ମଚାରୀ ନେତା ତଥା ଏଆଇଟିୟୁସିର ରାଜ୍ୟ ସମ୍ପାଦକ କିଶୋର ଚନ୍ଦ୍ର ଜେନାଙ୍କୁ ଓଡ଼ିଶା ଓଏୟୁଟି ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ଶ୍ରମମନ୍ତ୍ରୀ ଗଣେଶରାମ ଖୁଣ୍ଟିଆଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରିଛନ୍ତି। ବରୀ ବ୍ଲକ ଅନ୍ତର୍ଗତ ହଳଦିବସନ୍ତ ଗ୍ରାମର କିଶୋର ଶ୍ରମିକ ବନ୍ଧୁ ସମ୍ମାନ ରୂପେ ଉତ୍ତରୀୟ, ସ୍ମାରକୀ, ପ୍ରଶଂସା ପତ୍ର ସହ ୫୦ ହଜାର ଟଙ୍କାର ଚେକ ପାଇଛନ୍ତି। ୭୯ବର୍ଷୀୟ କିଶୋର ପ୍ରଥମେ ବ୍ୟାଙ୍କ କର୍ମଚାରୀ ରାଜ୍ୟ ସଂଗଠନର ସମ୍ପାଦକ ରୂପେ କାର୍ଯ୍ୟକରିଥିଲେ। ଏବେ ସେ ଶ୍ରମିକ ସଂଗଠନ ବିଶେଷ କରି ଅସଂଗଠିତ ଶ୍ରମିକଙ୍କ କଲ୍ୟାଣ ଓ ଉନ୍ନତି ପାଇଁ କାର୍ଯ୍ୟ କରିଚାଲିଛନ୍ତି। ସଂପ୍ରତି ସେ ଏଆଇଟିୟୁସି, ଓଡ଼ିଶା ରାଜ୍ୟ କମିଟିର ସମ୍ପାଦକ, କଟକ ଜିଲାର ସଭାପତି, କଟକଜିଲା କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚର ଆବାହକ, ଓଡ଼ିଶା ବ୍ୟାଙ୍କ କର୍ମଚାରୀ ଓ ଅଫିସର ସଂଘ ଉପଦେଷ୍ଟା ଏବଂ ଅର୍ବାନ ବ୍ୟାଙ୍କ ଜମା ସଂଗ୍ରହକାରୀ ସଂଘ ସଭାପତି, ତୃପ୍ତି ଡ୍ରିଙ୍କସ ପ୍ରାଇଭେଟ ଲିମିଟେଡ୍ ଶ୍ରମିକ ସଙ୍ଘର କାର୍ଯ୍ୟକାରୀ ସଭାପତି, ଅଙ୍ଗନବାଡି କର୍ମୀ ସଂଘ ସମ୍ପୃକ୍ତ ରହି କାର୍ଯ୍ୟ କରୁଛନ୍ତି। ସେ ଜଣେ ଗ୍ରନ୍ଥକାର। ଶ୍ରମଜୀବି, ବ୍ୟାଙ୍କ ଓ ଅନ୍ୟାନ୍ୟଆର୍ଥିକ କ୍ଷେତ୍ରରେ ସମସ୍ୟା ସଂପର୍କରେ ତାଙ୍କର ଲେଖା ନିୟମିତ ଭାବେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥାଏ। ଏହାସହ ସାପ୍ତାହିକ ନୂଆ ଦୁନିଆର ପରିଚାଳନା ସମ୍ପାଦକ ଓ ବିଭିନ୍ନ ଶିକ୍ଷାୟତନର ପରିଚାଳନାରେ ମଧ୍ୟ ସଂପୃକ୍ତ ରହିଛନ୍ତି।


କିଶୋର ଚନ୍ଦ୍ର ଜେନାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରୁଛନ୍ତି।

# ୬ ଜୋନ୍‌ରେ ଜନ ଆକ୍ରୋଶ ମହିଳା ସମାବେଶ


ଜନ ଆକ୍ରୋଶ ମହିଳା ସମାବେଶରେ ସାମିଲ ହୋଇଥିବା ମହିଳାମାନେ।

**କାଏମା, ୨।୫ (ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୬ ଜୋନରେ ଭାଜପା ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାଜପା ପକ୍ଷରୁ ସଂସଦରେ ମହିଳାଙ୍କ ପାଇଁ ୩୩ ଭାଗ ସଂରକ୍ଷଣ ବିଲ ଆଗତ କରାଯାଇଥିଲା। ହେଲେ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ବିଲ ବିରୋଧରେ ଭୋଟ ଦେଇଥିଲେ। ଫଳରେ ଗୃହରେ ବିଲଟି ପାରିତ ହୋଇପାରି ନ ଥିଲା। କଂଗ୍ରେସ ସମେତ ବିରୋଧୀ ଦଳ ଚକ୍ରାନ୍ତ କରି ବିଲକୁ ପାସ କରାଇ ଦେଇ ନ ଥିଲେ, ଯାହାର ଫଳ ସ୍ୱରୂପ ମହିଳାମାନଙ୍କ ସପକ୍ଷରେ ଥିବା ସଂରକ୍ଷଣ ବିଲ ପାସ ହୋଇ ନ ଥିଲା। ଏହାର ପ୍ରତିବାଦରେ ଦେଶ ବ୍ୟାପୀମହିଳା ବିରୋଧୀଙ୍କ ଚକ୍ରାନ୍ତକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଗତ କିଛି ଦିନ ତଳେ ଧର୍ମଶାଳା ନିର୍ବାଚନମଣ୍ଡଳୀର ଜରାକାସ୍ଥିତ ମହୋତ୍ସବ ପଡ଼ିଆରେ ବହୁ ମହିଳା ଏକତ୍ରିତ ହୋଇ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ବିରୋଧରେ ନାରାବାଜି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ଦଳ ଏକ ନାରୀ ବିରୋଧ ଦଳ ବୋଲି ପ୍ରତ୍ୟେକ ଗାଁକୁ ସନ୍ଦେସ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ଧର୍ମଶାଳା ଭାଜପା ପକ୍ଷରୁ କବାଟବନ୍ଧ, ଜେନାପୁର, ଆରୁହା, ଜାରକା, କୋଟପୁର, ବାରବାଟୀ ୬ ଜୋନରେ ଜନ ଆକ୍ରୋଶ ମହିଳା ସମାବେଶ କରାଯାଇ ପଦଯାତ୍ରା କରାଯାଇଥିଲା। ମହିଳାମାନେ ପ୍ଲା କାର୍ଡ ଧରିବା ସହ ବିରୋଧୀ ଦଳ ବିରୋଧରେ ନାରାବାଜି କରି ଗ୍ରାମ ପରିକ୍ରମା କରି ବିରୋଧୀଙ୍କ ଚକ୍ରାନ୍ତ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ମହିଳାଙ୍କ ବିରୋଧରେ ଥିବା ଦଳଗୁଡିକୁ ଆଗାମୀ ଦିନରେ ଭୋଟର ଉଚିତ ଜବାବ ଦେବେ ବୋଲି ମହିଳାମାନେ କହିଥିଲେ। ସମସ୍ତ ଜୋନରେ ଭାଜପା ଜୋନ ସଭାପତି ଶ୍ରୀବସ୍ତ ଧୀର, ନେତ୍ରାନନ୍ଦ ପାତ୍ର, ଜିତେନ୍ଦ୍ର ରାଉତ, ଦେବଦତ ପଣ୍ଡା, ପ୍ରଶାନ୍ତ ନାୟକ ଓ ତୀର୍ଥରାଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜୋନସ୍ତରୀୟ ହଜାରହଜାର ସଂଖ୍ୟାରେ ମହିଳା ଏହି ଜନ ଆକ୍ରୋଶ ମହିଳା ସମାବେଶରେ ସାମିଲ ହୋଇଥିଲେ।

# ନାବାଳିକା ଉଦ୍ଧାର

**ପାଣିକୋଇଲି, ୨।୫ (ବିକାଶ ଚନ୍ଦ୍ର ମଲ୍ଲିକ):**

ପାଣିକୋଇଲି କଲେଜ ପଡ଼ିଆ ନିକଟରେ ଭଡ଼ାରେ ରହୁଥିବା ଜଣେ ନାବଳିକା(୧୧)ଙ୍କୁ ଶୁକ୍ରବାର ଅପହରଣ କରାଯାଇଥିବା ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ସିସିଟିଭି ଦେଖି ଖୋଳତାଡ କରିବା ପରେ ନାବାଳିକାଙ୍କୁ ଉଦ୍ଧାର କରିଛି। ଏଥିସହିତ ଅପହରଣକାରୀ ଯୁବକଙ୍କୁ କାବୁ କରିଛି। ନାବାଳିକା ଜଣଙ୍କ ଏକ ସାଇକେଲରେ ଜଣେ ଯୁବକଙ୍କ ସହ ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ପୋଲିସ ବହୁଖୋଜାଖୋଜି କରିବା ପରେ ନାବାଳିକା ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳରେ ଥିବା ଜଣାପଡିଥିଲା। ନାବାଳିକା ଏକ ଦୋକାନ ନିକଟରେ ଛିଡ଼ାହୋଇ କାନ୍ଦୁଥିବାବେଳେ ତାଙ୍କୁ ସେଠାକାର ଲୋକେ ଦେଖି ପାଣିକୋଇଲି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ଅପହରଣକାରୀଙ୍କୁ ପୋଲିସ ଧାମନଗର ଅଞ୍ଚଳରୁ କାବୁ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୧୪୮/୨୬ ରୁଜୁ ହୋଇଛି।

# ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**ଯାଜପୁର, ୨।୫ (ହର୍ଷବର୍ଦ୍ଧନ ବେହେରା)**

ବ୍ୟାସନଗର ସାପଗାଡ଼ିଆ ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷୟିତ୍ରୀ ଲଳିତା ପତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ପୌରପାଳିକା ଶିକ୍ଷକ ସଂଘର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଇନରହ୍ୱିଲ କ୍ଲବ୍‌ର ପୂର୍ବତନ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ଘଡ଼ାଇ ମୁଖ୍ୟଅତିଥି, ପୂର୍ବତନ ସଂଘ ସମ୍ପାଦକ ବିଷ୍ଣୁଚରଣ ପରିଡ଼ା, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାଧର ପାଢ଼ି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ପତିଙ୍କ କର୍ମମୟ ଜୀବନକୁ ମନେ ପକାଇ ପ୍ରଶଂସା କରିଥିଲେ। ସ୍କୁଲର ପ୍ରତିଷ୍ଠାତା ତପନ କୁମାର ନାୟକ ସଭାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୌରପାଳିକାର ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ, ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ।


ବ୍ୟାସନଗର ସାପଗାଡ଼ିଆ ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷୟିତ୍ରୀ ଲଳିତା ପତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ସାହିତ୍ୟ ସମ୍ପର୍କକୁ ବଞ୍ଚାଇ ରଖିପାରେ

**ଯାଜପୁର, ୨।୫ (ହର୍ଷବର୍ଦ୍ଧନ ବେହେରା):**

**ଅଖିଳଚନ୍ଦ୍ର ମହାବିଷୁବ ସମ୍ମାନ ଓ କବି ସମ୍ମିଳନୀ**

ଚଳିତ ବର୍ଷ ଅଖିଳଚନ୍ଦ୍ର ମହାବିଷୁବ ସମ୍ମାନ ଶିକ୍ଷାବିତ ବୀଣାପାଣି ସାମଲ ଓ ବିଶିଷ୍ଟ କବି ମନୋରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଛି। ଯାଜପୁର ଜିଲାର ସାମେଶ୍ୱର ଶୈବ ପୀଠଠାରେ ଅଖିଳଚନ୍ଦ୍ର ଓଡ଼ିଶା ଓ ଶାମେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ବୁଧବାର ଆୟୋଜିତ ମହାବିଷୁବ ମିଳନ ଓ କବି ସମ୍ମିଳନୀ ଅନୁଷ୍ଠାନର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ ବୈକୁଣ୍ଠ ନାଥ ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜରେ ସାହିତ୍ୟ ସମ୍ପର୍କକୁ ବଞ୍ଚାଇ ରଖିପାରେ ଏବଂ ସାହିତ୍ୟରେ ସମାଲୋଚନା ଦ୍ୱାରା ସମାଜ ପରିମାର୍ଜିତ ହୋଇଥାଏ ବୋଲି କହିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଗୋପୀନାଥ ଦାଶ ଓ ଶାନ୍ତନୁ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସାମାଜିକ ସଂଗଠକ ଅଟଳବିହାରୀ ନାୟକ, ସହସମ୍ପାଦକ ରବୀନ୍ଦ୍ର ପରିଡ଼ା, ଗୋବିନ୍ଦ ଚନ୍ଦ୍ର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତାପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୌରାଙ୍ଗ ସ୍ୱାଇଁଙ୍କ ସଭାପତିତ୍ୱରେ ପାର୍ଥସାରଥୀ ଦାସ, ଶ୍ରୀହରି ଧଳ, ସନ୍ତୋଷ ବେଉରିଆ, ବନ୍ଦନା ସାମଲ, ଅମ୍ରିତା ସିଂହ, ଅଭୟ ଖୁଣ୍ଟିଆ, ସତ୍ୟରଞ୍ଜନ ସ୍ୱାଇଁ, ମଣ୍ଟୁ ବଳବନ୍ତରାୟ, ଅକ୍ଷୟ ସେଠୀ, ପୁଷ୍ପାଧଳ ମହାପାତ୍ର, ପ୍ରଣତୀ ମାହାପାତ୍ର ପ୍ରମୁଖ ବହୁ ନିମନ୍ତ୍ରିତ କବି ସ୍ୱରଚିତ କବିତା ପାଠ କରିଥିଲେ। ଶାମେଶ୍ୱର ଉନ୍ନୟନ କମିଟି ପକ୍ଷରୁ ଏହି କ୍ଷେତ୍ରକୁ ଓଡ଼ିଶା ମାନଚିତ୍ରରେ ଯୋଡିବା ଲାଗି ଲେଖକ କବିମାନେ ଦୃଷ୍ଟି ଦେବାକୁ ଆହ୍ୱାନ କରାଯାଇଥିଲା।

# ଦେଶ ନିର୍ମାଣରେ ଶ୍ରମିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

**ବଡ଼ଚଣା, ୨।୫ (ଦିଲୀପ କୁମାର ମହାନ୍ତି):**



ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘ ବାର୍ଷିକ ଉତ୍ସବ ଓ ଅନ୍ତର୍ଜାତୀୟ ଶ୍ରମିକ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଓ ସଂଘ ବାର୍ଷିକ ଉତ୍ସବ ଆଇନଜୀବୀ ରାଜେଶ ଜେନାଙ୍କ ସଭାପତିତ୍ୱରେ ପାଳିତ ହୋଇଟାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଶ୍ରମିକ ନେତା ମଧୁସୂଦନ ଯାଦବ, ମୁଖ୍ୟବକ୍ତାଭାବେ ଗ୍ରନ୍ଥକାର ମାନସ ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଆନ୍ତର୍ଜାତିକ ଶ୍ରମିକ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦେଶ ନିର୍ମାଣରେ ଶ୍ରମିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅଣ ସଂଗଠିତ ଶ୍ରମିକ ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ନାୟକ, ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ ସଭାପତି ଦେବାରାଜ ବେହେରା, ସୁଙ୍ଗୁଡା ସରପଞ୍ଚ ଅଞ୍ଜୁଳତା ସ୍ୱାଇଁ ଓ ସାମାଜିକ କର୍ମୀ ସବିତା ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ରମିକ ସଂଘ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଚଣ୍ଡିଖୋଲ ପ୍ରେସକ୍ଲବର କାର୍ଯ୍ୟକାରୀ ସଭାପତି ଦିଲୀପ ମହାନ୍ତି, ସମ୍ପାଦକ ହେମେସ ଜେନା, ଖବରଦାତା ଅବିନେଶ୍ୱର ଶତପଥୀଙ୍କ ସମେତ ବିଭିନ୍ନ ବର୍ଗର ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନୂତନ ଶ୍ରମିକଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିଲା। କାର୍ତ୍ତିକ ବେହେରା, ତରୁଣ ଖଣ୍ଡାୟୀ, ସ୍ଥିତିପ୍ରଜ୍ଞା ବାରିକ, ରାଜଶ୍ରୀ ମହାରଣା, ଶୁଭଶ୍ରୀ ପ୍ରଧାନ, ରାଜେଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

**ପ୍ରଥମ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍-୫, ଭୁବନେଶ୍ୱର**

No.31001/15/2627:ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରୀ କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ୨୦୨୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଅଧୀନରେ **'ଜୀବନବ୍ୟାପୀ ହସ୍ତଶିଳ୍ପ ସାଧନା ପୁରସ୍କାର', 'ଓଡ଼ିଶା ରାଜ୍ୟ ଶ୍ରେଷ୍ଠ ହସ୍ତଶିଳ୍ପୀ ସମ୍ମାନ', 'କଳାକୃତି ପୁରସ୍କାର'** ଏବଂ **'ଉଦୀୟମାନ ହସ୍ତଶିଳ୍ପୀ ସମ୍ମାନ'** ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ପ୍ରସ୍ତୁତ ପ୍ରତିକୃତି ସହିତ ଆବେଦନର ଶେଷ ତାରିଖ ୨୧.୦୮.୨୦୨୬ ।

**ଆବେଦନ ନିମନ୍ତେ ଆବଶ୍ୟକୀୟ ତଥ୍ୟ**

**କ. ଜୀବନବ୍ୟାପୀ ହସ୍ତଶିଳ୍ପ ସାଧନା ପୁରସ୍କାର**
୧) ପ୍ରାର୍ଥୀଙ୍କ ଯୋଗ୍ୟତା :- ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :- ସର୍ବନିମ୍ନ ବୟସ ୬୦ ବର୍ଷ ହୋଇଥିବା ଆବଶ୍ୟକ ।
୩) ପୁରସ୍କାର ରାଶି :- ଟ.୫,୫୦,୦୦୦ଙ୍କା (ପାଞ୍ଚ ଲକ୍ଷ ପଚାଶ ହଜାର ଟଙ୍କା) ସହିତ ମାନପତ୍ର

**ଖ. ଓଡ଼ିଶା ରାଜ୍ୟ ଶ୍ରେଷ୍ଠ ହସ୍ତଶିଳ୍ପୀ ସମ୍ମାନ**
୧) ପ୍ରାର୍ଥୀଙ୍କ ଯୋଗ୍ୟତା :- ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :- ସର୍ବନିମ୍ନ ବୟସ ୩୦ ବର୍ଷ ହୋଇଥିବା ଆବଶ୍ୟକ ।
୩) ପୂର୍ବରୁ କୌଣସି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇନଥିବେ ।
୪) ପୁରସ୍କାର ରାଶି :- ଟ.୧,୨୦,୦୦୦ଙ୍କା (ଏକ ଲକ୍ଷ କୋଡିଏ ହଜାର ଟଙ୍କା) ସହିତ ପ୍ରମାଣପତ୍ର

**ଗ. କଳାକୃତି ପୁରସ୍କାର**
୧) ପ୍ରାର୍ଥୀଙ୍କ ଯୋଗ୍ୟତା :- ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :- ସର୍ବନିମ୍ନ ବୟସ ୩୦ ବର୍ଷ ହୋଇଥିବା ଆବଶ୍ୟକ ।
୩) ପୁରସ୍କାର ରାଶି :- ଟ.୩୦,୦୦୦ଙ୍କା (ତିରିଶ ହଜାର ଟଙ୍କା) ସହିତ ପ୍ରମାଣପତ୍ର

**ଘ. ଉଦୀୟମାନ ହସ୍ତଶିଳ୍ପୀ ସମ୍ମାନ**
୧) ପ୍ରାର୍ଥୀଙ୍କ ଯୋଗ୍ୟତା :- ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :- ବୟସ ୩୦ ବର୍ଷରୁ କମ ହୋଇଥିବା ଆବଶ୍ୟକ ।
୩) ପୁରସ୍କାର ରାଶି :- ଟ.୧୧,୦୦୦ଙ୍କା (ଏଗାର ହଜାର ଟଙ୍କା) ସହିତ ପ୍ରମାଣପତ୍ର

ସବିଶେଷ ବିବରଣୀ ଓ ଆବଶ୍ୟକ ଆବେଦନ ପତ୍ର ନିମନ୍ତେ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କିମ୍ବା ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶାର ୱେବସାଇଟ https://crafts.odisha.gov.in/ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶାର ୱେବସାଇଟ https://handloom.odisha.gov.in ପରିଦର୍ଶନ କରିବାକୁ ଅନୁରୋଧ ।

ସ୍ୱା./- ନିର୍ଦ୍ଦେଶିକା
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-31001/31034/1/26-27/0001



बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଭୁବନେଶ୍ୱର ଶାଖା
ଏନ୍.ବି. ଟାୱାର, ପ୍ଲଟ୍ ନଂ.: ୨୨୬୦, ନୟାପଲ୍ଲୀ
ଭୁବନେଶ୍ୱର-୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮
ଇ-ମେଲ୍: bom1182@mahabank.co.in

**ଡିମାଣ୍ଡ ନୋଟିସ୍**

ଆମ୍ଭେ ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଅଛୁ ଯେ ଆପଣମାନେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ଶାଖା** ଗୁଡ଼ିକରୁ ନିମ୍ନ ଋଣ ସୁବିଧା ଗୁଡ଼ିକ ମଞ୍ଜୁରୀ ପ୍ରାପ୍ତ କରିଛନ୍ତି। କଥିତ ପ୍ରାପ୍ତ ଋଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ସମ୍ପାଦନ କରିଛନ୍ତି ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ୍ୟ ଦେଇଛନ୍ତି। ଆମ୍ଭର ବାରମ୍ବାର ଦାବୀ ସତ୍ତ୍ୱେ, ଆପଣମାନେ ଆପଣମାନଙ୍କର ବକେୟା ଦେୟ ପରିଶୋଧ କରୁନାହାନ୍ତି। ଏଣୁ କିସ୍ତି / ସୁଧ / ମୂଳ ଋଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟଗୁଡ଼ିକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଅଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ଶାଖାର** ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ରେଜିଷ୍ଟର୍ଡ ଡାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା / ସହ-ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ ସସ୍ମିତା ରାଣୀ ସାମନ୍ତ,** ସ୍ୱାମୀ: ଶ୍ରୀ ପୂର୍ଣ୍ଣେନ୍ଦୁ ବୋଷ ଏବଂ ପିତା: କାଙ୍ଗାଳ ରାମ ସାମନ୍ତ, **ଠିକଣା-୧:** ସା: ପ୍ଲଟ୍ ନଂ.: ଏଡ଼ି ୧୬, ମହାବିନାୟକପୁରମ, କଳାରାହାଙ୍ଗ, ପଟିଆ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୪, **ଠିକଣା-୨:** ପ୍ଲଟ୍ ନଂ.: ୫୩୧/୪୮୯୫, ଖାତା ନଂ.: ୪୭୪/୪୭୩୩, ମୌଜା: ପଟିଆ, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୪, **କାର୍ଯ୍ୟାଳୟ ଠିକଣା:** ସଷ୍ଟେନେବଲ ଆଉଟରିଚ୍ ଆଣ୍ଡ ୟୁନିଭରସାଲ ଲିଡ଼ରସିପ୍ (ଏସ୍‌ଓୟୁଏଲ୍) ଲିମିଟେଡ୍, ଇ/୪୨/ଡ଼ି, ଇନ୍‌ଫୋସିଟି ଏଭେନ୍ୟୁ, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଭୁବନେଶ୍ୱର, ଖୋର୍ଦ୍ଧା, ପିନ୍-୭୫୧୦୨୪ | ମିଆଦୀ ଋଣ - ସମ୍ପତ୍ତି ବିପକ୍ଷରେ ଋଣ ଆରଇଟି / ଟ.୬୬,୦୦,୦୦୦/- | ୧୩.୦୧.୨୦୨୬ / ୨୪.୦୩.୨୦୨୬ / ୨୪.୦୩.୨୦୨୬ ସୁଦ୍ଧା ଟ.୬୨,୯୫,୫୫୧.୦୦ + ସେବାବଦ ପରବର୍ତ୍ତୀ ସୁଧ | **ଶ୍ରୀମତୀ ସସ୍ମିତା ରାଣୀ ସାମନ୍ତ,** ସ୍ୱାମୀ: ଶ୍ରୀ ପୂର୍ଣ୍ଣେନ୍ଦୁ ବୋଷ ଏବଂ ପିତା: କାଙ୍ଗାଳ ରାମ ସାମନ୍ତଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୩୧/୪୮୯୫, ଖାତା ନଂ.: ୪୭୪/୪୭୩୩, କ୍ଷେତ୍ର: ୨୦୦୩.୭୬ ବର୍ଗଫୁଟ, ମୌଜା: ପଟିଆ, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୪, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍-ପ୍ଲଟ୍ ନଂ. ବିଏସ୍-୩୬ ଏବଂ ଖୋଲା ସ୍ଥାନ, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍-ପ୍ଲଟ୍ ନଂ. ବିଡ଼ି/୨୪, ପଶ୍ଚିମ: ଖୋଲା ସ୍ଥାନ। |

**ଦ୍ରଷ୍ଟବ୍ୟ:** ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଏବଂ ୧୩(୪) ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ପୂର୍ବ ନୋଟିସ୍‌ଗୁଡ଼ିକୁ ପ୍ରତ୍ୟାହାର କରାଗଲା।

| ଋଣଗ୍ରହୀତା / ସହ-ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଭାସ୍କର ସାହୁ (ମୃତକ),** ପିତା: ଶ୍ରୀ ଦେବେନ୍ଦ୍ରନାଥ ସାହୁ, ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ / **ସହ-ଋଣଗ୍ରହୀତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ସେନାପତି,** ସ୍ୱାମୀ: ୰ ଭାସ୍କର ସାହୁ, ଉଭୟଙ୍କ **ଠିକଣା-୧:** ସା: ଆୟତପୁର, କଟକ, ଓଡ଼ିଶା, ପିନ୍-୭୫୪୧୩୧, **ଠିକଣା-୨:** ପ୍ଲଟ୍ ନଂ.: ୧୯୩୫, ଖାତା ନଂ.: ୭୨୯/୨୯, ସୋମନାଥ ନଗର, ମୌଜା: ରଘୁନାଥପୁର, ତହସିଲ: ଭୁବନେଶ୍ୱର, ଖୋର୍ଦ୍ଧା, ପିନ୍-୭୫୧୦୨୪, **ଠିକଣା-୩:** ପ୍ଲଟ୍ ନଂ.: ୧୦୧, ଶୁଭମ ରେସିଡେନ୍ସି, ପଟିଆ କଲେଜ ନିକଟ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୪୧୩୧, **ଠିକଣା-୪:** ପ୍ଲଟ୍ ନଂ.: ୧୪୯, ୫ମ ମହଲା, ଭିଆଇପି କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୫ | ଗୃହ ଋଣ (କନ୍‌ଷ୍ଟ୍ରକସନ୍) / ଟ.୬୦,୦୦,୦୦୦/- | ୧୮.୦୪.୨୦୨୬ / ୨୦.୦୪.୨୦୨୬ / ୨୦.୦୪.୨୦୨୬ ସୁଦ୍ଧା ଟ.୫୭,୭୨,୮୭୦.୦୦ + ସେବାବଦ ପରବର୍ତ୍ତୀ ସୁଧ | **ଶ୍ରୀ ଭାସ୍କର ସାହୁ,** ପିତା: ଶ୍ରୀ ଦେବେନ୍ଦ୍ରନାଥ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଡୁପ୍ଲେକ୍ସ ଗୃହ ଯାହାର ପ୍ଲଟ୍ ନଂ.: ୧୯୩୫, ଖାତା ନଂ.: ୭୨୯/୨୯, ସୋମନାଥ ନଗର, ମୌଜା: ରଘୁନାଥପୁର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୪, ଜମିର କ୍ଷେତ୍ର: ୧୧୭୮ ବର୍ଗଫୁଟ, କାର୍ପେଟ ଏରିଆ: ୯୫୬ ବର୍ଗଫୁଟ, ଜି+୨ ମହଲା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୨୩୧୧, ପୂର୍ବ: ପ୍ଲଟ୍ ନଂ. ୨୩୧୨, ପଶ୍ଚିମ: ସବ୍-ପ୍ଲଟ୍ ନଂ. ୦୨ |

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ) ଅନୁଯାୟୀ ବ୍ୟାଙ୍କ ଏହାର ଅଧିକାର କ୍ଷୁର୍ଣ୍ଣ ନକରି କ୍ଷମତା ପ୍ରୟୋଗ କରିବ। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି, ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ଆପଣ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସେବାବଦ ପରବର୍ତ୍ତୀ ସୁଧ ଓ ଅନ୍ୟାନ୍ୟ ଦେୟ ପଇଠ କରନ୍ତୁ, ଅନ୍ୟଥା ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟାନ୍ୟ ଅଧିକାରକୁ କ୍ଷୁର୍ଣ୍ଣ ନକରି ଏହାର କ୍ଷମତା ପ୍ରୟୋଗ କରିବ ଏବଂ/ କିମ୍ବା ସମ୍ପତ୍ତି ସମ୍ବନ୍ଧୀୟ କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ଅନୁଯାୟୀ ବ୍ୟାଙ୍କ ଏହାର ସମସ୍ତ କ୍ଷମତା ପ୍ରୟୋଗ କରି ସମ୍ପତ୍ତିକୁ ଦଖଲ ନେବାକୁ ବାଧ୍ୟ ହେବ ଏବଂ ସେବାବଦ ପରବର୍ତ୍ତୀ ସମସ୍ତ ଖର୍ଚ୍ଚ, ଆଇନଗତ ଦେୟ କିମ୍ବା ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ନିମନ୍ତେ ଆପଣ ଦାୟୀ ରହିବେ। ଆକ୍ଟ ଅନ୍ତର୍ଗତ ଉପଲବ୍ଧ ଥିବା କ୍ଷମତାଗୁଡିକ: **କ)** ଋଣଗ୍ରହୀତାଙ୍କ ବନ୍ଧକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରି କରାଯାଇ ଋଣ ରାଶି ଆଦାୟ କରିପାରିବେ। **ଖ)** ବନ୍ଧକ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ଭାର ଗ୍ରହଣକରି ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରୟ କରି ଋଣ ରାଶି ଆଦାୟ କରିପାରିବେ। **ଗ)** ବନ୍ଧକଧାରୀ ଋଣଦାତା ଭାବେ ବ୍ୟାଙ୍କ ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ (ଏହା ପରେ ପରିଚାଳକ ଭାବେ ଦର୍ଶିତ ହେବେ) ନିଯୁକ୍ତି କରିପାରିବେ। **ଘ)** କୌଣସି ବ୍ୟକ୍ତିଙ୍କୁ ଯିଏ କି ଋଣଗ୍ରହୀତାଙ୍କ ଠାରୁ ସୁରକ୍ଷିତ ସମ୍ପତ୍ତିକୁ ଅଧିକାର କରିଛନ୍ତି ଏବଂ ଯାହାଙ୍କ ଠାରୁ ଅର୍ଥରାଶି ପ୍ରାପ୍ତ ହେବାକୁ ଅଛି କିମ୍ବା ଯାହାଙ୍କର ଋଣଗ୍ରହୀତାଙ୍କୁ ଦେୟ ପ୍ରଦାନ କରିବାକୁ ଅଛି, ତାଙ୍କୁ ଲିଖିତ ନୋଟିସ୍ ମାଧ୍ୟମରେ ବ୍ୟାଙ୍କକୁ ଉକ୍ତ ଅର୍ଥରାଶି ଯାହାକି ସୁରକ୍ଷିତ ଋଣ ନିମନ୍ତେ ଯଥେଷ୍ଟ ତାହା ପ୍ରଦାନ କରିବାକୁ କୁହାଯିବ। ସୂଚନା ଯୋଗ୍ୟ ଯେ ଆକ୍ଟର ଧାରା ୧୩ (୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପ୍ରାପ୍ତି ପରେ ଆମର ପ୍ରାକ୍ ଲିଖିତ ଅନୁମତି ବିନା ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୨.୦୫.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

# ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ ଦୁଷ୍ମନ୍ତ

**ଆଳି, ୨।୫(ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଆଳି ମହୁ ବଜାରଦାଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ ହୋଇଥିବା ଦୁର୍ନୀତିର ଏକ ମାସ ମଧ୍ୟରେ ତଦନ୍ତ ହେବା ସହ ଦୁର୍ନୀତିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦ୍ରାପଡ଼ା ଉପ – ଜିଲାପାଳ ଅରୁଣ କୁମାର ନାୟକ ଲିଖିତ ପ୍ରତିଶ୍ରୁତି ଦେବା ପରେ ଅନଶନରୁ ଉଠିଛନ୍ତି ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ । ଉପ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଳି ତହସିଲଦାର ସୁମନ ଘୋଷ ଆମରଣ ଅନଶନରେ ବସିଥିବା ଦୁଷ୍ମନ୍ତଙ୍କ ନିକଟରେ ପହଞ୍ଚି ଆମରଣ ଅନଶନରୁ ଉଠାଇବା ସହ ତାଙ୍କୁ ଆଳି ମେଡିକାଲ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ସୂଚନାଯୋଗ୍ୟ, ଆଳି ମହୁ ବଜାରଦାଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ ଦୁର୍ନୀତି ହୋଇଥିବା ନେଇ ୨୦୨୪ରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ସୁପରଭାଇଜର ଓ ସିଡିପିଓଙ୍କ ଦ୍ୱାରା ତଦନ୍ତ କରାଯାଇ ଦୁର୍ନୀତି ହୋଇଥିବା ନେଇ ତଦନ୍ତ ରିପୋର୍ଟ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା । ଯାହାକୁ ନେଇ ଏପ୍ରିଲ ୨୦ ତାରିଖ ଠାରୁ ଦୁଷ୍ମନ୍ତ ମହୁ ବଜାରଦାଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ ହୋଇଥିବା ଦୁର୍ନୀତିରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହିତ ସାତ ଦଫା ଦାବି ନେଇ ଆଳି ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଥମେ ୭ ଦିନ ଧାରଣା ପରେ ୬ ଦିନ ଆମରଣ ଅନଶନରେ ବସି ରହିଥିଲେ ।



ପ୍ରଶାସନ ଦେଇଥିବା ଲିଖିତ ପ୍ରତିଶ୍ରୁତି ଦୁଷ୍ମନ୍ତଙ୍କୁ ଦେଖାଉଛନ୍ତି ।

## ଗୌତମ ବୁଦ୍ଧଙ୍କ ଜୟନ୍ତୀ ପାଳିତ

**ଡେରାବିଶ, ୨।୫ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣଖଣ୍ଡ ଭୋଳ ପଡ଼ିଆରେ ଭଗବାନ ଶାକ୍ୟମୁନୀ ଗୌତମ ବୁଦ୍ଧଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଭାରତୀୟ ବୌଦ୍ଧ ମହାସଭା ଓଡ଼ିଶା ରାଜ୍ୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ରାଜ୍ୟ ସଭାପତି ସୁଧୀର କୁମାର ମଳିକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ହଳଧର ସେଠୀ, ମୁଖ୍ୟ ବକ୍ତା ସମାଜସେବୀ ସୁଖଦାନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ଗୟାଧର ଦାସ, ତ୍ରିଲୋଚନ ସାମଲ,ଶରତ କୁମାର ସେଠୀ,ଉତ୍ତମ ଚରଣ ମଳିକ, ରବିନ୍ଦ୍ର ମଳିକ ଓ ପ୍ରମୋଦ ମଳିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୌତମ ବୁଦ୍ଧଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଶତାଧିକ ମହିଳା କଳସଯାତ୍ରା କରି ଗ୍ରାମ ପରିକ୍ରମା କରିବା ପରେ କୁନି କୁନି ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅକ୍ଷୟ ମଳିକ, ସୁରେନ୍ଦ୍ର ବେହେରା, ସଞ୍ଜୟ ମଳିକ, ନିରୂପମା ବେହେରା ଓ ମମତାମୟୀ ମଳିକ ପ୍ରମୁଖ ପରିଚାଳନା କରିଥିବା ବେଳେ କ୍ଷୀରୋଦ କୁମାର ମଳିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ

**କେନ୍ଦ୍ରାପଡ଼ା,୨।୫ (ଜଗନ୍ନାଥ ଧଳ)**

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଗଜ ଉଦ୍ଧାରଣ ବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ବେଶ ଦେଖିବା ପାଇଁ ମନ୍ଦିରରେ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପ୍ରତିବର୍ଷ ବୈଶାଖ ପୂର୍ଣ୍ଣିମା ଅବସରରେ ଶ୍ରୀଜୀଉଙ୍କ ଏହି ବେଶ ଅନୁଷ୍ଠିତ ହୋଇଥାଏ । ଏଥିପାଇଁ ମନ୍ଦିରରେ ପାରମ୍ପରିକ ରୀତିନୀତି ସମ୍ପନ୍ନ କରାଯାଇଥିଲା । ଧୋ ପଖାଳ, ନୀତିସ୍ନାନ, ମଙ୍ଗଳ ଆଳତି ଆଦି ପାରମ୍ପରିକ ରୀତିନୀତି ପରେ ପଣା ପଖାଳ ଭୋଗ ହୋଇଥିଲା । ମଧ୍ୟାହ୍ନ ଧୂପ ପରେ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଥିଲା । ଶ୍ରୀଜୀଉଙ୍କ ରତ୍ନବେଦୀ ତଳେ ଗଜରାଜ ଓ ଏକ କୁମ୍ଭୀର ପ୍ରତିମା ରଖାଯାଇଥିଲା । ଶ୍ରଦ୍ଧାଳୁଙ୍କ ଭିଡ଼ ସମ୍ପର୍କରେ ସେବାୟତ ଶଶିକାନ୍ତ ସୁଆର କହିଛନ୍ତି, ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ ସହ ଗତ ଅକ୍ଷୟତୃତୀୟାରୁ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଚାପ ଖେଳୁଛନ୍ତି । ଏଥିପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଅଧିକ ପରିଲକ୍ଷିତ ହୋଇଛି।



ଗଜ ଉଦ୍ଧାରଣ ବେଶରେ ଶ୍ରୀ ଜୀଉ।

## ଆଳି ବ୍ଲକ୍ ଟପ୍ପର ହେଲେ ସୁଧାଂଶୁ ରାଉତ

**ଆଳି,୨।୫(ବନମାଳୀ ସେନାପତି )**



ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସିଙ୍ଗିରି ପଞ୍ଚାୟତ। ଚକ୍ରଧର ସରକାରୀ ଉଚ୍ଚ ବିଦ୍ୟାଳୟ ଦହିସାହିର ଛାତ୍ର ସୁଧାଂଶୁ ଶେଖର ରାଉତ ୫୫୮ ମାର୍କ ରଖି ଏ ୧ ଗ୍ରେଡ଼ରେ ବିଦ୍ୟାଳୟ ସହିତ ଚଳିତ ବର୍ଷ ଆଳି ବ୍ଲକ ଟପ୍ପର ହୋଇଛନ୍ତି। ଭବିଷ୍ୟତରେ ସେ ଜଣେ ଆଇଏଏସ୍ ଅଫିସର ହୋଇ ସାଧାରଣ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ସଫଳତା ନିମନ୍ତେ ତାଙ୍କୁ ବହୁ କଠିନ ପରିଶ୍ରମ କରିବାକୁ ପଡ଼ିଛି ବୋଲି ପ୍ରକାଶ କରିଛନ୍ତି । ସେ କେଉଁଠି ଟିଉସନ୍ ନ ହୋଇ କେବଳ ସ୍କୁଲ ଓ ଘରେ ପାଠ ପଢି ଏହି ସଫଳତା ହାସଲ କରିଛନ୍ତି। ଏହି ସଫଳତା ନିମନ୍ତେ ସେ ତାଙ୍କ ବାପା ଶ୍ୟାମ ସୁନ୍ଦର ରାଉତ, ମାତା ପ୍ରଣତି ରାଉତଙ୍କ ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ରଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କର ସମସ୍ତ ଶୁଭେଚ୍ଛୁ ମାନଙ୍କୁ ଶ୍ରେୟ ଦେଇଛନ୍ତି ।

# ବଡ଼ବେତରା ଜଟେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ପାଟକୁରା,୨।୫(ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ବଡବେତରା ଗ୍ରାମ ଜଟେଶ୍ୱରଙ୍କ ପୀଠରେ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏପ୍ରିଲ ୨୫ ରୁ ମେ ୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଦିବସରେ ଜ୍ଞାନ ଯଜ୍ଞ, ଘୃତ ଯଜ୍ଞ, ନାମ ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ପୂର୍ଣ୍ଣାହୁତି ହୋଇଛି। ୨୯ ତାରିଖରେ ରାଜ୍ୟର ବିଶିଷ୍ଟ ପ୍ରବଚକ ଶାରଦା ପ୍ରସନ୍ନ କର ପ୍ରବଚନ ଦେଇଥିଲେ। ୨୮ରେ ଭଜନ ସମାରୋହ, ଏପ୍ରିଲ ୩୦ ଓ ମଇ ୧ ତାରିଖ ଅଷ୍ଟ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଜଟେଶ୍ୱର ଉନ୍ନୟନ ପରିଷଦର କର୍ମକର୍ତ୍ତାମାନଙ୍କ ଦ୍ୱାରା ପରିଚାଳିତ ଏହି ସମସ୍ତ କାର୍ଯ୍ୟକ୍ରମରେ ବଡବେତରା ଓ ଆଖପାଖ ଗ୍ରାମମାନଙ୍କରୁ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ ।

# ଫାର୍ସା ସହ ଗାଁରେ ୩ ଯୁବକଙ୍କ ଉନ୍ମତ କାଣ୍ଡ

**ରାଜନଗର,୨।୫ (ଭାସ୍କର ରାଉତରାୟ)**

ରାଜନଗର ଥାନା ଅନ୍ତର୍ଗତ ପରିପାଙ୍ଗରା ଗ୍ରାମରେ ଶୁକ୍ରବାର ରାତିରେ ୩ ଜଣ ଯୁବକ ଫାର୍ସା, ଭୁଜାଲି ଓ ଛୁରି ଧରି ଆତଙ୍କ ଖେଳାଇଛନ୍ତି । ଗ୍ରାମବାସୀ ଯୁବକମାନଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ୩ ଜଣଙ୍କୁ ଥାନାକୁ ଆଣିବା ସହ ସେମାନଙ୍କଠାରୁ ଫାର୍ସା ଜବତ କରିଛି। ଗାଁର ପ୍ରଫୁଲ ପାଣ୍ଡବ, ଅକ୍ଷୟ କୁମାର ପାଣ୍ଡବଙ୍କ ସହିତ ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ରାଜନଗର ଥାନାରେ କରିଥିବା ଲିଖିତ ଅଭିଯୋଗ ମୁତାବକ ଶୁକ୍ରବାର ରାତି ପ୍ରାୟ ୧୦ଟା ୩୦ରେ ୩ଜଣ ଯୁବକ ଗାଁରେ ପହଞ୍ଚି ଆତଙ୍କ ଖେଳାଇଥିଲେ ।

# କାଳବୈଶାଖୀ: ନଡିଆ ଗଛ ଉପରେ ପଡିଯିବାରୁ ମହିଳାଙ୍କ ମୃତ୍ୟୁ

**ଡେରାବିଶ,୨।୫(ବେବର୍ତ୍ତା ଅଜୟ ଦାସ)**

ନିକିରାଇ ଥାନା ଅନ୍ତର୍ଗତ ବେଣିପୁର ପଞ୍ଚାୟତ ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖି ତାଣ୍ଡବ ଦେଖିବାକୁ ମିଳିଛି। ଏଥିରେ ବଜାର ଗ୍ରାମରେ ଗୋଟିଏ ନଡିଆ ଗଛ ଜଣେ ମହିଳାଙ୍କ ଉପରେ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ହେମନ୍ତ କୁମାର ପରିଡାଙ୍କ ସ୍ତ୍ରୀ ପ୍ରିୟତମା (୪୯)। ସୂଚନା ଅନୁଯାଇ ଶନିବାର ପ୍ରଚଣ୍ଡ ଖରା ହୋଇଥିବା ବେଳେ ଅପରାହ୍ନରେ ହଠାତ୍ କଳାହାଣ୍ଡିଆ ବାଦଲ ମାଡିଆସି ଥିଲା। ପରେପରେ କାଳବୈଶାଖି ଆରମ୍ଭ ହୋଇଥିଲା। ଧୁମାଳିଆ ପବନ ସାଙ୍ଗକୁ ଯୋରରେ ବର୍ଷା ଆରମ୍ଭ ହୋଇଥିଲା। ତେବେ ଖୁବ ପ୍ରବଳ ବେଗରେ ହୋଇଥିବା ପବନର ଯୋଗୁ ନିଜ ବାଡିକୁ ଯାଇଥିବା ବେଳେ ଏକ ନଡିଆ ଗଛ ଭାଙ୍ଗି ପଡିବାରୁ ପ୍ରିୟତମାଙ୍କ କାନମୁଣ୍ଡରେ ଯୋର ଆଘାତ ଲାଗିବା ସହ ଏହା ତଳେ ସେ ଚାପି ହୋଇ ଯାଇଥିଲେ। ପରିବାର ପକ୍ଷରୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠାରେ ପ୍ରିୟତମାଙ୍କୁ ମୃତ ଘୋଷଣା କରିଥିଲେ।



ପ୍ରିୟତମା

## ବ୍ରହ୍ମାକୁମାରୀ ସେବାକେନ୍ଦ୍ର ଦ୍ୱାରା ଅନ୍ତଃରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ

**ଆଳି, ୨।୫ (ବନମାଳୀ ସେନାପତି )**

ଆଳି ସେବାକେନ୍ଦ୍ର ଆନୁକୂଲ୍ୟରେ ଓଳାଭର ମହିମା ମଣ୍ଡପରେ ଆନ୍ତରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଳାଭର ସରପଞ୍ଚ ନହୁସ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଳି, ଓଳାଭର, ଚାନ୍ଦବାଲିରୁ ୧୫୦ ରୁ ଉର୍ଦ୍ଧ୍ୱ ଶ୍ରମିକ ଯୋଗ ଦେଇଥିଲେ। ୪୭ ରାଜମିସ୍ତ୍ରୀ, କାଠମିସ୍ତ୍ରୀ, ସଟ୍ରିଂ ମିସ୍ତ୍ରୀ, ଇଲେକ୍ଟ୍ରୋନିକ ମିସ୍ତ୍ରୀ, ଟାଇଲ ମିସ୍ତ୍ରୀମାନଙ୍କୁ ତିଳକ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା। ବ୍ରହ୍ମା କୁମାର ଅଭିନ୍ନ " ସମୟର ଆହ୍ୱାନ କେବଳ ଶ୍ରମ ନୁହେଁ, ମାନସିକ ଶାନ୍ତିର ଆବଶ୍ୟକତା" ବିଷୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ବ୍ରହ୍ମା କୁମାରୀ ସ୍ୱର୍ଣ୍ଣ 'ଶ୍ରମ ମାତ୍ର ଜୀବନ ଯାପନର ସାଧନ ନୁହେଁ, ବରଂ କର୍ମଯୋଗୀ ଜୀବନର ଆଧାର ଅଟେ' ବିଷୟ ଉପରେ ଆଲୋକପାତ କରାଇଥିଲେ। ବ୍ରହ୍ମା କୁମାରୀ ଅର୍ଚ୍ଚିସ୍ମିତା ନିଶାମୁକ୍ତ, ସଂସ୍କାରୀ, ଜୀବନଶୈଳୀ ଆଧାରରେ ଚାଲିବା ପାଇଁ ଶୁଭ ସଂକଳ୍ପ ପାଠ କରାଇଥିଲେ। ବ୍ରହ୍ମା କୁମାରୀ ସଂଯୁକ୍ତା ମଞ୍ଚ ପରିଚାଳନା କରିଥିଲେ।



## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

**ପ୍ରଥମ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍-୫, ଭୁବନେଶ୍ୱର**

No.31001/15/2627:ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରୀ କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ୨୦୨୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଅଧୀନରେ **'ଜୀବନବ୍ୟାପୀ ହସ୍ତଶିଳ୍ପ ସାଧନା ପୁରସ୍କାର', 'ଓଡ଼ିଶା ରାଜ୍ୟ ଶ୍ରେଷ୍ଠ ହସ୍ତଶିଳ୍ପୀ ସମ୍ମାନ', 'କଳାକୃତି ପୁରସ୍କାର'** ଏବଂ **'ଉଦୀୟମାନ ହସ୍ତଶିଳ୍ପୀ ସମ୍ମାନ'** ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ପ୍ରସ୍ତୁତ ପ୍ରତିକୃତି ସହିତ ଆବେଦନର ଶେଷ ତାରିଖ ୨୧.୦୮.୨୦୨୬ ।

**ଆବେଦନ ନିମନ୍ତେ ଆବଶ୍ୟକୀୟ ତଥ୍ୟ**

**କ. ଜୀବନବ୍ୟାପୀ ହସ୍ତଶିଳ୍ପ ସାଧନା ପୁରସ୍କାର**
୧) ପ୍ରାର୍ଥୀଙ୍କ ଯୋଗ୍ୟତା :- ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :- ସର୍ବନିମ୍ନ ବୟସ ୬୦ ବର୍ଷ ହୋଇଥିବା ଆବଶ୍ୟକ ।
୩) ପୁରସ୍କାର ରାଶି :- ଟ.୫,୫୦,୦୦୦ଙ୍କା (ପାଞ୍ଚ ଲକ୍ଷ ପଚାଶ ହଜାର ଟଙ୍କା) ସହିତ ମାନପତ୍ର

**ଖ. ଓଡ଼ିଶା ରାଜ୍ୟ ଶ୍ରେଷ୍ଠ ହସ୍ତଶିଳ୍ପୀ ସମ୍ମାନ**
୧) ପ୍ରାର୍ଥୀଙ୍କ ଯୋଗ୍ୟତା :- ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :- ସର୍ବନିମ୍ନ ବୟସ ୩୦ ବର୍ଷ ହୋଇଥିବା ଆବଶ୍ୟକ ।
୩) ପୂର୍ବରୁ କୌଣସି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇନଥିବେ ।
୪) ପୁରସ୍କାର ରାଶି :- ଟ.୧,୨୦,୦୦୦ଙ୍କା (ଏକ ଲକ୍ଷ କୋଡିଏ ହଜାର ଟଙ୍କା) ସହିତ ପ୍ରମାଣପତ୍ର

**ଗ. କଳାକୃତି ପୁରସ୍କାର**
୧) ପ୍ରାର୍ଥୀଙ୍କ ଯୋଗ୍ୟତା :- ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :- ସର୍ବନିମ୍ନ ବୟସ ୩୦ ବର୍ଷ ହୋଇଥିବା ଆବଶ୍ୟକ ।
୩) ପୁରସ୍କାର ରାଶି :- ଟ.୩୦,୦୦୦ଙ୍କା (ତିରିଶ ହଜାର ଟଙ୍କା) ସହିତ ପ୍ରମାଣପତ୍ର

**ଘ. ଉଦୀୟମାନ ହସ୍ତଶିଳ୍ପୀ ସମ୍ମାନ**
୧) ପ୍ରାର୍ଥୀଙ୍କ ଯୋଗ୍ୟତା :- ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :- ବୟସ ୩୦ ବର୍ଷରୁ କମ ହୋଇଥିବା ଆବଶ୍ୟକ ।
୩) ପୁରସ୍କାର ରାଶି :- ଟ.୧୧,୦୦୦ଙ୍କା (ଏଗାର ହଜାର ଟଙ୍କା) ସହିତ ପ୍ରମାଣପତ୍ର

ସବିଶେଷ ବିବରଣୀ ଓ ଆବଶ୍ୟକ ଆବେଦନ ପତ୍ର ନିମନ୍ତେ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କିମ୍ବା ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶାର ୱେବସାଇଟ https://crafts.odisha.gov.in/ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶାର ୱେବସାଇଟ https://handloom.odisha.gov.in ପରିଦର୍ଶନ କରିବାକୁ ଅନୁରୋଧ ।

ସ୍ୱା./– ନିର୍ଦ୍ଦେଶିକା
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-31001/31034/1/26-27/0001



## ରାଜକନିକା ବ୍ଲକ ମାଟ୍ରିକ ପରୀକ୍ଷାଫଳ

**ରାଜକନିକା,୨।୫(ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକରେ ମୋଟ ୧୯୬୫ ମାଟ୍ରିକ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ୧-୩ଜଣ, ଏ୨-୪୪ଜଣ, ବି୧-୧୧୩ଜଣ, ବି୨-୨୩୩ଜଣ, ସି-୪୨୩ଜଣ, ଡି-୬୭୭ଜଣ, ଇ-୪୪୦ଜଣ ପାଶ କରିଥିବା ବେଳେ, ଏଫ-୮୨ଜଣ ଫେଲ ହୋଇଛନ୍ତି ।

## ଓମ୍ ପ୍ରକାଶ ମାର୍ଶାଘାଇ ବ୍ଲକ ଟପ୍ପର

**ମାର୍ଶାଘାଇ, ୨।୫(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**



ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର ଫଳ ଶନିବାର ପ୍ରକାଶ ପାଇଛି । ମାର୍ଶାଘାଇ ବ୍ଲକରେ ଏ-୧ରେ ୧୦ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ମାର୍ଶାଘାଇ ବ୍ଲକ ଜଳପୋକ ପଞ୍ଚାୟତ ହାଇସ୍କୁଲ ( ପକ୍ଷୋଟ) ଛାତ୍ର ଓମ୍ ପ୍ରକାଶ ସାହୁ ୫୬୬ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି । ସେହିପରି କପିଳମୁନି ହାଇସ୍କୁଲ, ପିକରାଳିର ଛାତ୍ର ସାଗର ସାମନ୍ତରାୟ ଓ ପ୍ରକାଶ ପଣ୍ଡା, ସରକାରୀ ଉଚ୍ଚ ବିଦ୍ୟାଳୟ ଗରଜଙ୍ଗାର ଛାତ୍ର କୈଳାସ ଷଡ଼ଙ୍ଗୀ, ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଓ ଅଙ୍କିତା ଚୌଧୁରୀ, ଅଙ୍ଗୁଳାଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ର ବିଶ୍ୱଜିତ ଯତି, ଅନ୍ତେଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅକ୍ଷୟ ଜ୍ୟୋତି ସୂତାର, ଜୟରାମ ସରକାରୀ ଉଚ୍ଚ ବିଦ୍ୟାଳୟ, କରିଲୋପାଟଣା ଛାତ୍ରୀ ଦେବସ୍ମିତା ଦାସ ଓ ଜଳପୋକ ପଞ୍ଚାୟତ ହାଇସ୍କୁଲ ( ପକ୍ଷୋଟ) ଛାତ୍ର ସମ୍ରାଟ ବାଣୀ ପ୍ରସାଦ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

# ବିଶ୍ୱ ଶ୍ରମିକ ଦିବସ ପାଳନ ଅବସରରେ ଖବରକାଗଜ ବିତରକଙ୍କୁ ସମ୍ବର୍ଦ୍ଧନା



ବିଶ୍ୱ ଶ୍ରମିକ ଦିବସ ଅବସରରେ ରାଜନଗର ବ୍ଲକର ସମସ୍ତ ଖବର କାଗଜ ବିତରକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

**ରାଜନଗର, ୨।୫ (ଭାସ୍କର ରାଉତରାୟ)**

ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ଶ୍ରମିକ ଦିବସ ଅବସରରେ ରାଜନଗର ବ୍ଲକର ସମସ୍ତ ଖବର କାଗଜ ବିତରକଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଁଙ୍କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମିକ ମାନଙ୍କ ପାଇଁ ଆଜି ବିଶ୍ୱର ଉନ୍ନତି ହେଉଛି ବୋଲି କହିଥିଲେ । ପତ୍ରକାର ଭାସ୍କର ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଜଭୂମିର ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଏବିଇଓ ବିଜୟ କୁମାର ଜେନା, ପ୍ରଫେସର ସତ୍ୟବାଦୀ ଜେନା, ଅଧାପକ ଭଗବତୀ ରାଉତ, ମେଜର ଗଗନ ବିହାରୀ ସ୍ୱାଇଁ, ଡାକ୍ତର ଘନଶ୍ୟାମ ମିଶ୍ର , ଶିକ୍ଷାବିତ ରବି ନାରାୟଣ ଲେଙ୍କା,ତନୁଶ୍ରୀ ମିଶ୍ର ପ୍ରମୁଖ ଯୋଗ ଦେଇ ଶ୍ରମିକ ଦିବସର ତାତ୍ପର୍ଯ୍ୟ ଓ ମହତ୍ୱ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ଅଶୋକ କୁମାର ମଲ୍ଲିକ, ବଟକୃଷ୍ଣ ମହାକୁଳ, ସୁରେଶ ମହାଳି, ଅଶୋକ ମହାରଣା, ସୁବ୍ରତ ବେହେରା, ସମରେନ୍ଦ୍ର ମନ୍ତ୍ରୀ, ସନ୍ତୋଷ ମଣ୍ଡଳ, ବିଘ୍ନେଶ୍ୱର ବାରିକ, ସୁବ୍ରତ ବାରିକଙ୍କୁ ମୁଖ୍ୟଅତିଥି ଡ଼ିଏଫଓ ମାନପତ୍ର, ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୧୦ ଜଣ ଖବର କାଗଜ ବିତରକମାନଙ୍କୁ ଉତ୍ତରୀୟ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକ ଜଗନ୍ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଇନ୍ଦାଳୋରେ ଭାଜପା ପକ୍ଷରୁ ବନ୍ଧୁମିଳନ

**ଡେରାବିଶ, ୨।୫(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ମାଳିଅଞ୍ଚ ମହାପୁରୁଷଙ୍କ ପୀଠରେ ଭାଜପା ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପ୍ରମୁଖ ରମେଶ ବେହେରାଙ୍କ ସଭାପତିତ୍ୱରେ ପୂର୍ବତନ ମଣ୍ଡଳ ସଭାପତି ପ୍ରିୟଦର୍ଶନ ସ୍ୱାଇଁ, ମଣ୍ଡଳ ଉପସଭାପତି ସୀମାଦ୍ରୀ ଶେଖର ପରିଡ଼ା, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ବାରିକ, ସମାଜସେବୀ ସନ୍ତୋଷ ତ୍ରିପାଠୀ ଓ ଉପେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରି ଏହାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବୁଥ୍ କମିଟିକୁ ସୁଦୃଢ଼ କରିବା ଉପରେ ଆଲୋଚନା କରାଯାଇଥିଲା। ଏହି ଉତ୍ସବରେ ଶତାଧିକ କର୍ମୀ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜ୍ୟୋତିପ୍ରକାଶ ସାମନ୍ତରାୟ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** — Bank of Maharashtra (बैंक ऑफ महाराष्ट्र, भारत सरकार का उद्यम, एक परिवार एक बैंक)

ଭୁବନେଶ୍ୱର ଶାଖା
ଏନ୍.ବି. ଟାୱାର, ପ୍ଲଟ୍ ନଂ.: ୨୨୬୦, ନୟାପଲ୍ଲୀ
ଭୁବନେଶ୍ୱର-୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮
ଇ-ମେଲ୍: bom1182@mahabank.co.in

**ଡିମାଣ୍ଡ ନୋଟିସ୍**

ଆମ୍ଭେ ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଅଛୁ ଯେ ଆପଣମାନେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ଶାଖା** ଗୁଡ଼ିକରୁ ନିମ୍ନ ଋଣ ସୁବିଧା ଗୁଡ଼ିକ ମଞ୍ଜୁରୀ ପ୍ରାପ୍ତ କରିଛନ୍ତି । କଥିତ ପ୍ରାପ୍ତ ଋଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ସମ୍ପାଦନ କରିଛନ୍ତି ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ୍ୟ ଦେଇଛନ୍ତି । ଆମ୍ଭର ବାରମ୍ବାର ଦାବୀ ସତ୍ତ୍ୱେ, ଆପଣମାନେ ଆପଣମାନଙ୍କର ବକେୟା ଦେୟ ପରିଶୋଧ କରୁନାହାନ୍ତି । ଏଣୁ କିସ୍ତି / ସୁଧ / ମୂଳ ଋଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟଗୁଡ଼ିକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନପିଏ) ଶ୍ରେଣୀଭୁକ୍ତ କରାଯାଇଅଛି । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ଶାଖାର** ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା । କିନ୍ତୁ ରେଜିଷ୍ଟର୍ଡ ଡାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା । ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା / ସହ-ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ ସସ୍ମିତା ରାଣୀ ସାମନ୍ତ,** ସ୍ୱାମୀ: ଶ୍ରୀ ପୂର୍ଣ୍ଣେନ୍ଦୁ ବୋଷ ଏବଂ ପିତା: କାଙ୍ଗାଳ ରାମ ସାମନ୍ତ, **ଠିକଣା-୧:** ସା: ପ୍ଲଟ୍ ନଂ.: ଏଡ଼ି ୧୬, ମହାବିନାୟକପୁରମ, କଳାରାହାଙ୍ଗ, ପଟିଆ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୪, **ଠିକଣା-୨:** ପ୍ଲଟ୍ ନଂ.: ୫୩୧/୪୮୯୫, ଖାତା ନଂ.: ୪୭୪/୪୭୩୩, ମୌଜା: ପଟିଆ, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୪, **କାର୍ଯ୍ୟାଳୟ ଠିକଣା:** ସପ୍ଟେନେବଲ ଆଉଟରିଚ୍ ଆଣ୍ଡ ୟୁନିଭରସାଲ ଲିଡ଼ରସିପ୍ (ଏସଓୟୁଏଲ) ଲିମିଟେଡ଼, ଇ/୪୨/ଡ଼ି, ଇନ୍‌ଫୋସିଟି ଏଭେନ୍ୟୁ, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର, ଖୋର୍ଦ୍ଧା, ପିନ୍-୭୫୧୦୨୪ | ମିଆଦୀ ଋଣ - ସମ୍ପତ୍ତି ବିପକ୍ଷରେ ଋଣ ଆରଇଟି / ଟ.୬୬,୦୦,୦୦୦/- | ୧୩.୦୧.୨୦୨୬ / ୨୪.୦୩.୨୦୨୬ / ୨୪.୦୩.୨୦୨୬ ସୁଦ୍ଧା ଟ.୬୨,୯୫,୫୫୧.୦୦ + ସେବାବଦ ପରବର୍ତ୍ତୀ ସୁଧ | **ଶ୍ରୀମତୀ ସସ୍ମିତା ରାଣୀ ସାମନ୍ତ,** ସ୍ୱାମୀ: ଶ୍ରୀ ପୂର୍ଣ୍ଣେନ୍ଦୁ ବୋଷ ଏବଂ ପିତା: କାଙ୍ଗାଳ ରାମ ସାମନ୍ତଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୩୧/୪୮୯୫, ଖାତା ନଂ.: ୪୭୪/୪୭୩୩, କ୍ଷେତ୍ର: ୨୦୦୩.୭୬ ବର୍ଗଫୁଟ, ମୌଜା: ପଟିଆ, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୪, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ସବ୍-ପ୍ଲଟ୍ ନଂ. ବିଏସ୍-୩୬ ଏବଂ ଖୋଲା ସ୍ଥାନ, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍-ପ୍ଲଟ୍ ନଂ. ବିଡ଼ି/୨୪, ପଶ୍ଚିମ: ଖୋଲା ସ୍ଥାନ। |
| **ଦ୍ରଷ୍ଟବ୍ୟ:** ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଏବଂ ୧୩(୪) ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ପୂର୍ବ ନୋଟିସ୍‌ଗୁଡ଼ିକୁ ପ୍ରତ୍ୟାହାର କରାଗଲା । | | | |
| **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଭାସ୍କର ସାହୁ (ମୃତକ),** ପିତା: ଶ୍ରୀ ଦେବେନ୍ଦ୍ରନାଥ ସାହୁ, ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ / **ସହ-ଋଣଗ୍ରହୀତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ସେନାପତି,** ସ୍ୱାମୀ: ୰ ଭାସ୍କର ସାହୁ, ଉଭୟଙ୍କ **ଠିକଣା-୧:** ସା: ଆୟତପୁର, କଟକ, ଓଡ଼ିଶା, ପିନ୍-୭୫୪୧୩୧, **ଠିକଣା-୨:** ପ୍ଲଟ୍ ନଂ.: ୧୯୩୫, ଖାତା ନଂ.: ୭୨୯/୨୯, ସୋମନାଥ ନଗର, ମୌଜା: ରଘୁନାଥପୁର, ତହସିଲ: ଭୁବନେଶ୍ୱର, ଖୋର୍ଦ୍ଧା, ପିନ୍-୭୫୧୦୨୪, **ଠିକଣା-୩:** ଫ୍ଲାଟ୍ ନଂ.: ୧୦୧, ଶୁଭମ ରେସିଡେନ୍ସି, ପଟିଆ କଲେଜ ନିକଟ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୪୧୩୧, **ଠିକଣା-୪:** ପ୍ଲଟ୍ ନଂ.: ୧୪୯, ୫ମ ମହଲା, ଭିଆଇପି କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୫ | ଗୃହ ଋଣ (କନ୍‌ଷ୍ଟ୍ରକସନ୍) / ଟ.୬୦,୦୦,୦୦୦/- | ୧୮.୦୪.୨୦୨୬ / ୨୦.୦୪.୨୦୨୬ / ୨୦.୦୪.୨୦୨୬ ସୁଦ୍ଧା ଟ.୫୭,୭୨,୮୭୦.୦୦ + ସେବାବଦ ପରବର୍ତ୍ତୀ ସୁଧ | **ଶ୍ରୀ ଭାସ୍କର ସାହୁ,** ପିତା: ଶ୍ରୀ ଦେବେନ୍ଦ୍ରନାଥ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଡୁପ୍ଲେକ୍ସ ଗୃହ ଯାହାର ପ୍ଲଟ୍ ନଂ.: ୧୯୩୫, ଖାତା ନଂ.: ୭୨୯/୨୯, ସୋମନାଥ ନଗର, ମୌଜା: ରଘୁନାଥପୁର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୪, ଜମିର କ୍ଷେତ୍ର: ୧୧୭୮ ବର୍ଗଫୁଟ, କାର୍ପେଟ ଏରିଆ: ୯୫୬ ବର୍ଗଫୁଟ, ଜି+୨ ମହଲା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୨୩୧୧, ପୂର୍ବ: ପ୍ଲଟ୍ ନଂ. ୨୩୧୨, ପଶ୍ଚିମ: ସବ୍-ପ୍ଲଟ୍ ନଂ. ୦୨ |

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ) ଅନୁଯାୟୀ ବ୍ୟାଙ୍କ ଏହାର ଅଧିକାର କ୍ଷୁର୍ଣ୍ଣ ନକରି କ୍ଷମତା ପ୍ରୟୋଗ କରିବ। ଏତଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି, ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ଆପଣ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସେବାବଦ ପରବର୍ତ୍ତୀ ସୁଧ ଓ ଅନ୍ୟାନ୍ୟ ଦେୟ ପଇଠ କରନ୍ତୁ, ଅନ୍ୟଥା ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟାନ୍ୟ ଅଧିକାରକୁ କ୍ଷୁର୍ଣ୍ଣ ନକରି ଏହାର କ୍ଷମତା ପ୍ରୟୋଗ କରିବ ଏବଂ/ କିମ୍ବା ସମ୍ପତ୍ତି ସମ୍ବନ୍ଧୀୟ କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ଅନୁଯାୟୀ ବ୍ୟାଙ୍କ ଏହାର ସମସ୍ତ କ୍ଷମତା ପ୍ରୟୋଗ କରି ସମ୍ପତ୍ତିକୁ ଦଖଲ ନେବାକୁ ବାଧ ହେବ ଏବଂ ସେବାବଦ ପରବର୍ତ୍ତୀ ସମସ୍ତ ଖର୍ଚ୍ଚ, ଆଇନଗତ ଦେୟ କିମ୍ବା ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ନିମନ୍ତେ ଆପଣ ଦାୟୀ ରହିବେ। ଆକ୍ଟ ଅନ୍ତର୍ଗତ ଉପଲବ୍ଧ ଥିବା କ୍ଷମତାଗୁଡ଼ିକ: **କ)** ଋଣଗ୍ରହୀତାଙ୍କ ବନ୍ଧକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରି କରାଯାଇ ଋଣ ରାଶି ଆଦାୟ କରିପାରିବେ। **ଖ)** ବନ୍ଧକ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ଭାର ଗ୍ରହଣକରି ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରୟ କରି ଋଣ ରାଶି ଆଦାୟ କରିପାରିବେ। **ଗ)** ବନ୍ଧକଧାରୀ ଋଣଦାତା ଭାବେ ବ୍ୟାଙ୍କ ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ (ଏହା ପରେ ପରିଚାଳକ ଭାବେ ଦର୍ଶିତ ହେବେ) ନିଯୁକ୍ତି କରିପାରିବେ। **ଘ)** କୌଣସି ବ୍ୟକ୍ତିଙ୍କୁ ଯିଏ କି ଋଣଗ୍ରହୀତାଙ୍କ ଠାରୁ ସୁରକ୍ଷିତ ସମ୍ପତ୍ତିକୁ ଅଧିକାର କରିଛନ୍ତି ଏବଂ ଯାହାଙ୍କ ଠାରୁ ଅର୍ଥରାଶି ପ୍ରାପ୍ତ ହେବାକୁ ଅଛି କିମ୍ବା ଯାହାଙ୍କର ଋଣଗ୍ରହୀତାଙ୍କୁ ଦେୟ ପ୍ରଦାନ କରିବାକୁ ଅଛି, ତାଙ୍କୁ ଲିଖିତ ନୋଟିସ୍ ମାଧ୍ୟମରେ ବ୍ୟାଙ୍କକୁ ଉକ୍ତ ଅର୍ଥରାଶି ଯାହାକି ସୁରକ୍ଷିତ ଋଣ ନିମନ୍ତେ ଯଥେଷ୍ଟ ତାହା ପ୍ରଦାନ କରିବାକୁ କୁହାଯିବ। ସୂଚନା ଯୋଗ୍ୟ ଯେ ଆକ୍ଟର ଧାରା ୧୩ (୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପ୍ରାପ୍ତି ପରେ ଆମ୍ଭର ପ୍ରାକ୍ ଲିଖିତ ଅନୁମତି ବିନା ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୨.୦୫.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର



## ବିଭିନ୍ନ ସ୍ଥାନରେ ଶ୍ରମିକ ଦିବସ ପାଳିତ

# ଶ୍ରମିକ ଏବେ ବି ନିଜର ହକ୍ ମାଗୁଛି

**ପାରାଦୀପ/କୁଜଙ୍ଗ,୨।୫ (ଶରତ ରାଉତ/ମନୋଜ ପ୍ରଧାନ)**

ପାରାଦୀପର ବିଭିନ୍ନ ସ୍ଥାନରେ ଶୁକ୍ରବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ବଡପଡ଼ିଆ ଏଚ୍ଏମ୍ଏସ(ହିନ୍ଦ ମଜଦୁର ସଭା)ସହବନ୍ଧିତ ପୋର୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିୟନ ସଭାପତି ତଥା ଏମ୍‌ପି ବିଭୁପ୍ରସାଦ ତରାଇ, ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, କାଉନ୍‌ସିଲର ପ୍ରତାପ ନାୟକ ଅମୃତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜୀରୋ ପଏଣ୍ଟରେ ଥିବା ପୂର୍ବଭାରତ ତୈଳବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ଆୟୋଜିତ ସଭାରେ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଉପସଭାପତି ବିକ୍ରମ ମହାନ୍ତି, ସମ୍ପାଦକ ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନୁଆବଜାର ଠାରେ ଉତ୍କଳ ପୋର୍ଟ ଆଣ୍ଡ ଡକ୍ ୱାର୍କର୍ସ ୟୁନିୟନ ପକ୍ଷରୁ ଆୟୋଜିତ ସଭାରେ ସମ୍ପାଦକ ବିଭୁତି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ମଧୁବନ ପୋର୍ଟ ଶ୍ରମିକ ସଂଘ ପକ୍ଷରୁ ଆୟୋଜିତ ସଭାରେ ସଭାପତି ବସନ୍ତ ବିଶ୍ୱାଳ, ଆଲୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ସରକାର ଶ୍ରମିକ ଆଇନ ସଂଶୋଧିତ କରି ଶ୍ରମ କୋର୍ଡ କରିଛନ୍ତି। ଏହାଦ୍ୱାରା ଶ୍ରମିକଙ୍କ ହକ୍ ଆଉ ପୂର୍ବ ପରି ରହିନାହିଁ। ଆନ୍ଦୋଳନ କରିବା ପାଇଁ ମଧ୍ୟ ପ୍ରତିବନ୍ଧକ ଲଗାଯାଇଛି। ଶ୍ରମିକ ମାନଙ୍କ ପାଇଁ ଲଢୁଥିବା ସଙ୍ଗଠନ କ୍ଷମତା ହ୍ରାସ ପାଇଛି। ସ୍ୱାଧୀନତାର ୭୯ ବର୍ଷ ପରେ ବି ଶ୍ରମିକ ନିଜର ଦାବି ମାଗୁଛି ବୋଲି ଉତ୍କଳ ପୋର୍ଟ ସମ୍ପାଦକ ମହାରଣା ତାଙ୍କ ବକ୍ତବ୍ୟରେ କହିଥିଲେ। ସେହିପରି କୁଜଙ୍ଗ ତାଲୁକ ଆଇନ ସେବା କମିଟି ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରା ଜଜ ଦୀପ୍ତି ପ୍ରକାଶ ବ୍ରହ୍ମା, ବରିଷ୍ଠ ସିଭିଲ ଜଜ୍ ଅବକାଶ ଚୌଧୁରୀ, କନିଷ୍ଠ ସିଭିଲ ଜଜ ସୁଶ୍ରୀ ବର୍ଷା ଦାସ, ଜେଏମ୍ଏଫସି ରାଜେଶ ମିଶ୍ର , ଓକିଲ ସଂଘ ସଭାପତି ସଞ୍ଜୟ କୁମାର ବେହେରା ଓ ସମ୍ପାଦକ ରଞ୍ଜିତ ବିଶାଳ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତଆଲୋଚନା ଚକ୍ରରେ ଆଇନଜୀବୀ ନୃସିଂହ ପ୍ରଧାନ ସଭାପତିତ୍ୱ କରିଥିବାବେଳେ, ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ସୁଶାନ୍ତ କୁମାର ପଟ୍ଟନାୟକ, ଅମୃତ ଦାସ, କୈଳାଶ ଚନ୍ଦ୍ର ପରିଡା, କାର୍ତ୍ତିକ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଆଇନଜୀବୀ ନମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ତାଲୁକ ଆଇନ ସେବା ପ୍ରାଧୀକରଣ କର୍ମଚାରୀ ସ୍ମୃତି ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।





ପାରାଦୀପ ପୋର୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ଶ୍ରମିକ ଦିବସ ପାଳନ କରାଯାଉଛି ।

# ନିଶ୍ଚିହ୍ନ ହେବାକୁ ବସିଛି ନିଶ୍ଚିନ୍ତା ପାହାଡ଼

■ ଯାଜପୁର ଜିଲାପାଳଙ୍କୁ ଏନ୍‌ଜିଟି ମାମଲାରେ ପକ୍ଷଭୁକ୍ତ
■ ଯାଜପୁର, ଢେଙ୍କାନାଳ ସୀମାନ୍ତବର୍ତ୍ତୀ ଅଞ୍ଚଳରେ କଳାପଥର ଲୁଟ୍

**ଯାଜପୁର,୨।୫(ହର୍ଷବର୍ଦ୍ଧନ ବେହେରା)**

ବିପୁଳ ପରିମାଣର କଳାପଥର ଲୁଟ୍ ଯୋଗୁ ଯାଜପୁର ଏବଂ ଢେଙ୍କାନାଳ ସୀମାନ୍ତବର୍ତ୍ତୀ ନିଶ୍ଚିନ୍ତା ପାହାଡ଼ ଓ ଏହାକୁ ଲାଗିଥିବା ସଂରକ୍ଷିତ ଜଙ୍ଗଲ ନିଶ୍ଚିହ୍ନ ହେବାକୁ ବସିଛି। ଏହି ମର୍ମରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ହୋଇଥିବା ମାମଲା (ନଂ. ୨୦୮/୨୦୨୪/ଇଜେଡ୍)ରେ ଯାଜପୁର ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏନ୍‌ଜିଟି ପକ୍ଷରୁ ଗଠିତ ଖଣ୍ଡପୀଠ ଜଷ୍ଟିସ ଅରୁଣ କୁମାର ତ୍ୟାଗୀ ଓ ଜୁଡିସିଆଲ ମେମ୍ବର ଏ. ସେନ୍ଥିଲ ଭେଲ୍ ୨୭।୪।୨୦୨୬ରେ ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ୪।୫।୨୦୨୬ର ଗୋଟିଏ ଦିନ ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ଢେଙ୍କାନାଳ ଡିଏଫ୍‌ଓଙ୍କୁ ଏନ୍‌ଜିଟି କୋର୍ଟରେ ବ୍ୟକ୍ତିଗତ କିମ୍ବା ଭର୍ଚୁଆଲ ମୋଡ୍‌ରେ ଉପସ୍ଥିତ ରହି ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି।

ୟୁଥ୍ ୟୁନାଇଟେଡ୍ ଫର୍ ସଷ୍ଟେନେବୁଲ ଏନ୍‌ଭାଇରନମେଣ୍ଟ ଟ୍ରଷ୍ଟ ପକ୍ଷରୁ ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁସାରେ ଢେଙ୍କାନାଳ ଓ ଯାଜପୁର ଜିଲାର ସୀମାନ୍ତରେ ଥିବା ନିଶ୍ଚିନ୍ତ ପାହାଡ଼ ଏବଂ ଏହାର ଆଖପାଖରେ ବେଆଇନ ଖଣି ଖନନ ବୃଦ୍ଧି ପାଇଛି। ଏହି ଅଞ୍ଚଳଗୁଡ଼ିକରୁ ଲଘୁ ଖଣିଜ ପଦାର୍ଥର ବେଆଇନ ଖଣିକୁ ରୋକିବା ପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍)ର ଧାରା ୧୬୩ରେ ମାମଲା ରୁଜୁ କରାଯାଇଥିଲେ ହେଁ କଳାପଥର ମାଫିଆମାନେ ତାକୁ ଭ୍ରୂକ୍ଷେପ କରୁନାହାନ୍ତି। ଫଳରେ ବେଆଇନ ଖଣି ଖନନ ପ୍ରତିଦିନ ଜାରି ରହିଛି। ଏହାସହ ଢେଙ୍କାନାଳ ଡିଏଫ୍‌ଓ ୧୨।୮।୨୦୨୪ରେ ବେଆଇନ କଳାପଥର ଲୁଟ୍ ସଂକ୍ରାନ୍ତରେ ସେଠାକାର ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିଲେ ହେଁ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ କେହି ଆଗଭର ହେଉନାହାନ୍ତି। ନିଶ୍ଚିନ୍ତା ପାହାଡ଼ ସଂରକ୍ଷିତ ଜଙ୍ଗଲର ଅଂଶ ହୋଇଥିବାରୁ ଏହା ଜଙ୍ଗଲ ସଂରକ୍ଷଣ ଆଇନର ଘୋର ଉଲ୍ଲଂଘନ ହେଉଛି। ଏହାବାଦ ଜଙ୍ଗଲ ବିଭାଗର ରିପୋର୍ଟ ଅନୁଯାୟୀ ଉକ୍ତ ସଂରକ୍ଷିତ ଜଙ୍ଗଲ ଜମିରେ ୪ଟି ବେଆଇନ ପଥର କ୍ରଶର ରହିଛି। ପଥର ମାଫିଆମାନେ ସମ୍ପୃକ୍ତ କୌଣସି ସରକାରୀ ଅନୁମୋଦନ ବିନା ପଥର ଖଣି ଏବଂ କ୍ରଶର ପରିଚାଳନା କରୁଛନ୍ତି। ଇତିମଧ୍ୟରେ ବ୍ଲାଷ୍ଟିଂ ଏବଂ ଉଚ୍ଚ କ୍ଷମତାସମ୍ପନ୍ନ ମେଶିନ ବ୍ୟବହାର କରି ୫୦ ହଜାର ଟନ୍‌ରୁ ଊର୍ଦ୍ଧ୍ୱ କଳାପଥର ଲୁଟ୍ କରି ଯାଜପୁର ଜିଲା ଅଞ୍ଚଳରେ ଥିବା ବିଭିନ୍ନ ଷ୍ଟୋନ କ୍ରଶରଗୁଡ଼ିକୁ ଯୋଗାଣ ହେଉଛି। ଏଥିଯୋଗୁ ପରିବେଶଗତ କ୍ଷତି ହେବା ସହ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ଏହି ମାମଲା ଉପରେ ଏନ୍‌ଜିଟି ପୂର୍ବରୁ ଏକ ଯୁଗ୍ମ କମିଟି ସହାୟତାରେ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯୁଗ୍ମ କମିଟିରେ ଯାଜପୁର ଓ ଢେଙ୍କାନାଳ ଜିଲାପାଳଙ୍କ ସମେତ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଆଞ୍ଚଳିକ ଅଧିକାରୀ, ରାଜ୍ୟ ସରକାରଙ୍କ ପ୍ରିନ୍ସିପାଲ ଚିଫ୍ କନ୍‌ଜରଭେଟର ଅଫ ଫରେଷ୍ଟ, ମାଇନ୍ସ ଓ ଜିଓଲୋଜି ବିଭାଗର ନିର୍ଦ୍ଦେଶକ ଏବଂ ଓଡ଼ିଶା ଷ୍ଟେଟ୍ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ(ଏସ୍‌ପିସିବି) ଅଧିକାରୀଙ୍କୁ ସାମିଲ କରାଯାଇଥିଲା। ଏସ୍‌ପିସିବିକୁ ଏହି କମିଟିର ନୋଡାଲ ଏଜେନ୍ସି ଭାବେ ରଖାଯାଇଥିଲା। ରିପୋର୍ଟ ଦାଖଲ କରିବା ସହ ଉପଯୁକ୍ତ ତଦନ୍ତ ସହିତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୨୦।୧୨।୨୦୨୪ ପୂର୍ବରୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଏହି ନିର୍ଦ୍ଦେଶକୁ ପ୍ରାୟ ଦେଢ଼ ବର୍ଷ ସମୟ ଅତିକ୍ରାନ୍ତ ହୋଇଥିବାବେଳେ କଳାପଥର ଲୁଟ୍ ନିୟନ୍ତ୍ରଣ ହେବା ପରିବର୍ତ୍ତେ ଆହୁରି ଜୋରସୋର ଚାଲିଛି ବୋଲି ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଯାଜପୁର ସୀମାନ୍ତକୁ ଲାଗି ରହିଥିବା ନିହଲପ୍ରସାଦ ମୌଜାର ଉକ୍ତ ସଂରକ୍ଷିତ ପାହାଡ଼କୁ ସରକାରୀ ଭାବେ କୌଣସି ନିଲାମ ଦିଆଯାଇନାହିଁ। ଏହି ମୌଜାର ଖାତା ନମ୍ବର ୧୫୧୩, ପ୍ଲଟ୍ ନମ୍ବର ୬୧୬୮/୬୨୬୩ରେ ପ୍ରାୟ ୫୦ ଏକର ଜଙ୍ଗଲ ଜମିରେ ବିପୁଳ ପରିମାଣ କଳାପଥର ଗଚ୍ଛିତ ରହିଛି। ପାହାଡ଼ର ଗୋଟିଏ ପାର୍ଶ୍ୱ ଯାଜପୁର ଜିଲାରେ ରହିଥିବାବେଳେ ଅପରପାର୍ଶ୍ୱ ଢେଙ୍କାନାଳ ଜିଲାରେ ରହିଛି। ତେବେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହିଥିବାରୁ ଉଭୟ ପାର୍ଶ୍ୱରେ ହେଉଥିବା ଉକ୍ତ ବେଆଇନ କାର୍ଯ୍ୟ ଉପରେ ସରକାରୀ କଳ ପକ୍ଷରୁ ଚଢାଉ ପାଇଁ ବଳ ପାଉନି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।


ନିଶ୍ଚିନ୍ତା ପାହାଡ଼।

# ଭୋଟକା, ମୁଗୁପାଳ ସରପଞ୍ଚ ସମ୍ମାନିତ



ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ, ମୁଗୁପାଳ ସରପଞ୍ଚ ପ୍ରଜ୍ଞାପାରମିତା ମଲିକ ସମ୍ମାନିତ ହେଉଛନ୍ତି।

**ରସୁଲପୁର,୨।୫(ରଞ୍ଜିତ ରାଉତ):**

ଜାତୀୟ ପଞ୍ଚାୟତିରାଜ ସପ୍ତାହରେ ପଞ୍ଚାୟତ ଗୌରବ ସମ୍ମାନ

ଭୁବନେଶ୍ୱର ମୈତ୍ରୀବିହାରସ୍ଥିତ 'ସଂସ୍କୃତି' ସମ୍ମିଳନୀ କକ୍ଷରେ ଗବେଷଣାଚକ୍ର, ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ୍, ସଂସ୍କୃତି ଓ ପଞ୍ଚାୟତ ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ଜାତୀୟ ପଞ୍ଚାୟତିରାଜ ସପ୍ତାହ ସମାରୋହ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟର ବଭିନ୍ନ ଜିଲାର ଅଗ୍ରଣୀ ସରପଞ୍ଚଙ୍କୁ ସମ୍ମାନିତ କରାଯାଇଛି। ଏହିକ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ, ମୁଗୁପାଳ ସରପଞ୍ଚ ପ୍ରଜ୍ଞାପରମିତା ମଲିକଙ୍କୁ ପଞ୍ଚାୟତ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି।

ଏଠାରେ ଆୟୋଜିତ ସମାରୋହରେ 'ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ଆହ୍ୱାନ, ସାମଗ୍ରୀକ ବିକାଶ ଓ ପଞ୍ଚାୟତ' ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୩୦ରୁ ଊର୍ଦ୍ଧ୍ୱ ସରପଞ୍ଚ, ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ଗବେଷଣା କରୁଥିବା ବିଶେଷଜ୍ଞ, ସମାଜବିଜ୍ଞାନୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣକରି ମତବ୍ୟକ୍ତ କରିଥିଲେ।

ପଞ୍ଚାୟତିରାଜ ବ୍ୟବସ୍ଥା ଆଇନକୁ ଅନୁପାଳନ କରି ସରପଞ୍ଚ ସେମାନଙ୍କ କାର୍ଯ୍ୟଧାରାରେ କେତେ ସଫଳ ଓ ବିଫଳ, କାର୍ଯ୍ୟଧାରା ଜାରି ରଖିବା ସମୟରେ ସମ୍ମୁଖିନ ହେଉଥିବା ସମସ୍ୟା ଏବଂ ତା'ର ସମାଧାନକୁ ନେଇ ବତର୍କ ହୋଇଥିଲା।

ଗବେଷିକା ପ୍ରଫେସର ଆଶା ହଂସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିଭାବେ ଗବେଷକ ତଥା ଡେଭଲପମେଣ୍ଟ ରସର୍ଚ୍ଚ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶିକା ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ, ଗବେଷଣା ଚକ୍ରର ପ୍ରାକ୍ତନ ସଭାପତି ପ୍ରଫେସର ବିଜୟ ବହିଦାର, ପଞ୍ଚାୟତ ବିକାଶ ପରିଷଦର ରାଜ୍ୟ ଆବାହକ ନିରାକାର ବେଉରା, ପଞ୍ଚାୟତିରାଜ ବ୍ୟବସ୍ଥା ଆଇନ ବିଶେଷଜ୍ଞ ସନ୍ଦୀପ ପଟ୍ଟନାୟକ, ଟାଟାଷ୍ଟିଲ ଫାଉଣ୍ଡେଶନର ଆଠଗଡ ମୁଖ୍ୟ ପରିଚାଳକ ଆଶୁତୋଷ ଦାସ, ପଞ୍ଚାୟତ ବେଶଷଜ୍ଞ ସୁଜାତା ମହାନ୍ତି, ଆଳକା ସାହୁ ପ୍ରମୁଖ ପଞ୍ଚାୟତ ବିକାଶର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ପଞ୍ଚାୟତ ବିକାଶ ପରିଷଦ ଖୋର୍ଦ୍ଧା ଜିଲା ଆବାହକ ମାୟାଧର ବେହେରା ଧନ୍ୟବାଦ ଦେଇଥିଲେ।

# ସପ୍ତଶତୀ ଚଣ୍ଡୀ ମହାଯଜ୍ଞ ଉଦ୍‌ଯାପିତ

**ଧର୍ମଶାଳା,୨।୫(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପୀଠରେ ତ୍ରିଦିନାତ୍ମକ ୨୦ତମ ବାର୍ଷିକ ସପ୍ତଶତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଯଜ୍ଞ ସମୟରେ ନୂଆଗାଁ, କଣିପାଟିଆ, ଗଙ୍ଗାଧରପୁର, ଦେଉଳିପାଳ, ଇମାମନଗର, ପଲାର ଆଦି ଗ୍ରାମରେ ଆମିଷ ଭୋଜନ ବାରଣ ସହ ରାତ୍ରି ରୋଷେଇ ବନ୍ଦ କରାଯାଇଥିଲା। କର୍ତ୍ତାଭାବେ ସୁନୀଲ ସ୍ୱାଇଁ ଓ ତାଙ୍କ ଧର୍ମପତ୍ନୀ ସୁଜାତା ସ୍ୱାଇଁ ସଂକଳ୍ପ କରିଥିଲେ। ଗୋଲଖ ଚନ୍ଦ୍ର ମହାନ୍ତି, ନଟବର ପରିଡ଼ା, ପ୍ରଦୀପ୍ତ ବରାଳ, ସଞ୍ଜୟ ନାୟକ, ଗୟାଧର ନାୟକ, ଉଲ୍ଲାସ ସାମଲ, ଶ୍ୟାମସୁନ୍ଦର ସ୍ୱାଇଁ, ଶରତ ଚନ୍ଦ୍ର ସ୍ୱାଇଁ, ବିନୋଦ ରାୟ, ଦେବବ୍ରତ ରାଉତ, ରଞ୍ଜନ ପାଳ ପ୍ରମୁଖ କଳସାଧିବାସ କରିଥିଲେ। ବୁଧବାର ପ୍ରଥମ ଦିନ ସୂର୍ଯ୍ୟପୂଜା, ଗୁରୁପୂଜା, ଗୋମାତାପୂଜା ଓ ଯଜ୍ଞକୁଣ୍ଡରେ ଅଗ୍ନିସଂଯୋଗ କରାଯାଇ ଯଜ୍ଞଉତ୍ସବ ଆରମ୍ଭ ହୋଇଥିଲା। ଗୁରୁବାର ସୂର୍ଯ୍ୟନାରାୟଣ ପୂଜା, ଗୁରୁପୂଜା, ଗୋମାତା ପୂଜା, ବିଗ୍ରହ ପୂଜା କରାଯାଇଥିଲା। ଶୁକ୍ରବାର ପ୍ରାତଃରେ କର୍ମାରମ୍ଭ ହୋଇ ରାତ୍ର ୮ ଘଟିକାରେ ପୂର୍ଣ୍ଣାହୁତି ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ମନ୍ଦିର ପରିସରରେ ଭଜନ ପରିବେଷଣ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞ ଉତ୍ସବରେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ମା' ଚଣ୍ଡୀଙ୍କୁ ଦର୍ଶନ କରି ବିଭୁକୃପା ଲାଭ କରିବା ସହ ପ୍ରସାଦ ସେବନ କରିଥିଲେ। ମା' ପଳାଶବୁଢ଼ୀ ଯଜ୍ଞକମିଟିର କର୍ମକର୍ତ୍ତା ଉପସ୍ଥିତ ରହି ଯଜ୍ଞ ପରିଚାଳନା କରିଥିଲେ। ପ୍ରକାଶ ନାୟକ, ଦେବାଶିଷ ପରିଡ଼ା, ନିଳମଣି ସ୍ୱାଇଁ ଓ ଗ୍ରାମବାସୀ ସହଯୋଗ କରିଥିଲେ।


ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଉଛି।

# ବୁଦ୍ଧ ଜୟନ୍ତୀ, ଶାନ୍ତି ଶୋଭାଯାତ୍ରା



ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଅନୁଷ୍ଠିତ ବୁଦ୍ଧ ଜୟନ୍ତୀରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ଚଣ୍ଡିଖୋଲ,୨।୫(ପ୍ରଦୀପ୍ତ କୁମାର ପୃଷ୍ଟି):**

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ତଥାଗତ ବୁଦ୍ଧଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ପାଦଦେଶରେ ଥିବା ଶୋଭନୀୟ ଶିକ୍ଷାଶ୍ରମଠାରୁ ଏକ ଶାନ୍ତି ଶୋଭାଯାତ୍ରା ଉଦୟଗିରିସ୍ଥିତ ବୌଦ୍ଧ କୀର୍ତ୍ତିରାଜି ପରିପୂର୍ଣ୍ଣ ମହାବିହାରକୁ ଯାତ୍ରା କରିଥିଲା। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ମାନବିକତାର ପତାକା ଉତ୍ତୋଳନ କରିଥିଲେ। ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ମାଧବପୁର ମହାବିହାର ପରିସରରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। 'ଆମେ ଯୁଦ୍ଧ ଚାହୁଁନାହୁଁ, ଶାନ୍ତି ଚାହୁଁ, ବିଶ୍ୱ ଯୁଦ୍ଧ ବନ୍ଦ ହେଉ, ଯୁଦ୍ଧ ନୁହେଁ, ବୁଦ୍ଧ ଚାହୁଁ। ଏହା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏମ୍‌ପି ବେହେରା କହିଥିଲେ, ହୀରକ ତ୍ରିଭୁଜ କିପରି ବିଶ୍ୱଐତିହ୍ୟରେ ସ୍ଥାନପାଇବ ସେଥିନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା କାର୍ଯ୍ୟ ଆରମ୍ଭ କରିଛି। ଏହାର ଉନ୍ନତୀକରଣ ସହ ବିଭିନ୍ନ ସ୍ଥାନରେ ଥିବା ବୌଦ୍ଧ କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ନେଇ କେନ୍ଦ୍ରରେ ଆଲୋଚନା ହୋଇସାରିଛି। ଉଦୟଗିରିଠାରେ କିପରି ମ୍ୟୁଜିୟମ ପ୍ରତିଷ୍ଠା ହେବ ଓ ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ପୁନରୁଦ୍ଧାର ବିଷୟ ନେଇ ମଧ୍ୟ ଆଲୋଚନା ଶେଷ ହୋଇଛି। ବୌଦ୍ଧ ଗବେଷକ ଡ. ହରିଶ ଚନ୍ଦ୍ର ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଉଦୟଗିରି ହେଉଛି ବିଶ୍ୱରେ ବିସ୍ମୟ, ଏଠାରୁ ବାର୍ତ୍ତା ବିଶ୍ୱ ଦରବାରକୁ ଯିବ ଓ ଅହଙ୍କାରର ଧ୍ୱଂସ ହେଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହେବ। ସମ୍ମାନିତ ଅତିଥି ଭାବରେ ପ୍ରଫେସର ଅଶୋକ ବେହେରା ଯୋଗଦେଇ ବୁଦ୍ଧ, ଗାନ୍ଧୀ ଓ ସ୍ୱାମୀ ବିବେକାନନ୍ଦଙ୍କ ଲକ୍ଷ୍ୟ ଯାହାଥିଲା। କୁମାର ଭାଇଙ୍କ ଦୂରଦୃଷ୍ଟି ସେହି ଅହିଂସା, ବିଶ୍ୱ ଭାତୃତ୍ୱ ଓ ବିଶ୍ୱ ଶାନ୍ତି ପାଇଁ ଚିନ୍ତା ରହିଥିଲା ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମାଧବପୁର ମହାବିହାରରେ ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତିରେ ଜଳାଭିଷେକ, ପୂଜାର୍ଚ୍ଚନା ଓ ସୁଜାତା ଖିରି ଅର୍ପଣ କରାଯାଇଥିଲା। ଶୋଭନୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବୁଦ୍ଧ ବନ୍ଦନା ଓ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶୋଭନୀୟ ଆନ୍ଦୋଳନର ସଭ୍ୟା, ସଭ୍ୟ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଗରୁମାଗୁରୁଜୀ ପ୍ରମୁଖ ସାମିଲ ହୋଇଥିଲେ। ମିନତି ଦେବୀ, ବରଦା ମହାନ୍ତି, ମନୋରମା ଦେବୀ, ଗୀତାଞ୍ଜଳି ଗୁରୁମା, କେଦାର ଲକ୍ଷ୍ମୀ ଦାସ, ଜୟଶ୍ରୀ ଗୁରୁମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆନ୍ଦୋଳନର ଆଜୀବନ ସଭ୍ୟ ଅଧାପକ ଇନ୍ଦ୍ରମଣି ନାୟକ ଧନ୍ୟବାଦ ଦେଇଥିଲେ।

# ୟୁଜେଏ ପକ୍ଷରୁ ପ୍ରତିବାଦ



ବ୍ୟାସନଗରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ଖବରଦାତାମାନେ ପ୍ରତିବାଦ କରୁଛନ୍ତି।

ବ୍ୟାସନଗର,୨।୫(ପବିତ୍ର ରଞ୍ଜନ ମହାନ୍ତି): ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ(ୟୁଜେଏ) ଡାକରାରେ ମେ' ୧ବିଶ୍ୱ ଶ୍ରମିକ ଦିବସ ଅବସରରେ ପ୍ରତ୍ୟେକ ଜିଲାରେ ଖବରଦାତାମାନେ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଛନ୍ତି। ଏହିକ୍ରମରେ ସଂଘର ଯାଜପୁର ଜିଲା ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୦ଟା ସମୟରେ ବ୍ୟାସନଗର ସହରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ସମସ୍ତ ସଭ୍ୟ ଏକତ୍ରିତ ହୋଇ ଆନ୍ଦୋଳନ କରିଛନ୍ତି। ସେମାନେ ପ୍ରଥମେ ଉତ୍କଳ ମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ କଳାବ୍ୟାଜ୍ ପରିଧାନ କରିବା ସହ ଏକ ପ୍ରତିବାଦ ସଭା କରିଥିଲେ। ଏଥିରେ ଗତ ୨୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ୬ ଦଫା ଦାବିପୂରଣ ନେଇ ସ୍ଲୋଗାନ ଦିଆଯାଇଥିଲା। ରାଜ୍ୟ ସରକାର ଦାବିଗୁଡିକ ଯଥାଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦାଳନକୁ ଆହୁରି ତୀବ୍ରତର କରାଯିବବୋଲି ଚେତାବନୀ ଦିଆଯାଇଥିଲା। ଏହି ପ୍ରତିବାଦ ସଭାରେ ବରିଷ୍ଠ ସଭ୍ୟ ଅଭିମନ୍ୟୁ ମିଶ୍ର, ଜାତୀୟ କାର୍ଯ୍ୟକାରୀ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ଜିଲା ସମ୍ପାଦକ ଶୁଭାଶିଷ ରାଉତ, କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରଦ୍ୟୁମ୍ନ ବୋଇତାଇ, ସୁଦୀପ ମିଶ୍ର, ସୁଜିତ ମଲ୍ଲିକ, ପ୍ରଶାନ୍ତ ପାତ୍ର, ଭାଗିରଥି ବାରିକ, ଦୁଷ୍ମନ୍ତ ଘଡ଼ାଇ ପ୍ରମୁଖ ସାମିଲ ହୋଇଥିଲେ।

# କୋରେଇ ଭାଜପାର ମିଶ୍ରଣ ପର୍ବ

**କୋରେଇ,୨।୯(ଚନ୍ଦ୍ରକାନ୍ତ ପତି):**

ଶାସକ ଦଳର ଜନକଲ୍ୟାଣକାରୀ ଯୋଜନା ଏବଂ ଲୋକାଭିମୁଖୀ ପଦକ୍ଷେପରେ ଅନୁପ୍ରାଣିତ ହୋଇ ବିଜେଡିର ଶତାଧିକ କର୍ମୀ ଓ ନେତା ଦଳ ପରିତ୍ୟାଗ କରି ଭାଜପାରେ ଯୋଗ ଦେଉଛନ୍ତି। ଗତ କିଛିଦିନ ତଳେ ଅନେକ କଂଗ୍ରେସ ଏବଂ ବିଜେଡି କର୍ମୀ ବିଧାୟକ ଆକାଶ ଦାସନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ଭାଜପାରେ ସାମିଲ ହୋଇଥିବାବେଳେ ଶୁକ୍ରବାର କୋରେଇ ଭାଜପା ପକ୍ଷରୁ ବ୍ୟାସନଗରସ୍ଥିତ ବିଧାୟକଙ୍କ ବାସଭବନଠାରେ ପୁଣି ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତ ସଭାପତି ପ୍ରତାପ ରାଉତରାୟ, ଗୟାଧର ପରିଡ଼ା, ସୁକର୍ଣ୍ଣ ରାଉତ, କୁଳମଣି ଦାସ, ରାମଚନ୍ଦ୍ର ମାଝୀ, ନିହାର ତ୍ରିପାଠୀଙ୍କ ନେତୃତ୍ୱରେ ଅନ୍ଧାରୀ ଚଢ଼େଇପାଟିଆ ଗ୍ରାମର ପ୍ରଫୁଲ୍ଲ ଜେନା, ଅମୂଲ୍ୟ ମଲ୍ଲିକ, ବିଷ୍ଣୁ ମଲ୍ଲିକ, ଗଙ୍ଗାଧର ଯେନା, ସଞ୍ଜୟ ପାତ୍ର, କିଆପଦା ଗ୍ରାମର ବସନ୍ତ ବେହେରା, ବିକାଶ ଦାସ, ମିନକେତନ ବେହେରା ଦୟାନିଧି ପଲେଇ, ଗୋଲେଖ ବିହାରି ଦାସ, କୋରାବନ୍ଦୀ ଗ୍ରାମର ପ୍ରଶାନ୍ତ ସେଠୀ, ବାପୁନି ସେଠୀ, ଶତ୍ରୁଘ୍ନ ସେଠୀ ଓ ରଞ୍ଜନ ମଲ୍ଲିକ ପ୍ରମୁଖ ଶତାଧିକ ଆଗଧାଡ଼ିର ବିଜେଡି କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ ଏବଂ କୋରେଇର ବିଧାୟକଙ୍କ ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଛନ୍ତି। ସମସ୍ତ କର୍ମୀଙ୍କୁ ବିଧାୟକ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତ୍ତରୀୟ ପକାଇ ଭାଜପାରେ ସାମିଲ କରାଇଛନ୍ତି। ଏହି ମିଶ୍ରଣ ପର୍ବ ପରେ କୋରେଇ ଭାଜପା ଆହୁରି ଶକ୍ତିଶାଳୀ ହେବା ସହିତ ଅନ୍ଧାରୀ ପଞ୍ଚାୟତ ଭାଜପା ସ୍ଥିତି ସୁଦୃଢ଼ହେବ ବୋଲି ବିଧାୟକ ମତପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଅନେକ ଭାଜପା କର୍ମକର୍ତ୍ତା ସହଯୋଗ କରିଥିଲେ।



ଭାଜପାରେ ସାମିଲ କର୍ମୀ ଓ ନେତାଙ୍କୁ ବିଧାୟକ ଆକାଶ ଦାସନାୟକ ସ୍ୱାଗତ କରୁଛନ୍ତି।

# ଦିନଟିଏ ଶ୍ରମିକଙ୍କ ଅଭିଯୋଗ ଶୁଣିବାକୁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

ଖଣି ଅଞ୍ଚଳରେ ଶ୍ରମିକ ଦିବସ ପାଳିତ

**କାଳିଆପାଣି,୨।୫(ଅସିତ ମହାନ୍ତ):**

କାଳିଆପାଣି ଖଣି ଅଞ୍ଚଳରେ ଥିବା ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ଖଣି ନିଗମ ଖେଳ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ୟୁନିୟନର ଉପଦେଷ୍ଟା ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ଖଣିରେ କାର୍ଯ୍ୟରତ ଶ୍ରମିକଙ୍କ ସୁରକ୍ଷା ଓ ଅଧିକାରକୁ ଗୁରୁତ୍ୱ ଦେବାକୁ କହିଥିଲେ। ସୁବିଧା ଅସୁବିଧାରେ ଶ୍ରମିକଙ୍କ ସହିତ ଠିଆ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ପ୍ରତି ମାସରେ ଗୋଟିଏ ଦିନ ଖଣି ଅଞ୍ଚଳରେ ରହି ଶ୍ରମିକଙ୍କ ଅଭିଯୋଗ ଶୁଣିବାକୁ ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ସଂଘ ସଭାପତି ସବ୍ୟସାଚୀ ବଳସାମନ୍ତ, ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା ପ୍ରମୁଖ ଯୋଗଦେଇ ୩୬ ବର୍ଷପରେ ଶ୍ରମିକ ସେମାନଙ୍କର ଅଧିକାର ଫେରିପାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଖଣି ଅଞ୍ଚଳ ମଣ୍ଡଳ ସଭାପତି ମନୋଜ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଶ୍ରମିକ ନେତା ବିଦ୍ୟାଧର ପାତ୍ର, ଭାଜପା ରାଜ୍ୟ ପରିଷଦ ସଭ୍ୟ ପ୍ରଶାନ୍ତ ରାୟ, ଯାଜପୁର ଜିଲା ଭାଜପା ସାଧାରଣ ସମ୍ପାଦକ ସୁଧାଂଶୁ ଭଞ୍ଜ, ପ୍ରଦୀପ ଧୀର, ବିଧାୟକଙ୍କ ପ୍ରତିନିଧି ସୁକିନ୍ଦା ଶେଖର ମହାନ୍ତି, ଖଣି ଅଞ୍ଚଳ ମଣ୍ଡଳରେ ଥିବ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା ଯୋଗଦେଇଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ନାରାୟଣ ଧୀର ଧନ୍ୟବାଦ ଦେଇଥିଲେ।

ସେହିପରି ଅଲ୍ ଇଣ୍ଡିଆ ୟୁନାଇଟେଡ ଟ୍ରେଡ୍ ୟୁନିଅନ ସେଣ୍ଟର(ଏଆଇୟୁଟିୟୁସି) ପରିଚାଳିତ ସୁକିନ୍ଦା ଉପତ୍ୟକା ମାଇନ୍ସ ୱାର୍କର୍ସ ୟୁନିଅନ ପକ୍ଷରୁ ସାରୁଆବିଲସ୍ଥିତ ୟୁନିଅନ ଅଫିସ ପ୍ରାଙ୍ଗଣରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ସୁକିନ୍ଦା ଉପତ୍ୟକା ମାଇନ୍ସ ୱାର୍କର୍ସ ୟୁନିଅନ ପରିଚାଳିତ ରକ୍ତକ୍ଷୟୀ ଆନ୍ଦୋଳନରେ ଶହୀଦ ହୋଇଥିବା ବୁଦ୍ଧିଆ ସେଠୀ ଓ ଶ୍ୟାମାପଦ ରାଉତଙ୍କ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯିବା ପରେ ସଂଗଠନର ସମ୍ପାଦକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଆଇୟୁଟିୟୁସିର ଯାଜପୁର ଜିଲା ସମ୍ପାଦକ ସୁରେଷ ପ୍ରଧାନ, ରାଜ୍ୟ କମିଟି ସଭ୍ୟ ରାଜକିଶୋର ମହାନ୍ତ, ଶ୍ରମିକ ନେତା ଶଙ୍କର ମାରାଣ୍ଡି, ରମାକାନ୍ତ ମହାନ୍ତ ଓ ସୁବାସ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।


ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନ ପକ୍ଷରୁ ଅନୁଷ୍ଠିତ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଉତ୍ସବରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ଅନ୍ୟମାନେ।

# ଧୋୟାଅଞ୍ଚଳରେ ଜନ ଆକ୍ରୋଶ ମହିଳା ସମାବେଶ

ପଟ୍ଟାମୁଣ୍ଡାଇ, ୨।୫(କଳ୍ପତରୁ ନାୟକ)

ରାଜ୍ୟ ଭାରତୀୟ ଜନତା ପାର୍ଟିର ଆହ୍ୱାନକ୍ରମେ ଶୁକ୍ରବାର କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧୋୟାଅଞ୍ଚଳ ୧୫ନଂ ଜୋନ୍ ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀନୀ ଗୀତାଳି ସେଠୀଙ୍କ ନେତୃତ୍ୱରେ ଏକ ମହିଳା ଶୋଭାଯାତ୍ରା ଧୋୟାଅଞ୍ଚଳର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିବା ପରେ ସମାବେଶ ଓ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଉପାଧ୍ୟକ୍ଷ ସୁଶାନ୍ତ ଦାସ ୧୫ନଂ ଜୋନ୍ ଭାଜପା ସଭାପତି ଆରୋଶିଷ ରାଉତ, ଶକ୍ତି ରଞ୍ଜନ ବିଶ୍ୱାଳ, ବ୍ରଜ ବିହାରୀ ଧଳ, ଦୀପକ ଦାସ, ରଞ୍ଜିତ ମଲ୍ଲିକ, ସଞ୍ଜୟ ନନ୍ଦ, ସ୍ନେହାଂଶୁ ଜ୍ୟୋତି ନାୟକ, ସୌମ୍ୟ ରଜ ପଣ୍ଡା, ସୁଶାନ୍ତ ମଲ୍ଲିକ, ମୀନାରାଣୀ ଦାସ, ସୋନାଲି ପ୍ରଧାନ, ଯଶୋବନ୍ତୀ ମଲ୍ଲିକ, ସନ୍ଧ୍ୟାରାଣୀ ମଲ୍ଲିକ, ପୁଷ୍ପଲତା ସୂତାର, ସରୋଜିନୀ ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ପରିଡ଼ା, ଆଶାଲତା ମଲ୍ଲିକ, ସସ୍ମିତା ପାତ୍ର, ମମତା ଜେନା, କାଦମ୍ବିନୀ ମଲ୍ଲିକ, ସୋନାଲି ସାହୁ, ଡଲି ପାତ୍ର, ମାନସୀ ଦାସ ଓ ରଶ୍ମିତା ଦାସ ପ୍ରମୁଖ ଯୋଗ ଦେଇଥିଲେ ।


ମହିଳାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ମାଟ୍ରିକ୍ ପରୀକ୍ଷା ଫଳ

# ଡେରାବିଶ ବ୍ଲକରେ ୧୪ ଜଣ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ

## କଳିଙ୍ଗ ଆବାସିକର ଛାତ୍ରୀ ଏସ୍.ଆର. ସୋନାଲି ବ୍ଲକ ଟପ୍ପର

ଡେରାବିଶ, ୨।୫(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳରେ ମୋଟ ୧୪ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ ମାଟ୍ରିକ୍ ପାସ୍ କରିଛନ୍ତି । ସେଥିମଧ୍ୟରୁ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟରୁ ଚଳିତ ବର୍ଷ ୧୦ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ ପାସ୍‌କରି ସର୍ବାଧିକ ଏ-୧ଗ୍ରେଡ୍ ପାସ୍‌ଧାରୀ ବିଦ୍ୟାଳୟ ଭାବେ କେନ୍ଦ୍ରାପଡ଼ା ଜିଲାରେ ଖ୍ୟାତି ଅର୍ଜ୍ଜନ କରିଛି । ଏଥିସହିତ ଏହି ବିଦ୍ୟାଳୟର ଛାତ୍ରୀ ଏସ୍‌ଆରଜ୍ ସୋନାଲି ଶ୍ୱେତାଲିନା ଦାଶ ୫୭୦ ନମ୍ବର ରଖି ଡେରାବିଶ ବ୍ଲକ ଟପ୍ପର ହୋଇଛନ୍ତି । ପୂର୍ବ ବର୍ଷମାନଙ୍କ ପରି ଏହି ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ୨୦୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ୧-୧୦, ଏ୨-୫୧, ବି୧-୭୧, ବି୨-୫୪ ଓ ସି ଗ୍ରେଡ୍‌ରେ ୧୯ ଜଣ ପାସ୍ କରି ଶତପ୍ରତିଶତ ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ଦୋହଳି ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟ, ଦାମୋଦରଜୀଉ ବିଦ୍ୟାପୀଠ ବଜାର, ରାମଚଣ୍ଡୀ ଶିକ୍ଷାନିକେତନ ଛୋଟି ଓ ଶାରଦା ଏକାଡେମୀ ଛକନାରୁ ଜଣେ ଲେଖାଏ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି।


ସୋନାଲି ଶ୍ୱେତାଲିନା ଦାଶ ।

# ବିଶ୍ୱ ଶ୍ରମିକ ଦିବସରେ ମହିଳା ଶ୍ରମିକ ସମ୍ବର୍ଦ୍ଧିତ

## ରାମଚଣ୍ଡୀ ଶ୍ରମିକ ସଙ୍ଗଠନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ


ମା' ରାମଚଣ୍ଡୀ ମନ୍ଦିର ପୀଠରେ ବିଶ୍ୱ ଶ୍ରମିକ ଦିବସ ଅବସରରେ ସମ୍ବର୍ଦ୍ଧିତ ହୋଇଥିବା ମହିଳା ଶ୍ରମିକ।

ମହାକାଳପଡ଼ା, ୨।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ମା' ରାମଚଣ୍ଡୀ ମନ୍ଦିର ପରିସରରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମା' ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ସଭାପତି ତଥା ଶ୍ରମିକ ବନ୍ଧୁ ଫକୀର ଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରସନ୍ନ କୁମାର ବେହେରା କହିଛନ୍ତି, ଏହି ଅଞ୍ଚଳରେ ବହୁ ଶ୍ରମିକ ପରିବାର ଦୁର୍ଦ୍ଦିନରେ ଜୀବନ ନିର୍ବାହ କରୁଛନ୍ତି। ସେମାନଙ୍କ ସମସ୍ୟା ଉପରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି। ମଞ୍ଚରେ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ବିରଞ୍ଚି ନାରାୟଣ ଦାସ, ଅଶୋକ କୁମାର ସ୍ୱାଇଁ, ହେମନ୍ତ କୁମାର ସ୍ୱାଇଁ, ଲକ୍ଷ୍ମୀଧର ପଲେଇ ଓ ଉତ୍ତମ ଚରଣ ମଲ୍ଲିକ ପ୍ରମୁଖ ଶ୍ରମିକ ସଂଗଠନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ୪ ମହିଳା ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶ୍ରୀ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

କେନ୍ଦ୍ରାପଡ଼ା, ୨।୫ (ଜଗନ୍ନାଥ ଧଳ)

ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ନୂତନ ବ୍ରହ୍ମ ତାଳଧ୍ୱଜର ରଥ ନିର୍ମାଣ କାର୍ଯ୍ୟ ଶୁକ୍ରବାର ଚନ୍ଦନ ପୂର୍ଣ୍ଣିମା ଅବସରରେ ଆରମ୍ଭ ହୋଇଛି। ବରିଷ୍ଠ ସେବାୟତ ଦୀପକ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯଜ୍ଞାନୁଷ୍ଠାନରେ ସଙ୍କଳ୍ପକର୍ତ୍ତା ଭାବେ ମୁଖ୍ୟ କାରିଗର ରଘୁନାଥ ମହାରଣା ଥିଲେ। କେନ୍ଦ୍ରାପଡ଼ା ସହରର ଇଚ୍ଛାପୁରସ୍ଥିତ ରଥଖଳାରେ ଅନୁଷ୍ଠିତ ଯଜ୍ଞାନୁଷ୍ଠାନରେ ଟ୍ରଷ୍ଟ ବୋର୍ଡ ସଭାପତି ତଥା ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ସଭ୍ୟ ପଣ୍ଡିତ ହୃଷୀକେଶ ରଥ, ଧୀରେନ ସାହୁ, ନୃସିଂହ ପ୍ରସାଦ ପତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ରଥ ନିର୍ମାଣ କମିଟି ସଭ୍ୟ ଉମାକାନ୍ତ ବଳ ଓ ରଞ୍ଜନ କୁମାର ପୃଷ୍ଟି ପ୍ରମୁଖ ସାମିଲ ହୋଇଥିଲେ । ଏ ସମ୍ପର୍କରେ ଟ୍ରଷ୍ଟି ସାହୁ କହିଛନ୍ତି, ପୂର୍ବ ବର୍ଷମାନଙ୍କରେ ରଥଟଣାରେ ବିଭ୍ରାଟ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ରଥ ନିର୍ମାଣ ପାଇଁ କୋଟିଏ ଟଙ୍କା ଦେବୋତ୍ତର କମିଶନରଙ୍କୁ ଅନୁଦାନ ମଞ୍ଜୁର ହୋଇଥିଲା । ଜୁନ ୧୬ରେ ଶ୍ରୀଜୀଉଙ୍କ ରଥଯାତ୍ରା ହେବ। ପରମ୍ପରା ଅନୁଯାୟୀ ଗତ ଅକ୍ଷୟତୃତୀୟା ତିଥିରେ ରଥକାଠ ଅନୁକୂଳ ହୋଇଥିଲା । ତେବେ ନୂତନ ରଥ ନିର୍ମାଣ ଏବେ ଆରମ୍ଭ ହୋଇଛି । ମନ୍ଦିର ପ୍ରଶାସନ ନିକଟରେ ଥିବା ଗଚ୍ଛିତ କାଠ ଓ ନୂତନ ଭାବେ ଆସିଥିବା ୧୨୦୦ ଘନଫୁଟର କାଠ ଚିରା ଚାଲିଛି । ଅବଶିଷ୍ଟ ପ୍ରାୟ ୨ ହଜାର ଘନଫୁଟର କାଠ ଯୋଗାଡ଼ ହେଉଛି ବୋଲି ଟ୍ରଷ୍ଟି ସାହୁ ସୂଚନା ଦେଇଛନ୍ତି ।


ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ କରାଯାଉଛି।

# କେନ୍ଦ୍ରାପଡାରେ ୯୫.୯୭ ପ୍ରତିଶତ ପରୀକ୍ଷାର୍ଥୀ ପାସ୍

କେନ୍ଦ୍ରାପଡା, ୨।୫(ଜଗନ୍ନାଥ ଧଳ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ନିୟମିତ ବର୍ଗର ପରୀକ୍ଷାର୍ଥୀଙ୍କ ପାସ୍ ହାର ୯୫.୯୭ ପ୍ରତିଶତ ରହିଛି । ଚଳିତ ଶିକ୍ଷା ବର୍ଷରେ ଜିଲାର ୩୪୭ ସ୍କୁଲର ଶିକ୍ଷାର୍ଥୀ ପରୀକ୍ଷାରେ ଭାଗ ନେଇଥିଲେ । ମୋଟ ୧୯୨୨୮ ଜଣ ଫର୍ମ ପୂରଣ କରିଥିଲେ ମଧ୍ୟ ୨୬୦ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ଏଥିମଧ୍ୟରୁ ଏ ୧ ଗ୍ରେଡରେ ୫୩ ଜଣ, ଏ ୨ରେ ୪୭୭, ବି ୧ରେ ୧୪୨୯, ବି ୨ରେ ୨୯୨୮, ସି ରେ ୪୩୭୪, ଡିରେ ୫୨୨୦ ଓ ଇ ଗ୍ରେଡରେ ୩୭୨୨ ଜଣ ଶିକ୍ଷାର୍ଥୀ ଅଛନ୍ତି । ଜିଲାରେ ମୋଟ ୭୬୫ ପରୀକ୍ଷାର୍ଥୀ ଫେଲ ହୋଇଛନ୍ତି। ସମୁଦାୟ ୧୮୨୦୩ ଜଣଙ୍କ ମଧ୍ୟରୁ ୮୯୮୦ ଛାତ୍ର ଓ ୯୨୨୩ ଜଣ ଛାତ୍ରୀ ଅଛନ୍ତି । ରିପୋର୍ଟ ଲେଖା ପର୍ଯ୍ୟନ୍ତ ଜିଲା ମାଟ୍ରିକ ଫଳାଫଳ ଅନୁଯାୟୀ, ରାମନଗର ବ୍ଲକ ଖରିନାସୀ ହାଇସ୍କୁଲର ଛାତ୍ର ଦେବଦର୍ଶୀ ମଣ୍ଡଳ ମୋଟ ୬୦୦ ମାର୍କରୁ ମୋଟ ୫୭୧ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି ।

# ରାଜକନିକାର ଛାତ୍ର ପ୍ରିୟାଂଶୁ ପଲାଇ ଟପ୍ପର

ରାଜକନିକା,୨।୫(ସଞ୍ଜୟ କୁମାର ଦାଶ)

ଚଳିତ ଥର ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ଏହି କ୍ରମରେ ରାଜକନିକା ବ୍ଲକ ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ, ରାଜକନିକାର ଛାତ୍ର ପ୍ରିୟାଂଶୁ ପଲାଇ ୫୪୫ ନମ୍ବର ରଖି ଟପ୍ପର ହୋଇଛନ୍ତି ।

ସେହିପରି ପଞ୍ଚାୟତ ନୋଡାଲ ହାଇସ୍କୁଲ, ଜୟନଗରର ଛାତ୍ର ପ୍ରଭୁଦତ୍ତ ରାଉତ ୫୪୨ ନମ୍ବର ରଖି ବ୍ଲକର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ, ପିଏମଶ୍ରୀ ବରାଡ଼ିଆ ନୋଡ଼ାଲ ହାଇସ୍କୁଲର ଛାତ୍ରୀ ସୁଚିସ୍ମିତା ଦାସ ୫୪୦ ନମ୍ବର ରଖି ବ୍ଲକର ତତୀୟ ହୋଇଛନ୍ତି ।


ପ୍ରିୟାଂଶୁ ପଲାଇ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓୟୁଜେର ସ୍ମାରକପତ୍ର


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

କେନ୍ଦ୍ରାପଡ଼ା, ୨।୫(ଜଗନ୍ନାଥ ଧଳ)

ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ଖବରଦାତାଙ୍କ ବିଭିନ୍ନ ଦାବି ଉପସ୍ଥାପନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ର ଏଡିଏମ୍ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଶୁକ୍ରବାର ପ୍ରଦାନ ଦିଆଯାଇଛି । ଜିଲା ସଭାପତି ପରେଶ ଦାସଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ଖବରଦାତାଙ୍କୁ ଆର୍ଥିକ ଓ ସାମାଜିକ ସୁରକ୍ଷା ସହିତ ରାଜ୍ୟ ସରକାରଙ୍କ ସ୍ୱୀକୃତିକୁ ଗୁରୁତ୍ୱ ଦିଆଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ଦାସ କହିଛନ୍ତି, ଗଣତନ୍ତ୍ରକୁ ସୁବ୍ୟବସ୍ଥିତ କରିବାରେ ଖବରଦାତାମାନେ ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରୁଛନ୍ତି । ଦିନରାତି ଏଥିରେ ସମୟ ବିତାଉଥିଲେ ମଧ୍ୟ ସାମାଜିକ ଓ ଆର୍ଥିକ ସୁରକ୍ଷା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦେଶର ବିଭିନ୍ନ ରାଜ୍ୟରେ ଖବରଦାତାଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇ ମାସିକ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଓଡ଼ିଶା ରାଜ୍ୟରେ ଏହି ବ୍ୟବସ୍ଥା ନାହିଁ । ଫଳରେ ଖବରଦାତାଙ୍କ ଆର୍ଥିକ ସ୍ଥିତି ଅତି ନିମ୍ନମାନର ହୋଇଛି। ଏପରିକି ସାଧାରଣ ଶ୍ରମିକଙ୍କ ପାଇଁ ଦୈନିକ ମଜୁରି ରାଶି ସମ୍ପର୍କରେ ଘୋଷଣା ହେଉଥିଲେ ମଧ୍ୟ ଖବରଦାତା ଏଥିରୁ ବାଦ୍ ପଡିଛନ୍ତି।

ସେହିପରି କେତେକ ଦୁଷ୍ଟ ବ୍ୟକ୍ତିଙ୍କ ନଜରରେ ପଡି ସାମାଜିକ ସୁରକ୍ଷା ହରାଉଛନ୍ତି। ଏନେଇ ଏକ ଆଇନ ଆସିବା ଏବେ ଜରୁରୀ ହୋଇପଡିଛି । ଏସବୁ ଦାବିଗୁଡିକ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଦ୍ୱାରା ବହୁବାର ଉପସ୍ଥାପନ କରାଯାଇଛି। ଆଗାମୀ ଦିନରେ ଏ ନେଇ ସଂଘର୍ଷ ହେବ ବୋଲି ଜିଲା ସଭାପତି ଦାସ କହିଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ କର୍ମକର୍ତ୍ତା ଜଗନ୍ନାଥ ଦାସ, ଅକ୍ଷୟ ସାହୁ, ସାବିର ଖାନ, ଧୀରେନ୍ଦ୍ର ମିଶ୍ର, ପ୍ରମୋଦ ପ୍ରଧାନ, ସୋମନାଥ ସାହୁ ଓ ଜ୍ୟୋତିର୍ମୟ ଜେନାଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ ।

# ପୁନର୍ବାସରେ ମିଟ୍ ଦ ଆଇକନ୍ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨।୫(ଜଗନ୍ନାଥ ଧଳ)

ନୂତନ ଶିକ୍ଷା ଆଇନ-୨୦୨୦ ଅନ୍ତର୍ଗତ ଯୁକ୍ତ ୩ ଚତୁର୍ଥ ସେମିଷ୍ଟର ଲାଗି ରହିଥିବା ଇଣ୍ଟର୍ନଶିପ୍ ନିମନ୍ତେ ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମତା ଅଧ୍ୟୟନ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଚଳିତବର୍ଷ କେନ୍ଦ୍ରାପଡ଼ାର ତୁଳସୀ ମହିଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ, ଇଂଲିଶ୍, ଓଡ଼ିଆ ତଥା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ଛାତ୍ରୀଛାତ୍ରମାନେ ଏହି ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଭିନ୍ନକ୍ଷମତା ସମ୍ପର୍କିତ ଏକ ସଚେତନତାମୂଳକ ଅବଧାରଣା ନିମନ୍ତେ ଏହି ୬୦ ଘଣ୍ଟା ସଂକ୍ଷିପ୍ତ ଅବଧିର କାର୍ଯ୍ୟସୂଚୀ ମଧ୍ୟରେ ଭିନ୍ନକ୍ଷମତା ସମ୍ପର୍କିତ ସୂଚନା, ତଥ୍ୟ, ପ୍ରକାର ଓ ଆଇନଗତ ଦିଗଗୁଡ଼ିକ ସମ୍ପର୍କରେ ବିଷୟଗତ ଶିକ୍ଷାଦାନ ସହିତ ଅତିଥି ବିଶେଷଜ୍ଞମାନଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଉଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭିନ୍ନକ୍ଷମତାକୁନେଇ ଏକ ସକାରାତ୍ମକ ବଳିଷ୍ଠ ଧାରଣା ପାଇଁ ରାଜ୍ୟ ଓ ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ବିଭିନ୍ନ ସଫଳ ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଉଛି। ଏହି କ୍ରମରେ କେନ୍ଦ୍ରାପଡ଼ାରେ ଜନ୍ମିତ ସଫଳ ଜାତୀୟ ପାରାସନ୍ତରଣକାରୀ ତଥା ଅନ୍ତର୍ଜାତୀୟ ପାରାସେଲର୍ ମୋନାଲି ସ୍ୱାଇଁ ଯୋଗ ଦେଇ ନିଜର ସଂଘର୍ଷପୂର୍ଣ୍ଣ ଜୀବନ କାହାଣୀ ଉପସ୍ଥାପନ କରିଥିଲେ। ଅପୂର୍ଣ୍ଣଶରୀର ଧରି ଜନ୍ମିତ ହେତୁ କିପରି ପରିବାର ଓ ସମାଜର ଦୃଷ୍ଟିକୋଣ ନକାରାତ୍ମକ ରହିଥିଲା ଓ କିପରି ସେ ସମାଜର ସେହି ମାନସିକତା ଓ ବିରୋଧକୁ ବେଖାତିର କରି ନିଜକୁ ସଫଳ ପ୍ରତିପାଦନ କରିପାରିଛନ୍ତି, ତାହା ବର୍ଣ୍ଣନା କରିଥିଲେ।

ଏହାପରେ ଛାତ୍ରୀଛାତ୍ରମାନଙ୍କ ସହ ତାଙ୍କର ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁନର୍ବାସ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସହ ସମ୍ପାଦକ ବଂଶୀଧର ମହାନ୍ତି, ଇଣ୍ଟର୍ନଶିପ୍ ପ୍ରୋଗ୍ରାମର ସହକାରୀ ପର୍ଶୁରାମ ତ୍ରିପାଠୀ ଓ କେଦାରନାଥ ବାରିକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ବୁଝାଯାଉଛି।

# ଦେବୀପ୍ରଜ୍ଞା ପଟ୍ଟାମୁଣ୍ଡାଇ ବ୍ଲକ ଟପ୍ପର


ଦେବୀପ୍ରଜ୍ଞା ଦେ

ପଟ୍ଟାମୁଣ୍ଡାଇ, ୨।୫(କଳ୍ପତରୁ ନାୟକ)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଦେବୀପ୍ରଜ୍ଞା ଦେ ସର୍ବାଧିକ ୫୫୫ନମ୍ବର ରଖି ପଟ୍ଟାମୁଣ୍ଡାଇ ବ୍ଲକ ଟପ୍ପର ହେଇଥିବା ଜାଣାପଡିଛି। ପିଲାଟି ଦିନରୁ ସେ ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ବିଦ୍ୟାଳୟରେ ମେଧାବୀ ଛାତ୍ରୀ ଥିବା ବେଳେ ଶନିବାର ଏହି ସଫଳତା ପାଇଛନ୍ତି। ସେ ତାଙ୍କ ସଫଳତାର ଶ୍ରେୟ କଠିନ ପରିଶ୍ରମ ଇଶ୍ୱରଙ୍କ ଆଶୀର୍ବାଦ, ଗୁରୁ ମା' ଗୁରୁ ଓ ପିତା ପ୍ରଶାନ୍ତ ଦେ ମାତା ଡଲ୍ଲି ଦାସ ଓ ଗୁରୁଜନଙ୍କ ଆଶୀର୍ବାଦ ଯୋଗୁ ସମ୍ଭବ ହୋଇଛି । ଭବିଷ୍ୟତରେ ସେ ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀ କିମ୍ବା ଡାକ୍ତର ହୋଇ ଗରିବ ଜନସାଧାରଣଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଦେବୀପ୍ରଜ୍ଞା କହିଛନ୍ତି।

ସେହିପରି ମଦନପୁର ମହାବୀର ହାଇସ୍କୁଲର ସୌମ୍ୟକାନ୍ତ ସାହୁ ୫୪୯, ସୌଭାଗ୍ୟନା ଦାସ ୫୪୪ ନମ୍ବର ରଖି ସଫଳତା ହାସଲ କରିଥିବା ବେଳକେ ଜୟପ୍ରକାଶ ସାହୁ ୫୪୦, ଲିଖିତ ରାଉତ ୫୪୦ ସଫଳତା ହାସଲ କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଶା ପ୍ରିୟାଦର୍ଶିନୀ ପାତ୍ର ୫୪୦ ଓ ସୁଭଦ୍ରା ପ୍ରଧାନ ୫୪୦, ଦାଣ୍ଡିସାହୀ ଜୟହିନ୍ଦ ହାଇସ୍କୁଲ ଛାତ୍ରୀ ଅଭିପ୍ସା ରାଉତ ୫୪୦ ଓ ଜରିଆ ବଳଦେବ ନୋଡାଲ ହାଇସ୍କୁଲ ଛାତ୍ର ରଦ୍ର ପ୍ରତାପ ପ୍ରଧାନ ୫୪୦ ନମ୍ବର ରଖି ସଫଳତା ହାସଲ କରିଛନ୍ତି।

## ହୃଦ୍‌ଘାତରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ରାଜକନିକା,୨।୫(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭର ସହ ଶିକ୍ଷା ଉଚ୍ଚ ବିଦ୍ୟାଳୟର ପ୍ରଥମ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୀନା ଦାସଙ୍କର ଶୁକ୍ରବାର ହୃଦ୍‌ଘାତରେ ତାଙ୍କ ନିଜ ବସଭାବନରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁରେ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା କର୍ମଚାରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ତଥା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶନିବାର ପ୍ରଧାନ ଶିକ୍ଷକ କବିତା ମଞ୍ଜରୀ ଦାସଙ୍କ ଅଧ୍ୟକ୍ଷତାରେ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା କର୍ମଚାରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟଙ୍କ ଉପସ୍ଥିତରେ ଶୋକ ପାଳନ ପୂର୍ବକ ସଭାରେ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି ।

# କାଉପଡ଼ା ୨ ୱାର୍ଡ଼ ଅଧିବାସୀ ପାଇଲେ ପାନୀୟ ଜଳ

## ବିଭାଗୀୟ ଅଧିକାରୀଙ୍କ ତତ୍ପରତା

ଡେରାବିଶ, ୨।୫(ବେବର୍ତ୍ତା ଅଜୟ ଦାସ)

ଦୀର୍ଘଦିନ ଧରି ଜଳକ୍ଲିଷ୍ଟ ମଧ୍ୟରେ ଥିବା ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତର ୨ ନଂ ୱାର୍ଡ଼ର ଅଧିବାସୀ ଶନିବାର ପାଇପ୍ ଯୋଗେ ପାନୀୟ ଜଳ ପାଇଛନ୍ତି । ସୂଚନା ଅନୁଯାୟୀ, କାଉପଡ଼ାରେ ଥିବା ଓଭରହେଡ୍ ଟାଙ୍କିରୁ ଏହି ଗ୍ରାମର ୨ ନଂ ୱାର୍ଡ଼କୁ ଯାଇଥିବା ମୁଖ୍ୟ ପାଇପ୍‌ରୁ ଗ୍ରାମର ଜଣେ ବ୍ୟକ୍ତି ବେଆଇନ ଭାବେ ମୋଟା ପାଇପ୍ ସଂଯୋଗ କରି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ପାର୍କ ଓ ମନ୍ଦିରକୁ ପାଣି ନେଉଥିବାରୁ ସମ୍ପୃକ୍ତ ୱାର୍ଡ଼ର ଅଧିବାସୀ ପାନୀୟ ଜଳରୁ ବଞ୍ଚିତ ହୋଇଥିଲେ । ଏ ନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ ଏ ଦିଗରେ କେହି ପଦକ୍ଷେପ ନେଇନଥିଲେ । ତେବେ ଗୁରୁବାର କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ଲୁଗୁନ ଓ ଡେରାବିଶ ବ୍ଲକ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାଶ ଗ୍ରାମରେ ପହଞ୍ଚି ବେଆଇନ ଭାବେ ପାଇପ୍ ସଂଯୋଗ କରିଥିବା ବ୍ୟକ୍ତିଙ୍କୁ ପାଇପ୍ କାଟିଦେବା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହିଥିଲେ । ମାତ୍ର ସମ୍ପୃକ୍ତ ବ୍ୟକ୍ତି ଜଣକ ଏହା ନ ଶୁଣିବାରୁ ଏ ନେଇ ଥାନାରେ ଉଭୟ ଅଧିକାରୀ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ସହାୟତାରେ ସହକାରୀ ଯନ୍ତ୍ରୀ ଦାଶ ଶନିବାର ବେଆଇନ ଭାବେ ସଂଯୋଗ କରାଯାଇଥିବା ପାଇପ୍‌କୁ କାଟି ଦେବାରୁ ସମ୍ପୃକ୍ତ ୱାର୍ଡ଼କୁ ପାନୀୟ ଜଳ ପହଞ୍ଚି ପାରିଥିଲା ।



# ସ୍ମିତମ ସମୋଲିକା ପାଣି ଗରଦପୁର ବ୍ଲକ ଟପ୍ପର

## ଶୁଭଲକ୍ଷ୍ମୀ ନାୟକ ଦ୍ୱିତୀୟ ଟପ୍ପର

ପାଟକୁରା, ୨।୫(ରବୀନ୍ଦ୍ର ନାଥ ବାରିକ)

ମାଟ୍ରିକ ପରୀକ୍ଷାରେ ଗରଦପୁର ବ୍ଲକରେ ଟପ୍ପର ହୋଉଛନ୍ତି ସ୍ମିତମ ସମୋଲିକା ପାଣି । ସେ ୫୬୧ନମ୍ବର ରଖି ଗ୍ରେଡ଼ ଏ-୧ରେ ଉତୀର୍ଣ୍ଣ ହୋଉଛନ୍ତି । ଗରଦପୁର ଗ୍ରାମର ରଶ୍ମୀପ୍ରଭା ଦାଶ ଓ ଅନିଲ ପାଣିଙ୍କର ସେ ହେଉଛନ୍ତି ଝିଅ। ବେଡାରୀ ପଞ୍ଚାୟତ ଅଧୀନ ହରିଦାସପୁରପୁର ପଞ୍ଚାୟତ ନାଗମଣୀ ହାଇସ୍କୁଲରେ ସ୍ମିତମ ପଢୁଥିଲେ । ସେହିପରି ଫଜଲ ହକ ହାଇସ୍କୁଲ ତେଣ୍ଡାକୁଡାର ଛାତ୍ରୀ ଶୁଭଲକ୍ଷ୍ମୀ ନାୟକ ୫୪୦ନମ୍ବର ରଖି ଗ୍ରେଡ଼-ଏ -୧ରେ ଉତୀର୍ଣ୍ଣ ହୋଇ ଗରଦପୁର ବ୍ଲକରେ ଦ୍ୱିତୀୟ ଟପର ହୋଇଛନ୍ତି । ପରୀକ୍ଷା ସଫଳତାର ଶ୍ରେୟ ଉଭୟ ଛାତ୍ରୀ ସେମାନଙ୍କ ପିତା, ମାତା, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଦେଇଛନ୍ତି ।


ସ୍ମିତମ ସମୋଲିକା ପାଣି।

## ସଂକ୍ଷେପରେ

### ଜନଗଣନାରୁ ଫେରୁଥିବା ଶିକ୍ଷୟିତ୍ରୀ କାର ଧକ୍କାରେ ଗୁରୁତର

ଦିଗପହଣ୍ଡି,୨।୫(ଅଶେଷ ନାଥ ମିଶ୍ର)
ଦିଗପହଣ୍ଡି ରେ ରହୁଥିବା ପଦ୍ମନାଭପୁର ପଞ୍ଚାୟତ ଭୁଶୁଣ୍ଡା ଗ୍ରାମ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ କେ.ଗୀତାଞ୍ଜଳି ଆଚାରୀ (୩୯) ଜନଗଣନା କାର୍ଯ୍ୟ ସାରି ଫେରୁଥିବା ବେଳେ ଏକ କାର ଧକ୍କାରେ ଗୁରୁତର ହୋଇଛନ୍ତି। କାରଟି ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆବଶ୍ୟକ ଚିକିତ୍ସା ପରେ ପରିବାର ଲୋକେ ତାଙ୍କୁ ନେଇଯାଇ ବ୍ରହ୍ମପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

### ବଜ୍ରପାତରେ ୩ ବଳଦ ମୃତ

ହାଡୁଭାଙ୍ଗି, ୨।୫(ହରିଶ୍ଚନ୍ଦ୍ର ପରିଚ୍ଛା)
ଗଜପତି ଜିଲା କାଶୀନଗର ବ୍ଲକ ପାର୍ତ୍ତଡା ଗ୍ରାମରେ କାଳ ବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପାର୍ତ୍ତଡା ଗ୍ରାମର ତିମୟ ଭୂୟାଁଙ୍କ ଗୁହାଳରେ ୪ଟି ବଳଦ ବନ୍ଧା ଥିବା ବେଳେ ସେଥି ବଜ୍ରପାତରେ ୩ଟି ବଳଦର ମୃତ୍ୟୁ ଘଟିଛି। ଗୋଟିଏ ବଳଦର ଅବସ୍ଥା ଗୁରୁତର ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ଜୋରରେ ପବନ ବୋହି ବଜ୍ରପାତ ଘଟିଛି। କାଶୀନଗର ବ୍ଲକ ପ୍ରାଣୀ ଚିକିତ୍ସକ ଡା. କାହ୍ନୁ ଚରଣ ସାହୁଙ୍କ ନିର୍ଦ୍ଦେଶରେ ଭିଏଏସ ଆକାଶ ପଣ୍ଡା ଓ ଏଲଆଇ ଗୋବିନ୍ଦ ପ୍ରଧାନ ପହଞ୍ଚି ମୃତ ବଳଦଗୁଡିକର ବ୍ୟବଚ୍ଛେଦ କରିଥିବା ଜଣାପଡିଛି।

### ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗଦେଲେ ବିଧାୟକ

ଗଞ୍ଜାମ,୨।୫(ବିଦ୍ୟାଧର ସାହୁ)
ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମାଠାରେ ନୃସିଂହ ମନ୍ଦିର ପ୍ରତିଷ୍ଠା ଦ୍ୱାଦଶ ବର୍ଷ ପୂର୍ତ୍ତି ଏବଂ ଗୋପୀନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଯଜ୍ଞ ଏପ୍ରିଲ ୨୨ରୁ ଆରମ୍ଭ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଠାକୁର ଦର୍ଶନ କରି ଯଜ୍ଞ ପରିଚାଳନା କମିଟି ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ୯ ଦିନ ଧରି ଚାଲିଥିବା ଏହି ବିଶ୍ୱଶାନ୍ତି ମହାଯଜ୍ଞକୁ ପରିଚାଳନା କମିଟି ସଦସ୍ୟ ଓ ଅଞ୍ଚଳବାସୀଙ୍କୁ ବିଧାୟକ ପ୍ରଶଂସା କରିଥିଲେ। ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ସମ୍ପାଦକ ଭିକାରି ପରିଡା, କୋଷାଧ୍ୟକ୍ଷ ଧରମା ସାହୁ ସମିତି ମେମ୍ବର ଧ୍ରୁବ ଚରଣ ପଲାଇ ସହଯୋଗ କରିଥିଲେ।

### ବିଡିଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧରାକୋଟ,୨।୫
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)
ଧରାକୋଟ ବ୍ଲକ୍‌ରେ କାର୍ଯ୍ୟରତ ଥିବା ବିଡିଓ ସଂଗ୍ରାମ କେଶରୀ ଜେନା ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ଲକ୍ ସଭାଗୃହରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ଏବିଡିଓ ଭବାନୀ ଶଙ୍କର ପ୍ରଧାନ, ସହକାରି ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପାଣିଗ୍ରାହୀ, ବିଭାଗୀୟ ଅଧିକାରୀ ସଞ୍ଜୟ ପରିଚ୍ଛା, ସହକାରୀ ଯନ୍ତ୍ରୀ ଡି.କନ୍ୟା କୁମାର ଉପସ୍ଥିତ ଥିଲେ। ବିଦାୟୀ ବିଡିଓଙ୍କ କର୍ତ୍ତବ୍ୟ ପରାୟଣତା, ସହଯୋଗୀ ମନୋଭାବକୁ ପ୍ରଶଂସା କରାଯାଇଥିଲା।

### ୪ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ପାତ୍ରପୁର, ୨।୫ (ଉମା ଚରଣ ନେପାକ)
ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଶନିବାର ୪ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସାମନ୍ତିଆପଲ୍ଲୀଠାରୁ ଏକ ବାଇକ ରାଲିରେ ବାହାରି ପ୍ରଥମେ ଜୟନ୍ତୀପୁରଠାରୁ ଅରଖଭଦ୍ର ଗ୍ରାମ ରାସ୍ତାର ଭିତ୍ତି ପ୍ରସ୍ତର ଦେଇଥିଲେ। ୧ କୋଟି ୧୮ ଲକ୍ଷ ଟଙ୍କାର ବରଙ୍ଗଠାରୁ ଖଣ୍ଡପଲେରୀ ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିଭଳି ୫୪ ଲକ୍ଷ ଟଙ୍କାର ପୀତାମ୍ବରପୁରଠାରୁ ଗଙ୍ଗାଧରପୁର ପର୍ଯ୍ୟନ୍ତ ରାସ୍ତା ଓ ୧ କୋଟି ୬୮ ଲକ୍ଷ ଟଙ୍କାର ପାର୍ବତୀପୁରଠାରୁ ଭୈରପୁର ପର୍ଯ୍ୟନ୍ତ ରାସ୍ତା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ବିଧାୟକ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ମୀନାଦ୍ୟାନ ସାମନ୍ତରା, ବ୍ଲକ୍ ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ବରଙ୍ଗ ସରପଞ୍ଚ ଭି.ଦେବୀ ପ୍ରସାଦ, ଜୟନ୍ତୀପୁର ସମିତି ସଭ୍ୟ ବାଲାଜୀ ପାଢ଼ୀ, ତଣ୍ଡିପୁର ସମିତିସଭ୍ୟ ରାମକୃଷ୍ଣ ନାୟକ, ସାମନ୍ତିଆପଲୀ ସମିତି ସଭ୍ୟ ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୋକାନ ଉପରେ ଗଛ ପଡ଼ି ଜଣେ ମୃତ, ଜଣେ ଗୁରୁତର

**କାଳବୈଶାଖୀ ତାଣ୍ଡବ**

ପାରଳାଖେମୁଣ୍ଡି,୨।୫(ଗିରିଧାରୀ ପରିଚ୍ଛା)
ଗଜପତି ଜିଲାର ବିଭିନ୍ନ ବ୍ଲକରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଗୋସାଣି ବ୍ଲକ ଅନ୍ତର୍ଗତ ବାଘଶାଳା ଗ୍ରାମରେ ଗଛ ପଡି ଜଣକର ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକ ହେଲେ କେ. ମନ୍ମଥରାଓ। ଖବରରୁ ଜଣାପଡିଛି, ବାଘଶାଳା ଗ୍ରାମରେ ଦୋକାନ କରିଥିବା ଏ. ଶ୍ରୀନିବାସ ରାଓ ଦୋକାନରେ ବସିଥିବା ବେଳେ କାଳ ବୈଶାଖୀ ଝଡବର୍ଷା ହୋଇଥିଲା। ଏହା ପୂର୍ବରୁ ଗ୍ରାମର କେ.ମନ୍ମଥ ରାଓ ଆସି ମଧ ତାଙ୍କ ଦୋକାନରେ ଆଶ୍ରୟ ନେଇଥିଲେ। ଅତ୍ୟଧିକ ପବନ ବୋହି ଦୋକାନ ପଛଟେ ଥିବା ଏକ ବିରାଟକାୟ ଗଛ ଶ୍ରୀନିବାସଙ୍କ ଦୋକାନ ଉପରେ ପଡିଥିଲା । ଫଳରେ ଉଭୟେ ଗଛ ତଳେ ଚାପି ହୋଇ ରହିଥିଲେ। କଟର ମେଶିନରେ ଗଛ କାଟି ପ୍ରଥମେ ଶ୍ରୀନିବାସଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ପଠାଯାଇଥିଲା। ପରେ କେ. ମନ୍ମଥ ରାଓଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଶନିବାର ଗୁରାଣ୍ଡି ଥାନା ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ଡାକ୍ତରଖାନାରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। କାଳବୈଶାଖୀ ଯୋଗୁ ବ୍ଲକର ଆଙ୍କୁଡୁ ବୀରନାରାୟଣପୁର, ନୂଆଗାଁ, ବଡ଼ଗାଁ, ଭିନ୍ନଳା, ଗୁରାଣ୍ଡି, ଗୋଷାଣି ରୋଡ଼, ବଡ଼ନୀଳପୁରରେ ଗଛପଡି ରାସ୍ତା ଅବରୋଧ ହୋଇଥିଲା। ଏସବୁ ଅଞ୍ଚଳରେ ବିଦ୍ୟୁତ୍ ତାର ମଧ ଛିଣ୍ଡିଥିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଶରଧାପୁର ଓ ବଡଗୋଷାଣି ପଞ୍ଚାୟତ ଅନ୍ତର୍ଗତ ଏସଏନଡି ପେଣ୍ଟ, ନୂଆଗାଁ, ବୀରନାରାୟଣପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଉପରେ ଗଛପଡିଛି। ବଡନୀଳାପୁର ଗ୍ରାମରେ ପବନ ବର୍ଷାରେ ପି. ଆଚ୍ଛୁତା ରାଓଙ୍କ ଏକ ଟ୍ରାକ୍ଟର, ବାଇକ୍ ଓ ଗ୍ରାମକୁ ଆସିଥିବା ଜଣେ ବ୍ୟକ୍ତିଙ୍କ ବାଇକ ଉପରେ ଗଛପଡି ନଷ୍ଟ ହୋଇଛି। ଜଣେ ମହିଳାଙ୍କ ଘରର ଟିଣ ଛପର ଉଡିଯାଇଛି। ଏହି କାଳବୈଶାଖୀ ବର୍ଷା ପବନରେ ରବି ଫସଲ ନଷ୍ଟ ହୋଇଛି । ଏସଏନଡି ପେଣ୍ଟ ଅଞ୍ଚଳର ଚାଷୀ ରମାକାନ୍ତ ପାଳ, ସୀମାଦ୍ରି ପାଳ, ମୀନକେତନ ବିଶ୍ୱାଳ, ପି.ନାରାୟଣ ରାଓ, ଗଣପତି ପାଳ, ମାଧବ ବିଶ୍ୱାଳଙ୍କ ପ୍ରାୟ ୧୪ ଏକର ରବି ଧାନ ଫସଲ ସହ ଅନେକ ଚାଷୀଙ୍କ ବିରି ମୁଗ, ରାଶି, ପନିପରିବା ଚାଷ ମଧ ପ୍ରଭାବିତ ହୋଇଛି। ବୀରନାରାୟଣପୁର ପାଣିଟାଙ୍କି ଉପରେ ଗଛପଡି ଜଳ ସମସ୍ୟା ଦେଖାଦେଇଛି। ଗୁମ୍ମା ବ୍ଲକ ନାମାନଗଡ଼ ଓ ଅଜୟଗଡ ରାସ୍ତାରେ ନିର୍ମାଣାଧୀନ ସଡକ ଡାଇଭର୍ସନରେ ପାଣି ଓ କାଦୁଅ ଜମି ଗାଡିମୋଟର ଯାତାୟାତ ବନ୍ଦ ରହିଛି।

# କ୍ୟାଣ୍ଡେଲ ନିଆଁରୁ ଜଳିଗଲା ଘର ; ବୃଦ୍ଧା ଜୀବନ୍ତ ଦଗ୍ଧ, ୨ ପୁଅ ଗୁରୁତର

ବାଲିଗୁଡ଼ା, ୨।୫(ସଞ୍ଜୟ କୁମାର ପାଣିଗ୍ରାହୀ)
କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ବାରଖମା ଫାଣ୍ଡି ସୁଡ୍ରା ଗ୍ରାମରେ କ୍ୟାଣ୍ଡେଲ ନିଆଁରୁ ଜଣେ ବୃଦ୍ଧା ଜୀବନ୍ତ ଦଗ୍ଧ ହେବା ସହ ୨ ପୁଅ ଗୁରୁତର ହୋଇଛନ୍ତି। ବୃଦ୍ଧା ଜଣଙ୍କ ହେଲେ ନାରଚୁ ସାହୁ (୬୦)। ଗୁରୁତର ୨ ପୁଅଙ୍କୁ ବାଲିଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, କାଳ ବୈଶାଖୀ ଯୋଗୁ ବିଭିନ୍ନ ଅଞ୍ଚଳରେ ୨ ଦିନ ହେବ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବାରୁ ସବୁ ଆଡେ ଅନ୍ଧାର ଥିଲା। ଶୁକ୍ରବାର ରାତିରେ ବାରଖମା ଫାଣ୍ଡି ସୁଡ୍ରା ଗ୍ରାମର ସୁବାଷ ଚନ୍ଦ୍ର ସାହୁଙ୍କ ଘରେ କ୍ୟାଣ୍ଡେଲ ଲଗାଇ ଶୋଇଥିବା ବେଳେ କୌଣସି କାରଣ ବସତଃ ନିଆଁ ଲାଗି ଘରେ ଅଗ୍ନିକାଣ୍ଡ ଘଟିଥିଲା। ଘରେ ଗ୍ୟାସ ସିଲିଣ୍ଡର ରହିଥିବାରୁ ଅଧିକ ଜାଳି କ୍ଷୟକ୍ଷତି ଘଟିଥିଲା। ଘରେ ଥିବା ତାଙ୍କ ମା' ନାରଚୁଙ୍କ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୪ପୁଅଙ୍କ ମଧ୍ୟରୁ ୨ ପୁଅ ଅଗ୍ନି ସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ଘଟଣା ସ୍ଥଳରେ ବାଲିଗୁଡ଼ା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା

# ପୁନଃ ତଦନ୍ତ ପାଇଁ ପରିବାର ଲୋକଙ୍କ ଧାରଣା


ଧାରଣାରେ ବସିଥିବା ପରିବାର ଲୋକେ।

ଦାରିଙ୍ଗବାଡ଼ି,୨।୫ (ଅରୁଣ ସାହୁ)
ଦାରିଙ୍ଗବାଡ଼ି ଥାନା ଦନେକବାଡ଼ି ପଞ୍ଚାୟତ ମାଣ୍ଡୁବାଡ଼ି ଗ୍ରାମ ବଲାମାହା ଜଙ୍ଗଲ ଡବାଡ଼ଙ୍ଗା ଗଛରେ ଗତ ସୋମବାର ପୋଲିସ ଉଜ୍ଜ୍ୱଳ ସିଂ ଦିଗାଲଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା। ଏହି ଘଟଣାରେ ହତ୍ୟା ଅଭିଯୋଗ ଜୋର ଧରିଛି। ଶନିବାର ଉଜ୍ଜ୍ୱଳଙ୍କ ସ୍ତ୍ରୀ ଓ ପରିବାର ସହ ଅଞ୍ଚଳବାସୀ ଏହାର ପୁନଃ ତଦନ୍ତ ସହ ଦୋଷୀଙ୍କୁ ଗିରଫ ଦାବି କରି ଥାନା ମୁଖ୍ୟରେ ହାତରେ ପ୍ଲାକାର୍ଡ ଧରି ଧାରଣା ଦେଇଥିଲେ। ପରେ ପୋଲିସ ଏସ୍‌ଡିପିଓ ଶୁଭମ ଭୋସଲେ, ଆଇଆଇଆସି ସଂଗ୍ରାମ କେଶରୀ ଜେନା ପ୍ରମୁଖ ଏହି ଘଟଣାରେ ସନ୍ଧାନୀ କୁକୁର ଦ୍ୱାରା ଅଧିକ ଯାଞ୍ଚ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ ଯେ, ସିଆଙ୍ଗବାଲି ପଞ୍ଚାୟତ ସିଆଙ୍ଗବାଲି ପଞ୍ଚାୟତ କାଜୁରିପାଦେରୀ ଗ୍ରାମୀ ଉଜ୍ଜ୍ୱଳ କୌଣସି କାର୍ଯ୍ୟରେ ଦନେକବାଡି ଯାଇ ଆଉ ଫେରିନଥିଲେ। ପରେ କିଛି ଲୋକ ଜଙ୍ଗଲରେ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ ପୋଲିସ ପହଞ୍ଚି ମୃତ ଦେହଜବତ କରିବା ସହ ଏକ କେଶ୍ ନଂ. ୫/୨୬ ମାମଲା ରୁଜୁ କରି ତଦନ୍ତ କରୁଥିଲା।

# ମା' ତାରାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା

ଆସିକା,୨।୫ (ସୁରେନ୍ଦ୍ର ନାଥ ସାହୁ)
ଆସିକା ବ୍ଲକର ଖଣ୍ଡଦେଉଳି ପଞ୍ଚାୟତ ଅନ୍ତର୍ଗତ କର୍ଣ୍ଣୋଳିସ୍ଥିତ ଶ୍ରୀନିଗମାନନ୍ଦ ଯୋଗାଶ୍ରମ ପରିସରରେ ନବନିର୍ମିତ ମା' ତାରାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି । ଶନିବାର ଦିନ କାର୍ଯ୍ୟସୂଚୀ ମୁତାବକ ଏକ ଜଳକଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ନଳବଣ୍ଟା ସଂଲଗ୍ନ ଋଷିକୂଲ୍ୟା ନଦୀ ଘାଟରୁ ଜଳକଳସ ନେଇ ଯଜ୍ଞସ୍ଥଳିରେ ସ୍ଥାପନ କରିଥିଲେ। ପଣ୍ଡିତ ଶିରୋମଣି ହରିହର ଶତପଥୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ଆସନ୍ତା ବୁଧବାର ଯାଏଁ ଚାଲିବ। ଏତଦ୍ ଅବସରରେ ମନ୍ଦିର ପ୍ରତିଷ୍ଠାର ବିଭିନ୍ନ କାର୍ଯ୍ୟକ୍ରମରେ ଜଳଯାତ୍ରା ପରେ ବ୍ରାହ୍ମଣ ବରଣ, ସାଲା ପୂଜା ଓ ଅଗ୍ନିସ୍ଥାପନ କରାଯାଇଥିଲା ବେଳେ ବିଭିନ୍ନ ଦିବସରେ ନାମଯଜ୍ଞ, ଅନ୍ନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୁଧବାର ଦିନ ମା' ତାରାଦେବୀଙ୍କ ସିଂହାସନ ଆରୋହଣ ପରେ ହୋମ ଯଜ୍ଞର ପୂର୍ଣ୍ଣାହୁତି ଲାଗି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଅପରପକ୍ଷେ ଶନିବାର ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତିଭାସନ୍, ଗଞ୍ଜାମ ଏସ୍‌ପି. ଶୁଭେନ୍ଦୁ ପାତ୍ର, ହିଂମାଂଶୁ ଶେଖର ନାୟକ, ଆସିକା ବିଧାୟକ ସରୋଜ କୁମାର ପାଢୀ, ବ୍ରହ୍ମପୁର ବିଧାୟକ କେ. ଅନିଲ୍ କୁମାର, ଆସିକା ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ପ୍ରତିଷ୍ଠା ହେବାକୁ ଯାଉଥିବା ମନ୍ଦିର ଓ ଯଜ୍ଞସ୍ଥଳି ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପରିଦର୍ଶନ କରି ଫେରିଥିଲେ। ନିଗମାନନ୍ଦ ଯୋଗାଶ୍ରମର ସଭାପତି ବିଶ୍ୱନାଥ ବିଷୋୟୀ (ଦେଓ), ନିଗମାନନ୍ଦ ଯୋଗାଶ୍ରମ ଓ ବିଦ୍ୟାନିକେତନର ସଭାପତି ପ୍ରଫେସର୍ ପ୍ରଶାନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ପରିଚାଳିତ ହେଉଛି । ଅଧିକାରୀମାନଙ୍କ କାର୍ଯ୍ୟକ୍ରମ ପରିଦର୍ଶନ ସମୟରେ ସରପଞ୍ଚ ପ୍ରତିନିଧି ପ୍ରଣବ କୁମାର ବିଷୋୟୀ, ସମିତିସଭ୍ୟ ଅରୁଣ ଦଳାଇ, ଜିତେନ୍ଦ୍ର ବିଷୋୟୀ, ପ୍ରମୋଦ ସ୍ୱାଇଁ, ବିଜୟାନନ୍ଦ ଗୌଡ, କିଶୋର ଚନ୍ଦ୍ର ଭୂୟାଁ, ଦିଲ୍ଲୀପ ସ୍ୱାଇଁଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।


ଯୋଗାଶ୍ରମରେ ଜିଲାପାଳ, ଏସ୍‌ପି. ଓ ବିଧାୟକ ।

# ଏକାଦଶ ଦିବସରେ ଗଞ୍ଜାମ ଐତିହାସିକ ଚନ୍ଦନଯାତ୍ରା

ଗଞ୍ଜାମ,୨।୫ (ବିଦ୍ୟାଧର ସାହୁ)
ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ଗଞ୍ଜାମ ଐତିହାସିକ ଚନ୍ଦନ ଯାତ୍ରା ଶନିବାର ଏକାଦଶ ଦିବସରେ ପହଞ୍ଚିଛି। ଭକ୍ତି, ପରମ୍ପରାର ଏହି ଯାତ୍ରା ଦୀର୍ଘ ୨୧ ଦିନ ଧରି ଚାଲିବ। ଶନିବାର ଠାରୁ ଯାତ୍ରା ସରିବା ପର୍ଯ୍ୟନ୍ତ ବାବା ମଦନ ମୋହନ ସାତ ଘେରା ବୁଲିବେ ବୋଲି ଆୟୋଜକ ସୂଚନା ଦେଇଛନ୍ତି । ଠାକୁରଙ୍କୁ ଚନ୍ଦନ ବୋଳା ଯାଇ ଡଙ୍ଗାରେ ଚାପ ଖେଳିବା ପାଇଁ ବିରାଜମାନ କରାଯାଇ ବେଢ଼ା ବୁଲିବା ବେଳେ ଶଙ୍ଖ, କାହାଳୀ ଓ ହରିବୋଲ ହୁଳହୁଳିରେ ପରିବେଶ ଭକ୍ତିମୟ ହୋଇଉଠୁଥିବା ଦେଖିବାକୁ ମିଳିଛି । ୩ ଘେରା ନୌକା ବିହାର ପରେ ଠାକୁରଙ୍କୁ ଚନ୍ଦନ କୁଣ୍ଡରେ ସ୍ନାନ କରାଯିବ ଓ ବେଶ ପରିବର୍ତ୍ତନ ସହ ରତ୍ନ ସିଂହାସନରେ ବିଜେ କରାଯାଉଛି । ଆଳତୀ ଓ ରାଜଭୋଗ ନୀତି ସମ୍ପନ୍ନ ହେଉଛି ।

# ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର

ଜି.ଉଦୟଗିରି,୨।୫(ଚିନ୍ମୟ କୁମାର ସେଠୀ)
ଜି.ଉଦୟଗିରି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ଏନ୍‌ଏସି ୮ ନମ୍ବର ୱାର୍ଡ଼ କାଉନସିଲର ଯାକେଶ ପ୍ରଧାନଙ୍କ ନେତୃତ୍ୱରେ ୱାର୍ଡ଼ବାସୀନ୍ଦାଙ୍କ ତରଫରୁ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରନ୍ତି। ହେଲେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଯୋଗୁ ବହୁ ସଂଖ୍ୟାରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଠିକ୍ ସମୟରେ ଚିକିତ୍ସା ନ ପାଇ କିଛି ରୋଗୀଙ୍କ ମୃତ୍ୟୁ ଘଟୁଛି। ଏନେଇ କାଉନସିଲର ଯାକେଶ ସ୍ୱାସ୍ଥ୍ୟ କେନ୍ଦ୍ରରେ ଧାରଣା ଦେବା ସହ ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ବିଭାଗ, ମେଡ଼ିସିନ ବିଭାଗ ନିମନ୍ତେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସ୍ଥାନୀୟ ଅବସରପ୍ରାପ୍ତ ସେନାଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, କାଉନଶିଲରା ଦୀପକ ନାୟକ, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଟାର୍ଜନ ସାହୁଙ୍କ ସହ ସାହି ବାସିନ୍ଦା ଉପସ୍ଥିତ ଥିଲେ। ଆଗାମୀ ଦିନରେ ଦାବି ପୂରଣ ନହେଲେ ପାଇଁ ଚେତାବନୀ ଦେଇଛନ୍ତି।


ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ସକଳେଶ୍ୱରଙ୍କ ପୀଠରେ ଚନ୍ଦନଯାତ୍ରା

ଖଲ୍ଲିକୋଟ,୨।୫(ପ୍ରଶାନ୍ତ କୁମାର ମିଶ୍ର)
ଖଲ୍ଲିକୋଟ ବ୍ଲକ୍ ଶ୍ରୀକୃଷ୍ଣ ଶରଣପୁର ଶାସନ ନିକଟରେ ଥିବା ସକଳେଶ୍ୱର ମହାଦେବଙ୍କ ପୀଠରେ ବୁଦ୍ଧ ପୂର୍ଣ୍ଣିମାରେ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଛି। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଚନ୍ଦନଯାତ୍ରାରେ ପ୍ରତିଦିନ ମନ୍ଦିର ପରିସରରେ ଥିବା ପୁଷ୍କରିଣୀରେ ସକାଳ ଓ ସନ୍ଧ୍ୟାରେ ଠାକୁରଙ୍କ ଚାପ ଖେଳ ହୋଇଥାଏ। ସକଳେଶ୍ୱରଙ୍କ ବିଜେପ୍ରତିମା ଚନ୍ଦ୍ରଶେଖର ଓ ମା'ଦୁର୍ଗାଦେବୀ ନୌକାରେ ବିଜେ ହୋଇଥାନ୍ତି। ପୂଜକ ପାରମ୍ପରିକ ନୀତିପ୍ରକାରେ ଚାପ ଖେଳ କରିଥାନ୍ତି। ଶୁକ୍ରବାର ବୈଶାଖ ପୂର୍ଣ୍ଣିମା ଦିନ ଠାକୁରଙ୍କ ଚାପଖେଳ ପରେ ଚନ୍ଦନ କୁଣ୍ଡରେ ଠାକୁର ବୁଡି ରହିବା ପରେ ସନ୍ଧ୍ୟାରେ ପୁର୍ନବାର ଚାପଯାତ୍ରା ପରେ ସ୍ୱତନ୍ତ୍ର ଚନ୍ଦନପଣା ପୂଜା ହୋଇଥିଲା। ପୂଜକ କାଳୁ ପଣ୍ଡା, ସଂଜୟ ରାଉଳ, ନାବିକ ସାନ୍ତନୁ ଜାଲୀ ପ୍ରମୁଖ ନଉକା ଯାତ୍ରା କରାଉଥିଲେ।

# ବିଲାବାଡ଼ି ଚିକିତ୍ସାଳୟ ପରିଦର୍ଶନ କଲେ ଜିଲାପାଳ

ଖଜୁରିପଡ଼ା,୨।୫(ବିଦୁର ବେହେରା)
ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ବିଲାବାଡ଼ି ମେଡିକାଲରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହେଉଥିବା ନେଇ ବାରମ୍ବାର ଅଭିଯୋଗ ପାଇବା ପରେ ଜିଲାପାଳ ବେଦଭୂଷଣ ବିଲାବାଡ଼ି ମେଡିକାଲ ପରିଦର୍ଶନ କରିଥିଲେ। ଏହି ସମୟରେ ଜିଲାପାଳ ଡାକ୍ତରଖାନାର ଅବ୍ୟବସ୍ଥା ଦେଖି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ବିଲାବାଡ଼ି ଅଞ୍ଚଳକୁ ଗମନାଗମନର ସୁବିଧା ନ ଥିବାରୁ ସ୍ଥାନୀୟ ବାସିନ୍ଦା ସମ୍ପୂର୍ଣ୍ଣ ଭାବେ ଏହି ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି। ମାତ୍ର ଦୀର୍ଘ ଦିନ ହେବ ଏଠାରେ ସ୍ୱାସ୍ଥ୍ୟସେବା ଲୋକେ ଠିକ ଭାବେ ପାଉ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଜିଲାପାଳ ମେଡିକାଲରେ ପହଞ୍ଚିଲା ବେଳେ କୌଣସି ଡାକ୍ତର ଉପସ୍ଥିତ ନ ଥିଲେ। କେବଳ ଜଣେ ନର୍ସ ଓ ସିକ୍ୟୁରିଟି ଗାର୍ଡ ଥିଲେ।ଏହା ଦେଖି ଜିଲାପାଳ ଅସୋନ୍ତଷ ବ୍ୟକ୍ତ କରିଥିଲେ। ଗରିବ ଲୋକମାନେ ଚିକିତ୍ସା ପାଇଁ କଲବଲ ହେଉଥିବା ବେଳେ ଡାକ୍ତରଖାନାର ଏଭଳି ଅବସ୍ଥା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।



# ଲୋକକଳାର ବିକାଶ ଲାଗି ଜିଲାପାଳଙ୍କ ଗୁରୁତ୍ୱ


ଜିଲାପାଳଙ୍କ ସମେତ ପ୍ରଶାସନିକ ବରିଷ୍ଠ ଅଧିକାରୀମାନେ ।

ପୁରୁଷୋତ୍ତମପୁର, ୨।୫ (ସବିତା ମିଶ୍ର)
ଲୋକକଳାର ବିକାଶ ଲାଗି ଗଞ୍ଜାମ ଜିଲାପାଳ ଭି.କିର୍ତ୍ତିୱାସନ ଆଗେଇ ଆସିଛନ୍ତି । ଲୋପପାଇବାକୁ ବସିଥିବା ଲୋକକଳା ଓ ପଲ୍ଲୀନୃତ୍ୟକୁ କିପରି ପୁଣିଥରେ ଉଦ୍‌ଜିବିତ କରାଯାଇପାରିବ ଓ ଏହା ବଜାୟ ରହିବ ସେଥିନେଇ ପ୍ରୟାସ ଆରମ୍ଭ କରିଛନ୍ତି। ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ତାରାତାରିଣୀ ଠାରେ ରହିଥିବା ଜଣେ ମହିଳା ପ୍ରେମଲତା ସାମନ୍ତରାୟ ତାଙ୍କ ପରିବାର ସଦସ୍ୟଙ୍କୁ ନେଇ ଲୋକକଳା ସତ୍ୟନାରାୟଣ ପାଲା କଳାକୁ ବଜାୟ ରଖିବା ସହ ୭୧ ବର୍ଷର ପରିଣତି ବୟସରେ ମଧ ମଞ୍ଚରେ ନିଖୁଣ ଅଭିନୟ ଜାରି ରଖିଥିବାରୁ ତାଙ୍କୁ ତାଙ୍କର ଜନ୍ମଦିବସରେ ସମ୍ବର୍ଦ୍ଧିତ କରାଯାଇଛି। ତାରାତାରିଣୀ ଛକ ବଣିକ ସଂଘ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବର୍ଦ୍ଧିତ କରି କଳାକାର ବିକାଶ ଲାଗି ଜିଲା ପ୍ରଶାସନ ପକ୍ଷରୁ କଳାକାରଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଛତ୍ରପୁର ଉପ ଜିଲାପାଳ ଶୁଭାଶିଶ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ଏସଡିପିଓ ସୁଜିତ ନାୟକ ଯୋଗ ଦେଇଥିଲେ। ଏହାକୁ ବଣିକ ସଂଘର ସଭାପତି ରବିନ୍ଦ୍ରନାଥ ପଣ୍ଡାଙ୍କ ସମେତ ତାରାତାରିଣୀ ବଣିକ ସଂଘର ସମସ୍ତ ସଦସ୍ୟ ପରିଚାଳନା କରିଥିବା ବେଳେ ପ୍ରେମଲତାଙ୍କ ସମ୍ପୂର୍ଣ୍ଣ ପରିବାର ଉପସ୍ଥିତ ଥିଲେ।

# ତପସ୍ୟାଧାମର କୋଠା ଉଦ୍‌ଘାଟନ

ଆସିକା,୨।୫ (ସୁରେନ୍ଦ୍ର ନାଥ ସାହୁ)
ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆସିକା–କଳିଙ୍ଗା ରୋଡସ୍ଥିତ ପ୍ରାର୍ଥନା କେନ୍ଦ୍ର ତପସ୍ୟାଧାମର ଏକ ନୂତନ କୋଠା ଶୁକ୍ରବାର ଆସିକା ବିଧାୟକ ସରୋଜ ପାଢୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏଥିରେ ବ୍ରହ୍ମପୁର ଆକାଶବାଣୀର ପୂର୍ବତନ ନିର୍ଦ୍ଦେଶକ ଡ.ହୃଷିକେଶ ପାଣିଗ୍ରାହୀ, ସୁଦିପ୍ତା ପାଣିଗ୍ରାହୀ, ଆସିକା ପୌରାଧ୍ୟକ୍ଷା ବିନେତା ସ୍ୱାଇଁ, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ମାଉଣ୍ଟଆବୁରୁ ଆସିଥିବା ବି.କେ ରାମନାଥ, ବି.କେ. ଲୀନା, ବି.କେ ବାସନ୍ତୀ, ବି.କେ. ମାମା ଉପସ୍ଥିତ ଥିଲେ। ତପସ୍ୟାଧାମର ମୁଖ୍ୟ ଲିଲି ଭଉଣୀ ସ୍ୱାଗତ ସୂଚନା ଦେଇ ଶିବ ବାବାଙ୍କ ସନ୍ଦେଶ ପ୍ରଦାନ କରିଥିଲେ । ଶିବ ବାବାଙ୍କ ସନ୍ଦେଶ ଆତ୍ମାଭିମାନୀ ହୋଇ ନିଜ ଜୀବନକୁ ପରିବର୍ତ୍ତନ କରିବାକୁ ବିକାର ତ୍ୟାଗ କରି ପରମାତ୍ମାଙ୍କୁ ସ୍ମରଣ କଲେ ସ୍ୱର୍ଣ୍ଣିମ ଦୁନିଆ ଆସିବ ବୋଲି ଆଲୋଚନା ବେଳେ କୁହାଯାଇଥିଲା। ଏକ ରାଜଯୋଗ ଶିବିର ଓ ଶାନ୍ତି ଶୋଭାଯାତ୍ରା ହୋଇଥିଲା। କାଉନସିଲର ସୁଜାତା ପରିଡାଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରୁ ବିଭିନ୍ନ ସ୍ଥାନରୁ ଆଧ୍ୟାତ୍ମିକ ପ୍ରେମୀମାନେ ଉପସ୍ଥିତ ଥିଲେ ।

# ବିଶ୍ୱ ଶ୍ରମିକ ଦିବସ ପାଳିଲେ ବିଭିନ୍ନ ସଙ୍ଗଠନ

ଛତ୍ରପୁର, ୨।୫ (ଦିଲୀପ ସାମଲ)
ମେ ୧ ଶ୍ରମିକ ଦିବସ ଶୁକ୍ରବାର ଛତ୍ରପୁରରେ ଏଆଇଟିୟୁସି, ଆଇଏନଟିୟୁସି, ଏଚ ଏମଏସ ସହ ଅନ୍ୟାନ୍ୟ ଶ୍ରମିକ ସଙ୍ଗଠନ ପକ୍ଷରୁ ପାଳନ ହୋଇଛି। ଏଥିରେ ଏଆଇଟିୟୁସି ନେତା ଡି. ଆଦିନାରାୟଣ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ଉପସ୍ଥିତ ଥିଲେ। ଆଇଏନଟିୟୁସି ନେତା ରଶ୍ମି ରଞ୍ଜନ ପଟ୍ଟନାୟକ, ଏଆଇଟିୟୁସିର ନୀଳକଣ୍ଠ ଦାଶ ଯୋଗଦେଇ ସରକାରଙ୍କ ଶ୍ରମିକ ମାରଣନୀତିର କଡା ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଚଏମ୍‌ଏସ୍‌ର ଶ୍ରମିକ ନେତା ଡ. ରାଜେନ୍ଦ୍ର ଦାଶ, ଆଇନଜୀବୀ ଗୋକୁଳ ଚନ୍ଦ୍ର ପଣ୍ଡା, କଂଗ୍ରେସର ଅଶୋକ ପଟ୍ଟନାୟକ, ସିପିଆଇର ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଏନ. ଭାନୁମତୀ ରେଡ୍ଡୀ, କେ. ଗଣେଶ ରେଡ୍ଡୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ଦିଗପହଣ୍ଡି, (ଅଶେଷ ନାଥ ମିଶ୍ର):** ଦିଗପହଣ୍ଡି ବଜାର ଗାନ୍ଧୀ ଛକଠାରେ ଖେମୁଣ୍ଡି ବିଶ୍ୱକର୍ମା ରାଜମିସ୍ତ୍ରୀ ଓ କାରିଗର ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଛି। ସଂଘ ସଭାପତି ଶିବରାମ ପ୍ରଧାନ ଲାଲ ପତାକା ଉତ୍ତୋଳନ କରିଥିଲେ। ସିପିଆଇ ଗଞ୍ଜାମ ଜିଲା କମିଟି ସଦସ୍ୟ ଅଳକ ନାଥ ମିଶ୍ର, ସିପିଆଇ(ଏମ୍) ଗଞ୍ଜାମ ଜିଲା କମିଟିର ପୂର୍ବତନ ଜିଲା ସମ୍ପାଦକ କୈଳାସ ଷଡଙ୍ଗୀ, ସଂଘ କାର୍ଯ୍ୟକାରୀ ସଭାପତି କୁରେଶ୍ଵ ପଣ୍ଡା, ଓଡ଼ିଶା ରାଜ୍ୟ କୃଷକ ସଭାର ଗଞ୍ଜାମ ଜିଲା ସମ୍ପାଦକ ପି. ଶିବ ଶଙ୍କର, ଭି. ସୁଦର୍ଶନ ରାଜୁ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। **ଆସିକା (ସୁରେନ୍ଦ୍ର ନାଥ ସାହୁ):** ଆସିକା ସମବାୟ ଚିନିଶିଳ୍ପ ଶ୍ରମିକ ସଂଘ ପକ୍ଷରୁ ଚିନିଶିଳ୍ପ ସଂଘ କାର୍ଯ୍ୟାଳୟଠାରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଛି। ଏଆଇଟିୟୁସି ନେତା ବିଦେଶୀ ନାହାକ ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରିଥିଲେ। ଅନିଲ ପାଣିଗ୍ରାହୀ, କୈଳାସ ପଟ୍ଟନାୟକ, ସନ୍ତୋଷ ବାତତ୍ୟା, ଅଶୋକ ପ୍ରଧାନ, ରତ୍ନାକର ସ୍ୱାଇଁଙ୍କ ସମେତ ବହୁ ଶ୍ରମିକ ସାମିଲ ଥିଲେ।

**ଗଞ୍ଜାମ,(ଅନାଥ ତରାଇ):** ଗଞ୍ଜାମ ସହର ସ୍ଥିତ ଗ୍ରାସିମ କାରଖାନା ସମ୍ମୁଖରେ ଜୟଶ୍ରୀ କେମିକାଲସ ୱର୍କର୍ସ ୟୁନିୟନ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଛି। ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ଶଙ୍କର ପ୍ରସାଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଶ୍ରମିକମାନଙ୍କୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମାବେଶରେ ୟୁନିଅନର ସମ୍ପାଦକ ସନ୍ତୋଷ ରେଡ୍ଡୀ, ଉପସଭାପତି ଟୁକୁନା ବାରିକ ଏବଂ ବିଜୟ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

**ପାରଳାଖେମୁଣ୍ଡି, (ଗିରିଧାରୀ ପରିଚ୍ଛା):** ପାରଳାଖେମୁଣ୍ଡି ମୋଟର କର୍ମଚାରୀ ସଂଘ ପକ୍ଷରୁ ମଇ ଦିବସ ତଥା ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଛି। ସଭାପତି ନୃସିଂହ ଚରଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀକାକୁଲମର ବରିଷ୍ଠ ଶ୍ରମିକ ନେତା ଭୂପତି ବାବୁ ଯୋଗ ଦେଇ ଶ୍ରମିକ ଦିବସର ଇତିହାସ ଓ ସରକାରୀ ନିୟମ ଏବଂ ଯୋଜନା ମାଧ୍ୟମରେ ଅଧିକାର ବିଷୟରେ ଆଲୋକପାତ କରିଥିଲେ।

**ଡୁମୁଡିବନ୍ଧ,(ଦୀପକ କୁମାର ପାରସେଠ):** ଡୁମୁଡିବନ୍ଧ ବ୍ଲକ୍ କରୁକୁଡୁପା ପଞ୍ଚାୟତର ବାଡ଼ିପାଙ୍ଗା ଗ୍ରାମରେ ଶୁକ୍ରବାର ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ହାଇହୋପ ସୋଶାଇଟିର ସମ୍ପାଦକ ଲିଙ୍ଗରାଜ ପ୍ରଧାନ ପରିଚାଳନା କରିଥିଲେ।

# ବୀମା କ୍ଷେତ୍ରରେ ୧୦୦% ଏଫ୍‌ଡିଆଇ ନିବେଶକୁ ଅନୁମତି

ନୂଆଦିଲ୍ଲୀ, ୨।୫




ବୀମା କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶକୁ ଅଧିକ ପ୍ରୋତ୍ସାହନ ଦେବାକୁ କେନ୍ଦ୍ର ସରକାର ନିବେଶ ପ୍ରକ୍ରିୟାକୁ ଆହୁରି ସହଜ କରିବା ସହ ଏଥିପାଇଁ ଉଦାରୀକରଣ ନୀତି ଗ୍ରହଣ କରିଛନ୍ତି। ଏଣିକି ବିଦେଶୀ କମ୍ପାନୀ ଭାରତୀୟ ବୀମା କ୍ଷେତ୍ରରେ ଶତପ୍ରତିଶତ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ କରିବାକୁ ସରକାର ଅନୁମତି ଦେଇଛନ୍ତି। ଏହି ବ୍ୟବସ୍ଥାରେ ଅଟୋମେଟିକ୍ ରୁଟ୍‌ରେ ଯେକୌଣସି ବିଦେଶୀ କମ୍ପାନୀ ବୀମା କ୍ଷେତ୍ରରେ କାର୍ଯ୍ୟକରୁଥିବା ଭାରତୀୟ କମ୍ପାନୀରେ ୧୦୦ ପ୍ରତିଶତ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ କରିପାରିବେ। ଏହାଦ୍ୱାରା ବୀମା କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶ ଲାଗି ରହିଥିବା ପ୍ରତିବନ୍ଧକ ହଟିବା ସହ ପର୍ଯ୍ୟାପ୍ତ ପୁଞ୍ଜି ନିବେଶ ଲାଗି ପଥ ଉନ୍ମୁକ୍ତ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି କ୍ରମରେ କେନ୍ଦ୍ର ଶିଳ୍ପ ପ୍ରୋତ୍ସାହନ ଓ ଆଭ୍ୟନ୍ତରୀଣ ବାଣିଜ୍ୟ( ଡିପିଆଇଆଇଟି) ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏଣିକି ପୋର୍ଟଫୋଲିଓ ସହ ପ୍ରତ୍ୟକ୍ଷ ପୁଞ୍ଜି ନିବେଶକୁ ଅଟୋମେଟିକ୍ ରୁଟ୍‌ରେ କରାଯାଇପାରିବ। ତେବେ ଏଥିପାଇଁ ଭାରତୀୟ ବୀମା ନିୟନ୍ତ୍ରକ ଓ ବିକାଶ ପ୍ରାଧିକରଣ( ଆଇଆର୍‌ଡିଏଆଇ) ନିକଟରୁ ଅନୁମୋଦନ ଲାଭ କରିବାକୁ ପଡ଼ିବ। ତେବେ ଭାରତର ସର୍ବବୃହତ ଜୀବନ ବୀମା କମ୍ପାନୀ ଭାରତୀୟ ବୀମା ନିଗମ(ଏଲଆଇସି) ଏକ ସ୍ୱତନ୍ତ୍ର କାର୍ଯ୍ୟଧାରାରେ ପରିଚାଳିତ ହେବ ଏବଂ ଏଥିରେ ସର୍ବାଧିକ ୨୦ ପ୍ରତିଶତ ବିଦେଶୀ ପୁଞ୍ଜି ନିବେଶ କରାଯାଇପାରିବ ବୋଲି ଡିପିଆଇଆଇଟି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତୀୟ ବୀମା ନିଗମ ଆଇନ ୧୯୫୬ର ଧାରା ୧୯୫୬(୩୧) ଏବଂ ବୀମା ଆଇନ ୧୯୩୮ର ଧାରା ୪ ଅନୁସାରେ ଏଲ୍‌ଆଇସିରେ ବିଦେଶୀ ପୁଞ୍ଜି ନିବେଶ କରାଯାଇପାରିବ। ଏହାଛଡ଼ା ସରକାରୀ ସର୍ତ୍ତ ଅନୁସାରେ ଯଦି ଭାରତର କୌଣସି ବୀମା କମ୍ପାନୀରେ ବିଦେଶୀ କମ୍ପାନୀ ପୁଞ୍ଜି ନିବେଶ କରନ୍ତି ସମ୍ପୃକ୍ତ କମ୍ପାନୀର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜଣେ ଭାରତୀୟ ନାଗରିକ ହେବେ। ଭାରତୀୟ ବୀମା କମ୍ପାନୀରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ବ୍ୟତୀତ ବୀମା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଇନ୍ସ୍ୟୁରାନ୍ସ ବ୍ରୋକର, ରିଇନ୍ସ୍ୟୁରାନ୍ସ ବ୍ରୋକର, କନ୍‌ସଲଟାଣ୍ଟ, କର୍ପୋରେଟ୍ ଏଜେଣ୍ଟ ଏବଂ ସର୍ଭେୟର ଏଜେନ୍ସିଗୁଡ଼ିକରେ ମଧ୍ୟ ୧୦୦ ପ୍ରତିଶତ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ କରାଯାଇପାରିବ ବୋଲି କୁହାଯାଇଛି।

## ରୋହିତ ଜୈନ ଆର୍‌ବିଆଇର ନୂଆ ଡେପୁଟି ଗଭର୍ନର

ନୂଆଦିଲ୍ଲୀ, ୨।୫


ରୋହିତ ଜୈନ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୋହିତ ଜୈନଙ୍କୁ ଡେପୁଟି ଗଭର୍ନର ଭାବେ ନିଯୁକ୍ତ କରାଯାଇଛି। ଏଥିପାଇଁ କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟି ଜୈନଙ୍କ ନାମକୁ ଅନୁମୋଦନ ଦେଇଛି। ସେ ଆଗାମୀ ୩ ବର୍ଷ ପାଇଁ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ କରିବେ। ୨୦୨୧ ମେ' ୩ରୁ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ କରୁଥିବା ଟି. ରବିଶଙ୍କରଙ୍କ ସ୍ଥାନରେ ଜୈନ ଯୋଗଦେବେ। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଟି. ରବିଶଙ୍କରଙ୍କ ବ୍ୟତୀତ ସ୍ୱାମୀନାଥନ୍ ଜେ, ପୁନମ୍ ଗୁପ୍ତା ଏବଂ ଶିରିଷଚନ୍ଦ୍ର ମୁର୍ମୁ ଆରବିଆଇ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ କରୁଛନ୍ତି।


ବିଏସ୍‌ଇ ସେନସେକ୍ସ
୭୭,୪୯୬ (+୬୦୯)


୧ ଡଲାର = ୯୪.୯୧ ଟଙ୍କା


ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ)
୧୦୮.୨୦ ଡଲାର

## ଯୁଦ୍ଧ ପ୍ରଭାବ ସତ୍ତ୍ୱେ ଷ୍ଟକ୍ ବଜାର ପାଇଁ ଏପ୍ରିଲ ସର୍ବୋତ୍ତମ ସାବ୍ୟସ୍ତ

ମୁମ୍ବାଇ, ୨।୫

୨୦୨୬ ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବକୁ ନେଇ ଅନ୍ତର୍ଜାତୀୟ ଏବଂ ଘରୋଇ ଷ୍ଟକ୍ ବଜାରରେ ଅସ୍ଥିରତା ସୃଷ୍ଟି ହୋଇଆସିଛି। ଏହାସତ୍ତ୍ୱେ ଏପ୍ରିଲ ମାସ ଭାରତୀୟ ଷ୍ଟକ୍ ବଜାର ପାଇଁ ଉତ୍ତମ ସାବ୍ୟସ୍ତ ହୋଇପାରିଛି। ଏହି ମାସରେ ଉଭୟ ବିଏସ୍‌ଇ ଏବଂ ଏନ୍‌ଏସ୍‌ଇ-୫୦ କାରବାରରେ ହାରାହାରି ଭାବେ ୭.୪ ପ୍ରତିଶତ ବୃଦ୍ଧି ଘଟିଛି; ଯାହାକି ୨୦୨୩ ଡିସେମ୍ବର ପରେ ସର୍ବାଧିକ ରହିଥିବା କୁହାଯାଉଛି। ୨୦୨୩ଡିସେମ୍ବରରେ ଉଭୟ ସେନସେକ୍ସ କାରବାରରେ ଅନ୍ୟୂନ ୭.୯ ପ୍ରତିଶତ ବୃଦ୍ଧି ଘଟିଥିଲା। ଚଳିତ ସପ୍ତାହରେ ଅଧିକ ଦିନ କାରବାର ବନ୍ଦ ରହିଛି।

## ଯୁଦ୍ଧ ପ୍ରଭାବ: ବନ୍ଦ ହେଲା ସ୍ପିରିଟ୍ ଏୟାରଲାଇନ୍ସ

ନ୍ୟୁୟର୍କ, ୨।୫

ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବ ଏବେ ବିଭିନ୍ନ କ୍ଷେତ୍ରକୁ ପ୍ରଭାବିତ କରିଥିଲାବେଳେ ଏକ ଆମେରିକୀୟ ବିମାନ କମ୍ପାନୀ ପ୍ରଥମକରି ଏହାର ସିଧା ସଳଖ ଶିକାର ହୋଇଛି। ଗତ କିଛିବର୍ଷ ଧରି କ୍ଷତି ସହି ଆସୁଥିବା ଆମେରିକାର ସ୍ପିରିଟ୍ ଏୟାରଲାଇନ୍ସକୁ ଶନିବାର ବନ୍ଦ ଘୋଷଣା କରାଯାଇଛି। ଏହାଦ୍ୱାରା ଏହି କମ୍ପାନୀରେ କାର୍ଯ୍ୟ କରୁଥିବା ୧୭୦୦୦ରୁ ଅଧିକ କର୍ମଚାରୀ ନିଯୁକ୍ତି ହରାଇଛନ୍ତି। ୩୪ ବର୍ଷ ଧରି ଆମେରିକାର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ କାର୍ଯ୍ୟକରି ଆସୁଥିବା ଏହି କମ୍ପାନୀ ଅଚାନକ ବନ୍ଦ ହେବା ଘୋଷଣା ଆମେରିକାର ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଦେଇଛି। କିନ୍ତୁ ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ଏବେ ଜେଟ୍ ଫୁଏଲ ବା ବିମାନ ଇନ୍ଧନ ମୂଲ୍ୟ ଦୁଇ ଗୁଣରୁ ଅଧିକ ବଢ଼ିବା ଏବଂ ଏହାକୁ ନେଇ ବିମାନ ପରିଚାଳନା କ୍ଷେତ୍ରରେ ବ୍ୟୟବୃଦ୍ଧି ହେବା ଏହି କମ୍ପାନୀ ପାଇଁ ବଡ଼ ଚ୍ୟାଲେଞ୍ଜ ଆଣିଥିଲା। କମ୍ପାନୀର କ୍ଷତିକୁ ନେଇ ଆମେରିକା ସରକାର ସ୍ପିରିଟ୍ ଏୟାରଲାଇନ୍ସ ପାଇଁ ବେଲ୍‌ଆଉଟ୍ ଯୋଜନା ପ୍ରସ୍ତୁତ କରୁଥିଲେ ହେଁ ଏଥିପାଇଁ କେହି ଋଣ ଦେବାକୁ ପ୍ରସ୍ତୁତ ନ ହେବାରୁ ଶନିବାର କମ୍ପାନୀକୁ ବନ୍ଦ ଘୋଷଣା କରାଯାଇଛି।

## ଅରୁନ୍ଧତୀ ଜୁଏଲର୍ସର ୪ ଶାଖାର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଅରୁନ୍ଧତୀ ଜୁଏଲର୍ସର ରାଉରକେଲା , ବରଗଡ଼, କଟକ ଓ ଭବାନୀପାଟଣା ଆଦି ୪ ଶାଖାର ବାର୍ଷିକୀ ଉତ୍ସବ ପାଳନ କରାଯାଇଛି। ଅରୁନ୍ଧତୀର ରାଉରକେଲା ଶାଖାର ୪ର୍ଥ ବାର୍ଷିକୀ ଓ ବରଗଡ଼ ଶାଖାର ୭ମ ବାର୍ଷିକୀ ଉତ୍ସବ ପାଳନ କରାଯାଇଥିବାବେଳେ ମେ ୬ରେ କଟକ ଶାଖାର ୨ୟ ବାର୍ଷିକୀ ଉତ୍ସବ ଏବଂ ମେ ୧୨ରେ ଭବାନୀପାଟଣା ଶାଖାର ୧୫ତମ ବାର୍ଷିକୀ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଗ୍ରାହକଙ୍କୁ ପ୍ରତ୍ୟେକ ଏକ୍ସକ୍ଲୁସିଭ୍ ସୁନା, ହୀରା ଏବଂ ରୁପା ଗହଣାର ଗଢ଼ାମଜୁରି ଉପରେ ସିଧାସଳଖ ଫ୍ଲାଟ୍ ୫୦% ଅଫର ବିଶାଳ ରିହାତି ପ୍ରଦାନ କରାଯାଉଛି। ଏନେଇ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଏକ ବ୍ରାଣ୍ଡ୍ ଭାବରେ ଅରୁନ୍ଧତୀର ପରିଚୟ କେବଳ ଗହଣାରେ ସୀମିତ ନୁହେଁ, ଏହା ପ୍ରତ୍ୟେକ ଓଡ଼ିଶାବାସୀଙ୍କ ଅତୁଟ ଭରସାର ପ୍ରତୀକ। ଦୀର୍ଘ ୨୫ ବର୍ଷ ଧରି ଗ୍ରାହକମାନେ ଆମକୁ ଯେଉଁ ନିରନ୍ତର ସ୍ନେହ,ଶ୍ରଦ୍ଧା ଓ ଆଶୀର୍ବାଦ ଦେଇଆସିଛନ୍ତି, ତାହା ହିଁ ଆମର ଅସଲ ପୁଞ୍ଜି। ଗ୍ରାହକଙ୍କ ଏହି ଦୃଢ଼ ବିଶ୍ୱାସ ହିଁ ଆମକୁ ନିରନ୍ତର ସର୍ବଶ୍ରେଷ୍ଠ ସେବା ପ୍ରଦାନ କରିବାକୁ ପ୍ରେରଣା ଯୋଗାଉଛି। ଆଗାମୀ ଦିନରେ ଆହୁରି ଅନେକ ନୂତନ କଳାକୃତି ଭରା ଡିଜାଇନ ଏବଂ ମେଗା ଅଫର ଆମେ ଆପଣମାନଙ୍କ ପାଇଁ ଆଣିବାର ନିରନ୍ତର ପ୍ରୟାସ ଜାରିରଖିବୁ ବୋଲି ବ୍ରହ୍ମାନନ୍ଦ କହିଛନ୍ତି।

## ଲାଲ୍‌ଚନ୍ଦର 'ଏଭ୍ରିଡେ ଫେଷ୍ଟିଭାଲ୍'

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଲାଲଚାନ୍ଦ ଜୁଏଲର୍ସର ଶୋ'ରୁମ୍‌ଗୁଡ଼ିକରେ 'ଏଭ୍ରିଡେ ଫେଷ୍ଟିଭାଲ୍' ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର୍ ଉପଲବ୍ଧ ହେଉଛି। ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ହଲମାର୍କ ସୁନା ଚେନ୍‌ରେ ଫ୍ଲାଟ୍ ୫.୯% ଗଢ଼ା ମଜୁରି ରହିଛି, ଯେଉଁଥିରେ ହ୍ୟାଣ୍ଡମେଡ୍, ହଲୋ, ମେଶିନ୍‌ମେଡ୍, ଇଟାଲିଆନ୍ ଓ ଡିଜାଇନର୍ ଚେନ୍ ରହିଛି। ଅନ୍ୟ ସମସ୍ତ ସୁନା ଗହଣାରେ ଫ୍ଲାଟ୍ ୮.୯% ମେକିଂ ଚାର୍ଜେସ୍ ରହିଛି । ଜିଆଇ ସାର୍ଟିଫାଇଡ୍ ହୀରା ମୂଲ୍ୟରେ ୩୦% ରିହାତି, ରୁପା ଗହଣାର ମେକିଂ ଚାର୍ଜେସରେ ଫ୍ଲାଟ୍ ୬୦% ରିହାତି ଏବଂ ଲାଲଚାନ୍ଦ 'ସୋନେ ପେ ସୁହାଗା' ଇନଷ୍ଟଲମେଣ୍ଟ ସ୍କିମ୍ ଅଧୀନରେ କିଣାଯାଉଥିବା ସମସ୍ତ ସୁନା ଗହଣାରେ ୦% ଗଢ଼ା ମଜୁରି ରହିଛି। ଲାଲଚାନ୍ଦର ଏହି ଅଫରଗୁଡ଼ିକ ଆହୁରି ଆକର୍ଷଣୀୟ ହେଉଛି, କାରଣ ପୂର୍ବ ଭାରତରେ ଲାଲଚାନ୍ଦ ପାଖରେ ସବୁଠାରୁ ବିସ୍ତୃତ ଗହଣା ସଂଗ୍ରହ ଓ ଡିଜାଇନ୍ ରହିଛି। ଲାଇଟ୍‌ୱେଟ୍ ଡେଲିୱେୟାର୍ ଗହଣାଠାରୁ ଆରମ୍ଭ କରି ବ୍ରାଇଡାଲ୍ ମାଷ୍ଟରପିସ୍, ଆଣ୍ଟିକ୍ ଟେମ୍ପଲ୍ ଜୁଏଲେରିଠାରୁ ଆଧୁନିକ ଇଟାଲିଆନ୍ ଡିଜାଇନ୍, ଚେନ୍, ବାଙ୍ଗଲ୍ସ, ନେକ୍ଲେସ୍ ଓ ଭାରତର ବିଭିନ୍ନ ଅଞ୍ଚଳର ଡିଜାଇନର୍ ଗହଣା ପର୍ଯ୍ୟନ୍ତ–ଲାଲଚାନ୍ଦ ଗ୍ରାହକଙ୍କ ପାଖରେ ବାଛିବା ପାଇଁ ଅସୀମ ବିକଳ୍ପ ରହିଛି। ଗତ ମାସରେ ଗ୍ରାହକଙ୍କୁ ସ୍ମାର୍ଟ ଜୁଏଲେରି କ୍ରୟ ସମ୍ପର୍କରେ ସଚେତନ କରିବା ସହ ଲାଲଚାନ୍ଦ ଜୁଏଲର୍ସର ଶୋ'ରୁମ୍‌ଗୁଡ଼ିକରେ 'ଅକ୍ଷୟତୃତୀୟା ଗ୍ରେଟ୍ ଗୋଲ୍ଡ ରଶ୍' ଉତ୍ସବ ପରେ ଏହି 'ଏଭ୍ରିଡେ ଫେଷ୍ଟିଭାଲ୍' ନାମରେ ଏହି ଅଭିଯାନ ଓଡ଼ିଶାର ଗହଣା ବଜାରରେ ଉତ୍ସାହ ଆଣିଦେଇଛି । ଲାଲଚାନ୍ଦ ଗ୍ରୁପର ଚେୟାରମ୍ୟାନ୍ ଡ. ସଞ୍ଜୟ ହଂସ କହିଛନ୍ତି, ଏହି ଫେଷ୍ଟିଭାଲ୍ କୌଣସି ପ୍ରମୋଶନାଲ୍ ଅଫର୍ କିମ୍ବା କିଛିଦିନ ପାଇଁ ଥିବା ଅସ୍ଥାୟୀ ସ୍କିମ୍ ନୁହେଁ। ଏହା ହେଉଛି ଗ୍ରାହକଙ୍କ ପାଇଁ ଗହଣାର ମୂଲ୍ୟ କିପରି ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ଭାବେ ନିର୍ଦ୍ଧାରିତ ହେବା ଉଚିତ, ତାହା ଦେଖାଇବାର ଏକ ପ୍ରୟାସ। ଆମେ ଏକ ଉଦାହରଣ ସୃଷ୍ଟି କରିବାକୁ ଚାହୁଁଛୁ।

## ଓପିଜିସି ଏମ୍‌ଡିଙ୍କୁ 'ସିଇଓ ୱିଥ୍ ଏଚଆର୍ ଓରିଏଣ୍ଟେଶନ' ସମ୍ମାନ



ଭୁବନେଶ୍ୱର,୨।୫

ଓଡ଼ିଶା ପାୱାର ଜେନେରେସନ କର୍ପୋରେଶନ(ଓପିଜିସି)ର ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁଙ୍କୁ 'ସିଇଓ ୱିଥ୍ ଏଚଆର୍ ଓରିଏଣ୍ଟେସନ୍' ଆୱାର୍ଡରେ ସମ୍ମାନିତ କରାଯାଇଛି । ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଓଡ଼ିଶା ବେଷ୍ଟ ଏମ୍ପ୍ଲୟର ବ୍ରାଣ୍ଡ ଆୱାର୍ଡ– ୨୦୨୬ କାର୍ଯ୍ୟକ୍ରମରେ ପାଣ୍ଡୁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଯେକୌଣସି ଉଦ୍ୟୋଗ ପାଇଁ ମାନବସମ୍ବଳ ବିଭାଗର ବିକାଶ ଓ ସଶକ୍ତୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପାଣ୍ଡୁ କହିଥିଲେ।

## ଭାରତ ମସଲା ଟିଭିସିରେ ବବି ଦେଓଲ

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)




ପୂର୍ବ ଭାରତର ଅଗ୍ରଣୀ ମସଲା ଏବଂ ଖାଦ୍ୟ ବ୍ରାଣ୍ଡ 'ଭାରତ ମସଲା' ପକ୍ଷରୁ ବବି ଦେଓଲଙ୍କୁ ନେଇ ପ୍ରସ୍ତୁତ ନୂଆ ଟିଭି ବିଜ୍ଞାପନ(ଟିଭିସି) ଉନ୍ମୋଚିତ ହୋଇଛି। ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହାର ଉନ୍ମୋଚନ କରାଯାଇଛି। ୧୯୯୯ରେ ଓଡ଼ିଶାର ଏକ ପାରମ୍ପରିକ ମସଲା ଗ୍ରାଇଣ୍ଡିଂ ୟୁନିଟ୍ ଭାବେ ଆରମ୍ଭ 'ଭାରତ ମସଲା' ବର୍ତ୍ତମାନ ଏକ ବିଶ୍ୱସନୀୟ ଏଫ୍‌ଏମ୍‌ସିଜି ବ୍ରାଣ୍ଡ ଭାବେ ପରିଚୟ ଲାଭ କରିଛି। ମସଲା, ଖାଦ୍ୟ ସାମଗ୍ରୀ, କଣ୍ଡିମେଣ୍ଟସ୍, ଚା, ପାସ୍ତା, ସ୍ନାକସ୍ ଓ ବିଶେଷ ଫୁଡ୍ ମିକ୍ସ ସହ ବ୍ରାଣ୍ଡଟି ଅନେକ ଉତ୍ପାଦ ସହ ଦେଶ ବିଦେଶରେ ଆଦୃତି ଲାଭ କରିଛି। କମ୍ପାନୀ ବର୍ତ୍ତମାନ ଅତ୍ୟାଧୁନିକ ଉତ୍ପାଦନ ୟୁନିଟ୍ ସହିତ କ୍ରାଓଜେନିକ୍ ଗ୍ରାଇଣ୍ଡିଂ ସୁବିଧାକୁ ପରିଚାଳନା କରୁଛି। ଦୀର୍ଘବର୍ଷ ଧରି ବରିଷ୍ଠ ଅଭିନେତା ଧର୍ମେନ୍ଦ୍ର 'ଭାରତ ମସଲା'ର ବ୍ରାଣ୍ଡ ଆମ୍ବାସାଡର ଭାବେ ଜଡ଼ିତ ଥିଲେ। ବର୍ତ୍ତମାନ ବବି ଦେଓଲଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ବିଜ୍ଞାପନ ଟେଲିଭିଜନ, ଡିଜିଟାଲ ଓ ସୋସିଆଲ ମିଡିଆରେ ପ୍ରସାରଣ ହେବ। କାର୍ଯ୍ୟକ୍ରମରେ 'ଭାରତ ମସଲା' ର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶିକା ଏସ୍‌ଏନ୍ ମିଲେନିୟମ୍, ଜିଏମ୍(ଅପରେଶନ) ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ବିଭିନ୍ନ ଶାଖାରେ ଏହାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଟକସ୍ଥିତ ମର୍କତନଗର ଶାଖାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶୁଚିସ୍ମିତା ତ୍ରିପାଠୀ ଏହି ଶିବିରର ଉଦ୍‌ଘାଟନ କରିଥିବାବେଳେ ଶାଖା ପ୍ରବନ୍ଧକ ଦୀପ୍ତିମୟୀ ସାହୁ, କଟକ ଆଞ୍ଚଳିକ କାର୍ଯ୍ୟାଳୟର ବ୍ୟବସାୟିକ ମୁଖ୍ୟ ଅର୍ଜୁନ କୁମାର ସିଂ, କ୍ରେଡିଟ୍ ଅଫିସର ବିକାଶ କୁମାର ସ୍ୱାଇଁ, ସତ୍ତାପ୍ରିୟ ମହାନ୍ତି, ସୌମେନ୍ ମହାନ୍ତି ଏବଂ ୟୁନିଭରସାଲ ସାମ୍ପୋ ଇନ୍‌ସ୍ୟୁରାନ୍ସର କ୍ଲଷ୍ଟର ସେଲ୍ସ ମ୍ୟାନେଜର ବିଶ୍ୱରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସେବା ଓ କ୍ରେଡିଟ୍ ସୁବିଧା ସମ୍ପର୍କରେ ଅବଗତ କରାଯାଇଥିଲା।

ସେହିପରି ଜଗତ୍‌ସିଂହପୁର ଶାଖା ତରଫରୁ ଅନୁଷ୍ଠିତ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅବସରରେ ଶିଶୁ ଅନାଥ ଆଶ୍ରମକୁ ଖାଦ୍ୟ ଓ ଶିଶୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଟକ ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶୁଚିସ୍ମିତା ତ୍ରିପାଠୀ, ଶାଖା ପ୍ରବନ୍ଧକ ତୁଷାରକାନ୍ତ ସାହୁ, ସହାୟକ ଶାଖା ପ୍ରବନ୍ଧକ ପ୍ରକାଶ କୁମାର ସାହୁଙ୍କ ସମେତ ଆଞ୍ଚଳିକ କାର୍ଯ୍ୟାଳୟର କ୍ରେଡିଟ୍ ଅଫିସର ସୌମେନ୍ ମହାନ୍ତି ଏବଂ ଅନାଥ ଆଶ୍ରମର ପରିଚାଳକ ଅଞ୍ଜନେୟ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

ସମ୍ବଲପୁର ଜିଲ୍ଲା ବୁଢ଼ାରାଜାସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୦ଜଣଙ୍କୁ ମାଗଣା ଡାକ୍ତର ପରାମର୍ଶ ସହ ନମୁନା ସଂଗ୍ରହକରି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ସହ ହିରଣ୍ମୟ ଦଳାଇ, ସ୍ୱରୂପ ସମ୍ପଦ ପୂଜାରୀ, ସୁଜିତ କୁମାର ପଣ୍ଡା, ପ୍ରଦ୍ୟୁମ୍ନ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଏକରରାଇଜ୍‌ର ସିଏସ୍‌ଆର୍ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଏକରରାଇଜ୍ ଡେଭଲପର୍ସ ନିଜର କର୍ପୋରେଟ୍ ସୋସିଆଲ୍ ରେସ୍‌ପନ୍ସିବିଲିଟି (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଖୋର୍ଦ୍ଧା ଜିଲାର ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଖେଳ ଉପକରଣ ପ୍ରଦାନ କରିଛି। କମ୍ପାନୀ ପକ୍ଷରୁ ୨ ଆସନ ବିଶିଷ୍ଟ ଡିସ୍କ ସ୍ୱିଙ୍ଗ୍, ମେରୀ-ଗୋ-ରାଉଣ୍ଡ ଏବଂ ଆର୍ଚ୍ ସ୍ୱିଙ୍ଗ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଏକରରାଇଜ୍ ଡେଭଲପର୍ସର ସହ-ପ୍ରତିଷ୍ଠାତା ଶେଖ୍ ମୈରାଜୁଲ୍ ହକ୍ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଚ୍‌ଆର୍ ହେଡ୍ ସୁଚିତ୍ରା ପଟ୍ଟନାୟକ, ଏଚ୍‌ଆର୍ ବିଭାଗର ଦୀପା ଖଟେଇ, ମାର୍କେଟିଂ ମ୍ୟାନେଜର୍ ଦୀପକ ମିତ୍ର ଏବଂ ଡିଜିଟାଲ୍ ମାର୍କେଟିଂ ଟିମ୍‌ର ଜଗନମୋହନ ପରିଡ଼ା ଉପସ୍ଥିତ ଥିଲେ।

## ୮୧୦୦୦ କୋଟିର ସମ୍ପତ୍ତି ଜବତ କରିଛି ଇଡି

**ନୂଆଦିଲ୍ଲୀ, ୨।୫:** ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଅର୍ଥ ହେରଫେର(ମନି ଲଣ୍ଡରିଂ) ମାମଲାରେ ସର୍ବାଧିକ ଚଢ଼ଉ କରିଥିଲାବେଳେ ମୋଟ ୮୧,୦୦୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି ; ଯାହାକି ଇଡି ଇତିହାସରେ ରେକର୍ଡ ବୋଲି କୁହାଯାଇଛି। ' ପ୍ରିଭେନସନ ଅଫ୍ ମନି ଲଣ୍ଡରିଂ ଆକ୍ଟ(ପିଏମ୍‌ଏଲ୍‌ଏ)' ଅଧୀନରେ ଇଡି ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ଘଟଣାରେ ଯେତିକି ସଂଖ୍ୟକ ଚଢଉ କରିଥିଲା ସେ ତୁଳନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇ ଗୁଣ ଅଧିକରେ ମୋଟ ୨୮୯୨ଟି ଚଢଉ କରିଛି ବୋଲି ଇଡି ପକ୍ଷରୁ କଥିତ ଆର୍ଥିକ ବର୍ଷର ବାର୍ଷିକ ରିପୋର୍ଟକୁ ନେଇ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଗତ ୧ବର୍ଷ ତୁଳନାରେ ୨୦୨୫-୨୬ରେ ଗିରଫ ସଂଖ୍ୟା କମିଛି। ୨୦୨୩-୨୪ରେ ଇଡି ପକ୍ଷରୁ ବିଭିନ୍ନ ହେରଫେର୍ ମାମଲାରେ ମୋଟ ୨୭୨ ଜଣଙ୍କୁ ଗିରଫ କରାଯାଇଥିଲାବେଳେ ୨୦୨୪-୨୫ରେ ୨୧୪ ଜଣଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ୨୦୨୫-୨୬ରେ ଏହି ସଂଖ୍ୟା ୨୭ ପ୍ରତିଶତ କମ୍‌ରେ ୨୧୪ ରହିଛି।

## ଝାରସୁଗୁଡ଼ାରେ ବ୍ଲାକ୍‌ବେରିସ୍ ଷ୍ଟୋର୍ ଉଦ୍‌ଘାଟିତ



ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଝାରସୁଗୁଡ଼ା ସରବାହାଲ ରୋଡ୍‌ରେ ପୁରୁଷ ପୋଷାକ ବ୍ରାଣ୍ଡ ବ୍ଲାକବେରିସ୍‌ର ନୂତନ ଷ୍ଟୋର୍ ଶନିବାର ଉଦ୍‌ଘାଟିତ ହୋଇଛି। ଶୋ'ରୁମ୍ ମାଲିକ ସୁମନ ମିଶ୍ର ଓ ଶୁଭସ୍ମିତା ପତି ଏହାର ଶୁଭାରମ୍ଭ କରିଥିଲେ। ଏହା ତାଙ୍କର ଦ୍ୱିତୀୟ ବ୍ଲାକବେରିସ୍ ଆଉଟଲେଟ୍। ବ୍ଲାକବେରିସ୍‌ର ଏରିଆ ଅପରେଶନ୍ ମ୍ୟାନେଜର ପ୍ରଣିତ କୁମାର, ଜିଆର୍‌ସି ଗ୍ରୁପ୍ ପ୍ରତିନିଧି ରାକେଶ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ଅବସରରେ ଗ୍ରାହକମାନଙ୍କ ପାଇଁ ୧୦୦୦ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ଅଫର୍ ଘୋଷଣା କରାଯାଇଛି। ଷ୍ଟୋରରେ ପ୍ରିମିୟମ୍ କ୍ୱାଲିଟି, ଆଧୁନିକ ଡିଜାଇନ୍ ଓ ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ସହିତ ବିଭିନ୍ନ ପୁରୁଷ ପୋଷାକ ଉପଲବ୍ଧ ରହିବ। ଶୋ'ରୁମ୍ ମାଲିକ ସୁମନ ମିଶ୍ର କହିଥିଲେ, ଝାରସୁଗୁଡାର ଗ୍ରାହକମାନେ ଏଠାରେ ଏକ ଅନ୍ତର୍ଜାତୀୟ ମାନର ଶପିଂ ଅନୁଭବ ପାଇବେ।

## ୪ କି.ମି. ଭୂତଳ କେବୁଲ ନେଟୱର୍କ କାର୍ଯ୍ୟକ୍ଷମ କଲା ଟିପିସିଓଡିଏଲ୍

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଗୋଠପାଟଣା ପିଏସ୍‌ଏସ୍ ଏବଂ ନୂଆଗାଁ ଛକଠାରେ ୨ଟି ଆରଏମ୍‌ୟୁ ସହିତ ୪ କିଲୋମିଟର ଦୀର୍ଘ ଭୂତଳ କେବୁଲ ନେଟୱର୍କ କାର୍ଯ୍ୟକ୍ଷମ କରାଯାଇଛି। ଏହାଦ୍ୱାରା କଣ୍ଟାବାଡ଼, ଗୋଠପାଟଣା, ଭରତପୁର ଏବଂ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୧୨,୦୦୦ ଉପଭୋକ୍ତା ଉପକୃତ ହେବେ। ପଳାସପୁରଠାରେ 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା' ଅଧୀନରେ ଏକ ୬୩ କେଭିଏ ବିଦ୍ୟୁତ ବିତରଣ ସବ୍‌ଷ୍ଟେଶନ ସ୍ଥାପନ କରାଯାଇଛି। ଏହାଦ୍ୱାରା ପଳାଶପୁର ଗ୍ରାମ ଏବଂ ଭୁବନେଶ୍ୱରର ଉତ୍ତରା ଅଞ୍ଚଳର ପ୍ରାୟ ୪୦୦ ଉପଭୋକ୍ତା ଉନ୍ନତ ବିଦ୍ୟୁତ ସେବା ପାଇପାରିବେ।

## ଆଇସିଏଆଇର ଗ୍ଲୋବାଲ ଲିଡରସିପ୍ ସେମିନାର

ଭୁବନେଶ୍ୱର,୨।୫




ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ(ଆଇସିଏଆଇ)ର ଗ୍ଲୋବାଲ ଟ୍ରେଡ୍ ଆଣ୍ଡ ସର୍ଭିସେସ୍ କମିଟି ପକ୍ଷରୁ 'ଆଇସିଏଆଇ ଗ୍ଲୋବାଲ ଅରବିଟ୍ : ଫ୍ରମ୍ ଜିସିସିଏସ୍ ଟୁ ଗ୍ଲୋବାଲ ଲିଡରଶିପ୍' ଶୀର୍ଷକ ଏକ ଦିନିକିଆ ସେମିନାର ମେ ଫେୟାର କନ୍‌ଭେନ୍‌ସନ୍‌ଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆଇସିଏଆଇ ଭୁବନେଶ୍ୱର (ଇଆଇଆର୍‌ସି) ଦ୍ୱାରା ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଅଧିବେଶନ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରି ଆରମ୍ଭ କରାଯିବା ପରେ ଆଇସିଏଆଇ ଭୁବନେଶ୍ୱର ଅଧ୍ୟକ୍ଷ ସିଏ ଡ. ଗୌତମ ଲେଙ୍କା ସ୍ୱାଗତ ଭାଷଣ ଦେଇ ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ପାଇଁ ବିଶ୍ୱସ୍ତରୀୟ ସୁଯୋଗ ବୃଦ୍ଧିପାଇବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଗ୍ଲୋବାଲ ଟ୍ରେଡ୍ ଆଣ୍ଡ ସର୍ଭିସେସ୍ କମିଟି ଅଧ୍ୟକ୍ଷ ସିଏ ସଞ୍ଜୀବ ସାଙ୍ଘି ଭାରତୀୟ ବୃତ୍ତିଗତ ସିଏମାନେ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ଥାନ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଭିଡିଓ ବାର୍ତ୍ତା ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ସେମିନାରର ବିଭିନ୍ନ ପ୍ରାସଙ୍ଗିକ ବିଷୟ ଉପରେ ସିଏ ଚେତନ ବେଣୁଗୋପାଳ, ସିଏ ଦେବାୟନ ପାତ୍ର, ଜୋହୋ କର୍ପୋରେଶନର ନାରାୟଣନ୍ କେ.ପି, ସିଏ ଏଏନ୍‌ଜେଡ୍‌ର ବିଧି ଆଶିକୀ ମୋଦୀ ଏବଂ ସିଏ ଅଙ୍କିତ ବୁଧ ପ୍ରମୁଖ ଆଲୋଚନା କରିଥିଲେ। ଆଇସିଏଆଇ ଭୁବନେଶ୍ୱର ସଚିବ ସିଏ ସୌମ୍ୟ ସୁନୀଲ ସାହୁ ଧନ୍ୟବାଦ ଦେଇଥିଲେ।



ଏଲ୍‌ପିଜି ମୂଲ୍ୟ ବୃଦ୍ଧି ପ୍ରତିବାଦରେ ବେଙ୍ଗାଲୁରୁରେ ଶନିବାର ଯୁବକଂଗ୍ରେସ କର୍ମୀ ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି। ୧୯ କେଜି ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ଦାମ୍ ୯୯୩ ଟଙ୍କା ବଢ଼ିଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି।

# ଇସି ଭୋଟଗଣନା କର୍ମଚାରୀ ଚୟନ କରିପାରିବେ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨।୫**



ପଶ୍ଚିମବଙ୍ଗ ଭୋଟଗଣତି ବେଳେ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ନିର୍ବାଚନ କମିଶନ (ଇସି) ନିଯୁକ୍ତ କରିଥିବାରୁ ଏହାକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସର୍ବୋଚ୍ଚ ଅଦାଲତ ଏହା ଉପରେ କୌଣସି ନିର୍ଦ୍ଦେଶ ଦେବାକୁ ଶନିବାର ମନା କରିଦେଇଛନ୍ତି। ନିର୍ବାଚନ କମିଶନ ଭୋଟଗଣନା କର୍ମଚାରୀଙ୍କୁ ଚୟନ କରିପାରିବେ ବୋଲି ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ଗତ ଏପ୍ରିଲ ୧୩ରେ ନିର୍ବାଚନ କମିଶନଙ୍କ ସର୍କୁଲାରରେ ରାଜ୍ୟ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତ କରାଯିବାର ବ୍ୟବସ୍ଥା ଥିଲା। ତେଣୁ ଏହାକୁ ଭୁଲ୍ କୁହାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

କୌଣସି ଅନିୟମିତତାକୁ ନେଇ ତୃଣମୂଳ କଂଗ୍ରେସ ଆଶଙ୍କା ବ୍ୟକ୍ତ କରିବା ଭୁଲ୍ ବୋଲି ନିର୍ବାଚନ କମିଶନ କହିଛନ୍ତି। କାରଣ ଭୋଟଗଣତି କାର୍ଯ୍ୟରେ ଉଭୟ କେନ୍ଦ୍ରୀୟ ଓ ରାଜ୍ୟ କର୍ମଚାରୀ ରହିବେ ବୋଲି ସର୍କୁଲାରରେ ସ୍ପଷ୍ଟ ଉଲ୍ଲେଖ ରହିଥିଲା। ଉକ୍ତ ସର୍କୁଲାର ଅନୁଯାୟୀ କାର୍ଯ୍ୟ କରାଯିବ ଏବଂ ଆସନ୍ତା ୪ ତାରିଖ ଭୋଟଗଣତି ବେଳେ ରାଜ୍ୟ ସରକାରଙ୍କ କର୍ମଚାରୀ ନିୟୋଜିତ ରହିବେ ବୋଲି ଇସି ଅଦାଲତଙ୍କୁ କହିଛନ୍ତି। ଟିଏମ୍‌ସି ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଉପସ୍ଥିତ ରହି କହିଥିଲେ, ଏପ୍ରିଲ ୧୩ରେ ନିର୍ବାଚନ କମିଶନ ସର୍କୁଲାର ଜାରି କରିଥିଲେ ମଧ୍ୟ ଦଳ ଏପ୍ରିଲ ୨୯ରେ ଏହା ଜାଣିବାକୁ ପାଇଲେ। ମାଇକ୍ରୋ ଅବଜରଭର ନାମରେ ପ୍ରତି କାଉଣ୍ଟିଂ ଟେବୁଲରେ ଜଣେ ଲେଖାଏ କେନ୍ଦ୍ରୀୟ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ସର୍କୁଲାରରେ ବ୍ୟବସ୍ଥା ଥିଲେ ମଧ୍ୟ ରାଜ୍ୟ କର୍ମଚାରୀଙ୍କୁ କମିଶନ ନିଯୁକ୍ତି ଦେଇ ନ ଥିବା ସିବଲ ଅଭିଯୋଗ କରିଥିଲେ।

## ଲେବାନନ୍‌ରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍:୭ ମୃତ

**ବିରୁଟ୍,୨।୫**

ଇସ୍ରାଏଲ୍ ଏବଂ ହେଜବୋଲ୍ଲା ମଧ୍ୟରେ ଅସ୍ତ୍ରବିରତି ସତ୍ତ୍ୱେ ଯୁଦ୍ଧ ଜାରି ରହିଛି। ଇସ୍ରାଏଲ୍ ଶନିବାର ଦକ୍ଷିଣ ଲେବାନନ୍‌ରେ ଏୟାରଷ୍ଟ୍ରାଇକ୍ କରିବାରୁ ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ଘଟିଛି। ଆକ୍ରମଣ ପୂର୍ବରୁ ଇସ୍ରାଏଲୀ ସେନା ଉକ୍ତ ଅଞ୍ଚଳରେ ଥିବା ୯ଟି ଗ୍ରାମକୁ ଖାଲି କରିବାକୁ ଚେତାବନୀ ଦେଇଥିଲା। ସୂଚନାଯୋଗ୍ୟ, ଏପ୍ରିଲ ୧୭ରେ ଇସ୍ରାଏଲୀ ସେନା ଏବଂ ଲେବାନନ୍‌ର ହେଜବୋଲ୍ଲା ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହୋଇଥିଲା। ଏହା ସତ୍ତ୍ୱେ ଆକ୍ରମଣ ଜାରି ରହିଛି। କାଫର ଡାଜଲ ଗ୍ରାମରେ ଏକ କାର୍ ଉପରେ ବୋମାମାଡ଼ ହେବାରୁ ୨ ଜଣ ପ୍ରାଣ ହରାଇଥିବାବେଳେ ଲ୍ୱାଇଜେହ ଗ୍ରାମର ଏକ ଘର ଉପରେ ବୋମାପଡ଼ି ୩ ଜଣଙ୍କ ଜୀବନ ଯାଇଛି। ସେହିପରି ଶୌକିନ୍ ଗ୍ରାମରେ ଏୟାରଷ୍ଟ୍ରାଇକ୍ ଯୋଗୁ ୨ ଜଣ ପ୍ରାଣ ହରାଇଛନ୍ତି। ଇସ୍ରାଏଲୀ ବାୟୁସେନା ୨୪ ଘଣ୍ଟା ମଧ୍ୟରେ ୫୦ ଥର ଏୟାରଷ୍ଟ୍ରାଇକ୍ କରିଥିବା ଏହାର ମୁଖପାତ୍ର Xରେ ପୋଷ୍ଟ କରିଛନ୍ତି। ବାୟେଡ ଉପକୂଳ ଗ୍ରାମରେ ଶନିବାର ଇସ୍ରାଏଲୀ ସେନା ଏକାଠି ହୋଇଥିବାବେଳେ ହେଜ୍‌ବୋଲ୍ଲା ପକ୍ଷରୁ ସେମାନଙ୍କ ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା।

# ହର୍ମୁଜରେ ଇରାନକୁ ଶୁଳ୍କ ଦେଲେ କଟକଣା ଲାଗିବ

## ଜାହାଜ କମ୍ପାନୀଙ୍କୁ ଟ୍ରମ୍ପ୍‌ଙ୍କ ଚେତାବନୀ

**ଦୁବାଇ,୨।୫**

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସୁରକ୍ଷିତ ଭାବେ ଅତିକ୍ରମ କରିବା ପାଇଁ ଇରାନକୁ ଶୁଳ୍କ ଦେଉଥିବା ଜାହାଜ କମ୍ପାନୀଗୁଡ଼ିକ ଉପରେ କଟକଣା ଲଗାଇବାକୁ ଆମେରିକା ଚେତାବନୀ ଦେଇଛି। ଆମେରିକା ବିଦେଶ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ (ଓଏଫ୍‌ଏସି) ପକ୍ଷରୁ ଏହି ଚେତାବନୀ ପୋଷ୍ଟ କରାଯାଇଥିବାବେଳେ ହର୍ମୁଜ୍ ନିୟନ୍ତ୍ରଣକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଲାଗିରହିଥିବା ଅଚଳାବସ୍ଥା ଉପରେ ଏହା ଆଉ ଏକ ଚାପ ବୋଲି କୁହାଯାଉଛି।

ଯୁଦ୍ଧ ପୂର୍ବରୁ ବିଶ୍ୱ ତୈଳ ଓ ପ୍ରାକୃତିକ ଗ୍ୟାସ୍ ବାଣିଜ୍ୟର ଏକ-ପଞ୍ଚମାଂଶ ପାରସ୍ୟ ଉପସାଗରର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଜଳପଥ ଦେଇ ହେଉଥିଲା। ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍ ମିଳିତ ଆକ୍ରମଣ କରିବା ପରେ ତେହରାନ୍ ଉକ୍ତ ଜଳପଥକୁ ଜାହାଜ ଚଳାଚଳ ପାଇଁ ବନ୍ଦ କରିଦେବାରୁ ତୈଳ ଓ ଗ୍ୟାସ୍ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି।



ଫଳରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇବା ସହ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ପରବର୍ତ୍ତୀ ସମୟରେ ଇରାନ କେତେକ ଜାହାଜକୁ ବିକଳ୍ପ ମାର୍ଗ ଦେଇ ସୁରକ୍ଷିତ ଯାତ୍ରା ନିମନ୍ତେ ସୁଯୋଗ ଦେଲା ଓ ଏହି ସେବା ପାଇଁ ବେଳେବେଳେ ଦେୟ ଆଦାୟ କଲା। ଏହି ଟୋଲ୍ ଆଦାୟକୁ ଆମେରିକା ବିରୋଧ କରିବା ସହ କଟକଣା ଧମକ ଦେଇଛି।

ଓଏଫ୍‌ଏସି କହିଛି ଯେ, ଇରାନକୁ କେବଳ ନଗଦ ଅର୍ଥ ନୁହେଁ, ବରଂ ଡିଜିଟାଲ ଆସେଟ୍ସ, ଅଫ୍‌ସେଟ, ଇନ୍‌ଫର୍ମାଲ ସ୍ୱାପ୍ ବା ଅନ୍ୟାନ୍ୟ ମାଧ୍ୟମରେ ଶୁଳ୍କ ପୈଠ କରିବାକୁ ପଡ଼ିପାରେ। ସେଥିପାଇଁ ଓଏଫ୍‌ଏସି ଆମେରିକା ଏବଂ ଅଣଆମେରିକୀୟ ବ୍ୟକ୍ତିବିଶେଷଙ୍କୁ ସତର୍କ କରାଇବା ପାଇଁ ଉପରୋକ୍ତ ଚେତାବନୀ ଜାରି କରିଛି। ଶୁଳ୍କ ପୈଠ କରିବାର ଯେକୌଣସି ପଦ୍ଧତି ବ୍ୟବହାର କଲେ ମଧ୍ୟ ସେଥିରେ ବିପଦ ରହିଥିବା କୁହାଯାଇଛି।

ଇରାନର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଅବରୋଧର ଜବାବରେ ଆମେରିକା ନୌସେନା ଗତ ୧୩ ତାରିଖରୁ ଏହାର ବନ୍ଦରଗୁଡ଼ିକୁ ଅବରୋଧ କରି ରଖିଛି। ଫଳରେ ଇରାନର ଜାହାଜଗୁଡ଼ିକ ଏହାର ବନ୍ଦର ମଧ୍ୟକୁ ପ୍ରବେଶ କିମ୍ବା ପ୍ରସ୍ଥାନ କରିପାରୁ ନାହିଁ। ଯୁଦ୍ଧରେ କ୍ଷତିଗ୍ରସ୍ତ ଅର୍ଥନୀତିକୁ ସୁଧାରିବା ପାଇଁ ଇରାନ ଆବଶ୍ୟକ କରୁଥିବା ତୈଳ ରାଜସ୍ୱ ପାଇବାରୁ ବଞ୍ଚିତ ହୋଇଛି। ଅବରୋଧ ଆରମ୍ଭ ହେବା ଦିନରୁ ୪୫ଟି ବାଣିଜ୍ୟିକ ଜାହାଜକୁ ଫେରାଇ ଦିଆଯାଇଥିବା ଆମେରିକା ସେଣ୍ଟ୍ରାଲ କମାଣ୍ଡ କହିଛି।

ସୂଚନାଯୋଗ୍ୟ, ଯୁଦ୍ଧ ବନ୍ଦ ପାଇଁ ଇରାନ ଦେଇଥିବା ସଦ୍ୟତମ ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରତ୍ୟାଖ୍ୟାନ କରିଦେବା ପରେ ଉପରୋକ୍ତ ଚେତାବନୀ ଜାରି ହୋଇଛି। ସେମାନେ ଏକ ଡିଲ୍ କରିବାକୁ ଚାହୁଁଥିଲେ, ମୁଁ ସେଥିରେ ସନ୍ତୁଷ୍ଟ ନୁହେଁ, ତେଣୁ କ'ଣ ହେଉଛି ଦେଖିବା ବୋଲି ଟ୍ରମ୍ପ୍ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ କହିଥିଲେ। ତେବେ ଟ୍ରମ୍ପ୍ ଇରାନ ପ୍ରସ୍ତାବରେ ଥିବା ତ୍ରୁଟିବିଚ୍ୟୁତି ବିଷୟରେ ବିସ୍ତୃତ ଭାବେ କିଛି କହି ନ ଥିଲେ ମଧ୍ୟ ଏହାର ନେତୃତ୍ୱକୁ ନେଇ ନିରାଶା ବ୍ୟକ୍ତ କରିଥିଲେ।

## ଆମେରିକା ସହ ପୁଣି ଯୁଦ୍ଧ ହୋଇପାରେ: ଇରାନ ସେନା ଅଧିକାରୀ

**ତେହରାନ୍,୨।୫**

ଆମେରିକା ଓ ଇରାନ ମଧ୍ୟରେ ପୁନର୍ବାର ଯୁଦ୍ଧ ହୋଇପାରେ ବୋଲି ଇରାନର ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି। ତେହରାନ୍‌ର ନୂଆ ବୁଝାମଣା ପ୍ରସ୍ତାବରେ ସନ୍ତୁଷ୍ଟ ନୁହନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିବା ପରେ ଇରାନ ସେନା ଅଧିକାରୀ ଏଭଳି ସଙ୍କେତ ଦେଇଛନ୍ତି। ଇରାନ ଗୁରୁବାର ସନ୍ଧ୍ୟାରେ ମଧ୍ୟସ୍ଥ ରାଷ୍ଟ୍ର ପାକିସ୍ତାନକୁ ନୂଆ ବୁଝାମଣା ପ୍ରସ୍ତାବ ଦେଇଥିଲା ବୋଲି ଇରାନ ସରକାରୀ ଗଣମାଧ୍ୟମ କହିଛି। ଏପ୍ରିଲ ୮ରୁ ଇରାନ ଓ ଆମେରିକା ମଧ୍ୟରେ ଅସ୍ତ୍ରବିରତି ଜାରି ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଯୁଦ୍ଧ ବନ୍ଦ ପାଇଁ ପାକିସ୍ତାନ ମଧ୍ୟସ୍ଥତାରେ ଗୋଟିଏ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଆମେରିକା ଉଦ୍ୟମ ଚଳାଇଥିଲେ ମଧ୍ୟ ଇରାନର କଡ଼ା ସର୍ତ୍ତ ଯୋଗୁ ତାହା ସମ୍ଭବ ହୋଇପାରି ନାହିଁ। ଆଲୋଚନା ବନ୍ଦ ରହିବା ପାଇଁ ଟ୍ରମ୍ପ୍ ଇରାନ ନେତୃତ୍ୱରେ ପ୍ରବଳ ମତଭେଦକୁ ଦାୟୀ କରିଛନ୍ତି।

## ପ୍ରସାର ଭାରତୀ ଅଧ୍ୟକ୍ଷ ହେଲେ ପ୍ରସୂନ୍ ଜୋଷୀ



**ନୂଆଦିଲ୍ଲୀ,୨।୫**

ଯୋଗାଯୋଗ ବିଶେଷଜ୍ଞ ପ୍ରସୂନ୍ ଜୋଷୀଙ୍କୁ ପ୍ରସାର ଭାରତୀର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଜୋଷୀଙ୍କୁ ପ୍ରସାର ଭାରତୀ ଅଧ୍ୟକ୍ଷ ପଦରେ ନିଯୁକ୍ତି ଦେଇଛି। ଜୋଷୀ ପ୍ରଶଂସିତ ଚଳଚ୍ଚିତ୍ର ଗୀତ ସାଙ୍ଗକୁ ବିଜ୍ଞାପନ ଅଭିଯାନ ଏବଂ ସାମାଜିକ ସଚେତନତା ସୃଷ୍ଟିକାରୀ କ୍ଷୁଦ୍ରଗଳ୍ପ ଲେଖିଥାନ୍ତି, ଯାହା ଲୋକଙ୍କ ସହ ଭାବନାତ୍ମକ ଭାବେ ଜଡ଼ିତ ଥାଏ। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଜୋଷୀ ବିଜ୍ଞାପନ, ସାହିତ୍ୟ, କଳା ଓ ସିନେମା ଜଗତରେ ପ୍ରଶଂସିତ ବିରଳ ସୃଜନଶୀଳ ବ୍ୟକ୍ତିତ୍ୱ। ତାଙ୍କ ଭାଷାରେ ମାଟିର ମହକ ଥାଏ ଏବଂ ଦୃଷ୍ଟିକୋଣରେ ଦେଶ ସଂସ୍କୃତିର ଅମର ସାରସତ୍ତ୍ୱ ପ୍ରତିଫଳିତ ହୋଇଥାଏ। ଜୋଷୀଙ୍କ ନେତୃତ୍ୱରେ ପ୍ରସାର ଭାରତୀ ନୂଆ ଶକ୍ତି ଏବଂ ନୂତନ ସୃଜନଶୀଳ ସ୍ୱର ପାଇବ ବୋଲି ଅଶ୍ୱିନୀ କହିଛନ୍ତି।

# ଜବଲପୁର ବୋଟ୍ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୯

**ଜବଲପୁର,୨।୫**

ମଧ୍ୟପ୍ରଦେଶର ଜବଲପୁରରେ ବୋଟ୍ ଦୁର୍ଘଟଣା ମୃତ୍ୟୁସଂଖ୍ୟା ଶନିବାର ୯ରେ ପହଞ୍ଚିଥିବାବେଳେ ୪ ଜଣ ନିଖୋଜ ଅଛନ୍ତି। ରାଜ୍ୟରେ ଏହା ସବୁଠୁ ମରଣାନ୍ତକ ପର୍ଯ୍ୟଟନ ବିପର୍ଯ୍ୟୟ। ବାର୍ଗି ଡ୍ୟାମ୍‌ରେ ଦୁର୍ଘଟଣା ସମୟର କ୍ରୁଜ୍ ବୋଟ୍ ଭିତରର ଭିଡିଓ ପ୍ରକାଶ ପାଇଛି। ଯାତ୍ରୀମାନେ ବୋଟ୍ ଭିତରେ ବସିଥିବାବେଳେ ହଠାତ୍ ପାଣି ପଶିଯାଇଥିବା ଦେଖିବାକୁ ମିଳିଛି। ଯାତ୍ରୀମାନଙ୍କ ଖୁସି ମୁହୂର୍ତ୍ତକ ମଧ୍ୟରେ ଚିତ୍କାରରେ ପରିଣତ ହୋଇଥିଲା। ବୋଟ୍ ଯାତ୍ରା ନିୟମର ଉଲ୍ଲଂଘନ ଏବଂ ପାଣିପାଗ ସତର୍କ ସୂଚନାର ଅଣଦେଖା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି।

ବୋଟ୍ ବୁଡ଼ିବାକୁ ଆରମ୍ଭ କଲାବେଳେ ଏହାର କର୍ମଚାରୀ ଲାଇଫ୍ ଜାକେଟ୍ ବଣ୍ଡଲ ଖୋଲୁଥିବା ଭିଡିଓରୁ ଦେଖାଯାଇଛି। ଅଧିକାଂଶ ଯାତ୍ରୀ ବିନା ଲାଇଫ୍ ଜାକେଟରେ ଥିଲେ ଏବଂ ଜାକେଟ୍ ପାଇବାକୁ ସଂଘର୍ଷ କରୁଥିଲେ।

## ଯାତ୍ରୀଙ୍କୁ ଲାଇଫ୍ ଜାକେଟ ଦିଆଯାଇ ନ ଥିଲା

ଅନ୍ତର୍ଦେଶୀୟ ବୋଟ୍ ଯାତ୍ରା ଆଇନ, ୨୦୨୧ ଅନୁଯାୟୀ, ବୋଟ୍‌ରେ ଯାତ୍ରା ପୂର୍ବରୁ ପ୍ରତ୍ୟେକ ଯାତ୍ରୀଙ୍କୁ ଲାଇଫ୍ ଜାକେଟ ପ୍ରଦାନ କରାଯିବା ଓ ସେମାନେ ଏହାକୁ ଠିକ୍ ଭାବେ ପିନ୍ଧିବା ଅନିବାର୍ଯ୍ୟ। ଉକ୍ତ ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ ହୋଇଥିବା ସ୍ପଷ୍ଟ ହୋଇଛି। ବୋଟ୍‌ର ଯାତ୍ରୀ ନେବା କ୍ଷମତା ୨୯ ହୋଇଥିବାବେଳେ ସେଥିରେ ୪୦ରୁ ଅଧିକ ପର୍ଯ୍ୟଟକ ଥିଲେ। ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୫୦ କି.ମି. ବେଗରେ ପବନ ବହିବା ନେଇ ପାଣିପାଗ ବିଭାଗ ଅରେଞ୍ଜ ଆଲର୍ଟ ଜାରି କରିଥିବା ସତ୍ତ୍ୱେ ଉକ୍ତ ବୋଟ୍‌କୁ ବାର୍ଗି ଡ୍ୟାମ୍ ଜଳରାଶିରେ ପ୍ରବେଶ ଲାଗି ଅନୁମତି ଦିଆଯାଇଥିଲା।

# ପଶ୍ଚିମବଙ୍ଗ: ୧୫ ବୁଥ୍‌ରେ ୮୭% ମତଦାନ

**କୋଲକାତା,୨।୫**

ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲା ଅନ୍ତର୍ଗତ ୨ଟି ନିର୍ବାଚନମଣ୍ଡଳୀର ୧୫ଟି ବୁଥ୍‌ରେ ଶନିବାର ସାନି ମତଦାନ ହୋଇଛି। ମତଦାନ ହାର ୮୭% ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଗତ ୨୯ ତାରିଖ ଭୋଟ ବେଳେ ଉକ୍ତ ବୁଥ୍‌ଗୁଡ଼ିକରେ ଅନିୟମିତତା ଦେଖାଦେଇଥିବାରୁ ସେଠାରେ ସାନି ମତଦାନ ପାଇଁ ନିର୍ବାଚନ କମିଶନ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ମାଗ୍ରାହାଟ ପଶ୍ଚିମ ନିର୍ବାଚନମଣ୍ଡଳୀର ୧୧ ଆସନ ଏବଂ ଡାଇମଣ୍ଡ ହାର୍ବର ନିର୍ବାଚନ ମଣ୍ଡଳୀର ୪ ଆସନରେ ସାନି ମତଦାନ ହେଉଥିବାବେଳେ କେତେକ ସ୍ଥାନରେ ଭାଜପା ଏବଂ ତୃଣମୂଳ କଂଗ୍ରେସ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଛି।

## ଭୋଟଗଣତି ପରେ ସୁରକ୍ଷା ଦାବିରେ ବିକ୍ଷୋଭ

ସୋମବାର ଭୋଟଗଣନା ଥିବାବେଳେ ଏହା ପୂର୍ବରୁ ଟିଏମ୍‌ସି କର୍ମୀଙ୍କ ଧମକକୁ ନେଇ ଫାଲ୍‌ଟାର ଲୋକେ ବିକ୍ଷୋଭ କରିଥିଲେ। ଭୋଟଗଣତି ପରେ ସୁରକ୍ଷା ଦାବିକରି ଶତାଧିକ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଥିଲେ। ଭାଜପା ପତାକା ଧରିଥିବା ଏହି ଲୋକମାନେ ହାସିମନଗର ଗ୍ରାମର ଏକ ରାସ୍ତାକୁ ଅବରୋଧ କରିଥିଲେ। ସିଆର୍‌ପିଏଫ୍ ଡେପୁଟି କମାଣ୍ଡାଣ୍ଟ ବହୁସଂଖ୍ୟାରେ ଯବାନଙ୍କ ସହ ପହଞ୍ଚି ସେମାନଙ୍କୁ ସୁରକ୍ଷା ପ୍ରତିଶ୍ରୁତି ଦେଇଥିଲେ।

# ରାଜସ୍ଥାନ ବିଶ୍ୱବିଦ୍ୟାଳୟରେ ଗୁଣ୍ଡୁଚିମୂଷା ଆତଙ୍କ

**ଜୟପୁର,୨।୫**

ରାଜସ୍ଥାନର ଏକ ବିଶ୍ୱବିଦ୍ୟାଳୟକୁ ଗୋଟିଏ ଗୁଣ୍ଡୁଚିମୂଷା ଆତଙ୍କିତ କରି ରଖିଛି। ଉକ୍ତ ଗୁଣ୍ଡୁଚିମୂଷା ଇତିମଧ୍ୟରେ ୨୦ ଜଣଙ୍କୁ କାମୁଡ଼ିଲାଣି। ଏହାକୁ ଧରିବା ପାଇଁ ପ୍ରାଣୀ ସହାୟତା ଉଦ୍ଧାରକାରୀ ଟିମ୍‌କୁ ୨ ଥର ଡକାଗଲାଣି।

ରାଜସ୍ଥାନ ଉଦୟପୁର ଡିଭିଜନରେ ସର୍ବବୃହତ୍ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ମୋହନଲାଲ୍ ସୁଖାଡିଆ ୟୁନିଭର୍ସିଟି (ଏମ୍‌ଏଲ୍‌ଏସ୍‌ୟୁ)କୁ ଭିନ୍ନ ପ୍ରକାର ଆତଙ୍କ କବଳିତ କରି ରଖିଛି। ବିଶ୍ୱବିଦ୍ୟାଳୟର ଆର୍ଟ୍ସ କଲେଜ କ୍ୟାମ୍ପସରେ ଏକ ହିଂସ୍ର ଗୁଣ୍ଡୁଚିମୂଷା ଏଭଳି ଆତଙ୍କର ବାତାବରଣ ସୃଷ୍ଟି କରିଛି। ଗତ ୬ ସପ୍ତାହ ମଧ୍ୟରେ ଗୁଣ୍ଡୁଚିମୂଷା ୨୦ ଜଣ ଛାତ୍ରୀଛାତ୍ର ଓ କଲେଜ କର୍ମଚାରୀଙ୍କୁ କାମୁଡ଼ିଲାଣି। ଏପରିକି ଡିନ୍‌ଙ୍କୁ ମଧ୍ୟ ଗୁଣ୍ଡୁଚିମୂଷା ଛାଡ଼ିନାହିଁ। ସ୍ଥିତି ଏଭଳି ହୋଇଛି ଯେ, ଛାତ୍ରୀଛାତ୍ର ଓ ଅଧ୍ୟାପକ ମନସ୍ତତ୍ତ୍ୱ ବିଭାଗ ଯିବାକୁ ଥିବା ରାସ୍ତାକୁ ବ୍ୟବହାର କରିବାକୁ ଚାହୁଁ ନାହାନ୍ତି।

## ୨୦ ଜଣଙ୍କୁ କାମୁଡ଼ିଲାଣି



ଗୁଣ୍ଡୁଚିମୂଷାର ହିଂସ୍ର ଆଚରଣ ତା'ର ନିଜ ସୀମାକୁ ସୁରକ୍ଷା ଦେବାରେ ଭୁଲ୍ ପ୍ରଦର୍ଶନ। କୌଣସି ବିପଦ ନ ଥାଇ ମଧ୍ୟ ଏହା ହଠାତ୍ ଆକ୍ରମଣ କରୁଛି। ସାଇକୋଲୋଜି ଡିପାର୍ଟମେଣ୍ଟ ନିକଟରେ ଗୁଣ୍ଡୁଚିମୂଷାଟି ବସା କରିଥିବାବେଳେ ସେହି ବାଟ ଦେଇ ଯାଉଥିବା ଲୋକଙ୍କୁ ଆକ୍ରମଣକାରୀ ସନ୍ଦେହ କରି ନିଜ ସୀମାକୁ ସୁରକ୍ଷା ଦେଉଛି। କ୍ୟାମ୍ପସ୍‌ରେ ଯାହା ଏକ କୌତୂହଳର ବିଷୟ ଥିଲା, ତାହା ଏବେ ସୁରକ୍ଷା ଚିନ୍ତାର କାରଣ ହୋଇଛି। ଏହାକୁ ନେଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି।

## ବିଚାରପତିଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ,୨।୫**

ଦକ୍ଷିଣ ଦିଲ୍ଲୀର ସଫଦରଜଙ୍ଗ ଅଞ୍ଚଳରେ ଜଣେ ୩୦ ବର୍ଷୀୟ ବିଚାରପତି ତାଙ୍କ ବାସଭବନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଅମନ କୁମାର ଶର୍ମା ନାମକ ଉକ୍ତ ବିଚାରପତିଙ୍କ ମୃତଦେହ ସିଲିଂ ଫ୍ୟାନ୍‌ରୁ ଝୁଲୁଥିବା ଦେଖି ତାଙ୍କ ଭିଣୋଇ ପୋଲିସକୁ ଜଣାଇଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ଆତ୍ମହତ୍ୟା ସନ୍ଦେହ କରାଯାଉଛି। ପୋଲିସ ସମସ୍ତ ଦିଗ ଉପରେ ତଦନ୍ତ ଚଳାଇଥିବା କହିଛି। ଶର୍ମା ୨୦୨୧ ଜୁନ୍ ୧୯ରେ ଦିଲ୍ଲୀ ନ୍ୟାୟିକ ସେବାରେ ଯୋଗ ଦେଇଥିଲେ। ଜଣେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଏବଂ ସିଭିଲ୍ ଜଜ୍ ଭାବେ ସେ ଅନେକ ଫୌଜଦାରୀ ଓ ଦେୱାନୀ ମାମଲାର ଫଇସଲା କରିଛନ୍ତି।



## ହିଲ୍ସ ପିନ୍ଧି ନାଚିଲେ ଅକ୍ଷୟ

**ମୁମ୍ବାଇ**

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ବର୍ତ୍ତମାନ ତାଙ୍କ ଗେମ ଶୋ 'ହୁଇଲ ଅଫ୍ ଫର୍ଚ୍ୟୁନ'ରେ ୬ ଇଞ୍ଚ ହାଇ ହିଲ୍ ପିନ୍ଧି ନୃତ୍ୟ କରୁଥିବା ଦୃଶ୍ୟ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଛି। ଏହି ଶୋ'ରେ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ, ଭୂମି ପେଡନେକର ଏବଂ ଫାର୍‌ହା ଖାନ୍ ଅତିଥି ଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଅକ୍ଷୟ ସେଟ୍‌ରେ ସେମାନଙ୍କ ଉପରେ ଭୟଙ୍କର ପ୍ରାଙ୍କ୍ କରିଥିଲେ। ପ୍ରତିଶୋଧ ନେବା ପାଇଁ ଜ୍ୟାକ୍‌ଲିନ୍ ଅକ୍ଷୟଙ୍କୁ ହିଲ୍ ପିନ୍ଧି ଗୋଟିଏ ମିନିଟ୍ ନାଚିବାକୁ ଏକ ଟାସ୍କ ଦେଇଥିଲେ। ଯଦି ଅକ୍ଷୟ ଅଟକିଯାଆନ୍ତି, ତେବେ ତାଙ୍କୁ ତାଙ୍କ ଆକାଉଣ୍ଟକୁ ୧ଲକ୍ଷ ଟଙ୍କା ଟ୍ରାନ୍ସଫର କରିବାକୁ ପଡ଼ିବ। ଏଥିରେ ଅକ୍ଷୟ ହଡ଼ବଡ଼େଇଯାଇ କହିଥିଲେ, ତୁମେ ପାଗଳ କି? ମୋ ଗୋଡ଼ ମୋଡ଼ି ହୋଇଯିବ। ମୁଁ କେବେ ଏଭଳି ନାଚିନାହିଁ। ଫାର୍‌ହାଙ୍କ ଜିଦ୍‌ରେ ଅକ୍ଷୟ ଶେଷରେ ହିଲ୍ସ ପିନ୍ଧିବାକୁ ରାଜି ହେଲେ। ସେ ତାଙ୍କ ଫିଲ୍ମ 'ହାଉସ୍‌ଫୁଲ୍ ୪'ର 'ଲାଲ ପରୀ' ଗୀତରେ ହିଲ୍ସ ପିନ୍ଧି ଜୋର୍‌ଦାର ନାଚିଥିଲେ। ଅକ୍ଷୟଙ୍କୁ ହିଲ୍ସ ପିନ୍ଧି ନାଚୁଥିବା ଦେଖି ଫାର୍‌ହା ଏବଂ ଭୂମି ତାଙ୍କ ସହ ଯୋଗଦେଇଲେ। କିନ୍ତୁ ନାଚୁଥିବା ସମୟରେ ଅକ୍ଷୟଙ୍କ ହିଲ୍ସ ଫାଟିଗଲା ଏବଂ ସେ ଖସିପଡ଼ିବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ।

# ସମାଜରେ ଶ୍ରମିକଙ୍କ ସ୍ଥାନ ଶ୍ରେଷ୍ଠରେ: ମନ୍ତ୍ରୀ

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ**

- ୫୪୦ ହିତାଧିକାରୀଙ୍କୁ ୨ କୋଟି ୯୭ ଲକ୍ଷରୁ ଊର୍ଦ୍ଧ୍ୱ ସହାୟତା ପ୍ରଦାନ
- ୨୦୫ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ


ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ କାର୍ଯ୍ୟକ୍ରମରେ ଜଣେ ହିତାଧିକାରୀଙ୍କ ପରିବାରକୁ ମନ୍ତ୍ରୀ ସହାୟତା ରାଶିର ଚେକ୍ ପ୍ରଦାନ କରୁଛନ୍ତି।

**ବ୍ୟାସନଗର,୨।୫ (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ଟାଉନ ହଲଠାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଯାଜପୁର ଜିଲା ପ୍ରଶାସନ ଏବଂ ଶ୍ରମ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ଯୁଗ୍ମଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ଦେବାଶିଷ ଜେନା ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସମାଜରେ ଶ୍ରମିକଙ୍କ ସ୍ଥାନ ଶ୍ରେଷ୍ଠରେ ରହିଛି ବୋଲି ମନ୍ତ୍ରୀ ବଳସାମନ୍ତ ମତ ରଖିବା ସହିତ ରାଜ୍ୟ ସରକାର ନେଇଥିବା ବିଭିନ୍ନ ଉନ୍ନତୀମୂଳକ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ବିଧାୟକ ଦାସନାୟକ ଅଣସଙ୍ଗଠିତ ଶ୍ରମିକଙ୍କର ପଞ୍ଜୀକରଣ ତଥା ନିର୍ମାଣ ଶ୍ରମିକଙ୍କ ଭଳି ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସରକାରଙ୍କୁ ଜଣାଇବେ ବୋଲି କହିବା ସହ କିପରି ସମସ୍ତ ଶ୍ରମିକ ଶ୍ରେଣୀ ଏହି ଯୋଜନାର ଲାଭ ଉଠାଇପାରିବେ ସେ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତ ମିଶ୍ର ଶ୍ରମିକଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଶ୍ରମଆଇନରେ ଥିବା ବିଧି ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଇଥିଲେ। ଅତିରିକ୍ତ ଜିଲାପାଳ ନାଏକ ଶିଶୁ ଶ୍ରମିକ, ସମାନ ମଜୁରି ଆଇନ, ଗୋଡି ଶ୍ରମିକ, କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କର ସୁରକ୍ଷାର କିପରି ସୁବନ୍ଦୋବସ୍ତ କରାଯାଇ ପାରିବ ସେ ସମ୍ବନ୍ଧରେ ବକ୍ତବ୍ୟ ଦେଇଥିଲେ। ପ୍ରଭାଗୀୟ ଶ୍ରମଆୟୁକ୍ତ କିପରି ଶ୍ରମିକଙ୍କ ଶିଶୁ ଶିକ୍ଷାରୁ ବଞ୍ଚିତ ନ ହେବେ ଓ କୌଣସି ଶ୍ରମିକଙ୍କ ଝିଅ ବାଲ୍ୟ ବିବାହ ନ କରି ପଞ୍ଜୀକୃତ ହୋଇ ବୋର୍ଡ ମାଧ୍ୟମରେ ଆର୍ଥିକ ସହାୟତା ପାଇବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।

ଶ୍ରମିକ ଦିବସ ପାଳନ ଅବସରରେ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୫୪୦ ହିତାଧିକାରୀଙ୍କୁ ମୋଟ ୨, ୯୭, ୬୩, ୮୦୦ ଟଙ୍କା ସହାୟତା ରାଶି ସେମାନଙ୍କର ଜମା ଖାତାରେ ପ୍ରଦାନ କରାଯାଇଥିଲା। ଏଥିରେ ଶିକ୍ଷା ସହାୟତା, ବିବାହ, ମାତୃତ୍ୱ, ମୃତ୍ୟୁ, ଅନ୍ତେଷ୍ଟି କ୍ରିୟା ସହାୟତା ଆଦି ଅନ୍ତର୍ଭୁକ୍ତ ରହିଥିଲା। ଏହାସହ ୨୦୫ ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଜିଲାର ସମସ୍ତ ସହକାରୀ ଶ୍ରମ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ସାମାଜିକ କର୍ମୀ ଏବଂ ୬୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଉପସ୍ଥିତ ଥିଲେ। ସହକାରୀ ଶ୍ରମ ଅଧିକାରୀ ରଚନା ସେଠୀ ଓ ଅଭିରାମ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ସୁଶ୍ରୀ ସଂଗୀତା ସ୍ୱାଇଁ ଏକ ସ୍ୱରଚିତ କବିତା ପାଠ କରିବା ସହ ଧନ୍ୟବାଦ ଦେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଗୁରୁ


@ ସରିତା


@ ନୀଳାଦ୍ରି


@ ସୀମା


@ ସାର୍ଥକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନବଜାତ ଶିଶୁକନ୍ୟା ମୃତ୍ୟୁକୁ ନେଇ ଉତ୍ତେଜନା

- ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପରିବାର ଲୋକଙ୍କ ହୋହଲ୍ଲା, ପ୍ରସୂତି କକ୍ଷ ଭଙ୍ଗାରୁଜା
- ଜିଲାପାଳଙ୍କ ବୁଝାଶୁଝା ପରେ ମୃତଦେହ ବ୍ୟବଚ୍ଛେଦ କରାଇ ଫେରିଲେ ପରିବାର


ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ ଶିଶୁକନ୍ୟାଙ୍କ ପରିବାର ସଦସ୍ୟ।

**ଯାଜପୁରଟାଉନ,୨।୫ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ନବଜାତ ଶିଶୁକନ୍ୟାଙ୍କ ମୃତ୍ୟୁକୁ ନେଇ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଛି। ଗତ ମାସ ୩୦ ତାରିଖରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା କୁମ୍ଭାରିଆ ଗ୍ରାମର କୈଳାଶ ଓଝାଙ୍କ ସ୍ତ୍ରୀ ରଶ୍ମିତା ସୂତାର(୨୪) ପ୍ରସୂତିଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ରଶ୍ମିତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ପିଲାସ୍ଥିତି ଠିକ୍ ଅଛି, ମେ' ୧ ତାରିଖ ଆଡ଼କୁ ପିଲା ଜନ୍ମ ହେବ ବୋଲି କହିଥିଲେ। ମେ' ୧ ପୂର୍ବାହ୍ନ ୧୦ଟାରେ ରଶ୍ମିତାଙ୍କ ପ୍ରସୂତିଯନ୍ତ୍ରଣା ହେବାରୁ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏହାପରେ ତାଙ୍କର ଶିଶୁ କନ୍ୟା ଜନ୍ମହୋଇଥିଲେ।

କିନ୍ତୁ ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବାରୁ ତାଙ୍କୁ ଶିଶୁଭବନର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ଡାକ୍ତର କହିଥିଲେ। ଏନେଇ ରଶ୍ମିତାଙ୍କ ପରିବାର ଲୋକେ ଆମ୍ବୁଲାନ୍ସ ମଧ୍ୟ ଡକାଇଥିଲେ। କିନ୍ତୁ ଶିଶୁକନ୍ୟାଙ୍କୁ ଡାକ୍ତରଖାନା କର୍ତ୍ତୃପକ୍ଷ ନ ଛାଡ଼ିବାରୁ ପରିବାର ଲୋକଙ୍କ ପକ୍ଷରୁ ଚିକିତ୍ସାଳୟ ପରିସରରେ ହୋହଲ୍ଲା କରାଯାଇଥିଲା।

ଖବର ପାଇ ଯାଜପୁର ଟାଉନ ପୋଲିସ ପହଞ୍ଚି ବୁଝାସୁଝା କରିବାରୁ ୩ ଘଣ୍ଟା ପରେ ଅକ୍ସିଜେନ ଦ୍ୱାରା ଶିଶୁ କନ୍ୟାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟା ସମୟରେ ରଶ୍ମିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମଧ୍ୟ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ପହଞ୍ଚିବା ପରେ ଡାକ୍ତର ଶିଶୁ କନ୍ୟାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ମୃତ ବୋଲି କହିବା ସହ ତୁମେ ମଲା ଶିଶୁଙ୍କୁ ଆଣିଛ ବୋଲି କହିଥିଲେ। ଶନିବାର ସକାଳେ ମୃତ ଶିଶକନ୍ୟାଙ୍କୁ କଟକରୁ ପରିବାରେ ଲୋକେ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରଖି ପାଟିତୁଣ୍ଡ କରିଥିଲେ। ପ୍ରସୂତିକକ୍ଷକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ଦୀର୍ଘ ସମୟ ଧରି ଚିକିତ୍ସାଳୟ ପରିସରରେ ଉତ୍ତେଜନା ଲାଗି ରହିଥିଲା। ପୋଲିସ ଓ ଡାକ୍ତର ବୁଝାଶୁଝା କରିବା ପରେ ମଧ ନ୍ୟାୟ ନ ମିଳିବାରୁ ମୃତ ଶିଶୁଙ୍କୁ ନେଇ ପରିବାର ଲୋକେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରେ କିଛି ସମୟ ଧାରଣାରେ ବସିବା ପରେ ଜିଲାପାଳ ମୃତ ଶିଶୁକନ୍ୟାଙ୍କ ପରିବାର ଲୋକଙ୍କୁ ଡାକି ବୁଝାଶୁଝା କରିଥିଲେ। ଏହାପରେ ମୃତ ଶିଶୁକନ୍ୟାଙ୍କ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯଇଥିଲା। ସେମାନେ ଘରକୁ ଫେରିଥିଲେ। ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ଶିଶୁ କନ୍ୟାର ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ସିଧାସଳଖ ଅଭିଯୋଗ କରିଥିଲେ।

# କାଳବୈଶାଖୀବେଳେ ତାଳଗଛ ପଡ଼ି ଚାଷୀଙ୍କ ମୃତ୍ୟୁ

**ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ସ୍ତ୍ରୀ ବିଷ ପିଇ ଗୁରୁତର**



**ଚଣ୍ଡିଖୋଲ/ବ୍ରହ୍ମବରଦା,୨।୫ (ପ୍ରଦୀପ୍ତ କୁମାର ପୃଷ୍ଟି/ଯଯାତି କେଶରୀ ବେହେରା):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜନକ ପଞ୍ଚାୟତସ୍ଥିତ ବଡ଼ବାଲିକୁଦା ଗ୍ରାମରେ ଶନିବାର କାଳବୈଶାଖି ପ୍ରଭାବରେ ଏକ ତାଳଗଛ ଉପୁଡ଼ି ପଡ଼ିବାରୁ ଜଣେ ଯୁବଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ବଙ୍କିମ ଜେନାଙ୍କ ପୁଅ ଅଜିତ ଜେନା(୩୬)। ଅପରାହ୍ନରେ ଅଜିତ ପୋଟଳ ବିଲକୁ ଔଷଧ ପକାଇବାକୁ ଯାଇଥିବା ସମୟରେ ହଠାତ କାଳବୈଶାଖି ମାଡ଼ିଆସିଥିଲା। ଆଜିତ ତାଳଗଛ ତଳେ ଆଶ୍ରୟ ନେଇଥିଲେ। ପବନ ମାଡ଼ିଆସିବାରୁ ତାଳଗଛ ମଝିରୁ ଭାଙ୍ଗିଯାଇଥିଲା। ଫଳରେ ଗଛତଳେ ଚାପିହୋଇ ଅଜିତଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ପାଇ ତାଙ୍କ ସ୍ତ୍ରୀ ସସ୍ମିତା(୩୨) ମାନସିକ ଭାରସ୍ୟାମ ହରାଇ ଘାଷ ଔଷଧପିଇ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ବିଞ୍ଝାରପୁର ଶିକ୍ଷା ମଣ୍ଡଳରେ ୪ ଛାତ୍ରୀଛାତ୍ରଙ୍କୁ ଏ-୧


ବିପ୍ଳବ ଗୁରୁ।


ସୁପ୍ରିତା ଧଳ।


ସୋନାଲି ସାହୁ।


ବିଦ୍ୟାଶା ନାୟକ।

**ବିଞ୍ଝାରପୁର,୨।୫ (ରାମକୃଷ୍ଣ ଦାସ):** ରାଜ୍ୟରେ ଶନିବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବିଞ୍ଝାରପୁର ଶିକ୍ଷା ମଣ୍ଡଳରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୩ଜଣ ଛାତ୍ରୀ ଓ ଜଣେ ଛାତ୍ର ଏ-୧ ଗ୍ରେଡ୍ ପାଇଛନ୍ତି। ସେମାନେ ହେଲେ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ସୋନାଲି ସାହୁ ମୋଟ ୫୪୦ ନମ୍ବର ରଖି ଏ-୧ରେ ଉର୍ତ୍ତୀର୍ଣ୍ଣ ହୋଇଥିଲାବେଳେ ଫତେପୁରସ୍ଥିତ ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ବିପ୍ଳବ ଗୁରୁ ୫୪୦ମୋଟ ନମ୍ବର ରଖି ଏ-୧ ପାଇଛନ୍ତି। ସେହିପରି ଗୁହାଳୀସ୍ଥିତ ଗୁହାଳି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁପ୍ରିତା ଧଳ ୫୪୦ ନମ୍ବର ରଖି ଏ-୧ରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ସେହି ବିଦ୍ୟାଳୟର ଛାତ୍ରୀ ଦିବ୍ୟାଶା ନାୟକ ସର୍ବୋଚ୍ଚ ୫୬୦ ନମ୍ବର ରଖି ଏ-୧ରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି।

**ମାଟ୍ରିକ ପରୀକ୍ଷାଫଳ**

# ଯାଜପୁର ଜିଲାରେ ୯୪.୬୨% ଉତ୍ତୀର୍ଣ୍ଣ

**ଯାଜପୁର,୨।୫ (ହର୍ଷବର୍ଦ୍ଧନ ବେହେରା):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ଯାଜପୁର ଜିଲାର ୯୪.୬୨% ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ରିପୋର୍ଟ ଅନୁସାରେ, ଜିଲାର ୪୪୩ ବିଦ୍ୟାଳୟରୁ ୨୬,୦୦୩ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ। ସେଥିରୁ ୨୫,୫୪୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨୪,୧୬୯ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ୧୨୦୬୯ ଛାତ୍ର ଓ ୧୨୧୦୦ ଛାତ୍ର ରହିଛନ୍ତି। ୧,୩୭୫ ଛାତ୍ରୀଛାତ୍ର ଫେଲ ହୋଇଛନ୍ତି। ଏହାବାଦ ୪୫୯ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ପରୀକ୍ଷାରେ ୬୭ ଜଣ ଏ-୧ ଓ ୫୮୨ ଜଣ ଏ-୨ ଗ୍ରେଡ ପାଇଥିବା ସୂଚନା ମିଳିଛି।

# ଲିଙ୍ଗେଶ୍ୱର ଶିଶୁ ବିଦ୍ୟାମନ୍ଦିର ପାସ୍ ହାର ଶତ ପ୍ରତିଶତ

**ପାଣିକୋଇଲି,୨।୫ (ବିକାଶ ଚନ୍ଦ୍ର ମଲ୍ଲିକ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମାଟ୍ରିକ ପାସହାର ଶତ ପ୍ରତିଶତ ହୋଇଛି। ମୋଟ ୨୫ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏ-୨ରେ ୭, ବି-୧ରେ ୮, ବି-୨ରେ ୬, ସି-ରେ ୨, ଡି- ଓ ଇ-ରେ ଜଣେ ଲେଖାଏ ପାସ କରିଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ସେହିପରି ପାଣିକୋଇଲି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋଟ ୧୨୯ ଜଣ ପରୀକ୍ଷାଦେବାକୁ ଥିବାବେଳେ ୩ଜଣ ଅନୁପସ୍ଥିତ ରହିଥିଲେ। ୧୨୬ ଜଣ ପରୀକ୍ଷା ଦେଇଥିଲେ। ୬ଜଣ ଫେଲ ହୋଇଛନ୍ତି। ଏ-୨ରେ ୫ଜଣ, ବି-୧ରେ ୭ଜଣ, ବି-୨ରେ ୩୯ଜଣ, ସି-ରେ ୩୧ଜଣ, ଡି-ରେ ୨୨ଜଣ, ଇ-ରେ ୧୬ଜଣ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ବିଦ୍ୟାଳୟର ସ୍ମୃତିରଞ୍ଜନ ମାଝୀ ୪୯୬ ନମ୍ବର ରଖିଥିବାବେଳେ ସୁଭଦ୍ରା ଦଳେଇ ୪୯୪, ପଙ୍କଜ କୁମାର ସୁତାର ୪୮୭ ନମ୍ବର ରଖିଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଏ-୧ରେ ସିଂହପୁର ସରସ୍ୱତୀ ଶିଶୁ ମନ୍ଦିରର ୩ ଛାତ୍ର

**ସିଂହପୁର,୨।୫ (ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଜୀବନ ଜ୍ୟୋତି କାଣ୍ଡି, ବିଶ୍ୱଭୂଷଣ ଜେନା ଓ ସୌମ୍ୟ ରଞ୍ଜନ ପତି ମାଟ୍ରିକ ପରୀକ୍ଷାରେ ଏ-୧ରେ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ୩ ଛାତ୍ର ସେମାନଙ୍କ ସଫଳତା ପାଇଁ ବିଦ୍ୟାଳୟର ଗୁରୁମାଗୁରୁଜୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଦାନଗଦି ବ୍ଲକ୍‌ରେ ବିଶ୍ୱଜିତ ପ୍ରଥମ

**କଳିଙ୍ଗନଗର,୨।୫ (ଶୁଭାଶିଷ ରାଉତ):** ମାଟ୍ରିକ ପରୀକ୍ଷାରେ ଦାନଗଦି ବ୍ଲକ ଅନ୍ତର୍ଗତ ମାନପୁର ସରକାରୀ ହାଇସ୍କୁଲର ଛାତ୍ର ବିଶ୍ୱଜିତ ବେହେରା ମୋଟ ୫୪୦ ନମ୍ବର ରଖି ଦାନଗଦି ବ୍ଲକ୍‌ର ପ୍ରଥମ ହୋଇଛନ୍ତି। କେନ୍ଦୁଝର ଜିଲା ଘଷିପୁରା ବରମାଳ ଗ୍ରାମର ବଟକୃଷ୍ଣ ବେହେରା ଓ ସସ୍ମିତା ବେହେରାଙ୍କ ପୁଅ ବିଶ୍ୱଜିତଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଶ୍ୱଜିତଙ୍କୁ ଜିଲା ଶିକ୍ଷା ଶୁଭେଚ୍ଛା ଜ୍ଞାପନ କରିଛନ୍ତି।


ବିଶ୍ୱଜିତ ବେହେରା।

# ବଡ଼ଚଣାରେ ଏ-୧ ଗ୍ରେଡ୍‌ରେ ୫ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ


ଜ୍ୟୋସ୍ନାରାଣୀ ସାହୁ


ତନୁଶ୍ରୀ ବଳ


ତନୁଶ୍ରୀ ସାହୁ


ରାହୁଲ କୁମାର ସାହୁ


ରୋଷନୀ ଫିର୍ଦୋଷ

**ଚଣ୍ଡିଖୋଲ,୨।୫ (ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନରେ ଚଳିତ ମାଟ୍ରିକ ପରୀକ୍ଷାରେ ୫ଜଣ ଏ-୧ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତନୁଶ୍ରୀ ବଳ ୫୪୦ ନମ୍ବର ରଖି ଥିବାବେଳେ ସରସତୀ ଶିଶୁ ବିଦ୍ୟା ମନ୍ଦିର ବାଲିଚନ୍ଦ୍ରପୁରର ଛାତ୍ର ରାହୁଲ ସାହୁ ୫୪୦ ନମ୍ବର ରଖି ଏ-୧ ଗ୍ରେଡରେ ପାସ କରିଛନ୍ତି। ଚାରିନଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରୋଷନୀ ଫିର୍ଦୋଷ ୫୪୨ ନମ୍ବର ରଖି ଥିବାବେଳେ ସିଦ୍ଧ ମହାପୁରୁଷ ବିଦ୍ୟାପୀଠ ସରକାରୀ ବିଦ୍ୟାଳୟ ଭରତପୁରର ଛାତ୍ରୀ ଜ୍ୟୋସ୍ନାରାଣୀ ସାହୁ ୫୪୯ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କାଇମାଟିଆ ସ୍ଥିତ ନେତାଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତନୁଶ୍ରୀ ସାହୁ ୫୪୦ ନମ୍ବର ରଖି ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ଧର୍ମଶାଳାରେ ୭ଜଣ ୯୦%ରୁ ଊର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ


ଆଦ୍ୟାଶା ରାଉତ ସୁଶ୍ରୀ ସଙ୍ଗୀତା ସାହୁ ଶୁଭଶ୍ରୀ ଜେନା ପ୍ରିୟଙ୍କା ପ୍ରିୟଦର୍ଶିନୀ ସିଂ ବିଶ୍ୱଭୂଷଣ କର ପ୍ରୀତିପ୍ରଜ୍ଞା ସ୍ୱାଇଁ
୯୦%ରୁ ଊର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରୀଛାତ୍ର।

**ଧର୍ମଶାଳା,୨।୫ (ବଟକୃଷ୍ଣ ପରିଡ଼ା):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ଧର୍ମଶାଳା ବ୍ଲକ୍‌ର ୭ଜଣ ଛାତ୍ରୀଛାତ୍ର ୯୦%ରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ସଂପୃକ୍ତ ସ୍କୁଲର ପ୍ରଧାନଶିକ୍ଷକମାନେ ସୂଚନା ଦେଇଛନ୍ତି। କୋତପୁରସ୍ଥିତ ଜାଗୁଳାଇ ହାଇସ୍କୁଲର ବିଶ୍ୱଭୂଷଣ କର ୫୪୦ମାର୍କ ରଖି ଏ-୧ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। କାଏମାସ୍ଥିତ ଲାଲବାହାଦୁର ହାଇସ୍କୁଲର ଶୁଭଶ୍ରୀ ଜେନା ୫୪୨ ଓ ଶୁଶ୍ରୀ ସଙ୍ଗିତା ସାହୁ ୫୪୦ମାର୍କ ରଖି ଏ-୧ ପାଇଛନ୍ତି। ଶ୍ୟାମସୁନ୍ଦର ହାଇସ୍କୁଲର ପ୍ରିୟଙ୍କା ପ୍ରିୟଦର୍ଶିନୀ ସିଂ ୫୪୦ମାର୍କ ରଖି ଏ-୧ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। କବାଟବନ୍ଧ ହାଇସ୍କୁଲର ପ୍ରତିପ୍ରଜ୍ଞା ସ୍ୱାଇଁ ୫୪୦ମାର୍କ ରଖି ଏ-୧ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅମରେଶ୍ୱରୀ ହାଇସ୍କୁଲର ଆଦ୍ୟାଶା ରାଉତ ୫୪୫ମାର୍କ ରଖି ଏ-୧ ପାଇଛନ୍ତି। ଧର୍ମଶାଳା ବ୍ଲକରେ ୧୯ଟି ପରୀକ୍ଷା କେନ୍ଦ୍ରରେ ୩,୩୭୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨୭୫ ଜଣ ପରୀକ୍ଷା ଦେଇଥିଲେ।

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶତପ୍ରତିଶତ ସଫଳତା**

ପାରାଦୀପ,(ଶରତ ରାଉତ)ଚଳିତ ବର୍ଷର ଦଶମ ବୋର୍ଡ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୬ ଜଣ ଛାତ୍ରୀଛାତ୍ର ଏ-୧ ରଖିଛନ୍ତି। ଏହା ସ୍କୁଲ ହିସାବରେ ଜଗତସିଂହପୁର ଜିଲାର ସର୍ବାଧିକ ବୋଲି ଜଣାପଡିଛି। ଏ-୧ ପାଇଥିବା ଛାତ୍ରୀଛାତ୍ର ହେଲେ ଶ୍ରୀକାନ୍ତ ପାତ୍ର, ଅଭିପ୍ସା ବିଶ୍ୱାଳ, ନମିତା ଦାସ, ସାଇସ୍ମିତା ବେହେରା, ସ୍ମୃତିପ୍ରଜ୍ଞା ପ୍ରିୟାଦର୍ଶିନୀ, ଓ ଶୁଭଦର୍ଶିନୀ ବିଶ୍ୱାଳ। ସେହିପରି ଏ-୨ରେ ୧୮,ବି-୧ରେ ୩୧,ବି-୨ରେ ୪୭, 'ସି'ରେ ୨୯, 'ଡି'ରେ ୧୦ ଏବଂ 'ଇ' ଗ୍ରେଡ୍ ୪ ଜଣ ପାଇଛନ୍ତି। ଅନ୍ୟ ସ୍କୁଲ ମଧ୍ୟରେ ପାରାଦୀପର ଏନ୍ଏସି ହାଇସ୍କୁଲ , ପିପିଏଲ ଡିଏଭି ଓଡ଼ିଆ ମିଡିୟମ, ପାରାଦୀପଗଡ ଶ୍ରୀମା ହାଇସ୍କୁଲର ଜଣେ ଲେଖାଏଁ ଏ -୧ ପାଇଛନ୍ତି।

# ଜଗତ୍ସିଂହପୁର ଜିଲାରେ ପାସ୍ ହାର ୯୭.୮୯%

## ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷାଫଳ

- ରାଜ୍ୟରେ ୪ର୍ଥ ସ୍ଥାନ ରହିଛି
- ୬୩୮୫ ଛାତ୍ରୀ ଓ ୬୩୫୯ ଛାତ୍ର କୃତକାର୍ଯ୍ୟ
- ଏ-୧ରେ ୬୦, ଏ-୨ରେ ୩୮୫ ଜଣ ରହିଛନ୍ତି

ଜଗତ୍ସିଂହପୁର, ୨।୫ (ପ୍ରମୋଦ କୁମାର ନାୟକ)

ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ଜିଲାର ପାସ ହାର ବଢ଼ିଛି। ଗତବର୍ଷ ପାସ ହାର ୯୭.୦୯ ଥିବାବେଳେ ଚଳିତବର୍ଷ ଏହା ୯୭.୮୯କୁ ବୃଦ୍ଧି ପାଇଛି। ଖୁସିର କଥା ହେଲା ପାସ ହାରରେ ଗତବର୍ଷ ଜଗତ୍ସିଂହପୁର ରାଜ୍ୟରେ ୧୧ତମ ସ୍ଥାନରେ ଥିବାବେଳେ ଚଳିତବର୍ଷ ଚତୁର୍ଥ ସ୍ଥାନକୁ ଉଠିଛି। ୧୧୮ଟି ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଏ୧ ଗ୍ରେଡ୍ ତାଲିକା ଅନୁଧ୍ୟାନ କଲେ ରାଜ୍ୟରେ ଜଗତ୍ସିଂହପୁର ୧୪ତମ ସ୍ଥାନରେ ରହିଛି। ଅନୁରୂପ ଭାବେ ଅନୁପସ୍ଥିତିରେ ରାଜ୍ୟରେ ୨୨ତମ ଓ ଫେଲରେ ୨୪ତମ ସ୍ଥାନରେ ରହିଥିବା ଜଣାଯାଇଛି। ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଗାୟତ୍ରୀ ପଲେଇ ୫୭୬ ନମ୍ବର ରଖି ଜିଲା ଟପ୍ପର ହୋଇଥିବାବେଳେ ସ୍ଥାନୀୟ ବଡ଼ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ସୂର୍ଯ୍ୟ ପ୍ରତାପ ସ୍ୱାଇଁ ୫୬୫ ନମ୍ବର ରଖି ଦ୍ୱିତୀୟ ଓ ମଙ୍ଗରାଜପୁରସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ତେଜସ୍ୱିନୀ ଦାଶ ୫୬୧ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।


ବଡ଼ବଜାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଏ-୧ ପାଇଥିବା ଛାତ୍ରୀଛାତ୍ରଙ୍କ ସହ ପ୍ରଧାନ ଆଚାର୍ଯ୍ୟ।

ଜିଲା ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତବର୍ଷ ଜିଲାର ମୋଟ ୨୬୬ଟି ଶିକ୍ଷାନୁଷ୍ଠାନର ୧୩,୧୮୦ ଜଣ ଛାତ୍ରୀଛାତ୍ର ରେଗୁଲାର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ୧୬୧ ଜଣ ଅନୁପସ୍ଥିତ ରହିବାରୁ ୧୩,୦୧୯ ଜଣ ପରୀକ୍ଷା ଦେଇଥିଲେ। ଫଳପ୍ରକାଶ ପରେ ୧୨,୭୪୪ ଜଣ ଅର୍ଥାତ୍ ୯୭.୮୯% ପାସ୍ କରିଥିବା ଜଣାଯାଇଛି। ଯେଉଁମାନଙ୍କ ମଧ୍ୟରୁ ଛାତ୍ରୀ ୬୩୮୫ ଓ ଛାତ୍ର ୬୩୫୯ ଜଣ ରହିଛନ୍ତି। ଗ୍ରେଡ୍ ଦେଖିଲେ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ୬୦ ଜଣ ଏ-୧ ଗ୍ରେଡ୍ ପାଇଛନ୍ତି। ଏ-୨ ମଧ୍ୟ ପାଖାପାଖି ସମାନ। ଅର୍ଥାତ୍ ଗତବର୍ଷ ୩୮୨ ଜଣ ଏ-୨ ପାଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୩୮୫ ରହିଛି। ବି-୧, ବି-୨ ଓ ସି ଗ୍ରେଡ୍ ସଂଖ୍ୟା ଗତବର୍ଷ ତୁଳନାରେ ଏଥର କମିଛି। ଗତବର୍ଷ ବି-୧ ଗ୍ରେଡ୍ ୧୨୨୯ ଜଣ ପାଇଥିଲେ। ଚଳିତବର୍ଷ ଏହି ସଂଖ୍ୟା ୧୧୧୬କୁ ଖସିଆସିଛି। ସେହିପରି ଗତବର୍ଷ ବି-୨ ସଂଖ୍ୟା ୨୫୩୪ ଥିବାବେଳେ ଚଳିତବର୍ଷ ୨୨୮୦କୁ କମିଆସିଛି। ଗତବର୍ଷ 'ସି' ଗ୍ରେଡ୍ ୩୫୫୭ ଜଣ ପାଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୩୪୨୭ ରହିଛି। ଗତବର୍ଷ 'ଡି' ଗ୍ରେଡ୍ ସଂଖ୍ୟା ୨୯୮୧ ଥିବାବେଳେ ଏଥର ୩୫୯୮କୁ ବୃଦ୍ଧି ପାଇଛି। 'ଇ' ଗ୍ରେଡ୍ ମଧ୍ୟ ଗତବର୍ଷ ୧୨୨୨ ଥିବାବେଳେ ଚଳିତବର୍ଷ ୧୮୭୮କୁ ବୃଦ୍ଧି ପାଇଛି। 'ଏଫ୍' ଗ୍ରେଡ୍ ସଂଖ୍ୟା ଗତବର୍ଷ ୩୫୯ ଥିବାବେଳେ ଏଥର ୨୭୫କୁ ଖସି ଆସିଛି। ସ୍ଥାନୀୟ ବଡ଼ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଶିକ୍ଷାନୁଷ୍ଠାନର ଶତ ପ୍ରତିଶତ ଫଳ ହୋଇଛି। ଶିକ୍ଷାନୁଷ୍ଠାନର ମୋଟ ୮୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ପ୍ରତ୍ୟେକ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ ୪, ଏ-୨ ୧୮, ବି-୧ ୨୩, ବି-୨ ୧୭, ସି-୧୮ ଏବଂ 'ଡି' ଗ୍ରେଡ୍ ୩ ଜଣ ପାଇଛନ୍ତି। ସୂର୍ଯ୍ୟ ପ୍ରତାପ ସ୍ୱାଇଁ ୫୬୫ ନମ୍ବର (୯୪.୧୬%), ସୁଶ୍ରୀତା ସେନାପତି ୫୫୫ (୯୨.୫%), ସତ୍ୟଜିତ ବେହେରା ୫୪୮ (୯୧.୩୩%) ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା ୫୪୦ (୯୦%) ନମ୍ବର ରଖି ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୪ରେ ଜଗତ୍ସିଂହପୁର ଜିଲା ରାଜ୍ୟରେ ତୃତୀୟ ସ୍ଥାନରେ ଥିଲା।

## କୁଜଙ୍ଗରୁ ଏ - ୧ରେ ୯ ଉତ୍ତୀର୍ଣ୍ଣ

### ତେଜସ୍ୱିନୀ ଦାଶ ଜିଲାରେ ତୃତୀୟ

କୁଜଙ୍ଗ, ୨।୫(ମନୋଜ ପ୍ରଧାନ)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୁଜଙ୍ଗ ବ୍ଲକରୁ ୯ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପଞ୍ଚାୟତ ହାଇସ୍କୁଲ ମଙ୍ଗରାଜପୁରରେ ଛାତ୍ରୀ ତେଜସ୍ୱିନୀ ଦାଶ ୫୬୧ ନମ୍ବର ରଖି ଜଗତ୍ସିଂହପୁର ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଥିବା ବେଳେ ଓ ଅନ୍ୟଜଣେ ଛାତ୍ରୀ ଅପର୍ଣ୍ଣା ମହାନ୍ତି ୫୪୯ ନମ୍ବର ରଖି ଏ -୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ରାହାମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩ ଜଣ ଛାତ୍ରୀଛାତ୍ର ବର୍ଷା ବୈଶାଳୀ ୫୬୦, ସୁଭ୍ରାଜିତ ପରିଜା ୫୪୦, ଏସ୍ଏସ୍ ଅମ୍ଲାନ ଅଙ୍କିତ ୫୪୦ ନମ୍ବର ରଖି ଏ -୧ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପଙ୍କପାଳ ହାଇ ସ୍କୁଲର ଦୁଇ ଜଣ ଛାତ୍ରୀଛାତ୍ର ସାଗର ପ୍ରଧାନ ଓ ପ୍ରିୟାଲକ୍ଷ୍ମୀ ସାହୁ ଉଭୟେ ୫୪୦ ନମ୍ବର ରଖି ଏ -୧ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶ୍ରୀମା ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ନାୟକ ଏସ୍ଆର ସମ୍ବିତ ଓ ଦର୍ଦଆ ପୋତାନଇ ଉଚ୍ଚ ବିଦ୍ୟାଳୟ ର ଛାତ୍ର ଜୟ ପ୍ରକାଶ ଚୌଧୁରୀ ୫୪୦ ନମ୍ବର ଲେଖାଏଁ ରଖି ଏ -୧ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୬୧ ନମ୍ବର ରଖି ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଥିବା ତେଜସ୍ୱିନି ଭବିଷ୍ୟତରେ ବୈଜ୍ଞାନିକ ହେବା ପାଇଁ ଲକ୍ଷ ରଖିଥିବା କହିଛନ୍ତି।

## ନାଉଗାଁ ବ୍ଲକ୍‌ରେ ଏ-୧ରେ ୭ ଉତ୍ତୀର୍ଣ୍ଣ

ନାଉଗାଁ,୨।୫(ସୁଧା ବେହୁରା)

ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଜଗତ୍ସିଂହପୁର ଜିଲା ନାଉଗାଁ ବ୍ଲକରେ ଉକ୍ତ ପରୀକ୍ଷାରେ ଏ-୧ରେ ୭ଜଣ ଛାତ୍ରୀଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଗାୟତ୍ରୀ ପୋଲେଇ ୫୭୬ ନମ୍ବର ରଖି ବ୍ଲକ ଓ ଜିଲା ଟପ୍ପର ହୋଇଛନ୍ତି। ସେହିପରି ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଆଦ୍ୟାଶା ସେଠୀ ୫୫୫ ନମ୍ବର, ତନୁଶ୍ରୀ ଶିଶୁ ୫୪୦, ବିଶ୍ୱମ୍ଭର ପାଢୀ ୫୪୦, ଆର ସୃଷ୍ଟିରାଜ ୫୪୦ ନମ୍ବର ରଖିଥିବା ବେଳେ ଅଲଣାହାଟ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରୀତିଜିଜ୍ଞାସା ଦାସ ୫୪୪ ଏବଂ ଅଙ୍ଗେଶ୍ୱରପଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନାମିକା ବରାଳ ୫୪୦ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ନାଉଗାଁ ବ୍ଲକର ୭ କେନ୍ଦ୍ରରେ ୧୦୨୧ଜଣ ପରୀକ୍ଷାର୍ଥୀରୁ ୧୦୧୦ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ।

## ରଘୁନାଥପୁରରେ ଏ- ୧ରେ ୯ ଉତ୍ତୀର୍ଣ୍ଣ

ରଘୁନାଥପୁର,୨।୫(ରାଜେନ୍ଦ୍ର ନାରାୟଣ ସିଂହ)

ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଜଗତ୍ସିଂହପୁର ଜିଲା ରଘୁନାଥପୁର ବ୍ଲକରୁ ୯ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମକେସି ହାଇସ୍କୁଲ ଦେଉଳିର ଛାତ୍ର ବିଶ୍ୱରଞ୍ଜନ ମହାପାତ୍ର ୫୪୭,ପଲ୍ଲୀପ୍ରଭା ହାଇସ୍କୁଲ ତିହଡାର ଅନିମେଶ ଦାଶ ୫୪୬, ସାହିଲ ମହାପାତ୍ର ୫୪୬,ଅଭିପ୍ସା ମହାପାତ୍ର ୫୪୦,ବିଶ୍ୱଜିତ ନାୟକ ୫୪୦, ଶୁଭସ୍ମିତା ଦାସ ୫୪୦,ବର୍ତ୍ତି ପାଟେଣି ଗାଁ ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ସୁକନ୍ୟା ଦାଶ ୫୪୧, ଗୁଆଳିପୁର ମହେଶ୍ୱର ନୋଡାଲ ହାଇସ୍କୁଲର ସୌମ୍ୟାଶ୍ରୀ ପ୍ରଧାନ ୫୪୦ ଓ ଗାନାଇଲୋ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଇପ୍ସିତା ପ୍ରିୟଦର୍ଶିନୀ ମହାନ୍ତି ୫୪୦ ନମ୍ବର ରଖି ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ମଣ୍ଡଳ ସହ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ପ୍ରକାଶ କରିଛନ୍ତି।

## ରଘୁନାଥପୁର ବ୍ଲକ୍ ପୁରଣ ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ

### ଜିଲା ମୁଖ୍ୟମନ୍ତ୍ରୀ ବାଳିକା ବିଭାଗ ଫୁଟ୍‌ବଲ

ରଘୁନାଥପୁର,୨।୫(ରାଜେନ୍ଦ୍ର ନାରାୟଣ ସିଂହ)

ଚଳିତବର୍ଷ ଜଗତସିଂହପୁର ଜିଲା ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମାରେ ବିଗତ ୭ଦିନ ଧରି ଚାଲିଥିବା ୧୪ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ବାଳିକା ବିଭାଗ ଫୁଟବଲ ଟ୍ରଫି ପ୍ରତିଯୋଗିତାରେ ରଘୁନାଥପୁର ବ୍ଲକର ପୁରଣ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଚାମ୍ପିୟନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଜିଲାର ବୋରିକେନା ହାଇସ୍କୁଲ, ରଘୁନାଥପୁରର ପୁରଣ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ତାରପୁର ହାଇସ୍କୁଲ ଓ ବିରିଡ଼ି ବ୍ଲକର ପୁରଣ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଭାଗ ନେଇଥିଲେ। କ୍ରୀଡ଼ା ଶିକ୍ଷକ ନସିମୁଦ୍ଦିନ ଖାଁଙ୍କ ପ୍ରଶିକ୍ଷଣରେ ପୁରଣ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଏହି ଚମ୍ପିଆନ ଟ୍ରଫି ହାସଲ କରିଥିବାରୁ ରଘୁନାଥପୁର ଶିକ୍ଷା ମଣ୍ଡଳ ପକ୍ଷରୁ ତାଙ୍କୁ ଅଶେଷ ସାଧୁବାଦ ଜଣାଇ ଦିଆଯାଇଛି। ସେହିପରି କ୍ରୀଡ଼ା ଶିକ୍ଷକ ଖାଁଙ୍କ ପ୍ରଶିକ୍ଷଣରେ ଜିଲା ୧୪ବର୍ଷରୁ କମ୍ ବାଳକ ବିଭାଗ ମୁଖ୍ୟମନ୍ତ୍ରୀ ଫୁଟ୍‌ବଲ ଟ୍ରଫିରେ ରଘୁନାଥପୁର ବ୍ଲକ ପୁରଣ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ରନର ଅପ୍ କପ ହାସଲ କରିଛନ୍ତି। ଆଗାମୀ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ରାଜ୍ୟ ମୁଖ୍ୟ ମନ୍ତ୍ରୀ ଫୁଟ୍‌ବଲ ଟ୍ରଫିକୁ ବାଳିକା ବିଭାଗରେ ରଘୁନାଥପୁର ବ୍ଲକର ଦେବୀପ୍ରିୟା ବେହେରା,ଗୌରୀକୁଶମ ନାୟକ,ଅର୍ଚ୍ଚିତା ଷଡ଼ଙ୍ଗୀ, ସୁନୀତା ପ୍ରିୟଦର୍ଶିନୀ ସେଠୀ, ସୁଚିସ୍ନେହା ଭୋଇ,ସବ୍‌ନମ ପରଭିନ ଓ ପ୍ରିୟଙ୍କା ଭୋଇ ପ୍ରମୁଖ ମନୋନୀତ ହୋଇଥିଲାବେଳେ ବାଳକ ବିଭାଗରେ ଏମ୍ ସିଂ, ଚନ୍ଦ୍ର ସିଂ, ଦେବାଶିଷ ମହାନ୍ତି, ସୁବ୍ରତ ପରିଡ଼ା,ପ୍ରଭାକର ଦାସ, ନଜିବୁଲ ହକ୍ ଏବଂ ମହମ୍ମଦ ସମୀର ମନୋନୀତ ହୋଇଛନ୍ତି।


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ସାମ୍ବାଦିକ ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ, ମହିଳାଙ୍କୁ ଭେଟିଲେ କଂଗ୍ରେସ ନେତୃମଣ୍ଡଳୀ

### ଖବରଦାତା, ମହିଳାଙ୍କୁ ଦୁର୍ବ୍ୟବହାର ଘଟଣା

ଏରସମା,୨।୫ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକରେ ହୋଇଥିବା ଜନଶୁଣାଣି ଶିବିରରେ ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କ ମୋବାଇଲରୁ ବଳପୂର୍ବକ ଫଟୋ ଡିଲିଟ କରିବା ଏବଂ ମହିଳାମାନଙ୍କୁ ଦୁର୍ବ୍ୟବହାର କରିବା ଘଟଣାରେ ଜିଲା ପ୍ରଶାସନର ବିବାଦ ବଢ଼ିବାରେ ଲାଗିଛି। ଏନେଇ ଏରସମା ସାମ୍ବାଦିକ ସଂଘ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସଂଘର ସଭାପତି ଚନ୍ଦ୍ରଜିତ ଦାସ କହିଛନ୍ତି, ଖବରଦାତାଙ୍କ ମୋବାଇଲରୁ ବଳପୂର୍ବକ ଫଟୋ ଡିଲିଟ କରିବା ଅଗଣତାନ୍ତ୍ରିକ, ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେହିପରି ଉକ୍ତ ଶିବିରରେ ଗଡ଼ବିଶୁନିପୁର ପଞ୍ଚାୟତସ୍ଥିତ ନାଳଭେଡ଼ି ଗ୍ରାମର ମହିଳାଙ୍କୁ ଜିଲାପାଳଙ୍କ ଦୁର୍ବ୍ୟବହାର ଘଟଣାକୁ ନେଇ ଶୁକ୍ରବାର କଂଗ୍ରେସ ନେତୃ ମଣ୍ଡଳୀ ସମ୍ପୃକ୍ତ ଗ୍ରାମରେ ପହଞ୍ଚିଛନ୍ତି। ଏଥିରେ ବାଲିକୁଦାର ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ଡ.ଲଲାଟେନ୍ଦୁ ମହାପାତ୍ର, ଜିଲା କଂଗ୍ରେସ ମୁଖପାତ୍ର ଅଭିଜିତ ସାହୁ, ପଞ୍ଚାୟତ ଯୁବ କଂଗ୍ରେସ କର୍ମକର୍ତ୍ତା ଅଭୟ ହାତୀ, ଜିରାଇଲୋ ସମିତି ସଭ୍ୟ ରଘୁନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ହୋଇ ଜନଶୁଣାଣିର ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ପାନୀୟ ଜଳ ସମସ୍ୟା ଅନୁଧ୍ୟାନ କରିଥିଲେ। ଜଳ ସମସ୍ୟା ସମ୍ପର୍କରେ ପୂର୍ବତନ ବିଧାୟକ ମହାପାତ୍ର କହିଲେ, ନାଳଭେଡ଼ିରେ ପାନୀୟ ଜଳ ସମସ୍ୟା ଯଥେଷ୍ଟ ରହିଛି। କାରଣ ଶାନ୍ତିମୁନୀଠାରୁ ଦୀର୍ଘ ୪ କିମି ମାଟିତଳେ ମାତ୍ର ୩ ଇଞ୍ଚ ପାଇପ ପକାଯାଇଛି। ତାହା ମଧ୍ୟ ଗ୍ରାମର ରାମ ଦାସ ଘରଠାରୁ ଦୁଇଭାଗ ହୋଇଛି। ଏଠାରେ ୬ ଇଞ୍ଚ ପାଇପ ପ୍ ବଦଳରେ ମାତ୍ର ୩ ଇଞ୍ଚ ଯାଇଥିବାରୁ ଚାପ କମିଯାଉଛି। ଫଳରେ ହିତାଧିକାରୀଙ୍କ ଘରକୁ ପାନୀୟ ଜଳ ଯାଇପାରୁନାହିଁ। ମୁଖପାତ୍ର ସାହୁ କହିଲେ, ଜନଶୁଣାଣି ଶିବିରରେ ମହିଳା ଓ ଜଣେ ବରିଷ୍ଠ ଖବରଦାତାଙ୍କୁ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କଲେ ତାହା ଏରସମାର ସ୍ୱାଭିମାନକୁ ନଷ୍ଟ କରିଛି। ସେମାନଙ୍କ ସମ୍ମାନ ଫେରାଇ ଆଣିବା ପାଇଁ ଜିଲାପାଳ କ୍ଷମା ମାଗନ୍ତୁ। ନଚେତ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି କହିଥିଲେ।

## ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ | ୫କୋଟି ଟଙ୍କାର ସହାୟତା ବଣ୍ଟନ

ଜଗତସିଂହପୁର, ୨।୫ (ପ୍ରମୋଦ କୁମାର ନାୟକ )

ଜଗତ୍ସିଂହପୁର ଜିଲାର ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ତରଫରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ୨୦୨୬ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତ୍ସିଂହପୁର ଏମ୍ପି ବିଭୁ ପ୍ରସାଦ ତରାଇ, ଜଗତ୍ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲାପାଳ ଜେ. ସୋନାଲ, ଶ୍ରମିକ ନେତା ଲୋଭାକାନ୍ତ ସ୍ୱାଇଁ, ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକମାନଙ୍କୁ ଶ୍ରମିକ କଲ୍ୟାଣ ବୋର୍ଡ ଦାରା ପ୍ରଦତ୍ତ ବିଭିନ୍ନ ସହାୟତା ରାଶି ଓ ଯୋଜନା ସମ୍ବନ୍ଧରେ ଆଲୋକପାତ କରିବା ସହ ଉପସ୍ଥିତ ଶ୍ରମିକମାନଙ୍କୁ ସଚେତନ କରାଇଥିଲେ।


ଅତିଥିମାନେ ଜଣେ ଶ୍ରମିକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ଏହି ସମାରୋହରେ ଓଡିଶା ଅଣସଙ୍ଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୪୦ ଜଣଙ୍କୁ ପରିଚୟ ପତ୍ର ଓ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୨୫୦ ଜଣଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ସେହିପରି ବିଭିନ୍ନ ସହାୟତା ରାଶି ବାବଦରେ ୧୦୭୧ ଜଣ ବିଭିନ୍ନ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ୪ କୋଟି ୯୬ ଲକ୍ଷ ୩୮ ହଜାର ୪ ଶହ ଟଙ୍କାର ଆର୍ଥିକ ସହାୟତା ବଣ୍ଟନ କରାଯାଇଥିଲା। ଏହି ସମାରୋହକୁ ଜିଲା ଶ୍ରମ ଅଧିକାରୀ (କଲ୍ୟାଣ)ହକୁ ସ୍ମୃତିରେଖା ନାୟକ ପରିଚାଳନା କରିଥିଲେ। ଏଥିରେ ବାବା ଆନନ୍ଦ ରଞ୍ଜନ ଦାସ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଶିବ ନାରାୟଣ ସାହୁ ଜିଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ), ଅର୍ଚ୍ଚିତା ସାହୁ, ଶାନ୍ତନୁ କୁମାର ବ୍ରହ୍ମା, ଦେବାଶିଷ ମିଶ୍ର, ସହକାରୀ ଶ୍ରମ ଅଧିକାରୀ ଓ ଜିଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

ସେହିପରି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜଗତ୍ସିଂହପୁର ବ୍ଲକ ଅନ୍ତର୍ଗତ ମଣ୍ଡାସାହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲା ଓ ଦୌରା ଜଜ ତଥା ପ୍ରାଧିକରଣ ଅଧ୍ୟକ୍ଷ୍ୟ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷ୍ୟତାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜଜ୍ ହର ପ୍ରସାଦ ପଟ୍ଟନାୟକ, ଜିଲା ଅଦାଲତର ନିବନ୍ଧକ ତଥା ଭାରପ୍ରାପ୍ତ ପ୍ରାଧିକରଣ ସଚିବ ବିଶ୍ୱକଳ୍ପିତା ମହାନ୍ତି, ଏସ୍ଡି.ଜେଏମ ପ୍ରତ୍ୟୁଷ କୁମାର ଚାନ୍ଦ, ମୁନସିଫ୍ ସଂକେତ କୁମାର ସାମଲ, ଜେଏମ୍ଏଫ୍ସି ଅଙ୍କିତ ଦେୱାଙ୍ଗନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଅଦାଲତର ନିବନ୍ଧକ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ଜଜ ନାୟକ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ କିପରି ମାଗଣା ଆଇନ ସେବା ପାଇପାରିବେ ଏହି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରପତିମାନଙ୍କ ଦାରା ମୋଟ ୬ ଜଣ ହିତାଧିକାରୀଙ୍କୁ ୩ ଲକ୍ଷ ଟଙ୍କାର ବିବାହ ପ୍ରୋତ୍ସାହନରାଶି ବଣ୍ଟନ କରାଯାଇଥିଲା। ଶେଷରେ ସରପଞ୍ଚ ଶ୍ରୀମତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଗୁରୁ


@ ସରିତା


@ ନୀଳାଦ୍ରି


@ ସୀମା


@ ସାର୍ଥକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଦ୍ୟାଳୟ ପରିସରରୁ ରାତ୍ରି ଜଗୁଆଳିଙ୍କ ଝୁଲନ୍ତା ମୃତଦେହ ଜବତ

କୁଜଙ୍ଗ, ୨।୫(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାଲିତୁଠ ରାତ୍ରି ଜଗୁଆଳିଙ୍କ ସନ୍ଦେହଜନକ ଅବସ୍ଥାରେ ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ଜନାର୍ଦ୍ଦନପୁର ଗ୍ରାମର ଶ୍ରୀନିବାସ ମିଶ୍ର ।
ସବୁଦିନ ପରି ଶୁକ୍ରବାର ରାତିରେ ଶ୍ରୀନିବାସ ସ୍କୁଲ୍ ଜଗିବାକୁ ଯାଇଥିଲେ। ଶନିବାର ସକାଳୁ ପିଅନ ଫାଟକ ଖୋଲି ଭିତରକୁ ଗଲାବେଳେ ବିଦ୍ୟାଳୟ ଗୃହକୁ ଲାଗିଥିବା ଏକ ଆମ୍ବ ଗଛରେ ପ୍ଲାଷ୍ଟିକ ପାଇପ୍ ବନ୍ଧାଯାଇଥିବା ଜଣାପଡ଼ିଥିଲା। ସେଥିରେ ବେକରେ ରଶି ବନ୍ଧା ଅବସ୍ଥାରେ ଶ୍ରୀନିବାସ ବସିଥିବା ଦେଖିବାକୁ ମିଳିଥିଲା। ଶ୍ରୀନିବାସଙ୍କୁ ଡାକିବାରୁ ସେ କୌଣସି ଉତ୍ତର ଦେଇ ନଥିଲେ। ସ୍ଥାନୀୟ ଲୋକେ ପହଞ୍ଚିବା ପରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଏବିଷୟରେ ପ୍ରଧାନଶିକ୍ଷକଙ୍କ ସମେତ ପୋଲିସକୁ ଓ ପରିବାର ଲୋକଙ୍କୁ ସମ୍ପୃକ୍ତ ପିଅନ ଜଣାଇଥିଲେ। ଖବରପାଇ କୁଜଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସାଇଣ୍ଟିଫିକ ଟିମ ପାରିପର୍ଶିକ ଅବସ୍ଥା ଅନୁଧ୍ୟାନ କରି କେତେକ ନମୁନା ସଂଗ୍ରହ କରି ଫେରିଯାଇଛି। ମୃତକଙ୍କ ଭାଉଜ ସସ୍ମିତା ମିଶ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୧୦/୨୬)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀଣୀ କବିତା ଶ୍ୟାନ୍ତି କହିଛନ୍ତି। ଏହା ଏକ ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ରଶି ବନ୍ଧା ହୋଇଥିବା ପାଇପ୍‌ଟି ତଳେ ଲାଗିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଅପରପକ୍ଷେ ଶ୍ରୀନିବାସ ରାତି ପ୍ରାୟ ୧ଟା ବେଳେ ତାଙ୍କ ଫେସ ବୁକରେ 'ହେ ବନ୍ଧୁ ବିଦାୟ' ଲେଖି ପୋଷ୍ଟ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଶ୍ରୀନିବାସଙ୍କ ଦୁଇ ଝିଅ ଥିବା ବେଳେ ବଡ ଝିଅ ବାଲିତୁଠ ଉଚ୍ଚ ବିଦ୍ୟାଳୟ ରେ ପାଠ ପଢୁଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇ ଏ - ୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

କୁଜଙ୍ଗ,୨।୫(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ-ଏରସମା ରାସ୍ତାର ନଛିପରା ଛକ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ଘଟି ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଖବରରୁ ପ୍ରକାଶ ଯେ, ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜି ଗ୍ରାମର ଏକ ଘୋଡ଼ା ନାଚ ଦଳର ମଜୁରିଆ କଳାକାର ଶ୍ରୀତମ ଜେନା ଘୋଡ଼ା ନାଚ ପ୍ରଦର୍ଶନ ନିମନ୍ତେ କୁଜଙ୍ଗରୁ ଅଟୋରେ ଏରସମା ଅଭିମୁଖେ ଯାଇଥିଲେ । ମାତ୍ର ଅଟୋଟି ଭାରସାମ୍ୟ ହରାଇ ନଛିପରା ଛକ ନିକଟରେ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇ ଓଲଟି ପଡ଼ିଥିଲା । ଆଗରେ ବସିଥିବା ଶ୍ରୀତମ ତଳକୁ ଛିଟିକି ପଡ଼ିବାରୁ ତାଙ୍କ ଉପରେ ଅଟୋ ଓଲଟି ପଡ଼ିଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଅଟୋରେ ପ୍ରାୟ ୯ ଜଣ ଯାତ୍ରୀ ଥିଲାବେଳେ, ଅନ୍ୟ କାହାର କୌଣସି କ୍ଷତି ହୋଇନାହିଁ। ସ୍ଥାନୀୟ ଲୋକେ ଶ୍ରୀତମଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ହୋମିଓପାଥି ମେଡିକାଲ କଲେଜ ପାଇଁ ସ୍ଥାନ ଅନୁଧାନ

ନୟାଗଡ଼/ରଣପୁର,୨।୫ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

- ଅନୁଧାନ କରି ଫେରିଲେ ଆୟୁଷ ନିର୍ଦ୍ଦେଶିକା, ଯୁଗ୍ମ ନିର୍ଦ୍ଦେଶକ
- ଚାନ୍ଦପୁର ଚିକିତ୍ସାଳୟ ପରେ ନୟାଗଡ଼ରେ ଭିତ୍ତିଭୂମି ପରଖିଲେ
- ଚାନ୍ଦପୁରରେ ମେଡିକାଲ କଲେଜ ପାଇଁ ସବୁଜ ସଙ୍କେତ

ପ୍ରତି ଜିଲା ସଦର ମହକୁମାରେ ରାଜ୍ୟ ସରକାର ଭେଷଜ ମେଡିକାଲ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଛନ୍ତି। ତେବେ ନୟାଗଡ଼ ଜିଲାରେ ଭେଷଜ ମେଡିକାଲ ପ୍ରତିଷ୍ଠା ପୂର୍ବରୁ ସରକାର ହୋମିଓପ୍ୟାଥି ମେଡିକାଲ କଲେଜ କରିବା ପାଇଁ ଘୋଷଣା କରିଦେଲେ। ହୋମିଓପ୍ୟାଥି ମେଡିକାଲ କଲେଜ ପାଇଁ ଜିଲା ପ୍ରଶାସନ ଜମି ଖୋଜୁଥିବା ବେଳେ ସ୍ଥାନ ଚୟନ ଓ ଭିତ୍ତିଭୂମି ପରଖିବା ପାଇଁ ଶନିବାର ଆୟୁଷ ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା ଓ ଯୁଗ୍ମ ନିର୍ଦ୍ଦେଶକ ଭରତ ଭୂଷଣ ଦାସ ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ପହଞ୍ଚି ସ୍ଥାନ ଦେଖିବା ସହ ଭିତ୍ତିଭୂମି ପରଖିଥିଲେ। ରଣପୁର ବ୍ଲକର ଚାନ୍ଦପୁରଠାରେ ଏସିଆ ମହାଦେଶର ସର୍ବ ବୃହତ୍ ଯକ୍ଷ୍ମା ନିରାକରଣ କେନ୍ଦ୍ର ରହିଛି। ଯାହାକି ୨୦୧୩ ରେ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ପରିଣତ ହୋଇଥିଲା। ୧୧୭ ଏକର ଜମି ଉପରେ ଗଢ଼ି ଉଠିଥିବା ଚିକିତ୍ସାଳୟରେ ୨୨୦ ଶଯ୍ୟା ରହିଛି। ତେବେ ଚାନ୍ଦପୁରରେ କୋଲକତା ମାନ୍ଦ୍ରାସ ୧୬ ନଂ ଜାତୀୟ ରାଜପଥର ବାଇପାସ୍ ନିର୍ମାଣ ପରେ ଚିକିତ୍ସାଳୟର ଜମି ୯୭ ଏକର ୧୦ ଡେସିମିଲକୁ ଖସିଛି। ହେଲେ ମେଡିକାଲ କଲେଜ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ରହିଛି। ପୁଣି ମେଡିକାଲ କଲେଜ କରାଗଲେ ୨ ବର୍ଷ ପର୍ଯ୍ୟନ୍ତ ମେଡିକାଲ କଲେଜର ଆଉଟଡୋର ଚାଲିବାରେ ଅସୁବିଧା ନାହିଁ। ଯାହାକି ଚାନ୍ଦପୁରରର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଉପଲବ୍ଧ ଥିବାରୁ ଆୟୁଷ ନିର୍ଦ୍ଦେଶିକା ଓ ଯୁଗ୍ମ ନିର୍ଦ୍ଦେଶକ ସମ୍ପୃକ୍ତ ସ୍ଥାନରେ ମେଡିକାଲ କଲେଜ କରିବା ପାଇଁ ସହମତି ପ୍ରକାଶ କରିଥିବା ଜଣାପଡିଛି।


ଆୟୁଷ ନିର୍ଦ୍ଦେଶିକା ଓ ଅନ୍ୟମାନେ ସ୍ଥିତି ଅନୁଧାନ କରୁଛନ୍ତି ।

ଅନ୍ୟପକ୍ଷେ ଚାନ୍ଦପୁରରେ ମେଡିକାଲ କଲେଜ କରିବା ପାଇଁ ବହୁ ଦିନ ହେଲା ଦାବି ହୋଇ ଆସୁଥିଲା। ଆୟୁଷ ନିର୍ଦ୍ଦେଶିକା ଓ ଯୁଗ୍ମ ନିର୍ଦ୍ଦେଶକଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ସ୍ୱାଇଁ, ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ ଅଧୀକ୍ଷକ ତ୍ରିଲୋଚନ ବାରିକ, ସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଓ ରଣପୁର ତହସିଲଦାର ଉପସ୍ଥିତ ଥିଲେ। ପରେ ଜିଲା ପ୍ରଶାସନ ପକ୍ଷରୁ ୧୦ ଏକର ଜମି ଚିହ୍ନଟ ହୋଇଥିବା ନୟାଗଡ଼ ସଦର ଥାନା ପାଖ ନବ ନିର୍ମିତ ନୟାଗଡ଼ ଡିଏଭି ସ୍କୁଲ ପାଖ ଜମିକୁ ଯାଇ ଆୟୁଷ ନିର୍ଦ୍ଦେଶିକା ଓ ଯୁଗ୍ମ ନିର୍ଦ୍ଦେଶକ ଅନୁଧାନ କରିଥିଲେ। ନୟାଗଡ଼ର ସମ୍ପୃକ୍ତ ସ୍ଥାନ ପାହାଡିଆ ଅଞ୍ଚଳ ହୋଇଥିବାରୁ ଚାନ୍ଦପୁର ହୋମିଓପ୍ୟାଥି ମେଡିକାଲ କଲେଜ ପାଇଁ ଉପଯୁକ୍ତ ସ୍ଥାନ ହେବ ବୋଲି ଆୟୁଷ ନିର୍ଦ୍ଦେଶିକା ସରକାରଙ୍କୁ ସୁପାରିସ କରିବାର ଗ୍ରୀନ ସିଗନାଲ ଦେଇଥିବା ଜଣାପଡିଛି। ତେବେ ଏନେଇ ଗଣମାଧ୍ୟମକୁ ଏ ସମ୍ପର୍କରେ କିଛି ସୂଚନା ଦେଇ ନାହାନ୍ତି। ସରକାରଙ୍କର ସ୍ୱୀକୃତି ପରେ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ହୋମିଓପ୍ୟାଥି ମେଡିକାଲ କଲେଜ ପାଇଁ ଘୋଷଣା କରାଯିବାର ରହିଛି।


ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଗୁରୁ


@ ସରିତା


@ ନୀଳାଦ୍ରି


@ ସୀମା


@ ସାର୍ଥକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଶିକ୍ଷା ଶିଶୁର ଚାରିତ୍ରିକ, ଶୈକ୍ଷିକ ବିକାଶର ଚାବିକାଠି: ବାଚସ୍ପତି


ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଶରଣକୁଳ,୨।୫(ଦୀପକ କର)

## କେଏସ୍‌ବି ପବ୍ଲିକ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଶରଣକୁଳ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ୨୦୨୫–୨୬ ଭିକାରୀପଡ଼ାସ୍ଥିତ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ସ୍କୁଲ ସଭାପତି ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇ 'ଶିକ୍ଷା ଶିଶୁର ଚାରିତ୍ରିକ ଶୃଙ୍ଖଳା, ଶୈକ୍ଷିକ ତଥା ବୌଦ୍ଧିକ ବିକାଶର ଚାବିକାଠି, ଶିକ୍ଷା ବିନା ରାଜ୍ୟ ତଥା ଦେଶର ପ୍ରଗତି ଅସମ୍ଭବ' ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ ଶିଶୁର ଅନ୍ତର୍ନିହିତ ଗୁଣ ପରିପ୍ରକାଶର ପ୍ରମୁଖ ସ୍ଥଳ ହେଉଛି ବିଦ୍ୟାଳୟ ଓ ବାର୍ଷିକ ଉତ୍ସବ ହେଉଛି ଏହାର ମାଧ୍ୟମ। ଉତ୍କଳୀୟ ଶିକ୍ଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ହେଲେ ଶିଶୁର ସାମଗ୍ରିକ ବିକାଶର ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଓଡ଼ଗାଁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଜ କିଶୋର ସାହୁ, ଶରଣକୁଳ ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍କୁଲ ଅଧକ୍ଷ ନୀଳମାଧବ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ୨୦୨୫ ଶିକ୍ଷାବର୍ଷରେ ସରକାରୀ ମେଧାବୃତ୍ତି, ରାଜ୍ୟସ୍ତରୀୟ ଶିକ୍ଷା ପରିଷଦ ମେଧାବୃତ୍ତି, ଏନ୍‌ଆରଟିଏସ୍ ମେଧାବୃତ୍ତି, ପଠାଣିସାମନ୍ତ ଗଣିତ ମେଧାବୃତ୍ତି ଓ ମାଟ୍ରିକ ପରୀକ୍ଷାରେ ଏ–୧ ପାଇଥିବା ୨୦ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶତାଧିକ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ସହ ସମ୍ପାଦକ ରବୀନ୍ଦ୍ର କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଣ୍ଡପଡ଼ାର ପୂର୍ବତନ ଏସ୍‌ଡିପିଓ ନିଲମ୍ବିତ

## ମହିଳାଙ୍କୁ ପ୍ରେମ ନିବେଦନ ମହଙ୍ଗା ପଡ଼ିଲା

ଭୁବନେଶ୍ୱର/ଭାପୁର/ନୟାଗଡ଼,୨।୫ (ପ୍ରସନଜିତ୍ ସାହୁ/ ପ୍ରଭାତ ବରାଡ/ ଲୋକନାଥ ମିଶ୍ର): ଥାନାକୁ ଅଭିଯୋଗ ନେଇ ଆସିଥିବା ଜଣେ ବିବାହିତା ମହିଳାଙ୍କୁ ପ୍ରେମ ନିବେଦନ କରିବା ସହ ନିର୍ଯାତନା ଦେବା ଘଟଣାରେ ନୟାଗଡ଼ ଜିଲା ଖଣ୍ଡପଡାର ପୂର୍ବତନ ଏସ୍‌ଡିପିଓ ମଦନମୋହନ ପ୍ରଧାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ମଧ୍ୟ ଏନେଇ ଚିଠି ନଂ.୧୪୭୭୦ ଜାରି କରାଯାଇଛି।

ଅଭିଯୋଗ ଅନୁସାରେ, ନୟାଗଡ଼ ଜିଲା ଫତେଗଡ ଥାନାରେ ଥିବା ଏକ ପୁରୁଣା ମାମଲାର ସମାଧାନ କରିବାକୁ ଖଣ୍ଡପଡା ଏସ୍‌ଡିପିଓ ମଦନମୋହନ ଫତେଗଡ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଡାକି ପ୍ରେମ ନିବେଦନ କରୁଥିଲେ। ମାତ୍ର ମହିଳାଜଣକ ରାଜି ହେଉ ନ ଥିବାରୁ ଏସ୍‌ଡିପିଓ ତାଙ୍କ ସ୍ୱାମୀକୁ ମିଛ ମାମଲାରେ ଫସାଇ ଗିରଫ କରିବାକୁ ଧମକ ଦେବାସହିତ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଫୋନ୍ କଲ୍ ଓ ହ୍ୱାଟ୍‌ସଆପ୍ ଚାଟିଂ କରି ଅଶ୍ଳୀଳ ଫଟୋ ମାଗିବା ସହ ଶାରିରୀକ ସମ୍ପର୍କ ରଖିବା ପାଇଁ ବାରମ୍ବାର ବାଧ୍ୟ କରୁଥିବା ନେଇ ପୀଡିତା ମହିଳା ଅଭିଯୋଗ କରିଥିଲେ। ମହିଳା ଜଣକ ଫତେଗଡ଼ ଥାନାରେ ଅଭିଯୋଗ କରିବା ସହ ନ୍ୟାୟ ପାଇଁ ଡିଜିପି ଏବଂ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଫତେଗଡ଼ ଥାନାରେ ଏକ ମାମଲା (କେସ୍ ନଂ. ୧୧୮/୨୦୨୬) ରୁଜୁ ପରେ ଏସ୍‌ଡିପିଓ ମଦନମୋହନଙ୍କୁ ପ୍ରଥମେ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ଏଥିସହ ତାଙ୍କ ନିର୍ଦ୍ଦେଶରେ ୪ ଜଣ ଯୁବକ ସୋସିଆଲ ମିଡ଼ିଆରେ ମହିଳାଙ୍କ ଚରିତ୍ରକୁ ନେଇ ପୋଷ୍ଟ କରିଥିବାରୁ ସେମାନଙ୍କ ନାମରେ ମଧ୍ୟ ଏକ ମାମଲା (କେସ୍ ନଂ. ୧୨୮/୨୦୨୬) ରୁଜୁ ହୋଇଥିଲା। ତେବେ ସମ୍ପୃକ୍ତ ପୋଲିସ ଅଫିସରଙ୍କୁ ନିଲମ୍ବନ ନୁହେଁ, ଗିରଫ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପୂର୍ବରୁ ତାଙ୍କ ନାମରେ ଅନେକ ଅଭିଯୋଗ ରହିଛି। ଡିଜିପିଙ୍କ ଉପରେ ମୋର ସମ୍ପୂର୍ଣ୍ଣ ଭରସା ରହିଛି। ଏସ୍‌ଡିପିଓଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ରଶ୍ମିତା ନିବେଦନ କହିଛନ୍ତି।



# ଚତୁର୍ଥୀ ପୂର୍ବରୁ ନାବାଳିକା ନବବଧୂଙ୍କୁ ଉଠାଇନେଲା ପୋଲିସ

## ଚକ୍‌ମା ଦେଖାଇ ବର ଫେରାର

ନୟାଗଡ଼,୨।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଚାଇଲ୍ଡ ହେଲ୍ପ ଲାଇନ୍ ଦ୍ୱାରା ଇଟାମାଟି ଥାନା ଡେଙ୍ଗେରାଗୋଡି ଅଞ୍ଚଳରେ ଚତୁର୍ଥୀ ପୂର୍ବରୁ ଶାଶୁଘରୁ ଜଣେ ନାବାଳିକା ନବବଧୂକୁ ଉଠାଇନେଲା ପୋଲିସ । ନୟାଗଡ଼ ଚାଇଲ୍ଡ ହେଲ୍ପ ଲାଇନ୍ ଓ ପୋଲିସର ଚଢ଼ାଉ ଦେଖି ବର ଚକ୍‌ମା ଦେଖାଇ ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ କନ୍ୟା ନାବାଳିକା ହୋଇଥିବାରୁ ବାଲ୍ୟ ବିବାହ ଆଇନ ଅନୁସାରେ ବିବାହ ହୋଇ ପାରିବ ନାହିଁ। ଏନେଇ ଚାଇଲ୍ଡ ହେଲ୍ପ ଲାଇନ୍ ଓ ପୋଲିସ ଟିମ୍ ପକ୍ଷରୁ ଉଭୟ ପରିବାର ସଦସ୍ୟଙ୍କୁ ସଚେତନ କରାଯାଇଥିଲା। କିନ୍ତୁ ଏହାକୁ ନ ମାନି ଉଭୟ ପରିବାର ଗୁରୁବାର ବିବାହ ଶେଷ କରିଥିଲେ। ରବିବାର ବର ଦିଲୀପ କୁମାର ପରିଡା (୨୭)ଙ୍କ ଘର ଲୋକ ଚତୁର୍ଥୀ ଭୋଜିର ଆୟୋଜନ କରିଥିଲେ। ଶୁକ୍ରବାର ଚାଇଲ୍ଡ ହେଲ୍ପ ଲାଇନ୍ ଟିମ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପୋଲିସ ଓ ଶିଶୁ ସୁରକ୍ଷା ୟୁନିଟ ସହଯୋଗରେ ନାବାଳିକା ନବବଧୂଙ୍କୁ ଦିଲୀପଙ୍କ ଘରୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଇଥିଲେ। ଶିଶୁମଙ୍ଗଳ କମିଟି ନିର୍ଦ୍ଦେଶ କ୍ରମେ ନାବାଳିକା ନବବଧୂଙ୍କୁ ସଖୀ କେନ୍ଦ୍ରରେ ରଖାଯାଇଛି । ଚାଇଲ୍ଡ ହେଲ୍ପ ଲାଇନ୍ ଟିମ୍‌ର ଅଳକା ପାହାଡା ସିଂ, ବିଭୁତି ଭୂଷଣ ସାହୁ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ସଦସ୍ୟମାନେ ଚଢାଉର ମିଳିତ ଭାବେ ସହଯୋଗ କରିଥିଲେ।

# ଆକ୍ରମଣରେ ଯୁବକ ଗୁରୁତର, ୩ ଜଣଙ୍କ ନାମରେ ମାମଲା ରୁଜୁ

ଖଣ୍ଡପଡ଼ା, ୨।୫ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଖଳିସାହି ପଞ୍ଚାୟତ ପୁଆଣିଆଁ ଗ୍ରାମରେ ଗତ ୨୯ ତାରିଖରେ ଏକ ବିବାହ ଶୋଭାଯାତ୍ରା ବେଳେ ସେହି ଗ୍ରାମର ଦୀପକ ପରିଡା ଏକ ଗୁହାଳ ଘରେ ମଦ୍ୟପାନ କରିବାକୁ ଯାଉଥିବା ବେଳେ ଏହାକୁ ବିରୋଧ କରି ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ସେହି ଗ୍ରାମର ଅଶୋକ ବେହେରା। ଦୀପକଙ୍କ ଆକ୍ରମଣରେ ଅଶୋକଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିବା ବେଳେ ସଂପୃକ୍ତ ଯୁବକ ଦୀପକଙ୍କୁ ସେହି ସମୟରେ ଅଟକାଇବା ପାଇଁ ଗ୍ରାମବାସୀ ସାହସ ଜୁଟାଇ ପାରିନଥିଲେ। ଦୀପକଙ୍କୁ ସମର୍ଥନ ଜଣାଇ ତାଙ୍କ ବାପା ଓ ମା ମଧ୍ୟ ଗାଁ ମଝିରେ ଅଶୋକଙ୍କ ପରିବାରବର୍ଗଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିବାକୁ ଉଦ୍ୟତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଶୋକଙ୍କୁ ଗ୍ରାମବାସୀ ଓ ଜନୈକ ଯୁବକ ଘଟଣାସ୍ଥଳରୁ ଉଦ୍ଧାର କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଘଟଣା ସମ୍ପର୍କରେ ଅଶୋକ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ଆକ୍ରମଣ ଘଟଣାରେ ସଂପୃକ୍ତ ଥିବା ଦୀପକ ଓ ତାଙ୍କ ବାପା ଶଶିଧର ପରିଡା ଓ ମା ପୁଷ୍ପଲତାଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବା ଖଣ୍ଡପଡ଼ା ଥାନାଧିକାରୀ କୃତ୍ତିବାସ ହରିଚନ୍ଦନଙ୍କଠାରୁ ପ୍ରକାଶ। ତେବେ ଘଟଣାରେ ସମ୍ପୃକ୍ତ ନ ଥିବା ପୁଆଣିଆ ଗ୍ରାମର ଜନୈକ ଯୁବକ ଓ ତାଙ୍କ ପୁଅଙ୍କ ନାମରେ ପ୍ରତିପକ୍ଷଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଥିବାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ନଂ ୧୧୨/ ୨୬ରେ ମାମଲା ରୁଜୁ ହୋଇଛି।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭାପୁର,୨।୫(ପ୍ରଭାତ ବରାଡ଼)

ଭାପୁର ବ୍ଲକ ଏଲପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରତିମା ପାତ୍ରଙ୍କୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏବିଇଓ ପ୍ରଭାକର ସାମନ୍ତରାୟ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଶିକ୍ଷକ ନେତା ନିରଞ୍ଜନ ଦଳବେହେରା ଓ ସମ୍ମାନିତ ଅତିଥି ଶିକ୍ଷକ ସୁରେଶ ଚନ୍ଦ୍ର ମହାରଣା, ପଞ୍ଚାନନ ମହାପାତ୍ର, ଲକ୍ଷ୍ମୀଧର ଖୁଣ୍ଟିଆ, ଦେବେନ୍ଦ୍ର ଆଚାର୍ଯ୍ୟ, ରାଜକିଶୋର ଦାସ, ସିଆରସିସି ଶ୍ରୀକାନ୍ତ ଶତପଥୀ, ମୋ ସ୍କୁଲ କମିଟି ସଭାପତି ତ୍ରିଲୋଚନ ସାହୁ ପ୍ରମୁଖ ଯୋଗଦେଇ ଅବସର ନେଇଥିବା ଶିକ୍ଷୟିତ୍ରୀ ପାତ୍ରଙ୍କ ଛାତ୍ରବତ୍ସଳତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଙ୍କ କାର୍ଯ୍ୟାବଳୀର ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ପାତ୍ରଙ୍କ କାର୍ଯ୍ୟକଳାପ, ସମୟାନୁବର୍ତ୍ତିତା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ପ୍ରସନ୍ନ କୁମାର ଲେଙ୍କା। ବିଦ୍ୟାଳୟ ତରଫରୁ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ସହିତ ଅନ୍ୟାନ୍ୟ ଉପଢୌକନ ପ୍ରଦାନ କରାଯାଇଥିଲା।


ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

# ଦୋକାନରେ ନିଆଁ ଲାଗି ସ୍ତ୍ରୀ, ସ୍ୱାମୀ ଗୁରୁତର

ଭାପୁର,୨।୫ (ପ୍ରଭାତ ବରାଡ଼)

ଫତେଗଡ଼ ଥାନା ଅନ୍ତର୍ଗତ ରାଣୀଛେକି ପଞ୍ଚାୟତ କଳପଙ୍ଗୀ ଗ୍ରାମରେ ଥିବା ଏକ ଦୋକାନରେ ନିଆଁ ଲାଗି ସ୍ତ୍ରୀ ଓ ସ୍ୱାମୀ ଗୁରୁତର ହୋଇଛନ୍ତି। କଳପଙ୍ଗୀ ଗ୍ରାମର ଗୟାଧର ପରିଡ଼ା (୭୦) ଗ୍ରାମରେ ଏକ ଦୋକାନ କରି ଗୁଜରାଣ ମେଣ୍ଟାଇଥାନ୍ତି। ଦୋକାନରେ ବେଆଇନ ଭାବରେ ପେଟ୍ରୋଲ ରଖି ବିକ୍ରି କରିଥାନ୍ତି। ଗୁରୁବାର ଅପରାହ୍ଣରେ କାଳବୈଶାଖୀ ଯୋଗୁ ବିଦ୍ୟୁତ୍ ନ ଥିବାରୁ ସନ୍ଧ୍ୟାରେ ଦୋକାନରେ ଲଣ୍ଠନ ଲଗାଇ ବିକ୍ରି କରୁଥିଲେ। ପାଖରେ ଥିବା ପେଟ୍ରୋଲରେ ନିଆଁ ଲାଗି ଯାଇଥିଲା। ଫଳରେ ଦୋକାନରେ ଥିବା ତାଙ୍କ ସ୍ତ୍ରୀ ସୁବାସି ପରିଡ଼ା (୬୨) ଓ ଗୟାଧର ଉଭୟଙ୍କ ଦେହରେ ନିଆଁ ଲାଗି ପୋଡ଼ି ଯାଇଥିଲେ। ଗ୍ରାମବାସୀ ଉଭୟଙ୍କୁ ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଡାକ୍ତରଙ୍କ ସୂଚନା ଅନୁଯାୟୀ, ସୁବାସି ୭୦ଭାଗ ପୋଡ଼ିଯାଇଛନ୍ତି। ଅବସ୍ଥା ସଂକଟାପନ୍ନ ଥିବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି।

# ଅନ୍ଧାରରେ ବାଡ଼ି ବୁଲାଉଛି ପୋଲିସ

## ବୈଷ୍ଣୋଦେବୀ ମନ୍ଦିରରୁ ଚୋରି ଘଟଣାକୁ ୩ ଦିନ ବିତିଲା

## ୪୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର ଚୋରି

ନୟାଗଡ଼,୨।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶରଣକୁଳ ଥାନା ଶରଧାପୁର ପଞ୍ଚାୟତ ଚୋରଖୋଲ ଜଙ୍ଗଲର ଜାମୁକୋଣଠାରେ ବିଜେ ମା' ବୈଷ୍ଣୋଦେବୀଙ୍କ ମନ୍ଦିରରୁ ଗତ ଗୁରୁବାର ରାତିରେ ୪୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି। ଚୋରି ଘଟଣାକୁ ୩ଦିନ ବିତିବାକୁ ବସିଥିବା ବେଳେ ପୋଲିସ ଅନ୍ଧାରରେ ବାଡି ବୁଲାଉଥିବା ଅଭିଯୋଗ ଉଠିଛି। ଚୋରମାନେ ମା' ବୈଷ୍ଣୋଦେବୀଙ୍କ ୩ଟି ସୁନା ମୁକୁଟ ଏବଂ ୩ଟି ହାର, ଚାନ୍ଦିର ୩ଟି ଛତି, ବୈଷ୍ଣୋଦେବୀଙ୍କ ନିକଟସ୍ଥ ୩ ପିଣ୍ଡିର ମହାକାଳି, ମହାଲକ୍ଷ୍ମୀ ଓ ସରସ୍ୱତୀଙ୍କର ସୁନାର ହାର ଓ ମୁକୁଟ ଚୋରାଇ ନେଇଛନ୍ତି। ଅଭିଯୋଗ ପରେ ଶରଣକୁଳ ଆଇଆଇସି ଓ ଏସ୍‌ଡିପିଓ ପହଞ୍ଚି ତଦନ୍ତ କରିଥିଲେ। ଏପରିକି ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀକୁକୁର ମଧ୍ୟ ତଦନ୍ତ କରି ଫେରିଛନ୍ତି। ଗତ ୩୦ ତାରିଖ ଅପରାହ୍ଣରୁ ରାତି ତମାମ କାଳ ବୈଶାଖିର ପ୍ରକୋପ ଦେଖା ଦେଇଥିଲା। ଜୋରରେ ପବନ ବହିବା ସହ ବର୍ଷା ବି ହୋଇଥିଲା।


ଚୋରିର ପୋଲିସ ତଦନ୍ତ କରୁଛି।

ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ମନ୍ଦିର କର୍ତ୍ତୃପକ୍ଷ ସିସିଟିଭି ବନ୍ଦ କରିଥିଲେ। ଲାଇନ୍ ନ ଆସିବାରୁ ଇନଭର୍ଟର ମଧ୍ୟ ଅଚଳ ହୋଇଯାଇଥିଲା। ରାତ୍ର ଜଗୁଆଳ ନିୟୋଜିତ ଥିଲେ ବି ଶୋଇ ପଡଥିଲେ। ଏଭଳି ସୁଯୋଗରେ ଚୋରମାନେ ମନ୍ଦିରର ପ୍ରବେଶ ପଥ ତାଲା କାଟିଥିଲେ। ତେବେ ମନ୍ଦିର ଭିତରପଟୁ ପ୍ରବେଶ ପଥର ଶିଙ୍କୁଳି ବନ୍ଦ ଥିବାରୁ କବାଟ ଖୋଲିଲା ନାହିଁ। ତେବେ ଚୋରମାନେ ପ୍ରସ୍ଥାନ ପାର୍ଶ୍ୱ କବାଟର ତାଲା ତାଲା କାଟିଥିଲେ। ଭିତର ପଟ କବାଟ ର ଶିଙ୍କୁଳି ଦିଆ ଯାଇ ନ ଥିବାରୁ କବାଟ ଖୋଲିବାରୁ ଚୋରି ହୋଇଥିଲା। ରାତି ୧ଟାରୁ ୪ଟା ମଧ୍ୟରେ ଚୋରି ହୋଇଥିବା ଅନୁମାନ କରାଯାଉଛି। ତେବେ ଚୋରମାନେ ମାଙ୍କର ଦାନବାକ୍ସରୁ ଚୋରି କରି ନାହାନ୍ତି। ଚୋରି ନେଇ ମନ୍ଦିର କର୍ତ୍ତୃପକ୍ଷ ଅବଗତ ହେବା ପରେ ପୋଲିସକୁ ଖବର ଦେଇଥିଲେ। ରାତ୍ର ଜଗୁଆଳିଙ୍କୁ ଅଟକ ରଖି ପୋଲିସ ଘଟଣାର ତଦନ୍ତ କରିଥିଲା।

### ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍

ବୈଷ୍ଣୋଦେବୀଙ୍କ ମନ୍ଦିରରୁ ୪୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି, ଯୌନ ନିର୍ଯାତନା ପ୍ରସଙ୍ଗରେ ଖଣ୍ଡପଡାର ପୂର୍ବତନ ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କ ନିଲମ୍ବନ, ଜିଲାରେ ଦେଶୀ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ଅବାଧ କାରବାର ବଢ଼ି ଚାଲିଛି। ପୋଲିସ ପ୍ରଶାସନ ଅପରାଧିଙ୍କ ଉପରେ ଅଙ୍କୁଶ ଲଗାଇବାରେ ବିଫଳ ହେବା ପରେ ସାଧାରଣ ଲୋକଙ୍କ ନିଦ ହଜି ଯାଇଛି। ପୁଣି ପେକ୍‌ସୋ ମାମଲାରେ ନାବଳିକା ପୀଡିତା ଉଦ୍ଧାର କ୍ଷେତ୍ରରେ ନୟାଗଡ଼ ପଛରେ ଏବଂ ସାଇବର କ୍ରାଇମ କ୍ଷେତ୍ରରେ ନୟାଗଡ଼ ଏସ୍‌ପିଙ୍କ ଅପାରଗତାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଏନେଇ ଏସପି ଓ ଅତିରିକ୍ତ ଏସପିଙ୍କ ବଦଳି ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ଟୁଇଟ୍ କରିଛନ୍ତି।

# ୨ ନାବାଳିକାଙ୍କୁ ବଳାତ୍କାର, ବୃଦ୍ଧ ଗିରଫ

**ରାଉରକେଲା, ୨।୫(ସଙ୍ଗୀତା ଜେନା)**

ଇସ୍ପାତ ସହର ରାଉରକେଲାର ସେକ୍ଟର-୧୯ ଥାନା ଅଞ୍ଚଳରେ କୋଲ୍ ଡ୍ରିଙ୍କ୍ସ କିଣିବା ବାହାନାରେ ୨ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ହମିରପୁର ବାସିନ୍ଦା ସନାତନ ନାୟକ(୬୫)। ଶୁକ୍ରବାର ଅପରାହ୍ନ ୧ଟାରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୯୩/୨୬) ରୁଜୁ ହୋଇଛି। ଏସ୍‌ଡିପିଓ ମନୋରଞ୍ଜନ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ସେକ୍ଟର-୧୯ ଥାନା ଅନ୍ତର୍ଗତ ହମିରପୁର ଅଞ୍ଚଳରେ ପୁଅବୋହୂଙ୍କ ସହ ରହୁଥିଲେ। ଗୁରୁବାର ଅପରାହ୍ନ ୧ଟାରେ ବୃଦ୍ଧ ଜଣଙ୍କ ପଡୋଶୀ ୨ ନାବାଳିକାଙ୍କୁ କୋଲ୍ ଡ୍ରିଙ୍କ୍ସ କିଣିବା ବାହାନାରେ ଡାକି ବଳାତ୍କାର କରିଥିଲେ। ନାବାଳିକା ଦ୍ୱୟ ଏହି କଥା ସେମାନଙ୍କ ଘରେ କହିବା ପରେ ଗୁରୁବାର ବିଳମ୍ବିତ ରାତିରେ ଥାନାରେ ଏ ନେଇ ଅଭିଯୋଗ ହୋଇଥିଲା। ଶୁକ୍ରବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।


**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀନିକା ପଧାନ (ଶ୍ରୀନୁ)**
ଘେନୁପାଲି, ବଡସାହିର, ସମ୍ବଲପୁର
ତୋର ଚଲାପଥ କୁସୁମିତ ହେଉ, ଆଜି ତୋର ଅଷ୍ଟମ ଜନ୍ମବାର୍ଷିକୀରେ ମା' ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ମା', ବାପା, ଅଜା, ଆଇ ଓ ଶୁଭେଚ୍ଛୁବୃନ୍ଦ।
ଧ-୨୭୩


# ପରକୀୟା ପ୍ରୀତିରୁ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ

## ସ୍ୱାମୀ ଓ ତାଙ୍କ ପ୍ରେମିକା ଥାନାରେ ଅଟକ

**ନନ୍ଦାହାଣ୍ଡି, ୨।୫, (ପ୍ରତୀପ କୁମାର ଦାଶ)**

ପରକୀୟା ପ୍ରୀତିରୁ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ ଆସିବା ପରେ ସ୍ୱାମୀ ଓ ତାଙ୍କ ପ୍ରେମିକାଙ୍କ ଅଟକ ରଖିଛି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପୋଲିସ। ନନ୍ଦାହାଣ୍ଡି ବ୍ଲକ୍ ଦହଣା ପଞ୍ଚାୟତ ଅଧୀନ ମରାଳି ଗ୍ରାମରୁ ଶୁକ୍ରବାର ଏଭଳି ଅଭିଯୋଗ ଆସିଛି। ମୃତକ ହେଲେ ମରାଳି ଗ୍ରାମର ସଲମୋନ ଟାକ୍ରୀଙ୍କ ସ୍ତ୍ରୀ ପ୍ରୀତି।

ସୂଚନାନୁଯାୟୀ, କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅଧୀନ ବେଥନିଆ ଗ୍ରାମର ସଞ୍ଜିତା ଖୁରାଙ୍କ ଝିଅ ପ୍ରୀତି ସଲମୋନଙ୍କୁ ବିବାହ କରିଥିଲେ। କିନ୍ତୁ ବିବାହ ପରେ ମଧ୍ୟ ସଲମୋନଙ୍କ ଅନ୍ୟ ଝିଅଙ୍କ ସହ ପ୍ରେମ ସମ୍ପର୍କ ଥିଲା; ଯାହାକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିବାରୁ ପ୍ରୀତି ବାପଘରକୁ ଚାଲିଯାଇଥିଲେ। ପରେ ସ୍ୱାମୀ ସ୍ତ୍ରୀଙ୍କ ଆପୋସ ବୁଝାମଣା ଓ ଉଭୟ ପରିବାରଙ୍କ ସହମତିରେ ସଲମୋନ ପ୍ରୀତିଙ୍କୁ ଘରକୁ ନେଇ ଫେରିଥିଲେ। ଏହା ମଧ୍ୟରେ ସେମାନଙ୍କ ଏକ କନ୍ୟା ସନ୍ତାନ ମଧ୍ୟ ଜନ୍ମ ହୋଇଥିଲା। କିନ୍ତୁ ଏହାପରେ ମଧ୍ୟ ସଲମୋନଙ୍କର ତାଙ୍କ ପ୍ରେମିକାଙ୍କ ସହ ପରକୀୟା ପ୍ରୀତି ଥିଲା।

ଶୁକ୍ରବାର ପ୍ରୀତି ନିଜ ଝିଅକୁ ସ୍ୱାମୀଙ୍କୁ ଦେଇ ଘର କାମ କରୁଥିଲେ। କାମ ସାରି ପ୍ରୀତି ସ୍ୱାମୀଙ୍କୁ ଖୋଜିବା ବେଳେ ସଲମୋନଙ୍କୁ ପ୍ରେମିକାଙ୍କ ସହ ଦେଖିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ପ୍ରୀତି ଘରକୁ ଚାଲିଯାଇଥିଲେ। କିଛି ସମୟ ପରେ ବେକରେ ଦଉଡି ଦେଇ ପ୍ରୀତି ଝୁଲୁଥିବା ଦେଖି ସଲମୋନ ତାଙ୍କୁ ଉଦ୍ଧାରକରି ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରୀତିଙ୍କୁ ମୃତ ଘୋଷଣା କରିଥିଲେ। କିନ୍ତୁ ସ୍ୱାମୀ ସଲମୋନ ଓ ତାଙ୍କ ପ୍ରେମିକା ପ୍ରୀତିଙ୍କୁ ହତ୍ୟାକରି ଏହାକୁ ଆତ୍ମହତ୍ୟ ରୂପ ଦେବାକୁ ଚେଷ୍ଟା କରୁଥିବା ନେଇ ମୃତକଙ୍କ ମା' ତେନ୍ତୁଳିଖୁଣ୍ଟି ଥାନାରେ ଅଭିଯୋଗ କରିଥିଲେ। ଏତଲା ଆଧାରରେ ତେନ୍ତୁଳିଖୁଣ୍ଟି ପୋଲିସ ୮୪/୨୦୨୬ ରେ ଏକ ମାମଲା ରୁଜୁ କରିଛି। ଉଭୟ ସଲମାନ ଓ ତାଙ୍କ ପ୍ରେମିକାଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରଣବ ଟୁଡୁ କହିଛନ୍ତି। ହତ୍ୟାକାଣ୍ଡରେ ପ୍ରେମିକାଙ୍କ ଭୂମିକା ସନ୍ଦେହ ଘେରରେ ରହିଥିବାରୁ ତାଙ୍କୁ ଅଟକ ରଖି ଅଧିକ ତଦନ୍ତ କରାଯାଉଥିବା ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି।

# ୪୮୦ ବୋତଲ କଫ ସିରପ୍ ଜବତ, ଯୁବକ ଗିରଫ



ଜବତ କଫ ସିରପ୍, ଗିରଫ ଅଭିଯୁକ୍ତ।

**ଲଖନପୁର, ୨।୫(ଗୌତମ ସାହୁ)**

କଫ ସିରପ ଚୋରାଚାଲାଣ ଅଭିଯୋଗରେ ରେଙ୍ଗାଲି ପୋଲିସ ମହମ୍ମଦ ଆଲ୍‌ତାଫ୍ ଅନ୍‌ସାରୀ (୩୯) ନାମକ ଅଭିଯୁକ୍ତଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ତାଙ୍କ ଘର ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତାଳିକିପଡ଼ା ଗ୍ରାମରେ ହୋଇଥିବାବେଳେ ସେ ରାଉରକେଲାର କୁଲୁଙ୍ଗା ମୁସ୍‌ଲିମ୍ ବସ୍ତି ଅଞ୍ଚଳରେ ରହୁଥିଲେ। ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ୪୯ ନମ୍ବର ଜାତୀୟ ରାଜପଥର ସମରବଗା ନିକଟରେ ରେଙ୍ଗାଲି ଥାନା ଏସ୍‌ଆଇ ଚିତ୍ରସେନ ଦେହେରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଲଖନପୁର ପଟୁ ରାୟଗଡ଼ ଅଭିମୁଖେ ଆସୁଥିବା ଏକ ନମ୍ବର ବିହୀନ କାର୍‌କୁ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ଚାଳକ ସେଠାରୁ ଖସି ପଳାଇଥିଲେ। ପରେ ପୋଲିସ ଉକ୍ତ କାର୍‌କୁ ପିଛାକରି କୁରେଇମାଲ କାଳୀମନ୍ଦିର ନିକଟରେ ଅଟକାଇଥିଲା। ଯାଞ୍ଚବେଳେ କାର୍ ଭିତରୁ ୪୮୦ ବୋତଲ କଫ ସିରପ, ଏକ ମୋବାଇଲ ଫୋନ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ଏହି ନିଶାଦ୍ରବ୍ୟ ଝାଡ଼ଖଣ୍ଡର ରାଞ୍ଚିରୁ ଆଣି ଅଧିକ ଲାଭ ଆଶାରେ ଛତିଶଗଡ଼କୁ ଚୋରା ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୧୨୨/୨୬) ରୁଜୁ ହୋଇଛି। ଏ ସମ୍ପର୍କରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି, ଅଭିଯୁକ୍ତ ଜଣକ ଦୀର୍ଘଦିନ ହେବ କଫ ସିରପ ଚୋରାଚାଲାଣ କାର୍ଯ୍ୟରେ ଜଡ଼ିତ ରହିଛନ୍ତି।


# Classified Everyday
0674-2580101, 9692975378



MATRIMONIAL

**GROOM WANTED**

ବୟସ 26, Private ଚାକିରି କରୁଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7735667587. D-268

45 ବର୍ଷ, Food & Safety Departmentରେ କାର୍ଯ୍ୟ କରୁଥିବା ମହିଳାଙ୍କ ପାଇଁ ବରପାତ୍ର ଆବଶ୍ୟକ, 18455853154. D-272



**REAL ESTATE**

**SALE**

Spacious 2BHK-1495sqft./3BHK-2149sqft. flats in Versa Sattva under construction near - Hi-Tech Hospital, Narayana School, Bhubaneswar. Price 1.12cr onwards. Contact: 9777622740, 9777632740. D-120

ହଂସପାଳ ଗୁଆଳିରେ ଘରବାରି ଫ୍ଲଟ୍ ବ୍ୟାଙ୍କ୍ ଲୋନ ସୁବିଧାଥାଇ ବିକ୍ରି ହେବ। **Sqft. Rs.1350/-, 9337259012.** D-184

ଭୁବନେଶ୍ୱର **AIIMS Medical** ନିକଟରେ **Gated society plot, Duplex** ନିଅନ୍ତୁ। **6370132635.** D-34



**CONSTRUCTION**

Construct Your Home with Premium Materials, Tata Rod Ultratech Cement, Colour, Tiles, Phd, Electric, All Complete starting price 1350/-. 9040987179. D-267

Supervision of construction of Building & planning by senior professional Civil Engineer. Mob.-8144815298. D-262

Construct your dream home @999/-, 1560/- with branded materials, we provide plan approval, free boring(Vastu complaints) SNV Engineering-9439295469. D-212




3BHK flat at Chandrama Complex, Block-A, Unit-III 3BHK flat at Park Tower, Ganga Nagar, Bhubaneswar Contact: 9348491449, 9437062777. D-230

Commercial Space Available: 200 to 1200sqft. suitable for Shop, Office, Bank, or Institute 1500 to 8000sqft. at Rajpath, Bhubaneswar Contact: 9348491449, 9437062777. D-231




Full body massage, Home service available, Male, Female. Contact: 7377143756. D-270

All types hair cutting/ massage by smart female, one hour 700/-, - Room services available. Contact: 9937833100. D-76308

Newly open health benefits spa by expert therapist. Contact-7504222886. D-76963

Now Matrimonial ads. only on Wednesday & Sunday
Book 1 Get 1 FREE

All types of physiotherapy and massage. Contact 9556924059 / 7656969134. D-257




Get Astro Guidance/ Gemstone Suggestions WhatsApp to 8796287768. D-275

**LOST**

I, GOLAPI NAIK, W/o.- Late Gobinda Chandra Naik, R/o.- Bilaigarh, P.O.- Laing, P.S.- Rajgangpur, Dist.- Sundargarh, Odisha do hereby declare that on 05.02.2026 a cheque bearing No.- 050952 of "Honkong & Shanghai Banking Co-operation Ltd. 52/60, Mahatma Gandhi Road, Mumbai." has been misplaced at my esidence. In that respect I have lodged missing report at Kansbahal out-Post vide S.D. No.- 05/OP Dtd.- 26.4.2026. D-277

**AFFIDAVIT**

By virtue of an affidavit sworn before EXECUTIVE MAGISTRATE, BHUBANESWAR, on dated 29.04.2026, I, (Applicant Name) PRATIMA SAHOO, Address: Vill.- SUBUDHIPARA, P.O.- MANGALPUR, P.S.- PIPILI, DIST.- PURI, ODISHA, PIN- 752104, State- ODISHA declare that I have changed the name of my daughter from LAKINA SAHOO (Old name) to DIBYA PRIYADARSHINI SAHOO (New name). Henceforth, she shall be known as DIBYA PRIYADARSHINI SAHOO (New name) for all purposes.
Pratima Sahoo
D-278

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate/Notary Public, Rayagada dated: 17th April 2026. I, KADRAKA RUPA, At- resident of Vill.- Batabirisi, P.O.- Narayanpur, P.S.- K.Singpur, Dist.- Rayagada, Odisha-765016 declare that I have changed my son's name from SANJIB KADRAKA to SANJIP KADRAKA. Henceforth, he shall be known as SANJIP KADRAKA for all purpose. D-276

I, Dharani Dhar Majhi, Son of late Netra Mohan Majhi, resident of Flat No.3A, 201, Spacetown Apartment, Gadakana, P.S.- Mancheswar, Bhubaneswar, Dist.- Khordha, Odisha PIN-751017 have changed my name from Dharani Dhar Majhi to Dharanidhar Majhi vide affidavit dated 28.04.2026 at Bhubaneswar. D-263

By virtue of an affidavit before Executive Magistrate, Kantabanji on 13.3.2026 that before marriage I known as BABITA MEHERA which is mentioned in my Aadhaar Card along with Bank account but after marriage to DHUBEL DEWANGAN, S/o.- SHITO DEWANGAN of Tarun Bazar, Jogi Nagar, Santoshi Nagar, Raipur (C.G.) I treated as BABITA DEWANGAN, W/o.- DHUBEL DEWANGAN and updated my Aadhaar Card whereas BABITA MEHERA @ BABITA DEWANGAN, W/o.- DHUBEL DEWANGAN is same and one person. D-269

By virtue of an affidavit sworn before the Executive Magistrate, Reamal, dated April 30, 2026. I, Niral Kandulana, Address: At- Chingudijharan, P.O.- Lulang, P.S.- Reamal, Dist.- Deogarh, PIN-768109 declare that I have changed my name from Niral Munda to Niral Kandulana. Henceforth, I shall be known as Niral Kandulana for all purposes.
Niral Kandulana
D-271

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**୰ ଶାନ୍ତିଲତା ବେହେରା**
ବାଲଣା, ମାର୍ଶାଘାଇ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୮।୧୦।୧୯୫୫
ତିରୋଧାନ: ୨୩।୦୪।୨୦୨୬
ଦେଖୁ ଦେଖୁ ୧୧ ଦିନ ହୋଇଗଲା, ଆମ୍ଭମାନଙ୍କୁ ଛାଡିଦେଇ ଚାଲିଗଲ। ତୁମ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଦାୟିତ୍ୱବୋଧ ଆମ ପାଇଁ ସବୁଦିନ ଆଶୀର୍ବାଦର ଆଲୋକବର୍ତ୍ତିକା ପାଲଟିଯାଇଛି। ଆଜି ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଦୁଇପୁତ୍ର, ପୁତ୍ରବଧୂ, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୨୬୬

**ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବଟକୃଷ୍ଣ ଚୌଧୁରୀ**
ଗ୍ରାମ- ଅଲଣା, ଜିଲ୍ଲା- କଟକ
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୧୨୧

**ଶ୍ରଦ୍ଧାଞ୍ଜଳି**



ଆମ୍ଭର ପରମପୂଜ୍ୟା ମା'
**ସ୍ୱର୍ଗତା କିଶୋରୀ ମହାନ୍ତି**
(ସ୍ୱର୍ଗତ ଯୋଗେନ୍ଦ୍ର ମହାନ୍ତିଙ୍କ ଧର୍ମପତ୍ନୀ)
ତା.୨୩.୦୪.୨୦୨୬ରିଖ ଗୁରୁବାର ମଧ୍ୟରାତ୍ର ୩.୧୫ ମିନିଟ ସମୟରେ ଆମ୍ଭମାନଙ୍କୁ ଗଭୀର ଶୋକ ସାଗରରେ ଭସାଇ ଇହଲୀଳା ସମ୍ବରଣ କରିଛନ୍ତି। ୯୪ ବର୍ଷ ବୟସରେ ସମସ୍ତ ପରିବାର ସଦସ୍ୟଙ୍କ ଗହଣରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ସ୍ନେହ ଶ୍ରଦ୍ଧା ଓ ଧର୍ମପରାୟଣ ମନୋଭାବ ସଦା ସ୍ମରଣୀୟ ହୋଇ ରହିବ। ଆଜି ତାଙ୍କର ଏକାଦଶାହ ତିଥିରେ ସମସ୍ତ ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଅଣନାତି-ଅଣନାତୁଣୀମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତାଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଧ-୨୬୪


# ୩ ପୂର୍ବତନ ସରକାରୀ କର୍ମଚାରୀଙ୍କୁ ୨ ବର୍ଷ ଜେଲ

## ସରକାରୀ ଚାଉଳ ଆତ୍ମସାତ୍ ମାମଲା

**କେନ୍ଦୁଝର, ୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଶନିବାର ସରକାରୀ ଚାଉଳ ଆତ୍ମସାତ୍ ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ୩ ସରକାରୀ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଲେଖାଏ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୦,୦୦୦ଟଙ୍କା ଜରିମାନା ଆଦେଶ କରିଛନ୍ତି। ଏ ନେଇ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ପୂର୍ବତନ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ (ଅବସରପ୍ରାପ୍ତ) ଗଙ୍ଗାଧର ନାଏକ, ପୂର୍ବତନ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ (ଅବସରପ୍ରାପ୍ତ) ରମେଶ ଚନ୍ଦ୍ର ସେଠୀ ଏବଂ ପୂର୍ବତନ ପ୍ରଗତିଶୀଳ ସହାୟକ (ଅବସରପ୍ରାପ୍ତ) ଶ୍ରୀକାନ୍ତ ସେଠୀ ହାଟଡ଼ିହୀ ବ୍ଲକରେ କାର୍ଯ୍ୟରତ ସମୟ ୨୦୦୨-୦୩ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ଅଧୀନରେ କାମ ଚାଲିଥିବା ବେଳେ ୬୩୫ କୁଇଣ୍ଟାଲ ସରକାରୀ ଚାଉଳ ଆତ୍ମସାତ୍ କରିଥିଲେ। ସେମାନଙ୍କ ବିରୋଧରେ ଭିଜିଲାନ୍ସ ଦ୍ୱାରା ଦୁର୍ନୀତି ବିରୋଧ ଆଇନରେ ମାମଲା ରୁଜୁ ହୋଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ଦଣ୍ଡାଦେଶ ପରେ ଅବସରପ୍ରାପ୍ତ ୩ ଅଧିକାରୀଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ଏବେ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ଥାୟୀ ଚାକିରି ନାଁରେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା

**ଅତାବିରା, ୨।୫(ଯୁଧିଷ୍ଠିର ମହାପାତ୍ର)**

ପୁଣି ଜଣେ ସରକାରୀ ଅଧିକାରୀଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ହୋଇଛି। ନିଜ କାର୍ଯ୍ୟସ୍ଥଳରେ ଜଣେ ଅସ୍ଥାୟୀ ମହିଳା କର୍ମଚାରୀଙ୍କୁ ସ୍ଥାୟୀ ଚାକିରି କରେଇଦେବା ନାଁରେ ବରଗଡ଼ ଜିଲା ଅତାବିରା ଆର୍‌ଏମ୍‌ସିର ଜଣେ ଅଧିକାରୀ ଯୌନ ନିର୍ଯାତନା ଦେଉଥିଲେ। ସେହିପରି ତାଙ୍କ ତଳସ୍ତରର କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ମହିଳା କର୍ମଚାରୀଙ୍କ ଏତଲାକ୍ରମେ ଅତାବିରା ଥାନା ପୋଲିସ ଏକ ମାମଲା (ନଂ.୧୫୮/୨୬) ରୁଜୁ କରି ତଦନ୍ତ ଚଳାଇଛି।

ଅତାବିରା ନିୟନ୍ତ୍ରିତ ବଜାର କମିଟିର ଅଧିକାରୀ ନିଜ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ଅସ୍ଥାୟୀରୁ ସ୍ଥାୟୀ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। କାହାକୁ କହିଲେ ମାରିଦେବାକୁ ଧମକ ମଧ୍ୟ ଦେଉଥିଲେ। ଏ ନେଇ ଯୁବତୀ ଜଣକ ଗତମାସ ୨୬ ତାରିଖରେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡିଛି ଯେ, ଆରଏମ୍‌ସି କର୍ମଚାରୀଙ୍କ ଝାମେଲା ଯୋଗୁ ଦୀର୍ଘଦିନ ହେଲା କାର୍ଯ୍ୟାଳୟ ବନ୍ଦ ରହିଛି। କାରଣ ଅଭିଯୋଗ ହେବା ପରଠୁ ସମ୍ପୃକ୍ତ ଅଧିକାରୀ ଦେଖା ଦେଉ ନାହାନ୍ତି କି ଫୋନ ବି ଉଠାଉନାହାନ୍ତି, ଯାହାକୁ ନେଇ ଏବେ ଚିନ୍ତାରେ ଚାଷୀ। କାରଣ ଚଳିତ ମାସ ୧୧ ତାରିଖରୁ ଡାଲୁଅ ଧାନ କିଣାବିକା ଆରମ୍ଭ ହେବାକୁ ଥିବାରୁ ତୁରନ୍ତ ଏହାର ସମାଧାନ କରିବାକୁ ଚାଷୀ ଦାବି କରିଛନ୍ତି। ଏ ନେଇ ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କୁ ପଚାରିବାରୁ ଥାନାରେ ମାମଲା ରୁଜୁ ହୋଇଛି ଏବଂ ପୋଲିସ ଏହାର ତଦନ୍ତ ଜାରି ରଖିଥିବା କହିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ଏଭଳି ଅଭିଯୋଗରେ ବରଗଡ଼ ଶିକ୍ଷାଧିକାରୀ (ଡିଇଓ) ସମେତ ବିଇଓ ଏବଂ ଜଣେ ଖେଳ ଶିକ୍ଷକ ଗିରଫ ହୋଇଥିଲେ।

# ଛାତ୍ରୀଙ୍କୁ ଝଡ଼ାଫୁଙ୍କା ନାଁରେ ଅସଦାଚରଣ ଉଦ୍ୟମ ଅଭିଯୋଗ: ବାବା କୋର୍ଟ ଚାଲାଣ

**ମହାକାଳପଡ଼ା, ୨।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଞ୍ଚଳର ଏକ ଭାଗବତ ଟୁଙ୍ଗିରେ ବାବା ସୁରେନ୍ଦ୍ର କୁମାର ରାଉତ(୫୦) ୩ ବର୍ଷ ଧରି ପୂଜାର୍ଚ୍ଚନା କରି ଆସୁଥିଲେ। ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗୁରୁବାର ରାତିରେ ବାବାଙ୍କ ପାଖକୁ ଯାଇ ଡରିଛନ୍ତି ବୋଲି କହିବା ସହ ଝଡ଼ାଫୁଙ୍କ ପାଇଁ କହିଥିଲେ। ପରେ ବାବା ନାବାଳିକାଙ୍କ ମାମୁଘରକୁ ଯିବା ପାଇଁ କହିଥିଲେ। ଶୁକ୍ରବାର ବାବା ନାବାଳିକାଙ୍କ ମାମୁଘରକୁ ଯାଇ ସେଠାରେ ତାଙ୍କୁ ଏକୁଟିଆ ଝଡ଼ାଫୁଙ୍କା ପାଇଁ ଡାକି ଅସଦାଚରଣ ଉଦ୍ୟମ କରିଥିଲେ। ତାଙ୍କ ଚିତ୍କାର ଶୁଣି ମା' ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ବାବା ତାଙ୍କୁ ଧକ୍କା ଦେଇ ବାହାରକୁ ଦୌଡ଼ି ପଳାଇ ଯାଇଥିଲେ। ଏହି ଘଟଣା ପରେ ଗ୍ରାମବାସୀ ବାବାଙ୍କୁ ଧରି ଏକ ଘରେ ତାଲା ପକାଇବା ସହ ସ୍ଥାନୀୟ ମହାକାଳପଡ଼ା ପୋଲିସକୁ ଖବର ଦେଇଥିଲେ। ପୀଡ଼ିତା ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା, ହେଲେ ସ୍ଥାନୀୟ ଲୋକଙ୍କ ବିରୋଧର ଶିକାର ହୋଇଥିଲା। ପରେ ପୋଲିସ ଲୋକଙ୍କୁ ବୁଝାଶୁଝା କରି ବାବାଙ୍କୁ ସେଠାରୁ ଥାନାକୁ ଆଣି ପଚରାଉଚରା କରିଥିଲା। ଡାକ୍ତରୀମାଇନା ପରେ ବାବାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି। ଏ ନେଇ ନଂ.୧୨୩/୨୬ ମାମଲା ରୁଜୁ କରାଯିବା ସହ ପୋକ୍‌ସୋ ଧାରା ୮ ଓ ୧୨ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଅଧିକାରୀ ମାନସ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଅପରପକ୍ଷରେ ବାବାଙ୍କ ପକ୍ଷରୁ ପୃଥକ୍ ଭାବେ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଉଛି।

ଯୁଥ୍ ଆଲର୍ଟ

# ହସ ରଖିବ ସୁସ୍ଥ





**ପାଠପଢ଼ା, ଜବ୍ ହେଉ ଅବା ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଭିତରେ ଅଧିକାଂଶ ଯୁବପିଢ଼ି ଖୁସି ବଦଳରେ ଚିନ୍ତା ଏବଂ ଅବସାଦରେ ରହୁଥିବା ଦେଖିବାକୁ ମିଳୁଛି; ଯାହାକି ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବୃଦ୍ଧି କରୁଛି। ଯାହାକୁ ଦୂର କରିବା ଲାଗି ହସ ହେଉଛି ଏମିତି ଏକ ମହୌଷଧି, ଯାହା ରୋଗ ବିନାଶକାରୀ ଔଷଧଠାରୁ ବି ଅଧିକ ଉପକାରୀ। ଆଜି ବିଶ୍ୱ ହାସ୍ୟ ଦିବସ ଅବସରରେ ଜାଣନ୍ତୁ ସୁସ୍ଥ ରହିବା ଲାଗି ହସିବା କେତେ ଜରୁରୀ...**

➔ବ୍ୟସ୍ତବହୁଳ ଜୀବନଶୈଳୀ ଭିତରେ ମାନସିକ ଚିନ୍ତା, ବିଷାଦ, କ୍ରୋଧ ଆଦି ଅଧିକାଂଶଙ୍କ ସ୍ୱାସ୍ଥ୍ୟର ପରମ ଶତ୍ରୁ ପାଲଟିଛି, ଯେଉଁଥିପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ହେଲେ ପ୍ରତିଦିନ ହସିଲେ 'ଏଣ୍ଡୋର୍‌ଫିନ୍' ନାମକ ହର୍‌ମୋନ୍ ଶରୀରରୁ ନିର୍ଗତ କରାଇଥାଏ, ଯାହା ମସ୍ତିଷ୍କରେ ତିଆରି ହେଉଥିବା ମାନସିକ ଚାପର ହର୍‌ମୋନ (ଷ୍ଟ୍ରେସ୍ ହର୍‌ମୋନ୍)କୁ କମାଇଥାଏ। ଏହା ମାନସିକ ଅବସାଦକୁ ଦୂରେଇ ଦେଇ ମଣିଷକୁ ଭଲ ମାନସିକ ସ୍ଥିତି ଆଡ଼କୁ ନେଇଥାଏ।

➔ସେହିପରି ବର୍ତ୍ତମାନ ହୃଦ୍‌ରୋଗ ଓ ହୃଦ୍‌ଘାତ ସବୁଠୁ ବଡ଼ ଘାତକ ବ୍ୟାଧି ପାଲଟିଛି ଏବଂ ଏଥିରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ହେଲେ ହସିଲେ ଉଚ୍ଚ ରକ୍ତଚାପ କମିଥାଏ ଏବଂ ଶରୀରକୁ ବିଶୁଦ୍ଧ ରକ୍ତ ଠିକ୍ ଭାବେ ସଂଚାଳିତ ହୋଇଥାଏ। ଯଦ୍ୱାରା ହୃତ୍‌ପିଣ୍ଡ ମଜଭୁତ ହୋଇଥାଏ ଏବଂ ହୃଦ୍‌ରୋଗ ଓ ହୃଦ୍‌ଘାତ ଆଶଙ୍କା ହ୍ରାସ ପାଇଥାଏ।

➔ମେଦବହୁଳତା ବି ଅନେକ ଯୁବତୀ ଯୁବକଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଯଦି ଜଣେ ଲୋକ ଦିନକୁ ୧୦-୧୫ ମିନିଟ୍ ଯାଏ ହସେ, ତେବେ ୪୦ କ୍ୟାଲୋରି ଖର୍ଚ୍ଚ ହୋଇଯାଏ। ଏହା ନିୟମିତ ଭାବରେ କଲେ ମେଦବହୁଳତା ବି ହ୍ରାସ ହୁଏ। ଥରେ ହସିଲେ ହାରାହାରି ୩୫ ମିନିଟ୍‌ଯାଏ ଦେହ ହାଲୁକା ହୋଇ ଯାଇଥାଏ।

➔ହସିବା ଦ୍ୱାରା ମଣିଷର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ। ହଜାର ହଜାର ଟଙ୍କା ଖର୍ଚ୍ଚ କରି ଔଷଧ ଖାଇବା ବଦଳରେ କିଛି ସମୟ ହୃଦୟ ଖୋଲି ହସିବା ଏକ ଉତ୍ତମ ବ୍ୟାୟାମ। ହସିବା ସମୟରେ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଚଳପ୍ରଚଳ ଦ୍ୱାରା ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଏହାଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ପ୍ରଫୁଲ୍ଲ ରହିଥାଏ।

## ଏ ସପ୍ତାହର ପ୍ରଶ୍ନ ?

୧- ଶଙ୍ଗଟଙ୍ଗ-କର୍ଚ୍ଛମ ହାଇଡ୍ରୋଇଲେକ୍‌ଟ୍ରିକ୍ ପ୍ରୋଜେକ୍ଟ ............ ରାଜ୍ୟରେ ଅବସ୍ଥିତ ?
୨- ଏସିଆନ୍ ଗେମ୍ସ ୨୦୨୬ ............ ଦେଶରେ ଆୟୋଜିତ ହେବ ?
୩- ଅମରନାଥ ଗୁମ୍ଫା ............ ଠାରେ ଅବସ୍ଥିତ ?
୪- ୱେଲ୍‌କମ୍ ଟୁ ନୋ ହୋୟାର୍ ପୁସ୍ତକର ଲେଖକ .............. ?
୫- ଆଡ୍‌ଭାନ୍ସଡ୍ ଲାଇଟ୍ ହେଲିକପ୍ଟର ଧ୍ରୁବକୁ .......... ଅର୍ଗାନାଇଜେଶନ୍ ନିର୍ମାଣ କରିଛି ?

## ଗତ ଥରର ଉତ୍ତର

୧ ନାସା
୨ କର୍ଣ୍ଣାଟକ
୩ ବି ହମିଂବାର୍ଡ
୪ ଗ୍ରୀସ୍
୫ ରେବତୀ ସୁରେଶ

## ଉତ୍ତରଦାତା



ଅନ୍ନଦା ପ୍ରସାଦ ପଟ୍ଟନାୟକ, କଟକ



ସଚ୍ଚିଦାନନ୍ଦ ପରିଡ଼ା, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। **ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

ଲୋକପ୍ରିୟ ଲାପ୍‌ଟପ୍ ବ୍ରାଣ୍ଡ-୨୦୨୬ (ଗ୍ଲୋବାଲ୍ ବ୍ରାଣ୍ଡ ମାଗାଜିନ୍)

୧............ ଲେନୋଭୋ
୨............ ଏଚ୍‌ପି
୩............ ଡେଲ୍
୪............ ଆପଲ୍
୫............ ଆସସ୍
୬............ ଆସର୍
୭............ ମାଇକ୍ରୋସଫ୍ଟ
୮............ ଏମ୍‌ଏସ୍‌ଆଇ
୯............ ସାମ୍‌ସଙ୍ଗ୍
୧୦............ ରେଜର୍




# କ୍ୟାରିୟର ରିଜୋଲ୍ୟୁଶନ୍...






ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ଚାକିରି ହେଉ ଅବା ବ୍ୟବସାୟ ଆଦି ରୁଚି ଥିବା ଦିଗରେ ସଫଳ କ୍ୟାରିୟର ଗଢ଼ିବା ଏକ ବଡ଼ ଚ୍ୟାଲେଞ୍ଜ। କାରଣ ସଫଳତାର ମାର୍ଗ ଏତେ ସହଜ ହୋଇ ନ ଥାଏ। ବେଳେବେଳେ ଏହି ମାର୍ଗରେ ଅନେକ କଠିନ ପରିସ୍ଥିତି ଆସେ ଏବଂ ବିଫଳତାର ସମ୍ମୁଖୀନ ବି ହେବାକୁ ପଡ଼ିଥାଏ। ଏମିତିରେ ଅନେକେ କ୍ୟାରିୟରର ଦିଗ ପରିବର୍ତ୍ତନ କରିଦିଅନ୍ତି ତ କେହି କେହି ହାର୍ ମାନି ଲକ୍ଷ୍ୟପଥରୁ ଓହରିଯାଆନ୍ତି। ହେଲେ ଏପରି ନ କରି ଉଦ୍ୟମ ଓ ଦୃଢ଼ ବିଶ୍ୱାସ ସହ ଏକ ନିର୍ଦ୍ଦିଷ୍ଟ କ୍ୟାରିୟର ରିଜୋଲ୍ୟୁଶନ୍ ରଖିବା କ୍ୟାରିୟରରେ ସଫଳତା ହାସଲ କରିବା ଲାଗି ନିହାତି ଆବଶ୍ୟକ। ଏଥିପାଇଁ କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ଜରୁରୀ...

**ଆବଶ୍ୟକ ମାନସିକ ଦୃଢ଼ତା:** ସବୁବେଳେ ପ୍ରଥମ ଚେଷ୍ଟାରେ ହିଁ ଜଣେ ସଫଳତାର ଶୀର୍ଷରେ ପହଞ୍ଚିଯିବ ସେଭଳି ମାନସିକତା ରଖିବା କିମ୍ବା ଥରେ ବିଫଳ ହେଲେ ସମ୍ପୂର୍ଣ୍ଣ ଲକ୍ଷ୍ୟ ପଥରରୁ ଓହରିଯିବା ଠିକ୍ ନୁହେଁ। ତେଣୁ କୌଣସି ପରିସ୍ଥିତିରେ ବ୍ୟସ୍ତ ବିବ୍ରତ ନ ହୋଇ ନିଜକୁ ମାନସିକ ସ୍ତରରେ ସୁଦୃଢ଼ କରନ୍ତୁ। ପାଠପଢ଼ା ଏବଂ ନିଜ କ୍ୟାରିୟର୍‌କୁ ଫୋକସ୍ କରନ୍ତୁ। କାରଣ ମନୋବଳ ଦୃଢ଼ ହେଲେ ହିଁ ଆପଣ ସଫଳତା ହାସଲ କରିପାରିବେ, ସେଥିରେ ସନ୍ଦେହ ନାହିଁ।

**ବୃଦ୍ଧି କରନ୍ତୁ ଜ୍ଞାନର ପରିସର :** ଯେଉଁ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି, ସେ ଦିଗରେ ସବୁବେଳେ ଅଧିକରୁ ଅଧିକ ଜାଣିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ବର୍ତ୍ତମାନ ଇଣ୍ଟରନେଟ୍ ଏକ ବଳିଷ୍ଠ ମାଧ୍ୟମ। ଅଧିକରୁ ଅଧିକ ପଢ଼ନ୍ତୁ। ବର୍ତ୍ତମାନ ସମୟକୁ ସୋସିଆଲ୍ ମିଡିଆ ଦେଖିବା, ବୁଲିବା ଆଦି କାର୍ଯ୍ୟରେ ନଷ୍ଟ ନ କରି ନିଜର ଜ୍ଞାନର ପରିସର ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ। କାରଣ ଯେତେ ଅଧିକ ଶିଖିବେ, ସେତେ ଅଧିକ ଆଗକୁ ବଢ଼ିବା ସହଜ ହେବ। କେବଳ ଏତିକି ନୁହେଁ, ଇଣ୍ଟରନେଟ୍ ଜରିଆରେ ଆପଣ ଚାହିଁଲେ ନିଜ କ୍ୟାରିୟର୍ ସ୍ୱପ୍ନ ସାକାର କରିବା ଲାଗି କ'ଣ କରିବା ଆବଶ୍ୟକ, ସେ ସମ୍ପର୍କରେ ବିଭିନ୍ନ କ୍ୟାରିୟର୍ କାଉନ୍‌ସିଲରଙ୍କ ମତାମତ ବି ନେଇପାରିବେ, ଯାହାକି ଆପଣଙ୍କୁ ନିଜକୁ ଏଥିପାଇଁ ପ୍ରସ୍ତୁତ କରିବା ସରଳ ହୋଇପାରିବ।

**ସାଧନା ଜାରି ରଖନ୍ତୁ:** କ୍ୟାରିୟର୍‌କୁ ମଜଭୁତ କରିବାକୁ ଚାହୁଁଥିଲେ ଦିନକୁ ଅତିକମ୍‌ରେ ୭-୮ ଘଣ୍ଟା ପଢ଼ନ୍ତୁ। ବର୍ତ୍ତମାନ ବିଭିନ୍ନ ଅର୍ଗାନାଇଜେଶନ୍ ପକ୍ଷରୁ ଶର୍ଟଟର୍ମ ଅନ୍‌ଲାଇନ୍ କୋର୍ସ ମଧ୍ୟ କରାଯାଉଛି। ସୋସିଆଲ୍ ସାଇଟ୍, ଭିଡିଓ ଗେମ୍ ଆଦିରେ ଅଧିକ ସମୟ ନ ବିତାଇ ଏଭଳି ଅନ୍‌ଲାଇନ୍ କ୍ଲାସ୍ ଜଏନ୍ କଲେ ଉପକୃତ ହୋଇପାରିବେ। ମନେରଖନ୍ତୁ, ନିଜ ସାଧନା ଜାରି ରଖିଲେ କ୍ୟାରିୟର ସଫଳତା ପାଇବା ସହଜ ହୋଇଯିବ।

**ନିଜକୁ ଅପ୍‌ଡେଟ୍ କରନ୍ତୁ:** ନିଜର ଭବିଷ୍ୟତ ଲକ୍ଷ୍ୟ କ'ଣ ଏବଂ ଏହାକୁ ହାସଲ କରିବାକୁ ହେଲେ ଆପଣଙ୍କୁ କ'ଣ ସବୁ କରିବାକୁ ହେବ, ସେ ଦିଗରେ ନିଜକୁ ସର୍ବଦା ଅପ୍‌ଡେଟ୍ ରଖନ୍ତୁ। ପାଠପଢ଼ା ଦିଗରେ କେବେ ଅନ୍‌ଲାଇନ୍ କ୍ଲାସ୍, ପରୀକ୍ଷା, ନୂଆ ଆଡ୍‌ମିଶନ୍ ଆଦି ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରତିଟି ଖବର ଜାଣନ୍ତୁ। ଠିକ୍ ସେହିପରି ଜବ୍ କ୍ଷେତ୍ରରେ କେଉଁଠାରେ କେଉଁ ପୋଷ୍ଟ ବାହାରୁଛି, ଏହାର ଫର୍ମ, ଇଣ୍ଟରଭ୍ୟୁ ସମୟ ଆଦି ମଧ୍ୟ ଭଲ ଭାବେ ଜାଣିରଖନ୍ତୁ।

**ଛାଡ଼ନ୍ତୁ ଭୟ:** ଲକ୍ଷ୍ୟ ପଥରେ ଆସୁଥିବା ଚ୍ୟାଲେଞ୍ଜକୁ ଥରେ ସାମ୍ନା କରିବାକୁ ଭୟ କଲେ ଏହା ମାନସିକ ସ୍ତରରେ ଦୁର୍ବଳ କରିଦେବ, ଯଦ୍ୱାରା ଜଣେ ଏଥିରୁ ନିଜକୁ ଦୂରେଇବା ଖୁବ୍ କଷ୍ଟକର ହୋଇପଡ଼ିବ। ତେଣୁ ସର୍ବପ୍ରଥମେ ନିଜର ଦୁର୍ବଳତାକୁ ନିଜେ ଖୋଜିବା ଏବଂ ଏହାକୁ ଦୂର କରିବା ଲାଗି ବାରମ୍ବାର ଚେଷ୍ଟା କରନ୍ତୁ। କାରଣ ଏହାହିଁ ମନରୁ ଭୟ ଦୂର କରି ସଫଳତା ପାଇବାର ଏକମାତ୍ର ଉପାୟ।

**ଭଲ ପାଠ ପଢ଼ି ସଫଳ କ୍ୟାରିୟର ଗଢ଼ିବାକୁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମନରେ ଥାଏ ସ୍ୱପ୍ନ। ହେଲେ କେବେକେବେ ବିଭିନ୍ନ ପରିସ୍ଥିତି ସେମାନଙ୍କୁ ବିଫଳତାର ସମ୍ମୁଖୀନ କରାଏ। ଏସବୁରେ ହାର୍ ନ ମାନି ଯେଉଁମାନେ ଲକ୍ଷ୍ୟ ପଥରୁ ଓହରି ନ ଯାଇ ଦୃଢ଼ ମନୋବଳ ସହ ଏକ ନିର୍ଦ୍ଦିଷ୍ଟ କ୍ୟାରିୟର ରିଜୋଲ୍ୟୁଶନ୍ ରଖି ଆଗକୁ ବଢ଼ିଚାଲନ୍ତି, ସେମାନଙ୍କ ଲାଗି ସଫଳ କ୍ୟାରିୟର ଗଢ଼ିବାର ମାର୍ଗ ହୋଇଯାଏ ସରଳ...**






ଯୁଥ୍ ଆଲର୍ଟ

# ଏମିତି ବି ଅଛି ରେଷ୍ଟୁରାଣ୍ଟ

**କାୟାବୁକିୟା ଟାଭର୍ନ:** ଜାପାନର ରାଜଧାନୀ ଟୋକିଓରେ ରହିଛି ଏହି ରେଷ୍ଟୁରାଣ୍ଟ। ଯେଉଁଠି ସ୍ୱାଦିଷ୍ଟ ଖାଦ୍ୟ ଖାଇବା ବଦଳରେ ୱେଟରଙ୍କୁ



ଦେଖିବା ଲାଗି ପ୍ରତିଦିନ ଲୋକଙ୍କ ଭିଡ଼ ଜମିଥାଏ। କାରଣ ସେଠାରେ କୌଣସି ପୁରୁଷ କିମ୍ବା ମହିଳା ନୁହନ୍ତି ବରଂ ଏହି କାର୍ଯ୍ୟ ମାଙ୍କଡ଼ମାନେ କରିଥା'ନ୍ତି। ରେଷ୍ଟୁରାଣ୍ଟର ମାଲିକ ମାଙ୍କଡ଼ମାନଙ୍କୁ ଏଭଳି ଭାବେ ତାଲିମ ଦେଇଛନ୍ତି ଯେ, ସେମାନେ ଗ୍ରାହକଙ୍କ ଅର୍ଡର ଅନୁଯାୟୀ ଖାଦ୍ୟ ପରଷିବା ସହ ଟେବୁଲ୍ ସଫା କରିବା ଏବଂ ଗ୍ରାହକଙ୍କ ହାତରେ ଆଣି ଟାୱେଲ୍ ଦେବା ପର୍ଯ୍ୟନ୍ତ ସବୁ କାର୍ଯ୍ୟ ନିର୍ଭୁଲ୍ ଭାବେ କରିଥା'ନ୍ତି।

**ପ୍ରିଜନ୍ ଥିମ୍ ରେଷ୍ଟୁରାଣ୍ଟ:** ଜେଲ ଯିବା ଏବଂ ସେଠାରେ ଖାଇବା ନାଁ ଶୁଣିଲେ ଲୋକ ଅପରାଧ କରିବାକୁ ଡରିଥା'ନ୍ତି। ହେଲେ ଜେଲ ଭିତରେ ବସି ଖାଇବା ଲାଗି ବି ଲୋକ ଭିଡ଼



ଜମାନ୍ତି, ଏକଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ହେଲେ ଏଠାରେ ପ୍ରକୃତ ଜେଲ ନୁହେଁ, ବରଂ ଜେଲ ଡିଜାଇନ୍‌ରେ ନିର୍ମିତ ଏକ ରେଷ୍ଟୁରାଣ୍ଟ ବିଷୟରେ କୁହାଯାଉଛି। ଚାଇନାର ତିୟାଜିନ୍ ସହରରେ ରହିଛି ଏହି କାରାଗାର ବା ପ୍ରିଜନ୍ ଥିମ୍ ରେଷ୍ଟୁରାଣ୍ଟ, ଯେଉଁଠି ବିଳାସପୂର୍ଣ୍ଣ କୋଠରି ବଦଳରେ ଗ୍ରାହକମାନେ ବିନା ଅପରାଧରେ କାରାଗାରର କୋଠରି ଭିତରେ ଥିବା ଟେବୁଲ୍ ଉପରେ ଖାଦ୍ୟ ଖାଇବାର ମଜା ନିଅନ୍ତି। ଏଠାରେ ୱେଟର ଏବଂ ଷ୍ଟାଫ୍‌ମାନେ କଏଦୀ ଏବଂ ଜେଲରଙ୍କ ପୋଷାକରେ ଖାଦ୍ୟ ପରଷିଥାନ୍ତି।

**ନ୍ୟୁ ଲକି ରେଷ୍ଟୁରାଣ୍ଟ:** ଆମ ଦେଶର ଅହମ୍ମଦାବାଦ ସହରରେ ରହିଛି ଏହି ଅଜବ ରେଷ୍ଟୁରାଣ୍ଟ, ଯେଉଁଠି କବରଗୁଡ଼ିକ



ମଝିରେ ଗ୍ରାହକଙ୍କୁ ଖାଇବାକୁ ହୋଇଥାଏ। ଏକ ପୁରୁଣା କବର ସ୍ଥାନ ଉପରେ ନିର୍ମାଣ କରାଯାଇଥିବା ଏହି ରେଷ୍ଟୁରାଣ୍ଟରେ ବର୍ତ୍ତମାନ ୧୨ଟି କବର ରହିଛି। ମାଲିକ ପ୍ରଥମେ ଏହାକୁ ସମ୍ପୂର୍ଣ୍ଣ ସଫା କରିବା ପରେ ରେଷ୍ଟୁରାଣ୍ଟ ଖୋଲିବେ ବୋଲି ଭାବିଥିଲେ, ହେଲେ ପରବର୍ତ୍ତୀ ସମୟରେ ଗ୍ରାହକଙ୍କୁ ଏକ ନିଆରା ପରିବେଶରେ ଖାଇବାର ଅନୁଭୂତି ଯୋଗାଇ ଦେବାକୁ କବରଗୁଡ଼ିକ ପାଖରେ ହିଁ ଟେବୁଲ୍-ଚେୟାର ପକାଇବାର ନିଷ୍ପତ୍ତି ନେଲେ। ସେଠାରେ ପ୍ରତିଦିନ ସକାଳୁ କବରଗୁଡ଼ିକୁ ସଫା କରାଯାଇ ଫୁଲ ଦିଆଯାଇଥାଏ। ବର୍ତ୍ତମାନ ବିନା ଭୟରେ ଏଠାରେ ବହୁସଂଖ୍ୟାରେ ଗ୍ରାହକ ଖାଇବା ଲାଗି ଆସୁଥିବା ଦେଖାଯାଉଛି।

